# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୯/୨୦୨୨ (୧୮ ପୃଷ୍ଠା) | Bhubaneswar, Thursday, June 9/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରିଷଭ ପନ୍ତ ଅଧିନାୟକ**

ଲୋକେଶ ରାହୁଲ ଆହତ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ରିଷଭ ପନ୍ତ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ୧୮

୧୪ **ଆଜି ପଡ଼ିବ ହାତଗଣ୍ଠି**

ମହାବଳୀପୁରମ ରିସୋର୍ଟରେ ସାଉଥ୍ ସୁପରଷ୍ଟାର ନୟନତାରା ଓ ଫିଲ୍ମ ନିର୍ମାତା ବିଗ୍ନେଶଙ୍କ ବାହାଘର ଅନୁଷ୍ଠିତ ହେବ ।





ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଥୋମାସ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିମ୍ କୋଚ ପୁଲେଲା ଗୋପୀଚାନ୍ଦଙ୍କୁ ମେମୋଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। (ଅଧିକ ଫଟୋ ଓ ରିପୋର୍ଟ : ପୃଷ୍ଠା-୫)

# ମହଙ୍ଗା ହେବ ଋଣ

## ୦.୫% ରେପୋ ରେଟ୍ ବଢ଼ାଇଲା ଆର୍‌ବିଆଇ



■ ଇଏମ୍ଆଇ ବୋଝ ବଢ଼ିବ
■ ଦରଦାମ ନିୟନ୍ତ୍ରଣ ପାଇଁ ଅନ୍ୟ ବିକଳ୍ପ ନ ଥିଲା: ଶକ୍ତିକାନ୍ତ

ମୁମ୍ବାଇ,୮।୬(ପି.ଟି./ଆଇଏଏନ୍ଏସ୍)

ମହଙ୍ଗା ମାଡ଼ରେ ଦେଶବାସୀ ହନ୍ତସନ୍ତ ହେଉଥିବାବେଳେ ମୁଦ୍ରାସ୍ଫୀତିରେ ଲଗାମ ଲଗାଇବା ପାଇଁ ବୁଧବାର ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୫୦ ବେସିସ୍ ପଏଣ୍ଟସ (ବିପିଏସ୍) ରେପୋ ରେଟ୍ ବଢ଼ାଇଛି। ଏହି ୦.୫% ବୃଦ୍ଧି ସହ ବର୍ତ୍ତମାନ ରେପୋ ରେଟ୍ ୪.୯୦%ରେ ପହଞ୍ଚିଛି। ଏହା ହେଉଛି ଗତ ୫ ସପ୍ତାହରେ ଦ୍ୱିତୀୟ ଥର ଏବଂ ୧ ଦଶନ୍ଧି ମଧ୍ୟରେ ସର୍ବାଧିକ ରେପୋ ରେଟ୍ ବୃଦ୍ଧି। ଦରଦାମ୍ ନିୟନ୍ତ୍ରଣ ପାଇଁ ଅନ୍ୟ କିଛି ବିକଳ୍ପ ନ ଥିବାରୁ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କର ତୃତୀୟ ମୁଦ୍ରା ନୀତି କମିଟି (ଏମ୍‌ପିସି)ରେ ଏହି ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ପକ୍ଷରୁ ଦିଆଯାଉଥିବା ସ୍ୱଳ୍ପକାଳୀନ ଋଣ ଉପରେ ସୁଧହାର ବୃଦ୍ଧି ଫଳରେ ଘର, ଯାନବାହନ ଏବଂ ପର୍ସନାଲ୍ ଲୋନ୍ ମହଙ୍ଗା ହେବା ସହ ଋଣଗ୍ରହୀତାଙ୍କ ଉପରେ ମାସିକ କିସ୍ତି (ଇଏମ୍ଆଇ) ବୋଝ ଆହୁରି ବୃଦ୍ଧି ପାଇବ।

ମହାମାରୀ କରୋନାର ପ୍ରଭାବ ଏବଂ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। ଭାରତୀୟ ଅର୍ଥନୀତିରେ ଏହି ମୁଦ୍ରାସ୍ଫୀତିର ନକାରାତ୍ମକ ପ୍ରଭାବକୁ ଦେଖି ଗତ ମେ' ୪ରେ ଆର୍‌ବିଆଇ ସମସ୍ତଙ୍କୁ ବିସ୍ମିତ କରିବା ଭଳି ପଦକ୍ଷେପ ନେଇଥିଲା। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ରିପର୍ଚେଜ୍ ରେଟ୍ ବା ରେପୋ ରେଟ୍ ୪୦ ବେସିସ୍ ପଏଣ୍ଟସ ବୃଦ୍ଧି ଘଟାଯିବା ଫଳରେ ଏହା ୪.୪୦%ରେ ପହଞ୍ଚିଥିଲା। ଚଳିତ ମାସରେ ରେପୋ ରେଟ୍ ବୃଦ୍ଧି ନେଇ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ସଙ୍କେତ ଦେଇଥିଲେ। ତେବେ ୩୫-୪୦ ବିପିଏସ୍ ବୃଦ୍ଧି ଘଟିବ ବୋଲି ବିଶେଷଜ୍ଞମାନେ ଅନୁମାନ କରି ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ। ସୋମବାରଠାରୁ ଚାଲିଥିବା ଜୁନ୍ ମାସର ତିନିଦିନିଆ ମୁଦ୍ରା ନୀତି ସମୀକ୍ଷା ବୈଠକ ବୁଧବାର ଶେଷ ହେବା ପରେ ଏକ ଖବରଦାତା ସମ୍ମିଳନୀରେ ଶକ୍ତିକାନ୍ତ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ବୈଶ୍ୱିକ ଯୋଗାଣ ପ୍ରଭାବିତ ହୋଇଥିବାରୁ ଖାଦ୍ୟ, ଶକ୍ତି ଓ ସାମଗ୍ରୀ ମୂଲ୍ୟ ଉଚ୍ଚରେ ରହିବା ଯୋଗୁ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି କ୍ରମାଗତ ଭାବେ ୪ ମାସ ଧରି ବୃଦ୍ଧି ପାଇ ଗତ ଏପ୍ରିଲରେ ୭.୭୯% ରହିଥିଲା, ଯାହାକି ୨୦୧୪ ପରେ ସର୍ବାଧିକ। ଆଗାମୀ କିଛି ମାସ ଧରି (୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ କ୍ୱାର୍ଟର) ଏହା ହାରାହାରି ୬.୭% ଉପରେ ରହିବ। ସ୍ୱାଭାବିକ ମୌସୁମୀ ଓ କ୍ରୁଡ୍ ଅଏଲ୍ ବ୍ୟାରେଲ୍ ପିଛା ୧୦୫ ଡଲାରକୁ ଅନୁଧ୍ୟାନ କରି ଖୁଚୁରା ମୁଦ୍ରାସ୍ଫୀତି ପ୍ରଥମ ☞ପୃଷ୍ଠା-୪

୧୩ରେ ବାଚସ୍ପତି ନିର୍ବାଚନ ୭

ଆଜିର ସମ୍ପାଦକୀୟ
ଯୁଦ୍ଧ ଓ ସଂସ୍କୃତି

ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ୫


ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ
ଅବସରରେ
ଧରିତ୍ରୀ ପରିବାରର ବିନମ୍ର ପ୍ରଣତି ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
ତାରିଖ: ୦୯।୦୬।୨୦୨୨, ସକାଳ ୮ ଘଟିକା
ସ୍ଥାନ: ରାଜଭବନ ନିକଟସ୍ଥ ଏଲ୍ଆଇସି ଅଫିସ ଛକ


# ମାସ୍କ ନ ପିନ୍ଧିଲେ ବିମାନ ଯାତ୍ରା ମନା

■ ଏୟାରଲାଇନ୍ସକୁ ଡିଜିସିଏର ନିର୍ଦ୍ଦେଶ
■ କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୮।୬

ବିମାନ ଯାତ୍ରା ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ଯାତ୍ରୀ ମାସ୍କ ପିନ୍ଧିବାକୁ ମନା କରିବେ ତାଙ୍କୁ ବିମାନରୁ ଓହ୍ଲାଇଦେବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ବୁଧବାର ସମସ୍ତ ଏୟାରଲାଇନ୍ସ ପାଇଁ ସର୍କୁଲାର ଜାରି ହୋଇଛି। ବିମାନରେ ସମସ୍ତ ଯାତ୍ରୀ, ପାଇଲଟ୍‌ଙ୍କ ସମେତ କର୍ମଚାରୀମାନେ କୋଭିଡ୍ ନିୟମ ପାଳନ ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିବାକୁ ଜୁନ୍ ୩ରେ ଦିଲ୍ଲୀ ହାଇକୋର୍ଟ ଡିଜିସିଏକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ କହିଥିଲେ। ଯାତ୍ରୀମାନେ ନିର୍ଦ୍ଦେଶ ନ ମାନିଲେ ସେମାନଙ୍କୁ ☞ପୃଷ୍ଠା-୪

# ଧାନ ଏମ୍ଏସ୍‌ପି ୧୦୦ ଟଙ୍କା ବୃଦ୍ଧି

## ଉତ୍ପାଦନ ଖର୍ଚ୍ଚ ୨୩୪୪, ଏମ୍ଏସ୍‌ପି ୨୦୪୦

■ ଓଡ଼ିଶାର ଧାନଚାଷୀ ଏବେ ୩୦୪ ଟଙ୍କା କ୍ଷତି ସହିବେ
■ ୧୦୦ ଟଙ୍କା ଆଶ୍ୱସ୍ତି ଦେବନାହିଁ: କଂଗ୍ରେସ
■ ରାଜ୍ୟ ସରକାର ବୋନସ ଦିଅନ୍ତୁ: ଭାଜପା



ଭୁବନେଶ୍ୱର, ୮।୬(ବ୍ୟୁରୋ)

କେନ୍ଦ୍ର ସରକାର ୨୦୨୨-୨୩ ଶସ୍ୟ ବର୍ଷ ପାଇଁ ୧୭ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବୃଦ୍ଧି କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି (ସିସିଇଏ)ବୈଠକରେ ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଫଳରେ କୁଇଣ୍ଟାଲ ପିଛା ଗ୍ରେଡ-ଏ ଧାନର ମୂଲ୍ୟ ୧୯୬୦ରୁ ୨୦୬୦ ଟଙ୍କା ଏବଂ ସାଧାରଣ କିସମ ଧାନର ମୂଲ୍ୟ ୧୯୪୦ରୁ ୨୦୪୦ ଟଙ୍କା ହୋଇଛି। ତେବେ ଏହି ବୃଦ୍ଧି ଓଡ଼ିଶାର ଚାଷୀଙ୍କୁ କୌଣସି ଫାଇଦା ଦେବ ନାହିଁ। ଗୋଟିଏ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀମାନେ ୨୩୪୪ ଟଙ୍କା ଖର୍ଚ୍ଚ କରୁଛନ୍ତି। ୨୦୪୦ ଟଙ୍କା ଏମ୍ଏସ୍‌ପି ପାଇଲେ ମଧ୍ୟ ଚାଷୀଙ୍କୁ ୩୦୪ ଟଙ୍କା କ୍ଷତି ସହିବାକୁ ପଡୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣ କରିବାକୁ କହି ଆସୁଛନ୍ତି। ହେଲେ ଧାନର ଉଚିତ ମୂଲ୍ୟ ନ ପାଇ ଚାଷୀଙ୍କୁ ହତାଶ ହେବାକୁ ପଡୁଛି।

ଓଡ଼ିଶା ଧାନ ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ। ଚାଷୀଙ୍କୁ ଉଚିତ ମୂଲ୍ୟ ଦେଇ ଧାନ କିଣିବା ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି। ଖର୍ଚ୍ଚଠାରୁ କମ୍ ☞ପୃଷ୍ଠା-୪

## କେନ୍ଦ୍ର ଉଠାଇନେଲା ୨% ସୁଧ ରିହାତି

**ଶସ୍ୟ ଋଣ**
■ ରାଜ୍ୟ ଉପରେ ପଡ଼ିବ ୨୦୦ କୋଟିର ବୋଝ
■ ବିନା ସୁଧରେ ମିଳିବ ୧ ଲକ୍ଷ ଟଙ୍କା ଋଣ

ଭୁବନେଶ୍ୱର,୮।୬(ବ୍ୟୁରୋ)

ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା କୃଷିଋଣ ଉପରୁ କେନ୍ଦ୍ର ସରକାର ୨ ପ୍ରତିଶତ ରିହାତିକୁ ଉଚ୍ଛେଦ କରି ଦେଇଛନ୍ତି। ସୁଧ ପ୍ରଦାନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ଏହି ରିହାତି ଆଉ ଚାଷୀଙ୍କୁ ମିଳିବ ନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରୁ ଏହା ଲାଗୁ ହେବ ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଥିଯୋଗୁ ରାଜ୍ୟ ଉପରେ ୨୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ରାଜ୍ୟ ସରକାର ଚାଷୀମାନଙ୍କୁ ଦିଆଯାଉଥିବା ଋଣ ଉପରେ ୭ ପ୍ରତିଶତ ସୁଧ ☞ପୃଷ୍ଠା-୪

# ୧୦୫ ଘଣ୍ଟାରେ ୭୫ କି.ମି. ରାଜପଥ

■ ଭାରତର ଗିନିଜ୍ ୱାର୍ଲ୍ଡ ରେକର୍ଡ

ନୂଆଦିଲ୍ଲୀ, ୮।୬

ମହାରାଷ୍ଟ୍ରର ଅମରାବତୀରୁ ଅକୋଲା ପର୍ଯ୍ୟନ୍ତ ୭୫ କିଲୋମିଟର ରାସ୍ତା ଖୁବ୍ କମ୍ ସମୟରେ ଶେଷ ହୋଇଥିବା ଦୀର୍ଘତମ ରାଜପଥ ଭାବେ ବିଶ୍ୱ ରେକର୍ଡ କରିଛି। ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଦ୍ୱାରା ମାତ୍ର ୧୦୫ ଘଣ୍ଟା ୩୩ ମିନିଟ୍‌ରେ ନିର୍ମିତ ଏହି ରାଜପଥ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଥିବା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର କହିଛନ୍ତି। ଏହି ସିଙ୍ଗଲ ଲେନ୍ ପିଚୁରାସ୍ତା ୩୭.୫ କିଲୋମିଟରର ଦୁଇ ଲେନ୍ ବିଶିଷ୍ଟ ପେଭ୍‌ଡ ସୋଲ୍‌ଡର ରୋଡ୍ ସହ ସମାନ ବୋଲି ଗଡ଼କରୀ ଟୁଇଟ୍ କରିଛନ୍ତି। ଏଥିସହ ୱାର୍ଲ୍ଡ ରେକର୍ଡ ପାଇଁ ରାଜପଥ ନିର୍ମାଣରେ ଲାଗିଥିବା ସମସ୍ତ ଇଞ୍ଜିନିୟର୍, କଣ୍ଟ୍ରାକ୍ଟର ସମେତ ଭିତ୍ତିଭୂମି ନିର୍ମାଣକାରୀ ଘରୋଇ କମ୍ପାନୀକୁ ଗଡ଼କରୀ ଅଭିନନ୍ଦନ ଜଣାଇଛନ୍ତି।



କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ, ଜୁନ୍ ୩ ପୂର୍ବାହ୍ନ ୭ଟା ୨୭ରେ ରାସ୍ତା ନିର୍ମାଣ ଆରମ୍ଭ ହୋଇ ଜୁନ୍ ୭ ଅପରାହ୍ନ ୫ଟାରେ ଶେଷ ହୋଇଥିଲା। ଏଥିରେ ୭୨୦ ଶ୍ରମିକ ନିୟୋଜିତ ହୋଇଥିଲେ। ୨୦୧୯ ଫେବୃଆରୀରେ କାତାର ରାଜଧାନୀ ଦୋହାରେ ୨୫.୨୭୫ କିଲୋମିଟର ରାସ୍ତା ବିଶ୍ୱ ରେକର୍ଡ କରିଥିଲା। ଏଥିପାଇଁ ୧୦ ଦିନ ଲାଗିଥିଲା ବୋଲି ଗଡ଼କରୀ କହିଛନ୍ତି। ଏବେ ଭାରତ ଏହି ରେକର୍ଡ ଭାଙ୍ଗିଛି। ଅମରାବତୀ-ଅକୋଲା ରାଜପଥ ଏନ୍ଏଚ୍-୫୩ର ଅଂଶ। ଏହି ଗୁରୁତ୍ୱପୂର୍ଣ୍ଣ ପୂର୍ବ କରିଡର କୋଲକାତା, ରାୟପୁର, ନାଗପୁର, ସୁରଟ ଭଳି ପ୍ରମୁଖ ସହରକୁ ଯୋଡ଼ିଥାଏ।






ଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ



‘ବତୀଘର’ ଚଳଚ୍ଚିତ୍ରର ଶୁଭମହୁରତ ଅବସରରେ


ମତଦାନ କେନ୍ଦ୍ରରେ ଭୋଟ ଦେଉଛନ୍ତି।

ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ । ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ‘ଓଡ଼ିଶା ସାହିତ୍ୟ ଏକାଡେମୀ’, ‘କେନ୍ଦ୍ର ସାହିତ୍ୟ ଏକାଡେମୀ’ ଓ ‘ସାହିତ୍ୟ ଭାରତୀ’ ସମ୍ମାନରେ ସେ ସମ୍ମାନିତା।

## ଘଟଣାବଳୀ...

- ୧୯୩୧(ଜନ୍ମ): ଜୁନ୍ ୯, ଖ୍ରୀଷ୍ଟିଆନ ସାହି, ଯାଚକ ଲେନ୍, ବକ୍ସିବଜାର, କଟକ।
- ୧୯୪୨: ୧୧ ବର୍ଷ ବୟସରେ ‘ଭାରତଛାଡ଼’ ଆନ୍ଦୋଳନରେ ଯୋଗଦାନ।
- ୧୯୫୧: ଦରମା ବୃଦ୍ଧି ବିରୋଧରେ ବିଶାଳ ଛାତ୍ର ଆନ୍ଦୋଳନର ନେତୃତ୍ୱ, ପୋଲିସ ଲାଠିମାଡ଼ର ଶିକାର ଓ ଜେଲବରଣ।
- ୧୯୫୫: ମହିଳା ବନ୍ୟା ରିଲିଫ୍ ସଂଘର ସମ୍ପାଦିକା ନିଯୁକ୍ତ। ଦଳେଇଘାଇ ବିପନ୍ନଙ୍କୁ ରିଲିଫ୍ ବଣ୍ଟନ।
- ୧୯୫୭: ସାମୟିକ ‘ଧରିତ୍ରୀ’ ପତ୍ରିକା ପ୍ରକାଶନ। (୧୯୭୪ ନଭେମ୍ବର ୨୪ରେ ଏହା ଦୈନିକରେ ରୂପାନ୍ତରିତ)
- ୧୯୫୮: ସର୍ବୋଦୟ ଆନ୍ଦୋଳନରେ ଯୋଗଦାନ।
- ୧୯୬୨: ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ କଂଗ୍ରେସରୁ ରାଜ୍ୟ ସଭାକୁ ନିର୍ବାଚିତ।
- ୧୯୬୬-୬୮: ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ।
- ୧୯୬୮ ଓ ୧୯୭୧: ଭାରତର ସାଂସ୍କୃତିକ ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ଗସ୍ତ ଓ ଭାରତ- ସୋଭିଏତ୍ ବନ୍ଧୁତ୍ୱର ଭିତ୍ତି ସ୍ଥାପନ।
- ୧୯୭୨: ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ (ଜୁନ୍ ୧୪)।
- ୧୯୭୨: କଟକରୁ ବିଧାୟିକା ଭାବେ ୫ମ ବିଧାନସଭାକୁ ନିର୍ବାଚିତ।
- ୧୯୭୨: କଟକରେ ‘ଆକାଶବାଣୀ ଭବନ’ ନିର୍ମାଣ।
- ୧୯୭୩: ‘କେନ୍ଦୁପତ୍ର ଜାତୀୟକରଣ’ ନିଷ୍ପତ୍ତି।
- ୧୯୭୪: ‘ଯୌତୁକ: ନିରୋଧ ଆଇନ’ ଓ ‘ଓଡ଼ିଶା ଭାଗଚାଷୀ ଆଇନ’ ପ୍ରଣୟନ।
- ୧୯୮୯: ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ମଣ୍ଡନ।
- ୨୦୦୬: ଅଗଷ୍ଟ ୪ରେ ଇହଲୀଳା ସମ୍ବରଣ।

# ଯୁଗ ନେତ୍ରୀ

ଡ. ପ୍ରଫୁଲ୍ଲ କୁମାର ସାହୁ

ବ୍ରିଟିଶ ସୂର୍ଯ୍ୟର ଜ୍ୱଳନ୍ତ ପ୍ରହର। ଜାତିର ଜାତକକୁ ଆଚ୍ଛନ୍ନ କରି ରଖିଥିଲା ପରାଧୀନତାର ବହଳ ଅନ୍ଧାର। ସେ ଅନ୍ଧକାର ଦୂର କରିବା ପାଇଁ ଗାନ୍ଧିଜୀଙ୍କ ନେତୃତ୍ୱରେ ସାରା ଦେଶରେ ଜଳୁଥିଲା ସତ୍ୟାଗ୍ରହର ମଶାଲ। ଇତିହାସର ଏହି ଅଗ୍ନିମୟ କାଳକୋଳରେ ଜନ୍ମିଥିଲେ ବହ୍ନିକନ୍ୟା ନନ୍ଦିନୀ ଶତପଥୀ।

ପିତା ପଦ୍ମଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ପ୍ରଖ୍ୟାତ ଔପନ୍ୟାସିକ ତଥା ସବୁଜ ସାହିତ୍ୟର ଅନ୍ୟତମ ପୁରୋଧା। ପିଲାଟିଦିନରୁ ପ୍ରତିଭାମୟୀ ନନ୍ଦିନୀଙ୍କୁ ପ୍ରଭାବିତ କରିଥିଲା କକେଇ ତଥା ଓଡ଼ିଶାର ଲେନିନ୍ କୁହାଯାଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୁଦ୍ଧିଦୀପ୍ତ ବ୍ୟକ୍ତିତ୍ୱ ଓ ରାଜନୈତିକ ଆଦର୍ଶ। ସେଥିପାଇଁ ଆଦ୍ୟରୁ ତାଙ୍କ ଭିତରେ ଚମକୁଥିଲା ଅନ୍ୟାୟ, ଅନୀତି ବିରୋଧରେ ଏକ ସାଲିସବିହୀନ ଲଢ଼େଇ ଲଢ଼ିବାର ଆଗ୍ନେୟ ଆଭା। ଏ ସମ୍ପର୍କରେ ଦୃଷ୍ଟାନ୍ତଟିଏ। ୧୯୩୭- ୩୮ ମସିହାର କଥା। ବାପା ବାରିପଦାରେ ଚାକିରି କରିଥିବାରୁ ତାଙ୍କ ନାମ ଲେଖେଇ ଦେଲେ ବାରିପଦା ବାଳିକା ମାଇନର ସ୍କୁଲରେ। ସେତେବେଳେ ସେଠାରେ ପ୍ରାର୍ଥନା ବୋଲାଯାଉଥିଲା ‘ଏଇ ଆମ ଦେଶ ଏଇ ଆମ ରାଜା...’। ବିଦ୍ୟାଳୟର ପ୍ରାର୍ଥନା ସଭାରେ ଜଣେ ରାଜାଙ୍କ ସ୍ତୁତି ଗାନକୁ ନେଇ ଛଅ-ସାତ ବର୍ଷର ବାଳିକା ନନ୍ଦିନୀଙ୍କ ମନରେ ସୃଷ୍ଟି ହେଲା ଗଭୀର ଅସନ୍ତୋଷ। ତାଙ୍କ ସ୍ୱାଭିମାନକୁ ଏହା ଏତେ ଆଘାତ କଲା ଯେ ବାରିପଦା ମାଇନର ସ୍କୁଲରେ ଆଉ ପଢ଼ିବେନି ବୋଲି ବାପାଙ୍କୁ ରୋକ୍‌ଠୋକ୍ ଜଣେଇଦେଲେ। ତାଙ୍କ ଜିଦ୍ ଆଗରେ ହାର୍ ମାନିଲା ବାପାଙ୍କ ପରାମର୍ଶ। ସେ କଟକ ଫେରି ଆସିଲେ ଓ ତାଙ୍କ ନାମ ଲେଖାଗଲା କଟକ ଗାର୍ଲସ୍ ସ୍କୁଲରେ।

ବୟସ ବଢ଼ିବା ସହିତ ନନ୍ଦିନୀ ଦେବୀଙ୍କ ହୃଦୟକୁ ଉଦ୍‌ବେଳିତ କଲା ଦେଶପ୍ରେମର ମନ୍ତ୍ର। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ବେଳର କଥା। ନନ୍ଦିନୀ ଦେବୀ ସେତେବେଳେ କଟକ ପ୍ରାକ୍ଟିସିଂ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ଦିନେ ଶ୍ରେଣୀଗୃହରେ ଗଣିତ ପଢ଼ାଉଥିଲେ ପ୍ରଧାନ ଶିକ୍ଷକ ରହମତ୍ ଅଲ୍ଲୀ। ସେଇ ବାଟ ଦେଇ ଅତିକ୍ରମ କଲା ସତ୍ୟାଗ୍ରହୀମାନଙ୍କର ଏକ ବିରାଟ ପଟୁଆର। ଅନ୍ୟ ପିଲାଙ୍କ ସହିତ ଶୃଙ୍ଖଳିତ ଭାବରେ ବସି ପାଠ ପଢ଼ାରେ ଧ୍ୟାନ ଦେଇଥିବା ନନ୍ଦିନୀଙ୍କୁ ବିଚଳିତ କରିଦେଲା ସତ୍ୟାଗ୍ରହୀମାନଙ୍କର ଇନ୍‌କିଲାବ ଜିନ୍ଦାବାଦ୍ ଧ୍ୱନି। ସେଥିରେ ସେ ଏଭଳି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଯେ ଶ୍ରେଣୀଗୃହ ଶୃଙ୍ଖଳାର କୃତ୍ରିମ ବନ୍ଧନ ଛିଡ଼ାଇ ବାହାରକୁ ଧାଇଁଲେ କାଳିଶି ଲାଗିଲା ପରି। ସ୍କୁଲ ପାଚେରି ଡେଇଁ ସାମିଲ ହୋଇଗଲେ ସତ୍ୟାଗ୍ରହ ଶୋଭାଯାତ୍ରାରେ। ସେତେବେଳେ ସହରସାରା ଏହା ଚର୍ଚ୍ଚାର ବିଷୟ ହୋଇଥିଲା ଏବଂ ସମସ୍ତଙ୍କୁ ବିସ୍ମୟ ବିମୁଗ୍ଧ କରିଦେଇଥିଲା ଚର୍ଚ୍ଚିତା ଛାତ୍ରୀଟିର ଦେଶପ୍ରେମ ଓ ସାହସିକତା।

ସାମ୍ୟବାଦର ଲକ୍ଷ୍ୟ ଓ ଆଦର୍ଶ ସହ ସେ ଏକମତ ହୋଇଥିଲେ ବି ବାମପନ୍ଥୀମାନଙ୍କ ଲକ୍ଷ୍ୟ ହାସଲ ପନ୍ଥାକୁ ସେ ଗ୍ରହଣ କରିପାରୁ ନ ଥିଲେ ଅନ୍ଧଭାବରେ। ଏହି ପ୍ରସଙ୍ଗକୁ ନେଇ କକେଇଙ୍କ ସହ ତାଙ୍କର ବିତର୍କ ହେଉଥିଲା ଏବଂ ତାଙ୍କର ଏହି ମୁକ୍ତ ଚିନ୍ତନ ଓ ବୌଦ୍ଧିକ ବିତର୍କକୁ ଖୁବ୍ ପସନ୍ଦ କରୁଥିଲେ କକେଇ। ମାତ୍ର କକେଇଙ୍କ ଅକାଳ ବିୟୋଗ(୧୯୪୩) ପରେ ସାମ୍ୟବାଦୀ ଚେତନା ପରିବର୍ତ୍ତେ ତାଙ୍କୁ ଅଧିକ ଆକୃଷ୍ଟ କଲା ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶ। ସେଥିପାଇଁ ସ୍କୁଲ ଜୀବନରୁ ସେ ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ଇଂରେଜ ସରକାର ବିରୋଧରେ ଲଢ଼େଇ କରିଛନ୍ତି, ଜେଲ ଯାଇଛନ୍ତି ଓ ପୋଲିସ ଲାଠି ମାଡ଼ରେ ଲହୁଲୁହାଣ ହୋଇଛନ୍ତି ବାରମ୍ବାର।

ସ୍ୱାଧୀନତା ପରେ ଦେଶ ନିର୍ମାଣ ଥିଲା ସବୁଠାରୁ ବଡ଼ ଆହ୍ୱାନ। ଏହି ଆହ୍ୱାନକୁ ଉପଲବ୍ଧି କରି ଉତ୍ସର୍ଗୀକୃତ ସମାଜ ସେବାରେ ନିଜକୁ ନିୟୋଜିତ କଲେ ନନ୍ଦିନୀ ଦେବୀ। ଦଳେଇ ଘାଇ ଭାଙ୍ଗିଗଲା ବେଳେ ବନ୍ୟା ଦୁର୍ଗତଙ୍କୁ ସାହାଯ୍ୟ କରିବା ପାଇଁ ସେ ଗଠନ କଲେ ମହିଳା ରିଲିଫ କମିଟି। ନାରୀ ଶିକ୍ଷାର ବିକାଶ ତଥା ଯୌତୁକ ପ୍ରଥା ଭଳି ସାମାଜିକ କଳଙ୍କର ଅବସାନ ପାଇଁ ଆରମ୍ଭ କଲେ ଜନସଚେତନତା କାର୍ଯ୍ୟକ୍ରମ। ତାଙ୍କ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ପରିଧି ଯେତେ ପ୍ରସାରିତ ହେଲା, ସେ ସେତେ ଟାଣିହୋଇଗଲେ ପ୍ରତ୍ୟକ୍ଷ ରାଜନୀତି ଆଡ଼କୁ। ଏ ସମ୍ପର୍କରେ ସେ କହନ୍ତି- ସମାଜସେବାରେ ନିଜକୁ ନିୟୋଜିତ କରିବା ଅବସରରେ ରାଜନୀତିର ବୃହତ୍ତର କ୍ଷେତ୍ରକୁ ପ୍ରବେଶ କରିସାରିଛି ବୋଲି ଜାଣିଲି ବହୁ ବିଳମ୍ବରେ। ଅର୍ଥାତ୍ କ୍ଷମତା ନିଶା କିମ୍ବା କୌଣସି ଆର୍ଥିକ ଫାଇଦା ହାସଲ ପାଇଁ ସେ ରାଜନୀତିରେ ପ୍ରବେଶ କରି ନ ଥିଲେ ବରଂ ରାଜନୀତି ଅର୍ଥ ସେ ବୁଝିଥିଲେ ଏକ ଉତ୍ସର୍ଗୀକୃତ ସମାଜସେବା। ନେତୃତ୍ୱ ନେବାର ସହଜାତ କଳା ଯୋଗୁ ଅଳ୍ପକାଳ ମଧ୍ୟରେ ରାଜନୀତିରେ ଶୀର୍ଷାରୋହଣ କରି ସେ ସୃଷ୍ଟି କରିଛନ୍ତି ସଫଳତାର ଅନେକ ଉଦାହରଣ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦେଶର ବିକାଶ କ୍ରମରେ ଯୋଡ଼ିଛନ୍ତି ନୂଆ ନୂଆ ଫର୍ଦ୍ଦ। କଟକର ଆକାଶବାଣୀ ଭବନ ନିର୍ମାଣ, ଢେଙ୍କାନାଳରେ କଳିଙ୍ଗ ଝୋଟ କାରଖାନା ପ୍ରତିଷ୍ଠା, ତାଳଚେର ଓ ପାରାଦୀପରେ ସାରକାରଖାନା, ସୁକିନ୍ଦାରେ ନିକେଲ କାରଖାନା ପ୍ରତିଷ୍ଠା, ହରିଜନ ଓ ଆଦିବାସୀଙ୍କ ପାଇଁ କଳିଙ୍ଗକୁଟୀର ଯୋଜନା, ରେଙ୍ଗାଲି ଅପର କୋଲାବ୍ ଜଳ ପ୍ରକଳ୍ପ ଓ ସୁବର୍ଣ୍ଣରେଖା ଜଳପ୍ରକଳ୍ପ ଶୁଭାରମ୍ଭ, କେନ୍ଦୁପତ୍ର ଜାତୀୟକରଣ ଇତ୍ୟାଦି ତାଙ୍କ ବିକାଶମୁଖୀ କାର୍ଯ୍ୟକ୍ରମର ଏକ ଏକ ଉଦାହରଣ। ସମାଜର ନିମ୍ନବିତ୍ତଲୋକଙ୍କ ପ୍ରତି ନନ୍ଦିନୀ ଦେବୀଙ୍କର ଥିଲା ବିଶେଷ ସମ୍ବେଦନା। ସେଥିପାଇଁ ତାଙ୍କର ଅଧିକାଂଶ ଯୋଜନା ଥିଲା ଗ୍ରାମାଭିମୁଖୀ। ଭୂ- ସଂସ୍କାର ଆଇନବଳରେ ଧନୀ ଲୋକଙ୍କଠାରୁ ସିଲିଂ ବହିର୍ଭୂତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିଥିଲେ ଏବଂ ଗ୍ରାମାଞ୍ଚଳରେ ସୁଧଖୋର ମହାଜନଙ୍କ ଶୋଷଣରୁ ଗରିବ ଲୋକଙ୍କୁ ଉଦ୍ଧାର ପାଇଁ ଗ୍ରହଣ କରିଥିଲେ ଦୃଢ଼ ପଦକ୍ଷେପ। ଏଥିପାଇଁ ସେ ଧନୀ ଲୋକଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ ଏବଂ ସେମାନଙ୍କ କୂଟକପଟର ଶିକାର ହୋଇ କ୍ଷମତା ହରେଇଥିଲେ ସତ, କିନ୍ତୁ ସେମାନଙ୍କ ସହିତ ସାଲିସ କରିପାରି ନ ଥିଲେ ନିଜ ବିବେକର ଆହ୍ୱାନକୁ ଅସ୍ୱୀକାର କରି।

ମାଟିର ସୁକନ୍ୟା ନନ୍ଦିନୀ ଶତପଥୀ ଥିଲେ ସେବା, ସାହିତ୍ୟ ଓ ରାଜନୀତିର ଏକ ସମନ୍ୱିତ ବ୍ୟକ୍ତିତ୍ୱ। ଏକ ପ୍ରତିଷ୍ଠିତ ସାହିତ୍ୟିକ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ପିଲାଟିଦିନରୁ ସେ ସାହିତ୍ୟ ପ୍ରେମରେ ପଡ଼ିଯାଇଥିଲେ। ମାତ୍ର ୧୧ ବର୍ଷ ବୟସରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ଗଳ୍ପ ‘ଅନାଥ’। ସମାଜ ସେବା ଓ ରାଜନୀତିରେ ସେ ଯେତିକି ସମୟ ଦେଇଛନ୍ତି ସାହିତ୍ୟ ପାଇଁ ସେତିକି ସମୟ ଦେଇପାରି ନାହାନ୍ତି ସତ, ତଥାପି ସାହିତ୍ୟର ବିଭିନ୍ନ ବିଭାଗରେ ରଖିଯାଇଛନ୍ତି ଅନେକ ସିଦ୍ଧିର ସ୍ୱାକ୍ଷର। ଗଳ୍ପଗ୍ରନ୍ଥ ‘କେତୋଟି କଥା’(୧୯୭୬) ଓ ‘ସପ୍ତଦଶୀ’ (୧୯୮୮)ର ପାଠକୀୟ ଆଦୃତି ତାଙ୍କୁ ଆଣି ଦେଇଛି ଜଣେ ସଫଳ ଗାଳ୍ପିକାର ପରିଚୟ। ଅମୃତାପ୍ରୀତମ୍‌ଙ୍କ ଆତ୍ମଜୀବନୀ (ଜ୍ଞାନପୀଠ ପୁରସ୍କାରପ୍ରାପ୍ତ) ‘ରେଭିନ୍ୟୁ ଟିକେଟ’ର ଓଡ଼ିଆ ଅନୁବାଦ କରି ସେ ୧୯୯୬ରେ ପାଇଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଜ୍ଞାନପୀଠ ଓ ମାଗାସେସ୍ ପୁରସ୍କାର ବିଜୟିନୀ ମହାଶ୍ୱେତା ଦେବୀଙ୍କ ‘ପଚାଶୋଟି ଗଳ୍ପ’ ଏବଂ ବାଂଲାଦେଶୀ ଲେଖିକା ତସ୍‌ଲିମା ନସ୍‌ରିନ୍‌ଙ୍କ ‘ଲଜ୍ଜା’ ଉପନ୍ୟାସର ଅନୁବାଦ ତାଙ୍କ ସାରସ୍ୱତ ସାଧନାର ଏକ ଏକ ମାଇଲ ଖୁଣ୍ଟ। ତାଙ୍କ ସାହିତ୍ୟ କେବଳ କଳ୍ପନାର ରଙ୍ଗରାଗ ନୁହେଁ, ବରଂ ତୀବ୍ର ଅନୁଭୂତି ଓ ଅଭିଜ୍ଞତାର ବିଶ୍ୱସ୍ତ ପ୍ରତିଲିପି।

ସୃଜନର ଅମୃତ ଅବଦାନକୁ ସେବାର ବୃହତ୍ତର ବୃତ୍ତ ତଥା ସଂଗ୍ରାମର ସରହଦ - ସବୁଠି ସାଫଲ୍ୟର ଶୀର୍ଷାରୋହଣ। ସେଥିପାଇଁ କେହି କେହି କୁହନ୍ତି, ମାଟିର ମଣିଷ ପରେ ନନ୍ଦିନୀ ଶତପଥୀ ହେଉଛନ୍ତି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଶ୍ରେଷ୍ଠ କୃତି।

-ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ-୬୩୭୧୬୪୨୪୬୪


ମଦର ଟେରେସାଙ୍କ ସହ


ମସ୍କୋ ଗସ୍ତ ଅବସରରେ


କେନ୍ଦ୍ରମନ୍ତ୍ରୀ ଭାବେ ଶପଥ


କୋଣାର୍କ ଟିଭିର ଶୁଭାରମ୍ଭ



ବିଜେବି କଲେଜ ସାଇନ୍ସ ବ୍ଲକ୍ ଶିଳାନ୍ୟାସ


ପରେଡ୍‌ରେ ଅଭିବାଦନ ଗ୍ରହଣ



ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ର ଉଦ୍‌ଘାଟନ



ଅପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୬୮,୩୪,୭୧୭ | ୬୩,୨୪,୧୭୦ | ୫୦,୭୯,୧୩,୨୪୮ |
| ଭାରତ | ୪,୩୧,୯୦,୨୮୨ | ୫,୨୪,୭୧୫ | ୪,୨୬,୩୬,୭୧୦ |
| ଓଡ଼ିଶା | ୧୨,୮୮,୫୪୫ | ୯୧୨୬(+୫୩) | ୧୨,୭୯,୭୭୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






# କୂଅରୁ କଲରାପତରିଆ ବାଘ ଉଦ୍ଧାର

**ରେଢ଼ାଖୋଲ,୮।୬(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଚାରମାଳ ରେଞ୍ଜ ଅଞ୍ଚଳରେ ଥିବା ପରିତ୍ୟକ୍ତ କୂଅରୁ ବୁଧବାର ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ରେଢାଖୋଲ ଡିଏଫ୍ଓ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଘଟି ପାଣି ପିଇବାକୁ ଆସି ଉକ୍ତ କୂଅରେ ପଡିଯାଇଥିବା ଅନୁମାନ କରାଯାଉଛି। ଏହାର ବୟସ ଦେଢରୁ ଦୁଇବର୍ଷ ମଧ୍ୟରେ ହେବ। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଚାରମାଳ ରେଞ୍ଜ ସାନ ହିଣ୍ଡୋଳ-ମୂଷାକଟା ରାସ୍ତାରେ ଥିବା ପରିତ୍ୟକ୍ତ କୂଅରେ କଲରାପତରିଆ ବାଘ ପଡିଯାଇଥିଲା। ସକାଳେ ସ୍ଥାନୀୟ ଲୋକେ ବାଘ ଗର୍ଜନ ଶୁଣି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପ୍ରଥମେ ଏକ କାଠଗଣ୍ଡିର ଉଭୟ ପାର୍ଶ୍ୱରେ ଦଉଡି ବାନ୍ଧି କୂଅ ଭିତରକୁ ଛାଡିଥିଲେ। ବାଘଟି କାଠଗଣ୍ଡି ଉପରକୁ ଆସି ଆଶ୍ୱସ୍ତ ହେବା ପରେ କୂଅରେ ଏକ ଶିଡି ପକାଯାଇଥିଲା। ବାଘଟି ଶିଡିରେ ଚଢି କୂଅ ଉପରକୁ ଆସିବା ପରେ ଜଙ୍ଗଲକୁ ଦୌଡି ପଳାଇଥିଲା। ଡିଏଫ୍ଓ ନାୟକଙ୍କ ସମେତ ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ, ଅଗ୍ନିଶମ ବିଭାଗ ଅଧିକାରୀ ମିଶ୍ର କିଷାନଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ହୋଇଥିବାବେଳେ ଉଭୟ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।



କୂଅ ଭିତରେ କାଠଗଣ୍ଡି ଉପରେ ଆଶ୍ରୟ ନେଇଥିବା ବାଘ।

## ଲସି ପିଇବା ବେଳେ ଝାମ୍ପିନେଲେ ୨ ଲକ୍ଷ

**ଉଦଳା,୮।୬(ଡି.ଏନ.ଏ.):** ଜନଗହଳି ପୂର୍ଣ୍ଣ ସ୍ଥାନରେ ଲସି ପିଉଥିବା ଜଣେ ଯୁବକଙ୍କଠାରୁ ଦୁଇ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଛଡ଼ାଇ ନେଇଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ଥାନାଠାରୁ ୧୦୦ମିଟର ଦୂର ଏକ ଗେଷ୍ଟ ହାଉସ ସମ୍ମୁଖରେ ବୁଧବାର ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ବାରିପଦା ଅଞ୍ଚଳର ଜିତେନ୍ଦ୍ର ସେଠୀ ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ବ୍ୟାଗରେ ରଖି ଏକ ଦୋକାନରେ ଲସି ପିଉଥିଲେ। ଏହି ସମୟରେ ଜଣେ ଯୁବକ ହଠାତ୍ ଦୌଡି ଆସି ଜିତେନ୍ଦ୍ର ହାତରେ ଧରିଥିବା ଟଙ୍କା ଭର୍ତ୍ତିବ୍ୟାଗକୁ ଛଡ଼ାଇ ନେଇ ପୂର୍ବରୁ ଛକି ରହିଥିବା ତାଙ୍କର ଅନ୍ୟ ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ ବସି ପଳାଇ ଯାଇଥିଲେ।

## ଭାଲୁ ଆକ୍ରମଣରେ ୨ ବାଘଗଣନା କର୍ମଚାରୀ ଆହତ

**ବାରିପଦା ଅଫିସ, ୮।୬:** ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ଉତ୍ତର ଶିମିଳିପାଳ ଚହଲା ଅଞ୍ଚଳରେ ବ୍ୟାଘ୍ର ଗଣନା କାର୍ଯ୍ୟକ୍ରମରେ ସାମିଲ ଥିବା ୨ ବନ କର୍ମଚାରୀ ବୁଧବାର ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଦ୍ୱୟ ହେଲେ ରାଇରଙ୍ଗପୁର ଥାନା ପୁରୁଣାଘାଟି ଅଞ୍ଚଳର ରାଉଁଟା ମାଝି ଓ ବିଶୋଇ ଥାନା ତମାଳବନ୍ଧ ଅଞ୍ଚଳର ଚର୍ତୁଭୁଜ ସୋରେନ। ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟର ତାଳବନ୍ଧ କୋର ଅଞ୍ଚଳରେ ବନ କର୍ମଚାରୀମାନେ ବାଘ ଗଣନା କାର୍ଯ୍ୟରେ ସାମିଲ ଥିବା ବେଳେ ଅଚାନକ ଏକ ଭାଲୁ ୨ଜଣଙ୍କୁ ଆକ୍ରମଣ କରିଥିଲା। ସେଠାରେ ଥିବା ଅନ୍ୟ କର୍ମଚାରୀମାନେ ଭାଲୁ କବଳରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଗର୍ଭବତୀ ନବବଧୂଙ୍କୁ ହତ୍ୟା

### ଜେଲ ଗଲେ ସ୍ୱାମୀ, ଶାଶୁ, ଶ୍ୱଶୁର

**ସମ୍ବଲପୁର,୮।୬(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ପୁଟିବନ୍ଧ ଗ୍ରାମରେ ଗର୍ଭବତୀ ଥିବା ଜଣେ ନବବଧୂଙ୍କୁ ବୁଧବାର ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ସୀମା ନାଏକ (୧୮)। ଘଟଣାରେ ପୋଲିସ ସ୍ୱାମୀ ଜିତେନ୍ଦ୍ର ବେରିହା, ଶ୍ୱଶୁର ଲକ୍ଷ୍ମଣ ବେରିହା ଓ ଶାଶୁ ନିଲିମା ବେରିହାଙ୍କୁ ଗିରଫ କରିଛି। ଡାକ୍ତରୀ ମାଇନା ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ମୃତା ମହିଳାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୮/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ସୀମାଙ୍କୁ ହତ୍ୟା ପରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣାସ୍ଥଳରୁ ପୋଲିସ ସାଇଣ୍ଟିଫିକ ଟିମ୍ ଜରିଆରେ ପ୍ରମାଣ ସଂଗ୍ରହ କରୁଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସେ କହିଥିଲେ। ସୂଚନା ଅନୁଯାୟୀ ଜିତେନ୍ଦ୍ର ଗତ ଏପ୍ରିଲ ୧୨ରେ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଲୁଡୁକିବେଡା ଗ୍ରାମର ବାସୁଦେବଙ୍କ ଝିଅ ସୀମାଙ୍କୁ ବିବାହ କରିଥିଲେ। ଜିତେନ୍ଦ୍ର କୋର୍ଟରେ କାମ କରୁଥିବା ବେଳେ ତାଙ୍କ ବାପା ଲକ୍ଷ୍ମଣ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଯୌତୁକରେ ବାଇକ୍ ଆଣି ନ ଥିବାରୁ ପରିବାର ଲୋକେ ସୀମାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସୀମା ଗର୍ଭବତୀ ହେବା ପରେ ମଧ ନିର୍ଯାତନା କମି ନ ଥିଲା। ଏପରିସ୍ଥଳେ ବୁଧବାର ସନ୍ଧ୍ୟା ସମୟରେ ସୀମା ଗୁରୁତର ଅବସ୍ଥାରେ ଘରେ ପଡିଥିଲେ। ପଡୋଶୀ ଓ ପରିବାର ବର୍ଗ ତାଙ୍କୁ ଜିଲା ସଦର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୀମାଙ୍କ ପରିବାର ଲୋକେ ପହଞ୍ଚିଥିଲେ। ଝିଅକୁ ହତ୍ୟା କରାଯାଇଥିବା ନେଇ ସୀମାଙ୍କ ବାପା ବାସୁଦେବ ଅଭିଯୋଗ କରିଥିଲେ।

# ଗୁଳିବିଦ୍ଧ ହାତୀରେ ୬ କ୍ଷତ



ଗୁଳିବିଦ୍ଧ ଆହତ ହାତୀର ଚିକିତ୍ସା ଚାଲିଛି।

- ଚିକିତ୍ସା ଜାରି, ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- ଘଟଣାସ୍ଥଳକୁ ଯାଇ ଅନୁଧାନ କଲେ ପିସିସିଏଫ୍
- ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର(ବ୍ୟୁରୋ)/ ନରସିଂହପୁର(ସ୍ୱ.ପ୍ର),୮।୬**

କଟକ ଜିଲା ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ଜୟପୁର ସଂରକ୍ଷିତ ଜଙ୍ଗଲରେ ଗୁଳିବିଦ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିବା ହାତୀର ଅବସ୍ଥା ଗୁରୁତର ରହିଛି। ହାତୀ ଶରୀରରେ ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାଥରକେ ୬ଟି ଗୁଳି ବା ଛର୍‌ରା ବାଜିଛି। ନନ୍ଦନକାନନ ଏବଂ ସାତକୋଶିଆର ଡାକ୍ତରୀ ଦଳ ହାତୀର ଚିକିତ୍ସା କରୁଛନ୍ତି। ବୁଧବାର ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ ଘଟଣା ସ୍ଥଳକୁ ଯାଇ ହାତୀର ଚିକିତ୍ସା ବ୍ୟବସ୍ଥା ଅନୁଧାନ କରିଛନ୍ତି। ହାତୀ ଦେହରେ ଥିବା କ୍ଷତ ୧୫ ଦିନ ତଳର ହୋଇଥିବା ଡାକ୍ତର ଟିମ୍ କହିଛନ୍ତି। ହାତୀ ଦେହରେ ୬ଟି ଛର୍‌ରା ବାଜିଛି। ଗୋଡ଼ରେ ସେପ୍ଟିସେମିଆ ହୋଇଛି। ଶୁଣ୍ଢରେ ୧, ଆଗ ଗୋଡ଼ରେ ୨, କାନ୍ଧ, କାନ ଓ ପେଟରେ ଛର୍‌ରା ବାଜିଥିବା ଜଣାପଡ଼ିଛି। ହାତୀ କବଳରୁ ବର୍ତ୍ତିବାକୁ କେହି ଦେଶୀ ବନ୍ଧୁକରୁ ଗୁଳି କରିଥିବା ପିସିସିଏଫ୍ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଯିଏ ଦାୟୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ବର୍ତ୍ତମାନ ହାତୀର ଚିକିତ୍ସା ଜାରି ରହିଛି। କିଛି ଦିନରେ ସୁସ୍ଥ ହୋଇଯିବ ବୋଲି ଆଶା କରାଯାଉଥିବା ପିସିସିଏଫ୍ କହିଛନ୍ତି। ଏ ନେଇ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ହାତୀଙ୍କ ସୁରକ୍ଷା ପାଇଁ ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ। ନରସିଂହପୁରରେ ଗୁଳିବିଦ୍ଧ ହାତୀର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି। ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଶିକାରୀ ଗୁଳିରେ ଗୁରୁତର ଆହତ ହୋଇ ଦନ୍ତା ହାତୀଟି କଟକ-ନରସିଂହପୁର ଜଙ୍ଗଲ ଭିତରେ ନାଳରେ ପଡ଼ି ଯାଇଥିଲା। ନାଳରୁ ଉଠି ନପାରି ହାତୀଟି ଗର୍ଜନ କରି ଛାଟିପିଟି ହେଉଥିଲା। ଗୁଳି ମାଡ଼ରେ କ୍ଷତାକ୍ତ ହୋଇ ନାଳରେ ଏକାଧିକ ଦିନ ପଡ଼ି ରହିଥିବାରୁ କ୍ଷତ ସ୍ଥାନରୁ ପୋକ ବାହାରୁଥିବା ବିଶେଷସୂତ୍ରରୁ ଜଣାପଡ଼ିଥିଲେ ହେଁ ବନ ବିଭାଗ ଏନେଇ କିଛି ସ୍ପଷ୍ଟ କରିନାହିଁ। ତେବେ ହାତୀଟିର ସ୍ୱାସ୍ଥ୍ୟରେ ସୁଧାର ଆସିବା ଯାଏ ବନ ବିଭାଗ କର୍ମଚାରୀମାନେ ହାତୀ ନିକଟରେ ଦିନରାତି ଜଗି ରହିବେ ବୋଲି ଏସ୍‌ସିଏଫ୍ ଘନଶ୍ୟାମ ମୁଦୁଲି ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଆଠଗଡ଼ ବନଖଣ୍ଡ ଅଧୀନ ବଡ଼ମ୍ବା ରେଞ୍ଜରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଗତ ୨ ତାରିଖରେ ଏବଂ ୩ ତାରିଖରେ ଲଗାତର ଦୁଇ ଦିନ ଦୁଇଟି ହାତୀଙ୍କର କଙ୍କାଳକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ମାଟି ତଳୁ ଖୋଳି ଉଦ୍ଧାର କରିଥିବାବେଳେ ଗତ ଫେବୃୟାରୀ ୮ରେ ମଧ୍ୟ ଅନୁରୂପ ଭାବରେ ଏସ୍‌ଟିଏଫ ନରସିଂହପୁର ୱେଷ୍ଟ ରେଞ୍ଜର ବାଲିକିଆରୀ ସଂରକ୍ଷିତ ଜଙ୍ଗଲରୁ ଆଉ ଏକ ହାତୀର ଗଳିତ ମୃତ ଦେହ ଉଦ୍ଧାର କରିଥିଲା। ସେହିଭଳି ଗତ ୨୦୨୧ରେ ଆଉ ଏକ ହାତୀକୁ ବ୍ୟବଚ୍ଛେଦ ନ କରି ଲୁଣ ପକେଇ ପୋତା ହେଉଥିବା ଭିଡିଓ ଭାଇରାଲ ହେବା ପରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଥିଲା। ତେବେ ଏତେ ସବୁ ଘଟଣାକୁ ନେଇ ଆଠଗଡ଼ ବନଖଣ୍ଡ ଛନ୍ଦି ହୋଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଯାହାକି ବନବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନରସିଂହପୁର ଅଞ୍ଚଳରେ ହାତୀ ଶିକାରୀ ସକ୍ରିୟ ଥିବାବେଳେ ବନ ବିଭାଗର ନୀରବତା ହାତୀ ମୃତ୍ୟୁର କାରଣ ସାଜୁଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଗୁଳିବିଦ୍ଧ ହାତୀ ବିଷୟରେ ଯଦି ବିଧାୟକ ଦେବୀ ମିଶ୍ର ହସ୍ତକ୍ଷେପ କରି ନ ଥାନ୍ତେ, ତେବେ ଏହି ଘଟଣା ମଧ ଚପି ଯାଇଥାନ୍ତା। ତେଣୁ ପୂର୍ବ ଘଟଣା ଓ ଏହି ଗୁଳିବିଦ୍ଧ ହାତୀ ଘଟଣାକୁ ବିଭାଗ ଗୁରୁତର ସହ ନେଇ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। କୌଣସି ତଳିଆ କର୍ମଚାରୀ ନୁହେଁ, ବରଂ ଉପରିସ୍ଥ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି।

# ମହାନଦୀରେ ଫସିଛନ୍ତି ୨ ହାତୀ



ମହାନଦୀରେ ପାଣିରେ ରହିଥିବା ୨ ହାତୀ।

**ବାଙ୍କୀ,୮।୬(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଗୟଳବାଙ୍କ ଓ ଭଗୀପୁର ନିକଟ ମହାନଦୀ ମଧ୍ୟରେ ୨ ହାତୀ ବୁଧବାର ଫସି ରହିଛନ୍ତି। ସେଥିରେ ଗୋଟିଏ ଦନ୍ତା ଥିବାବେଳେ ଆଉ ଗୋଟିଏ ମାଈ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାସ୍ଥଳରେ ଭଗୀପୁର ବନ ବିଭାଗ କର୍ମଚାରୀ ହାତୀ ଦ୍ୱୟଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ହାତୀ ଦ୍ୱୟ ଆଠଗଡ଼ ସୁକାସନ ଜଙ୍ଗଲରୁ ମହାନଦୀ ପାର ହୋଇ ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ଆସୁଥିବା ବେଳେ ଫସି ରହିଥିବା କୁହାଯାଉଛି।

ସକାଳ ସୁକାଶନ ଜଙ୍ଗଲରୁ ୨ ହାତୀ ଚନ୍ଦକା ଆସୁଥିବା ବାଟରେ ମହାନଦୀ ପାର ହେଉଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ମହାନଦୀ କୂଳରେ ରୁଣ୍ଡ ହୋଇଥିଲେ। ହାତୀ ଏହା ଲୋକଙ୍କୁ ଦେଖି ନିଜ ପ୍ରତି ବିପଦ ଭାବି ନଦୀ ଭିତରେ ଦିନଯାକ ରହିଛି। ହାତୀ ଦୁଇଟି ବହୁ ସମୟ ମହାନଦୀ ପାଣି ମଧ୍ୟରେ ରହିଲେ ଜୀବନ ପ୍ରତି ବିପଦ ଥିବା କୁହାଯାଉଛି। ସୁକାଶନ ଜଙ୍ଗଲରୁ ଚନ୍ଦକା ହାତୀଙ୍କ ନିତିଦିନିଆ ବାଟ। ହାତୀ ରାତିରେ ସୁକାଶନ ଜଙ୍ଗଲରୁ ମହାନଦୀ ପାର ହୋଇ ଡମପଡା-ଚନ୍ଦକା ଜଙ୍ଗଲକୁ ଆସନ୍ତି। ପୁଣି ଡମପଡା-ଚନ୍ଦକା ଜଙ୍ଗଲରୁ ସୁକାଶନ ହୋଇ ଢେଙ୍କାନାଳ ସପ୍ତଶଯ୍ୟା ଜଙ୍ଗଲକୁ ଯାଇଥାନ୍ତି। ହାତୀ ୨ଟିର ଗତିପଥ ଉପରେ ବନ ବିଭାଗ ନଜର ରଖିଥିବା ବେଳେ ସେମାନଙ୍କ ଖାଦ୍ୟର କୌଣସି ବ୍ୟବସ୍ଥା କରିନାହିଁ। ପୋଲିସ ମଧ ଉପସ୍ଥିତ ଲୋକଙ୍କୁ ସେଠାରୁ ହଟାଇନାହିଁ। ତେଣୁ ରାତିରେ ଜନସମାଗମ କମିବା ପରେ ହାତୀ ଦ୍ୱୟ ଚାଲିଯିବେ ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମୁଣ୍ଡଲୀଠାରେ ମହାନଦୀରେ ଯେଉଁ ହାତୀର ମୃତ୍ୟୁ ହୋଇଥିଲା ତାହାର ମୁଖ୍ୟ କାରଣ ଜନଗହଳି ଥିଲା। ଜନଗହଳି ଦେଖି ହାତୀ ବାହାରକୁ ବାହାରିପାରି ନ ଥିଲା। ଫଳରେ ହାତୀ ବହୁ ସମୟ ମହାନଦୀରେ ଫସି ରହିଥିଲା। ତାକୁ ଉଦ୍ଧାର ପାଇଁ ଯାଇଥିବା ଦୁଇ ଜଣଙ୍କର ଜୀବନ ମହାନଦୀ ଗର୍ଭରେ ଯାଇଥିଲା। ପରେ ହାତୀଟି ବହୁ ସମୟ ପାଣିରେ ରହିବାରୁ ଥଣ୍ଡାରେ ପୀଡିତ ହୋଇ ମହାନଦୀରେ ପ୍ରାଣ ହରେଇଥିଲା ବୋଲି ସେତେବେଳେ ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ଏ ସମ୍ପର୍କରେ ଡମପଡ଼ା ରେଞ୍ଜ ଅଫିସର ବିରାଜ ଦାସଙ୍କୁ ପଚାରିବାରୁ ଏବେ ନୂଆ କରି ଦାୟିତ୍ୱ ନେଇଛି। ସୁକାଶନ ଜଙ୍ଗଲରୁ ଡମପଡ଼ା-ଚନ୍ଦକା ଅଭୟାରଣ୍ୟକୁ ହାତୀ ଆସନ୍ତି। ଯେହେତୁ ଜନଗହଳି ଅଛି, ହାତୀ ଦ୍ୱୟ ମହାନଦୀ ଜଳ ରାଶିରେ ଅଛନ୍ତି। ରାତି ହେଲେ ଡମପଡ଼ା-ଚନ୍ଦକା ଜଙ୍ଗଲକୁ ପଳାଇଯିବେ। ଏହା ଉପରେ କର୍ମଚାରୀମାନେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି।






**ଆଜିର ମନ୍ତବ୍ୟ**

“ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ପକ୍ଷରୁ ଭାରତକୁ ଆକ୍ରମଣ ଧମକ ଦିଆଯାଇଛି। ଏହାଦ୍ୱାରା ହିନ୍ଦୁମାନେ ବିପଦରେ ଅଛନ୍ତି ବୋଲି କହିବା ପାଇଁ ଭାଜପାକୁ ବାହାନା ମିଳିଯିବ। **-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ............................



ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା କରମକୁ ଖିରି ଖିରିଶା
କାହା କରମକୁ ଲଡୁ
କାହା କରମକୁ ଖାରିଆ ଖଡ଼ା
ଚୋବାଇ ଚୋବାଇ ମରୁ।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଚ 'କାଚ' ମଣି 'ମଣି'
କାର୍ଯ୍ୟକ୍ଷେତ୍ରେ ଜଣାଜଣି।**

ଦକ୍ଷତାର ପରଖ। ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣାପଡ଼ିନଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି ସହଜରେ ଜାଣି ହୋଇଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ରାଜନୈତିକ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

## ଜାମୁନି ରକ୍ତରଞ୍ଜିତ

ପୁରୁଷୋତ୍ତମପୁର, ୮।୬(ଡି.ଏନ.ଏ.)

ରାଜନୈତିକ ବିବାଦକୁ କେନ୍ଦ୍ରକରି ରକ୍ତରଞ୍ଜିତ ହୋଇଛି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜାମୁନି। ଶୀତଳଷଷ୍ଠୀ ଯାତ୍ରା ଦେଖି ଫେରୁଥିବାବେଳେ ଜଣେ ଯୁବକଙ୍କୁ ବୀଭତ୍ସ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଯୋଗେଶ ବେହେରା (୨୪)। ରକ୍ତମୁଖା ଗୋଷ୍ଠୀର ଆକ୍ରମଣରେ ଆହତ ହୋଇଛନ୍ତି ଅଜିତ ପାଣିଗ୍ରାହୀ। ଘଟଣାକୁ ନେଇ ସମଗ୍ର ଅଞ୍ଚଳ ଅଶାନ୍ତ ହୋଇଉଠିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ଉଭୟେ ନନ୍ଦିକ ଗ୍ରାମରୁ ଶୀତଳଷଷ୍ଠୀ ଯାତ୍ରା ଦେଖି ଫେରୁଥିଲେ। ଏହି ସମୟରେ ୮ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଯୋଗେଶଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ପୁରୁଷୋତ୍ତମପୁର ଆଇଆଇସି ପୀୟୂଷ ରଞ୍ଜନ ଛୋଟରାୟ ସଦଳବଳ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଜିତଙ୍କ ଅଭିଯୋଗ ଆଧାରରେ ନଂ. ୩୧୪/୨୨ରେ ଏକ ମାମଲା ରୁଜୁ ହୋଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର କେତେଜଣ ସନ୍ଦିଗ୍ଧଙ୍କ ଘରକୁ ଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅଭିଯୁକ୍ତମାନେ ଶୀଘ୍ର ଧରାପଡ଼ିବେ ବୋଲି ପୋଲିସ କହିଛି। ଅନ୍ୟପଟେ ମୃତକଙ୍କ ମା' କହିଛନ୍ତି, ୧୫ ଦିନ ତଳେ ସରପଞ୍ଚ ଇନ୍ଦ୍ରଜିତ୍ ନାୟକଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଏହି ସମୟରେ ଯୋଗେଶ ହସ୍ତକ୍ଷେପ କରିଥିଲେ। ଏହି ଆକ୍ରୋଶରୁ ପୁଅଙ୍କୁ ହତ୍ୟା କରାଯାଇଛି। ଅପରପକ୍ଷେ ଗ୍ରାମରେ ପାନୀୟଜଳ ଯୋଗାଣକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ପଞ୍ଚାୟତ ନିର୍ବାଚନ ପରଠାରୁ ଗ୍ରାମରେ ରାଜନୈତିକ ହିଂସା ଲାଗିରହିଛି। ସମବାୟ ସମିତି ନିର୍ବାଚନକୁ ନେଇ ଗତ ୩୦ ତାରିଖ ନାମାଙ୍କନ ପତ୍ର ଦାଖଲ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

# ମାଲବାହୀ ଟ୍ରେନ୍‌ର ୨ ବଗି ଲାଇନଚ୍ୟୁତ



ଜଳେଶ୍ୱର, ୮।୬(ଡି.ଏନ.ଏ.)

ବୁଧବାର ସନ୍ଧ୍ୟାରେ ଖଡଗପୁର ରେଳ ଡିଭିଜନ୍‌ର ଉପାନ୍ତ ନାଙ୍ଗୁଡସାହି ରେଳ ଫାଟକ ନିକଟରେ ଅପ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ଏହି ଟ୍ରେନ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ଅପ୍‌ଲାଇନ୍‌ର ସମସ୍ତ ରେଳ ଚଳାଚଳ ବ୍ୟାହତ ହୋଇଛି। ପରେ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲାଇନଚ୍ୟୁତ ହୋଇଥିବା ୨ଟି ବଗିକୁ ବିଚ୍ଛିନ୍ନ କରି ମାଲବାହୀ ଟ୍ରେନ ଗନ୍ତବ୍ୟପଥରେ ଯାଇଥିବା ଜଣାଯାଇଛି । ଖଡଗପୁର ରେଳ ଡିଭିଜନ ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ମାସ୍କ ନ ପିନ୍ଧିଲେ ...

ନୋ-ଫ୍ଲାଏ ଲିଷ୍ଟରେ ରଖି ଯାତ୍ରା ନିମନ୍ତେ ଅନୁମତି ନ ଦେବାକୁ କୋର୍ଟ କହିଥିଲେ।

ବିମାନରେ ଯାତ୍ରୀମାନେ ଆଖି, ନାକ, ପାଟିକୁ ଘୋଡ଼ାଇବା ଭଳି ଉପଯୁକ୍ତ ଢଙ୍ଗରେ ମାସ୍କ ପିନ୍ଧିବେ। ଯଦି କୌଣସି ଯାତ୍ରୀ ଆଉ ଏକ ମାସ୍କ ଆବଶ୍ୟକ କରନ୍ତି ତେବେ ଏୟାରଲାଇନ୍ ତାହା ଯୋଗାଇଦେବ। କେବଳ ଅତ୍ୟାବଶ୍ୟକ ସ୍ଥଳେ କିମ୍ବା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ବେଳେ ହିଁ ଯାତ୍ରୀ ମୁହଁରୁ ମାସ୍କ ଖୋଲିପାରିବେ ବୋଲି ଡିଜିସିଏ କହିଛି। ବିମାନ ଉଡ଼ାଣବେଳେ ଯଦି କେହି କୋଭିଡ୍ ନିୟମ ଉଲ୍ଲଂଘନ କରନ୍ତି ତେବେ ତାଙ୍କୁ ବିଶୃଙ୍ଖଳିତ ଯାତ୍ରୀ ଘୋଷଣା କରାଯିବ। ସେମାନଙ୍କ ବିମାନ ଯାତ୍ରା ଉପରେ ନିର୍ଦ୍ଦିଷ୍ଟ ସମୟ ପାଇଁ କଟକଣା ଲଗାଇବାକୁ ଡିଜିସିଏ ଏୟାରଲାଇନ୍ସଗୁଡ଼ିକୁ କ୍ଷମତା ଦେଇଛି। ସେହିପରି ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ଏବଂ ଅନ୍ୟ ପୋଲିସ କର୍ମଚାରୀମାନଙ୍କୁ ଏୟାରପୋର୍ଟ ପ୍ରବେଶ ଦ୍ୱାର ନିକଟରେ ମୁତୟନ କରାଯାଇଛି। ବିନା ମାସ୍କରେ କାହାରିକୁ ଭିତରକୁ ନ ଛାଡ଼ିବାକୁ ସେମାନଙ୍କୁ କୁହାଯାଇଛି। ବିମାନବନ୍ଦର ପରିସରରେ କୋଭିଡ ନିୟମାବଳୀ ଘୋଷଣା କରାଯିବା ସହ କଟକଣା ପାଳନ ହେଉଥିବା ସୁନିଶ୍ଚିତ କରିବାକୁ ବ୍ୟବସ୍ଥା କରାଯାଇଛି। ନିୟମ ମାନିବାକୁ ମନା କରୁଥିବା ବ୍ୟକ୍ତିଙ୍କୁ ଆଇନ ଅନୁସାରେ ଜରିମାନା ମଧ୍ୟ ଦେବାକୁ ପଡ଼ିବ। ଏୟାରପୋର୍ଟ ପରିଚାଳକ ବିମାନବନ୍ଦରରେ ଯଥେଷ୍ଟ ସାନିଟାଇଜର ଉପଲବ୍ଧ କରାଇବା ସହ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବେ ବୋଲି ଡିଜିସିଏ ସର୍କୁଲାରରେ ଦର୍ଶାଯାଇଛି।


# classifieds Everyday

0674-2580101, 2549302



**SALE**

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

IIT Argulରେ low cost investment plot 35ft. road ସହିତ ଦିଆଯାଉଛି। Mo.- 9692213354. D-73918

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73915

ଚୌଦ୍ୱାର ଟାଙ୍ଗୀ Odisha Cement Limited ପାଖରେ low cost plot (ଘରବାରି) 25ft. road ସହିତ ମିଳୁଛି। 9692213354. D-73917

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

କଟକ ଚୌଦ୍ୱାର Municipality area under NHରୁ 1.4 Km. ଦୂରରେ Yellow Zone well developed, low cost plot ଘରକରି ରହିବା ପାଇଁ ମିଳୁଛି। 9692213354. D-73916



Shoproom (10'x10') 2 Nos. opposite Biju Patnaik College, main road, Jayadev Vihar, Bhubaneswar. Contact: 9938511622. D-687



Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open full body massage ladies and gents. 8327740003, 8093860513. D-73914

Newly open full body massage ladies and gents. 7750077371. D-73911

**Relax, Refresh your body, Mind at Saikrupa Spa with best therapies. 8984068077.** D-668

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open SPA positively health benefits by expert therapist. 8455987557. D-73611

Full body massage relax your body mind by best therapist. 9861193818. D-73612

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

**BUSINESS**

**ଅଗରବତି ପେପରପ୍ଲେଟ୍ ମେସିନ ବସାଇ ମାସିକ 20000 ଟଙ୍କା ରୋଜଗାରକ୍ଷମ ହୁଅନ୍ତୁ। ଯୋଗାଯୋଗ-** 8249230728. D-73323

**AFFIDAVIT**

Manoj Kumar Mishra, S/o Biranchi Narayan Mishra, At/P.O.- Birapratappur, P.S.- Chandanpur, Dist.- Puri, Pin- 752012, Declare that the Manoja Kumar Mishra & Manoj Kumar Mishra are the name of one person only. D-685

**LOST**

I, Rajib Lochan Pani wish to inform that one original Sale Deed No.- 1760/1993, Trisulia Bazar Chaka, Plot No-669/ 3708 of Mouza Belagachhia, Tahasil- Baranga, Cuttack recorded in the name of Rajib Lochan Pani/ others has been lost somewhere on 31.05.2022. If any person find it Please Contact- 9337261226. D-689

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଧାନ ଏମ୍‌ଏସ୍‌ପି ...

ମୂଲ୍ୟରେ ଧାନ କିଣାଯାଉଥିବାରୁ ଚାଷୀମାନେ ଅନେକ ସମୟରେ ଋଣ ଶୁଝି ନ ପାରି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଚାଷୀମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦେବାକୁ ୨୦୧୭ ମାର୍ଚ୍ଚ ୨୫ରେ ଏକ ସଙ୍କଳ୍ପ ପାରିତ ହୋଇଥିଲା। ଏଥିପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠିତ ହୋଇଥିଲା। ଏମ୍‌ଏସ୍‌ପି ବଢ଼ାଇବା ପାଇଁ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରି ଦାବି ଉପସ୍ଥାପନ କରିବାକୁ ସର୍ବସମ୍ମତି ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଓଡ଼ିଶା ବାଚସ୍ପତି ବହୁବାର ଚିଠି ଲେଖିଲେ ମାତ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କୌଣସି ଉତ୍ତର ଆସି ନ ଥିଲା। ଫଳରେ ସେହି ଅଭିଯାନ କେବଳ ସଙ୍କଳ୍ପରେ ରହିଗଲା। ନବ ନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି ଯେ ପ୍ରତ୍ୟେକ ଜିନିଷର ଦରଦାମ ବଢ଼ିଚାଲିଛି। ପ୍ରତି କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି। କେନ୍ଦ୍ର ସରକାର ଲାଭ ଦେବା ଦୂରର କଥା ଖର୍ଚ୍ଚ ବି ଦେଲେ ନାହିଁ। ଏହି ମହଙ୍ଗା ଯୁଗରେ ଚାଷୀ କିଛି ପାଇନି ବୋଲି କୁହାଯିବ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ କେନ୍ଦ୍ର ସରକାର ଲଗାତର ଏମ୍‌ଏସ୍‌ପି ବଢାଇ ଚାଲିଛନ୍ତି। ଚାଷୀମାନଙ୍କ ଆୟ କିପରି ଦ୍ୱିଗୁଣ ହେବ ସେ ନେଇ ଗତ ୮ ବର୍ଷ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚେଷ୍ଟା ଚଳାଇଛନ୍ତି। ଚାଷୀମାନଙ୍କୁ ସବୁ ଫସଲରେ କିପରି ଏମ୍‌ଏସ୍‌ପି ମିଳିପାରିବ ସେ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବା କଥା। ଏମ୍‌ଏସ୍‌ପି ମୂଲ୍ୟ ଯଦି ଚାଷୀମାନେ ପାଇବେ ନାହିଁ, ଧାନର ଅଭାବୀ ବିକ୍ରି ହେବ। ତେବେ ଚାଷୀଙ୍କ ଆୟ ବଢିବ କେମିତି। ମୁଖ୍ୟମନ୍ତ୍ରୀ ବରଗଡ ଜିଲା ସୋହେଲା ସମାବେଶରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବାକୁ ଘୋଷଣା କରିଥିଲେ। ତାହା କଲେ ନାହିଁ। ଛତିଶଗଡ ସରକାର କୁଇଣ୍ଟାଲ ପିଛା ୫୦୦ ଟଙ୍କା ବୋନସ ଦେଉଛନ୍ତି। ରାଜ୍ୟ ସରକାରଙ୍କର ଯଦି ଚାଷୀଙ୍କ ପ୍ରତି ଦରଦ ଅଛି, ତେବେ ସହାୟତା କରୁନାହାନ୍ତି କାହିଁକି ବୋଲି ପୁରୋହିତ କହିଛନ୍ତି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକ କହିଛନ୍ତି ଯେ ଚାଷୀମାନେ ୧ କୁଇଣ୍ଟାଲ ଧାନ ଉତ୍ପାଦନ କରିବାକୁ ୨୩୪୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ୨୦୪୦ ଟଙ୍କା ଏମ୍‌ଏସ୍‌ପି କଲେ କିଛି ଲାଭ ହେବ ନାହିଁ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାମୀନାଥନ କମିଟି ସୁପାରିସ କାର୍ଯ୍ୟକାରୀ କରି ଏମ୍‌ଏସ୍‌ପି ଦେଢ଼ଗୁଣା ବଢ଼ାଇବାକୁ ଘୋଷଣା କରିଥିଲେ। ତାହା କଲେ ନାହିଁ। ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ବିଧାନସଭାରେ ସଙ୍କଳ୍ପ ପାରିତ ହୋଇଥିଲା। ତାହା ଚାଷୀଙ୍କୁ ମିଳିଲା ନାହିଁ। ଛତିଶଗଡ଼ ସରକାର ଧାନ କୁଇଣ୍ଟାଲ ପିଛା ୨୫୦୦ ଟଙ୍କାରେ କିଣୁଥିବା ବେଳେ ଓଡିଶା ସରକାର ଟଙ୍କାଟେ ଦେଉନାହାନ୍ତି। ଏମ୍‌ଏସ୍‌ପି ଯାହା ବଢ଼ିଲେ ମଧ୍ୟ ଚାଷୀଙ୍କର କିଛି ଲାଭ ହେବ ନାହିଁ। କେନ୍ଦ୍ର ସରକାର ଆଉ ୧୬ ଫସଲର ଏମ୍‌ଏସ୍‌ପି ମଧ୍ୟ ବଢ଼ାଇଛନ୍ତି। ଏନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ସୂଚନା ଦେଇଛନ୍ତି। ଏମ୍‌ଏସ୍‌ପିରେ କରାଯାଉଥିବା ଏହି ବୃଦ୍ଧି ୧୫%ରୁ ୨୦% ମଧ୍ୟରେ ରହିଛି। ଫସଲର ହାରାହାରି ଉତ୍ପାଦନ ଖର୍ଚ୍ଚ ଅତି କମ୍‌ରେ ୧.୫ ଗୁଣା ସିଦ୍ଧାନ୍ତ ଉପରେ ଏହି ଏମ୍‌ଏସ୍‌ପି ବୃଦ୍ଧି ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଏମ୍‌ଏସ୍‌ପି ଅନୁସାରେ ସରକାରୀ ଏଜେନ୍ସିଗୁଡ଼ିକ ଚାଷୀମାନଙ୍କଠାରୁ ଫସଲ କିଣିଥାନ୍ତି। କ୍ୟାବିନେଟ୍ କମିଟି ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ଠାକୁରଙ୍କ ସୂଚନା ଅନୁଯାୟୀ ବାଜରାର ଏମ୍‌ଏସ୍‌ପି ମଧ୍ୟ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବଢ଼ିଛି। ସେହିପରି ରାଗିରେ ୨୦୧ ଟଙ୍କା, ମକାରେ ୯୨ ଟଙ୍କା, ମୁଗରେ ୪୮୦ ଟଙ୍କା, ବାଦାମରେ ୩୦୦ ଟଙ୍କା, ହରଡ଼ରେ ୩୦୦ ଟଙ୍କା, ସୂର୍ଯ୍ୟମୁଖୀରେ ୩୮୫ ଟଙ୍କା, ସୋୟାବିନ୍‌ରେ ୩୫୦ ଟଙ୍କା, ରାଶିରେ ୫୨୩ ଟଙ୍କା ଏବଂ ତୁଳା (ମଧ୍ୟମ ଷ୍ଟେପଲ୍) ଏମ୍‌ଏସ୍‌ପିରେ କୁଇଣ୍ଟାଲ୍ ପିଛା ୩୫୫ଟଙ୍କା ବୃଦ୍ଧି କରାଯାଇଛି। ରାଶି ଏମ୍‌ଏସ୍‌ପି କୁଇଣ୍ଟାଲ୍ ପିଛା ସର୍ବାଧିକ ୫୨୩ ଟଙ୍କା ବୃଦ୍ଧି ପାଇଥିବାବେଳେ ମକାରେ ସର୍ବନିମ୍ନ ୯୨ ଟଙ୍କା ବଢ଼ିଛି।

## ମହଙ୍ଗା ହେବ ...

ଚତୁର୍ମାସରେ ୭.୫%, ଦ୍ୱିତୀୟରେ ୭.୪%, ତୃତୀୟରେ ୬.୨% ଏବଂ ଚତୁର୍ଥ କ୍ୱାର୍ଟରରେ ୫.୮ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ପାଇକାରୀ ମୁଦ୍ରାସ୍ଫୀତି (ହୋଲ୍‌ସେଲ୍ ଇନ୍‌ଫ୍ଲେଶନ୍) ଦୁଇଅଙ୍କରେ ରହିଛି। ୨୦୨୨ ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧିପାଇ ୧୫.୦୮%କୁ ଛୁଇଁଛି, ଯାହାକି ୧୯୯୮ ପରେ ସର୍ବାଧିକ। ଅଭିବୃଦ୍ଧି କଥା ବିଚାର କଲେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୨% ରହିବା ନେଇ ଆକଳନ କରାଯାଇଛି। କ୍ୟୁ୧ରେ ୧୬.୨%, କ୍ୟୁ୨ରେ ୬.୨%, କ୍ୟୁ୩ରେ ୪.୧% ଏବଂ ଚତୁର୍ଥ ଚତୁର୍ମାସରେ ୪.୦% ରହିପାରେ। ଏସବୁକୁ ଧ୍ୟାନରେ ରଖି ଆଗକୁ ଆହୁରି ରେପୋ ରେଟ୍ ବୃଦ୍ଧି ଘଟିପାରେ ବୋଲି ଶକ୍ତିକାନ୍ତ ସଙ୍କେତ ଦେଇଛନ୍ତି। ମୁଦ୍ରା ନୀତିର ପରବର୍ତ୍ତୀ ବୈଠକ ଆସନ୍ତା ଅଗଷ୍ଟ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଶେଷରେ ରେପୋ ରେଟ୍ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯିବ।

ଇତିମଧ୍ୟରେ ଆର୍ଥିକ ବ୍ୟାପାର ବିଭାଗ ସଚିବ ଅଜୟ ସେଠ୍ କହିଛନ୍ତି, ବର୍ତ୍ତମାନ ଅନେକ ଘରୋଇ ଚ୍ୟାଲେଞ୍ଜ ରହିଥିବାବେଳେ ବୈଶ୍ୱିକ ଆହ୍ୱାନ ମଧ୍ୟ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିଛି। ତେଣୁ ମୌଦ୍ରିକ ଏବଂ ବିତ୍ତୀୟ କର୍ତ୍ତୃପକ୍ଷମାନେ ମୁଦ୍ରାସ୍ଫୀତିକୁ ମଧ୍ୟମ ସ୍ତରରେ ସୀମିତ ରଖି ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଆକ୍ୱିଟ୍ ରେଟିଂସ୍ ଆଣ୍ଡ୍ ରିସର୍ଚ୍ଚ ମୁଖ୍ୟ ଆନାଲିଟିକାଲ୍ ଅଫିସର ସୁମନ ଚୌଧୁରୀଙ୍କ ମତରେ ଆଗାମୀ ୨-୩ ପଲିସି ବୈଠକରେ ରେପୋ ରେଟ୍ ଆହୁରି ବୃଦ୍ଧି ଘଟିବା ସମ୍ଭାବନା ରହିଛି। ତେବେ ଅଦ୍ୟାବଧି ନିଆଯାଇଥିବା ପଦକ୍ଷେପ ଦ୍ୱାରା ମୁଦ୍ରାସ୍ଫୀତିକୁ କେତେ ହ୍ରାସ କରାଯାଇପାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ। ଏହା ସହିତ ବୃଷ୍ଟିପାତ ହାର ଏବଂ ଖାଦ୍ୟ ସାମଗ୍ରୀ ମୂଲ୍ୟ ଉପରେ ମୁଦ୍ରାସ୍ଫୀତି ବୃଦ୍ଧି ହ୍ରାସ ନିର୍ଭର କରିବ। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧୀରଜ ରେଲି କହିଛନ୍ତି, କୋଭିଡ୍ ପୂର୍ବରୁ ରେପୋ ରେଟ୍ ୫.୧୫% ଥିବାବେଳେ ସୁଧ ହାରକୁ ଏହି ସ୍ତରକୁ ଆଣିବା ପାଇଁ ଆସନ୍ତା ୧-୨ ବୈଠକରେ ଆହୁରି କଡ଼ା ପଦକ୍ଷେପ ନେବାକୁ ପଡ଼ିପାରେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଡୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କୌଣସି ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ରାହୁଙ୍କ ନକ୍ଷତ୍ରର କୁପ୍ରଭାବରୁ ମତାନ୍ତରଜନିତ ଅନର୍ଥ ସୃଷ୍ଟି ସମ୍ଭାବନା ରହିଛି। କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ତଥା ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ଅନଟନ ଦୂର ହେବ।

**ବୃଷ** – ଚାହୁଁ ନ ଥିବା କିଛି କାମ ପରିସ୍ଥିତିରେ ପଡ଼ି କରିବେ। ବନ୍ଧୁମାନଙ୍କ ସମ୍ମୁଖରେ ପାରିବାରିକ ଜୀବନର ଅକୁହା କଥାକୁ ଲୁଚାଇ ରଖି ହସି ହସି କଥା କହିବେ। ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ମଧ୍ୟାହ୍ନରେ ବନ୍ଧୁମିଳନଜନିତ ମାନସିକ ସ୍ତରରେ ସୁସ୍ଥତା ପରିଲକ୍ଷିତ ହେବ।

**ମିଥୁନ** – କେତେକ କ୍ଷେତ୍ରରେ ଅନ୍ୟକୁ ଖୁସି କରିବାକୁ ଯାଇ ସ୍ୱାର୍ଥକୁ ବଳିଦେବାକୁ ପଡ଼ିପାରେ। ଘରୋଇ କଥା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ। ଅଫିସ୍‌ରେ ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବେ। ସାଙ୍ଗଠନିକ କାର୍ଯ୍ୟରେ, ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ** – କାମଗୁଡ଼ିକରେ କୌଣସି ପ୍ରତିବନ୍ଧକ ନ ରହିଲେ ମଧ୍ୟ ସେତେଟା ପ୍ରୀତିପ୍ରଦ ରହିବ ନାହିଁ। ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ସାମୟିକ ଦୁଃଖକୁ ଭୁଲି ଯିବାରେ ସାହାଯ୍ୟ କରିବ। ପ୍ରକାଶନ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** – ଆବଶ୍ୟକ ଅର୍ଥ ଯୋଗାଡ଼ରେ ସମର୍ଥ ହେବେ ଓ କାର୍ଯ୍ୟ ହାସଲ ପାଇଁ କୌଣସି ଅସୁବିଧା ହେବ ନାହିଁ। ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହେବ। ସାଙ୍ଗଠନିକ କାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପିଲାଙ୍କ ସକାଶେ ଅଶାନ୍ତି ରହି କୌଣସି କାମକୁ ଠିକ୍ ଭାବେ କରିପାରିବେ ନାହିଁ।

**କନ୍ୟା** – ଆଜି କିଛି ପାଇବାକୁ ହେଲେ କଷ୍ଟ ସ୍ୱୀକାର କରିବାକୁ ହେବ। ପ୍ଲଟିଂ କାରବାର, ଯାନ୍ତ୍ରିକ କିମ୍ବା ବିଦ୍ୟୁତ୍ ବ୍ୟବସାୟୀମାନେ ବିଶେଷ ପରିମାଣରେ ଉପକୃତ ହେବେ। ପିଲାମାନଙ୍କ ଉଚ୍ଚଶିକ୍ଷା ସକାଶେ ପାରିବାରିକ ଆଲୋଚନାକୁ ପ୍ରାଧାନ୍ୟ ଦେଇପାରନ୍ତି। ଆକସ୍ମିକ ଭାବରେ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ତୁଳା** – ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରରେ ରହି ଚିନ୍ତିତ ରହିବେ। ସମ୍ପର୍କୀୟଙ୍କ ବେଖାତିର ମନୋଭାବ କାରଣରୁ ମନେ ମନେ ଅସନ୍ତୁଷ୍ଟ ରହିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଏକ ପ୍ରକାର ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବିଛା** – ଅତୀତର କୃତକର୍ମ ସକାଶେ ନିଜକୁ ଦାୟୀ କରି ଅନୁତପ୍ତ ରହିବେ। ଭାଙ୍ଗିପଡିଥିବା ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରି ଅସଫଳ ହୋଇପାରନ୍ତି। ନିଜ ପରିସରର ବ୍ୟକ୍ତିମାନେ ଦୋଷାରୋପ କରି ମାନସିକ ସ୍ଥିତିକୁ କଳୁଷିତ କରିପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ଉପର ମନରେ ଭଲ କଥା କହି ପଛରେ ବହୁତ ସମାଲୋଚନା କରିବେ।

**ଧନୁ** – ଅନାବଶ୍ୟକ କଥାଗୁଡ଼ିକୁ ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଇ କାମ କରିବା ଭଲ ହେବ। ବିଭିନ୍ନ ପ୍ରକାରର ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର** – ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ। ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କାମଟିକୁ ଭଣ୍ଡୁର କରି ଦେଇପାରନ୍ତି।

**କୁମ୍ଭ** – ସମସ୍ୟା ଲାଗି ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସୁଧାରି ନେବେ। ଆଜି ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କିଛି ବି କରିବାର ଉପାୟ ନ ଥିବ। ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ** – ଅଫିସିଆଲି ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ପୂରା ମାତ୍ରାରେ ରହିଛି। ପିଲାମାନଙ୍କ ଶୃଙ୍ଖଳା ଓ ଶିକ୍ଷା ବିଷୟ ନେଇ ଚିନ୍ତା ପ୍ରକଟ କରିବେ।

## କେନ୍ଦ୍ର ଉଠାଇନେଲା ...

ନିଜେ ବହନ କରିବେ। ଏଥିସହିତ ଚଳିତ ଖରିଫ ଋତୁରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ନେଉଥିବା ଚାଷୀଙ୍କୁ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ। ତେବେ ଏଥିପାଇଁ ନିର୍ଦ୍ଧାରିତ ସମୟରେ ଋଣ ଶୁଝିବାକୁ ପଡ଼ିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୫୦ ହଜାର ଟଙ୍କା ଉପରେ କୌଣସି ସୁଧ ଦେବାକୁ ପଡୁ ନ ଥିଲା। ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ୯ ହଜାର କୋଟି ଟଙ୍କାର କୃଷି ଋଣ ଚାଷୀମାନଙ୍କୁ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଋଣ ସମବାୟ ବ୍ୟାଙ୍କ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ପ୍ରାଥମିକ ସମବାୟ ସମିତି ଜରିଆରେ ଯୋଗାଇ ଦିଆଯିବ। ୨୦୨୧ରେ ୧୮,୬୧,୨୦୬ ଚାଷୀଙ୍କୁ ୮୬୮୬.୪୦ କୋଟି ଟଙ୍କାର କୃଷି ଋଣ ଯୋଗାଇ ଦିଆଯାଇଛି।

## ସଂକ୍ଷେପରେ

### ପ୍ରଶାନ୍ତ ନନ୍ଦ ପାଇବେ 'ବାଣୀଚିତ୍ର ପରୀକ୍ଷିତ ଜେନା ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୮।୬(ବ୍ୟୁରୋ):** ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ପ୍ରଶାନ୍ତ ନନ୍ଦ ପାଇବେ 'ବାଣୀଚିତ୍ର ପରୀକ୍ଷିତ ଜେନା ସ୍ମୃତି ସମ୍ମାନ'। ଗୁରୁବାର ସୂଚନା ଭବନରେ ବାଣୀଚିତ୍ରର ୫୪ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତ ବର୍ଷ ବାଣୀଚିତ୍ରର ମୁଖ୍ୟ ସମ୍ପାଦକ ପରୀକ୍ଷିତ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ପ୍ରତିବର୍ଷ ପରି କଳା, ସାହିତ୍ୟ, ସଂସ୍କୃତି, ଚଳଚ୍ଚିତ୍ର, ନାଟକ, ଯାତ୍ରା, ଛୋଟ ପରଦାର କଳାକାର ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ଏଟିଏମ୍ ଭାଙ୍ଗି ଲୁଟିନେଲେ ଅଢ଼େଇ ଲକ୍ଷ

**ସାରସକଣା,୮।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନାଠାରୁ ୩ମିଟର ଦୂରରେ ଥିବା ସିଣ୍ଡିକେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଦୁର୍ବୃତ୍ତମାନେ ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତମାନଙ୍କ ଟେର ପାଇପାରିନାହିଁ। ଖବରପାଇ ଏସ୍‌ପି ଖିଲାରୀ ରିଷିକେଶ ଦ୍ୟାନଦେଓ, ଏସ୍‌ଡିପିଓ କେ.କେ.ହରିପ୍ରସାଦ, ଡିଏସ୍‌ପି ଉପାସନା ପାଢ଼ୀ ଏବଂ ଝାରପୋଖରିଆ ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ୧୮ନଂ. ଜାତୀୟ ରାଜପଥ କଡ଼ରେ ଏହି ଏଟିଏମ୍ ଥିବାବେଳେ ୪ଟି ସିସି କ୍ୟାମେରା ଲାଗିଛି। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟ୍ କରିବାରେ ସକ୍ଷମ ହୋଇଛନ୍ତି। ଏଟିଏମ୍‌କୁ ଗ୍ୟାସ କଟରରେ କଟାଯାଇଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୫/୨୨) ରୁଜୁ ହୋଇଛି। ଖୁବ୍ ଶୀଘ୍ର ଲୁଟେରାମାନଙ୍କୁ ଧରାଯିବ ବୋଲି ଝାରପୋଖରିଆ ଥାନା ଅଧିକାରୀ ଡିଏସ୍‌ପି ମୁକ୍ତି କୁମାର କୁଲୁ କହିଛନ୍ତି।

### ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ କନ୍ଧମାଳ,୮।୬(ଡିଏନଏ):** ବୌଦ୍ଧ ଜିଲା କନ୍ଧମାଳ ଥାନା ଅନ୍ତର୍ଗତ ଖୁଣ୍ଟିଗୋରା ନିକଟରେ ବଜ୍ରକାପ୍ତା ବିକ୍ରି ପାଇଁ ଯୋଜନା ଚାଲିଥିବାବେଳେ ମଙ୍ଗଳବାର ଅପରାହ୍ଣରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଜଣଙ୍କୁ ଧରିଛି। ସେ ହେଲେ ସୋନପୁର ତରଭା ଅଞ୍ଚଳର ବିଶ୍ୱେଶ୍ୱର ବଗର୍ତ୍ତି। ତାଙ୍କଠାରୁ ୧୨ କେଜି ୪୦୦ ଗ୍ରାମର ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ବଜ୍ରକାପ୍ତା ରଖିବାର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଅଭିଯୁକ୍ତ ବିଶ୍ୱେଶ୍ୱରଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ସୁରକ୍ଷା ଦୃଷ୍ଟିକୋଣରୁ ଉଦ୍ଧାର ବଜ୍ରକାପ୍ତାକୁ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ବିଶ୍ୱେଶ୍ୱର ଦୀର୍ଘଦିନ ଧରି ବଜ୍ରକାପ୍ତା ଲୁଚାଇ ରଖିଥିଲେ। ଏହାକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ବିଶେଷ ସୂତ୍ରରୁ ଖବର ପାଇବା ପରେ ଏସ୍‌ଟିଏଫ୍ ଚଢ଼ାଉ କରି ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ୨୦୨୦ରୁ ଏଯାବତ ଏସ୍‌ଟିଏଫ୍ ୧୫ଟି ଜୀବନ୍ତ ବଜ୍ରକାପ୍ତା ଜବତ କରିସାରିଲାଣି।

### ନିବନ୍ଧକ କାର୍ଯ୍ୟାଳୟରେ ସ୍ୱଚ୍ଛତା ପାଇଁ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ପ୍ରଚଳନ

**ଭୁବନେଶ୍ୱର, ୮।୬(ବ୍ୟୁରୋ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନବନିଯୁକ୍ତ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ସ୍ୱାଗତ କରାଯାଇଛି। ଏହାପରେ ରାଜସ୍ୱମନ୍ତ୍ରୀଙ୍କୁ ବିଭାଗର ବରିଷ୍ଠ ଅଧିକାରୀମାନେ ବିଭାଗରେ ହେଉଥିବା କାର୍ଯ୍ୟ ବିଷୟରେ ଯଥା ଦାଖଲ ଖାରଜ, ଘରବାଡ଼ି ପଟ୍ଟା, ସାର୍ଟିଫିକେଟ ସେବା, ରେଜିଷ୍ଟ୍ରେଶନ ସେବା, ଲଘୁ ଖଣିଜ ସମ୍ପଦର ପରିଚାଳନା, ଜମି ଅଧିଗ୍ରହଣ ଓ ବିସ୍ଥାପିତଙ୍କ ଥଇଥାନ, ହାଇଟେକ ସର୍ଭେ, ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ କାର୍ମିକ ପରିଚାଳନା ଇତ୍ୟାଦି ବିଷୟରେ ଅବଗତ କରାଇଛନ୍ତି। ନିବନ୍ଧନ କାର୍ଯ୍ୟାଳୟଗୁଡ଼ିକରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଏକ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମର ପ୍ରଚଳନ କରାଯାଉଥିବା ସୂଚନା ଦିଆଯାଇଥିଲା। ଲଘୁ ଖଣିଜ ସମ୍ପଦର ବିଲୁପ୍ତି ପରେ ସେହି ଉତ୍ସକୁ ସମତୁଲ କରି ବୃକ୍ଷରୋପଣ କରିବାକୁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛନ୍ତି।

# ଶ୍ରୀକ୍ଷେତ୍ରର ମଠ ସଂସ୍କୃତି

**ପ୍ରାକ୍ କଥନ–** ଆଜକୁ ବାରଶହ ବର୍ଷ ପୂର୍ବେ ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ରଠାରେ ମଠ ସଂସ୍କୃତିର ସମୃଦ୍ଧ ଧାରାର ଅୟମାରମ୍ଭ ଘଟି ପଞ୍ଚଦଶ, ଷୋଡ଼ଶ ଶତାବ୍ଦୀ ବେଳକୁ ଏହା ଏକ ସାମଗ୍ରିକ ଓ ବିକଶିତ ରୂପ ପରିଗ୍ରହଣ କରିଥିଲା। ସର୍ବଭାରତୀୟ ସ୍ତରରେ ରହିଥିବା ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟ ଓ ଧାର୍ମିକ ଅନୁଷ୍ଠାନ ଏହି ସମନ୍ୱୟବାଦୀ କ୍ଷେତ୍ରରେ ନିଜ ନିଜର ମଠମାନ ପ୍ରତିଷ୍ଠା କରିଥିଲେ। ଅତି ପ୍ରାଚୀନକାଳରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭକ୍ତି ଡୋରରେ ଆକର୍ଷିତ ହୋଇ ଅନେକ ବିଶିଷ୍ଟ ଆଚାର୍ଯ୍ୟ ପୁଣ୍ୟଭୂମି ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ଭଗବତ୍ ଚିନ୍ତନରେ ନିଜକୁ ନିମଜ୍ଜିତ କରାଇବା ସହ ନିଜର ଦର୍ଶନକୁ ଆଧାର କରି ପାଣ୍ଡିତ୍ୟ ପରାକାଷ୍ଠା ବଳରେ ସମ୍ପ୍ରଦାୟ ଗଠନପୂର୍ବକ ମଠ ସ୍ଥାପନ କରି ସମାଜରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରାଇବା ସହିତ ବିଦ୍ୟାର୍ଥୀ, ଅତିଥି ଅଭ୍ୟାଗତ ତଥା ସାଧୁସନ୍ଥମାନଙ୍କ ସେବାରେ ନିଜକୁ ନିୟୋଜିତ କରି ଏକ ବଳିଷ୍ଠ ପରମ୍ପରା ସୃଷ୍ଟି କରିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀ ନିମ୍ବାର୍କାଚାର୍ଯ୍ୟ, ଶ୍ରୀ ମାଧ୍ୱାଚାର୍ଯ୍ୟ, ଶ୍ରୀ ବିଷ୍ଣୁସ୍ୱାମୀ, କବୀର, ନାନକ, ଶ୍ରୀଚୈତନ୍ୟ, ଶ୍ରୀଚାନ୍ଦ, ଶ୍ରୀରାମାନନ୍ଦାଚାର୍ଯ୍ୟ, ଶ୍ରୀବଲ୍ଲଭାଚାର୍ଯ୍ୟ, ଅତିବଡ଼ୀ ଜଗନ୍ନାଥ ଦାସ ଆଦି ଆଚାର୍ଯ୍ୟଙ୍କ ଭିନ୍ନ ଭିନ୍ନ ଦର୍ଶନ ଆଧାରରେ ଶ୍ରୀକ୍ଷେତ୍ରରେ ଅନେକ ମଠ ସ୍ଥାପିତ ହୋଇଥିବା ଜଣାଯାଏ। ନିଜ ସମ୍ପ୍ରଦାୟ ଭେଦରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଇଷ୍ଟ ଭାବରେ ଗ୍ରହଣ କରି ଆଚାର୍ଯ୍ୟଗଣ ନିଜ ନିଜର ମଠରେ ଅବସ୍ଥାନ କରି ଉପାସନା କରିବା ସହିତ ସନାତନ ଧର୍ମ ସମ୍ବନ୍ଧୀୟ ଶାସ୍ତ୍ର ବିଚାର, ନାମ ସଂକୀର୍ତ୍ତନ ଓ ଧ୍ୟାନଧାରଣା ଶିକ୍ଷା ପ୍ରଦାନ ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଓ ପାରମାର୍ଥିକ ଭାବ ପ୍ରସାର ଦିଗରେ ବିଶେଷ ଭୂମିକା ନିର୍ବାହ କରୁଥିଲେ। ଭାରତର ସୁପ୍ରସିଦ୍ଧ ଚାରିଧାମ ମଧ୍ୟରୁ ଅନ୍ୟତମ ଏହି ଧାମରେ ଆଦି ଶଙ୍କରାଚାର୍ଯ୍ୟ ମଠ ସ୍ଥାପନ କରିବା ପରେ ପରେ ଅନେକ ଆଚାର୍ଯ୍ୟ ଭିନ୍ନ ଭିନ୍ନ ସମୟରେ ଏହି ଧାମରେ ମଠ ପ୍ରତିଷ୍ଠା କରିଥିବା ଇତିହାସରୁ ଜଣାଯାଏ। ଶ୍ରୀମନ୍ଦିରର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ବିଭିନ୍ନ ସମ୍ପ୍ରଦାୟର ମଠମାନ ସ୍ଥାପନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ନିଜକୁ ନିୟୋଜିତ କରିବା ସହିତ ଧର୍ମ ପ୍ରଚାରରେ ବ୍ରତୀ ହୋଇ ଏକ ସଦାଚାର ଯୁକ୍ତ ଆଦର୍ଶ ସମାଜ ଗଢ଼ିବାର ଗୁରୁଦାୟିତ୍ୱ ବହନ କରିଥିଲେ ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁମାନେ ଏହି ପାବନପୀଠରେ। ଅଦ୍ୟାବଧି ସନାତନ ଧର୍ମର ବିଭିନ୍ନ ସମ୍ପ୍ରଦାୟର ଶତାଧିକ ମଠ ଶ୍ରୀକ୍ଷେତ୍ର ଧାମରେ ବିଦ୍ୟମାନ।

ପ୍ରାଚୀନ ସମୟରୁ ସୁପ୍ରତିଷ୍ଠିତ ବିଭିନ୍ନ ସମ୍ପ୍ରଦାୟର ମଠ ଇତ୍ୟାଦି ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚେତନାରେ ସମ୍ମିଳିତ ହୋଇ ସୃଷ୍ଟି କରିଛି ଏକ ମହାନ୍ ଧାର୍ମିକ ପ୍ରବାହ। ସେହି ଧାର୍ମିକ ପ୍ରବାହ ମଧ୍ୟରେ ମଠଗୁଡ଼ିକର ମାହାତ୍ମ୍ୟ ସ୍ୱତନ୍ତ୍ର। ଐତିହାସିକ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଉଲ୍ଲେଖ ହୋଇଥିବା ତଥ୍ୟ ଅନୁଯାୟୀ, ଗଙ୍ଗ ବଂଶର ରାଜା ଅନଙ୍ଗଭୀମ ଦେବଙ୍କ ସମୟରେ ଶ୍ରୀମନ୍ଦିରର ଚାରି ଦିଗରେ ଅନେକ ମଠ ସ୍ଥାପିତ ହୋଇଥିଲା। ଏମାନଙ୍କ ମଠାଧାରୀମାନେ ନିମ୍ନଲିଖିତ କାର୍ଯ୍ୟ କରିବାକୁ ଦାୟୀ ଥିଲେ। ଯଥା– ପରମେଶ୍ୱରଙ୍କ ଭୋଗ ନିଯୋଗ ଭଲ ମନ୍ଦ ବୁଝିବେ, ମୁଦ୍ରାହସ୍ତ ବା ମୁଦିରଥ, ପଶୁପାଳକ,


ରାଧାବଲ୍ଲଭ ମଠ

ବ୍ରାହ୍ମଣ ସେବକମାନଙ୍କୁ ସନ୍ଧ୍ୟା, ପୂଜା ଓ ସ୍ନାନ ବିଧି ଶିକ୍ଷା ଦେବେ, କ୍ଷେତ୍ରର ସମସ୍ତ ଲୋକଙ୍କ ଗୁହାରି ବୁଝି ଦଣ୍ଡମଣ୍ଡ କରିବା ଲାଗି ପରୀକ୍ଷାକୁ କହିବେ।

ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶ୍ରୀ ସମ୍ପ୍ରଦାୟ ବା ଶ୍ରୀ ରାମାନୁଜ ସମ୍ପ୍ରଦାୟ, ରାମାନନ୍ଦୀ ସମ୍ପ୍ରଦାୟ, ବ୍ରହ୍ମମାଧ୍ୱ ଗୌଡ଼େଶ୍ୱର ସମ୍ପ୍ରଦାୟ (ଗୌଡ଼ୀୟ ସମ୍ପ୍ରଦାୟ), ଶ୍ରୀଶଙ୍କର ସମ୍ପ୍ରଦାୟ, ଅତିବଡ଼ୀ ସମ୍ପ୍ରଦାୟ, ନାନକପନ୍ଥୀ ସମ୍ପ୍ରଦାୟ, ଉଦାସୀନ ସମ୍ପ୍ରଦାୟ, କବୀର ସମ୍ପ୍ରଦାୟ, ବିଷ୍ଣୁସ୍ୱାମୀ ସମ୍ପ୍ରଦାୟ, ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟ, ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟ, ସ୍ମାର୍ତ୍ତ ସମ୍ପ୍ରଦାୟ, ଦଶନାମୀ ସମ୍ପ୍ରଦାୟ, ମାଧବାଚାର୍ଯ୍ୟ ସମ୍ପ୍ରଦାୟର ଶତାଧିକ ମଠ ପ୍ରତିଷ୍ଠିତ ହୋଇଥିବା ବେଳେ ଏଥି ମଧ୍ୟରୁ କେତେକ ପ୍ରସିଦ୍ଧ ମଠାନୁଷ୍ଠାନର ଶ୍ରୀମନ୍ଦିର ସେବା ପୂଜା ସହ ସମ୍ପୃକ୍ତି ରହିଅଛି।

**ଶ୍ରୀମନ୍ଦିର ସହ ମଠାନୁଷ୍ଠାନର ସମ୍ପୃକ୍ତି –** ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଅଧିକାଂଶ ନୀତି, ଉତ୍ସବ, ଯାନିଯାତ୍ରା ସହିତ ବିଭିନ୍ନ ସମ୍ପ୍ରଦାୟଭିତ୍ତିକ ମଠାନୁଷ୍ଠାନର ସମ୍ପୃକ୍ତି ରହିଆସିଅଛି। ଏଥିନିମନ୍ତେ ବହୁ ରାଜା, ମହାରାଜା, ବଦାନ୍ୟ ବ୍ୟକ୍ତି ବିଶେଷ ମଠ ମାର୍ଫତରେ ହଜାର ହଜାର ଏକର ଭୂ ସମ୍ପତ୍ତି ତଥା ଅମୃତମଣୋହି ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ


ଏମାର ମଠ

ଦୈନନ୍ଦିନ ସେବା ବିଧାନର ସୁପରିଚାଳନା ନିମନ୍ତେ ଖଞ୍ଜିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପାସନାରେ ବିଭିନ୍ନ ମଠାନୁଷ୍ଠାନ ସ୍ୱତନ୍ତ୍ର ଭାବେ ଅଂଶଗ୍ରହଣ କରିଥିବାର ପରମ୍ପରା ପ୍ରାଚୀନ ସମୟରୁ ଚାଲିଆସୁଅଛି। ତନ୍ମଧ୍ୟରେ ଦୈନନ୍ଦିନ ମହାପ୍ରଭୁଙ୍କ ଧୂପ ପୂଜା ସମୟରେ ଉପଚାର ଚାମର ଓ ଆଲଟ ସେବା, ଅବକାଶ ସମୟରେ ମଶାଲ ଯୋଗାଇବା ସେବା, ମହାପ୍ରଭୁଙ୍କ ନିତ୍ୟ ବେଶ ନିମନ୍ତେ ପୁଷ୍ପାଳଙ୍କାର ତୁଳସୀ ଓ ମାଳା ଇତ୍ୟାଦି ଯୋଗାଇବା, ଶ୍ରୀମନ୍ଦିର ରୋଷରେ ବହୁ ପରିମାଣର ଅମୃତମଣୋହି ଭୋଗ ବା ଖଟଣି ଭୋଗ କରିବା, ଶ୍ରୀମନ୍ଦିରର କେତେକ ସ୍ଥାନକୁ ମାର୍ଜନା କରିବା ସେବା, ଝାଞ୍ଜପିଟା ସେବା, ରଥଯାତ୍ରା ସମୟରେ ଟାହିଆ, ବିଭିନ୍ନ ଦ୍ରବ୍ୟ ଯୋଗାଣ, ବିଭିନ୍ନ ବେଶ ସାମଗ୍ରୀ ଯୋଗାଣ, ଠାକୁରମାନଙ୍କ ପହଣ୍ଡି ସମୟରେ ପଂକ୍ତି ଭୋଗ କରାଇବା, ଆଲଟ, ଚାମର ସେବା, ବାଲଧୂପ, ଗୋପାଳବଲ୍ଲଭ ଭୋଗ ସାମଗ୍ରୀ ଯୋଗାଇବା, ଅଣସର ସମୟରେ ଚକଟା ଭୋଗ ପଠାଇବା, ଫୁଲୁରି ତେଲ, ଗଡ଼ା ବସ୍ତ୍ର ଯୋଗାଇବା, ଅଧରପଣା ସାମଗ୍ରୀ ଯୋଗାଇବା ଇତ୍ୟାଦି ଅନେକ ସେବା ସହ ମଠାନୁଷ୍ଠାନଗୁଡ଼ିକ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ରାଜ୍ୟ ଦେବୋତ୍ତର ଆଇନ ନିୟନ୍ତ୍ରଣାଧୀନରେ ଏହିସବୁ ମଠ ରହିଅଛି।

**ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ମଠାନୁଷ୍ଠାନ:** ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ଥିବା ମଠାନୁଷ୍ଠାନଗୁଡ଼ିକ ମଧ୍ୟରେ ଶ୍ରୀ ରାମାନୁଜ ସମ୍ପ୍ରଦାୟର ପ୍ରସିଦ୍ଧ ଏମାର ମଠ, ନରସିଂହାଚାରୀ ମଠ, ସାନଝାଡ଼ୁ ମଠ, ବଡ଼ଝାଡ଼ୁ ମଠ, ଦକ୍ଷିଣ ପାର୍ଶ୍ୱ ମଠ, କୌଶଲ୍ୟା ଦାସ ମଠ, କଟକୀ ମଠ, ଶଙ୍ଖଚକ୍ର ମଠ, ରେବସା ମଠ, ତ୍ରିମାଳୀ ମଠ, ଉତ୍ତର ପାର୍ଶ୍ୱ ମଠ, ରାଘବ ଦାସ ମଠ ପ୍ରଭୃତି ପ୍ରତିଷ୍ଠିତ ଥିଲାବେଳେ ଶ୍ରୀରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ବଡ଼ଛତା ମଠ, ଛାଉଣୀ ମଠ, ବଳରାମକୋଟ ମଠ, ପଞ୍ଜାବୀ ମଠ, ତୋରାଣିଛତ୍ର ମଠ, ସାନଛତା ମଠ, ବଡ଼ ଆଖେଡ଼ା ମଠ ଏବଂ ଦଶନାମୀ ସମ୍ପ୍ରଦାୟର ଲଙ୍ଗୁଳି ଓରଫ ଲକ୍ଷ୍ମୀଭଦ୍ର ମଠ, ନିମ୍ବାର୍କ ସମ୍ପ୍ରଦାୟର ରାଧାବଲ୍ଲଭ ମଠ, ଉଦାସୀନ ସମ୍ପ୍ରଦାୟର ମଙ୍ଗୁମଠ, ଗୌଡ଼ୀୟ ସମ୍ପ୍ରଦାୟର ହାବେଳି ମଠ, ପୋଡ଼ା ମଠ ଇତ୍ୟାଦି ଅବସ୍ଥିତ।

ବିଗତ ଦୁଇ ବର୍ଷ ଧରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ଉଚ୍ଛେଦ ପ୍ରକ୍ରିୟାରେ କେତେକ ମଠର ବିଜେସ୍ଥଳୀର ଅଧିକାଂଶ ସ୍ଥାନ ଲୋପ ପାଇଯାଇଛି। ତନ୍ମଧ୍ୟରେ ଏମାର ମଠ, ମଙ୍ଗୁ ମଠ, ନରସିଂହାଚାରୀ ମଠ, କୌଶଲ୍ୟା ଦାସ ମଠ, ସାନଝାଡ଼ୁ ମଠ, ତ୍ରିମାଳୀ ମଠ, ଉତ୍ତର ପାର୍ଶ୍ୱ ମଠ, ହାବେଳି ମଠ, ସାନଛତା ମଠ, ଶଙ୍ଖଚକ୍ର ମଠ, ରେବସା ମଠ, ପଞ୍ଜାବୀ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ବଡ଼ ଆଖେଡ଼ା ମଠ, ଲଙ୍ଗୁଳି (ଲକ୍ଷ୍ମୀଭଦ୍ର) ମଠ, କଟକୀ ମଠ, ତୋରାଣିଛତ୍ର ମଠ, ପୋଡ଼ା ମଠ ଅନ୍ତର୍ଭୁକ୍ତ। ଏତଦ୍ ବ୍ୟତୀତ ରାଧାବଲ୍ଲଭ ମଠ ଓ ବଳରାମକୋଟ ମଠ ବିଜେସ୍ଥଳୀର କିଛି ଅଂଶ ଉଚ୍ଛେଦ ପ୍ରକ୍ରିୟାରେ ରହିଅଛି। ଏହି ମଠଗୁଡ଼ିକୁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇଥିବା ଜଣାଯାଏ। ଉଚ୍ଛେଦ ପ୍ରକ୍ରିୟାରେ ମଠର ଜମିଗୁଡ଼ିକ ଶ୍ରୀମନ୍ଦିର ଐତିହ୍ୟ କରିଡର ଯୋଜନାରେ ବ୍ୟବହୃତ ହେଉଥିବା ଜଣାଯାଏ।


ସାନଛତା ମଠ

**ଉଚ୍ଛେଦ ହୋଇଥିବା ମଠାନୁଷ୍ଠାନଗୁଡ଼ିକ ସହ ଶ୍ରୀମନ୍ଦିର ସେବା ପୂଜା ସମ୍ବନ୍ଧୀୟ ସମ୍ପୃକ୍ତି:**

**୧– ଏମାର ମଠ:** ଦୈନିକ ଶ୍ରୀମନ୍ଦିର ଗୋପାଳବଲ୍ଲଭ ଭୋଗ ନିମନ୍ତେ ବଲ୍ଲଭଭୋଗ ଯୋଗାନ୍ତି। ଏଥିପାଇଁ ମଠ ବିଜେସ୍ଥଳୀରେ ଏକ ବଲ୍ଲଭ ଘର ରହିଥିଲା। ବଡ଼ସିଂହାର ବେଶକୁ ଚନ୍ଦ୍ରିକା ଓ ଚଉସରା ମାଳ ଯୋଗାନ୍ତି। ମଠାଧୀଶଙ୍କର ଉପଚାର ଚାମର ଓ ଆଲଟ ସେବା କରିବାର ଅଧିକାର ରହିଛି। ବିଭିନ୍ନ ଯାନିଯାତ୍ରାରେ ପଂକ୍ତିଭୋଗ କରାନ୍ତି। ପ୍ରତ୍ୟହ ବହୁ ପରିମାଣର ଖଟଣି ଭୋଗ ପରମ୍ପରା ଏହି ମଠର ରହିଥିଲା। ଶ୍ରୀମନ୍ଦିର ରୋଷଶାଳାରେ ଚୁଲି ଓ ସରଘର ରହିଅଛି।

**୨– ମଙ୍ଗୁ ମଠ:** ଉପଚାର ଚାମର ସେବା, ରଥଯାତ୍ରାରେ ପଂକ୍ତିଭୋଗ ଇତ୍ୟାଦି ମଠ ତରଫରୁ କରାନ୍ତି।

**୩–ଉତ୍ତରପାର୍ଶ୍ୱ ମଠ–** ମଠାଧୀଶଙ୍କର ଚାମର, ଆଲଟ ସେବା ଅଛି। ଶ୍ରୀମନ୍ଦିରରେ ମହନ୍ତାଇ ଶାଢ଼ିବନ୍ଧା ରହିଛି। ସକାଳ ଅବକାଶ ନୀତି ପାଇଁ ଦହି, କର୍ପୂର ଇତ୍ୟାଦି ସାମଗ୍ରୀ ଯୋଗାଇଥାନ୍ତି। ବେଶ ନିମନ୍ତେ ଏକ ଗୋଟି ଶ୍ରୀପୟରମାଳା ପ୍ରତ୍ୟହ ଶ୍ରୀମନ୍ଦିରକୁ ପଠାଇଥାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମଣୋହି ନିମନ୍ତେ ଦୈନିକ ୫ ସେର ମୋହନଭୋଗ କରିବା ନିମନ୍ତେ ଜମି ପାଇଅଛନ୍ତି। ଶ୍ରୀମନ୍ଦିରର ବିଭିନ୍ନ ଉତ୍ସବାଦିରେ ଓ ଠାକୁରମାନଙ୍କ ପହଣ୍ଡି ବିଜେ ସମୟରେ ପଂକ୍ତିଭୋଗ କରାନ୍ତି। ଶ୍ରୀମନ୍ଦିର ରୋଷଶାଳାରେ ମଠର ଖଟଣି ଭୋଗ ନିମନ୍ତେ ଚୁଲା ରହିଅଛି।

**୪–ସାନଛତା ମଠ–** ମଠାଧୀଶଙ୍କର ଚାମର ଓ ଆଲଟ ସେବା ରହିଛି। ସ୍ନାନ ପୂର୍ଣ୍ଣମୀ ଦିନ ମଠ ବିଜେସ୍ଥଳୀଠାରେ ପଂକ୍ତିଭୋଗ କରାନ୍ତି।

**୫– ଶ୍ରୀରାମଦାସ ମଠ (ଦକ୍ଷିଣପାର୍ଶ୍ୱ ମଠ)–** ଶ୍ରୀମନ୍ଦିରରେ ମଠ ମହନ୍ତଙ୍କ ଉପଚାର ଚାମର ଓ ଆଲଟ ସେବା ରହିଅଛି। ଅତୀତରେ ଚନ୍ଦନଚକଡ଼ାଠାରେ ମଠର ସର୍ବାଙ୍ଗ ସେବା ରହିଥିଲା। ଘୋଡ଼ ଲାଗିକୁ ଘୋଡ଼ବସ୍ତ୍ର ଯୋଗାନ୍ତି। ମକର ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ବେଶ ସାମଗ୍ରୀ ମଠ ତରଫରୁ ଶ୍ରୀମନ୍ଦିରକୁ ଆସିଥାଏ। ମଠର ମହାଦେଇ ଥାଳି ଖେଚେଡ଼ି ଓ ଖଟଣି ଭୋଗ ନିମନ୍ତେ ମଠ ମାର୍ଫତରେ ଶ୍ରୀମନ୍ଦିର ରୋଷଶାଳାରେ କେତେକ ଚୁଲି ଓ ସରଘରମାନ ପ୍ରଦତ୍ତ ହୋଇଥିଲା। ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେରେ ପଂକ୍ତିଭୋଗ କରାନ୍ତି।

**୬–ତ୍ରିମାଳୀ ମଠ:** ଉପଚାର ଚାମର ସେବା ରହିଛି। ଅବକାଶ ନୀତି ବେଳେ ଦିହୁଡ଼ି ଯୋଗାନ୍ତି। ଦୈନିକ ବଲ୍ଲଭ ଭୋଗ ସାମଗ୍ରୀ ଶ୍ରୀମନ୍ଦିରକୁ ପଠାଇଥାନ୍ତି। ଖଟଣି ଭୋଗ ସମେତ ରଥଯାତ୍ରା ଓ ଅନ୍ୟାନ୍ୟ ଯାନିଯାତ୍ରା ଦିନଗୁଡ଼ିକରେ ପଂକ୍ତିଭୋଗ କରାନ୍ତି।


ମଙ୍ଗୁ ମଠ

**୭– ରେବସା ମଠ:** ଏହି ମଠର ମଠାଧୀଶଙ୍କ ଉପଚାର ଚାମର ଓ ଆଲଟ ସେବା ରହିଛି। ରଥଯାତ୍ରାରେ ଶ୍ରୀମନ୍ଦିର ପରିସରରେ ଠାକୁରମାନଙ୍କ ପହଣ୍ଡି ସମୟରେ ପଂକ୍ତିଭୋଗ କରାନ୍ତି। ଶ୍ରୀମନ୍ଦିରରେ ଏଥିପାଇଁ ମଠ ମାର୍ଫତରେ ସରଘର ମିଳିଥିଲା।

**୮–ରାଧାବଲ୍ଲଭ ମଠ:** ମଠାଧୀଶଙ୍କର ଶ୍ରୀମନ୍ଦିରରେ ଉପଚାର ଚାମର ଓ ଆଲଟ ସେବା ରହିଛି। ବିଭିନ୍ନ ଉତ୍ସବାଦିରେ ପଂକ୍ତିଭୋଗ କରିବା ସମେତ ଶ୍ରୀମନ୍ଦିର ପରିସରରେ ମଠ ମାର୍ଫତରେ ଏକ ରାଧାବଲ୍ଲଭ ମନ୍ଦିର ରହିଛି। ଏହି ଠାକୁରଙ୍କ ସେବା ପୂଜା ମଠ ତରଫରୁ କରାଯାଉଛି।

**୯– ଲଙ୍ଗୁଳି ଓରଫ ଲକ୍ଷ୍ମୀଭଦ୍ର ମଠ:** ମଠ ସନ୍ନ୍ୟାସୀମାନଙ୍କ ସକାଶେ ଦୈନିକ ଝଡ଼ାଇନେଦା ୧ ଓଳି ପାଇବେ। ଶ୍ରୀମନ୍ଦିର ରୋଷଶାଳାରେ ଏହି ମଠ ମାର୍ଫତରେ ୩ଟି ଚୁଲା ରହିଛି।

**୧୦– ସାନଝାଡ଼ୁ ମଠ:** ଶ୍ରୀମନ୍ଦିର ନାଟମଣ୍ଡପ ଓ କୂର୍ମବେଢ଼ା ଅଗଣା ଇତ୍ୟାଦି ଦୈନିକ ମାର୍ଜନା ସେବା।

**୧୧– ପଞ୍ଜାବୀ ମଠ:** ଦୈନିକ ଶ୍ରୀମନ୍ଦିର ରୋଷରେ ଖଟଣି ଭୋଗ ନିମନ୍ତେ ରୋଷଶାଳାରେ ଚୁଲି ରହିଛି।

**୧୨– ନରସିଂହାଚାରୀ ମଠ:** ଦୈନିକ ଶ୍ରୀମନ୍ଦିରରେ ଖଟଣି ଭୋଗ, ଯାନିଯାତ୍ରାରେ ପଂକ୍ତିଭୋଗ। ଶ୍ରୀମନ୍ଦିର ପରିସରରେ ଚୁଲି ଓ ସରଘର ମଠ ମାର୍ଫତରେ ରହିଛି।

**୧୩– କୌଶଲ୍ୟା ଦାସ ମଠ:** ଶ୍ରୀମନ୍ଦିରରେ ଖଟଣି ଭୋଗ ନିମନ୍ତେ ରୋଷଶାଳାରେ ଚୁଲି ରହିଛି।

**୧୪– ବଳରାମ କୋର୍ଟ ମଠ:** ଏହି ମଠ ମହନ୍ତଙ୍କର ଶ୍ରୀମନ୍ଦିରରେ ଉପଚାର ଚାମର ଓ ଆଲଟ ସେବା ରହିଛି।

**(ଜଣେ ପାଠକଙ୍କ ଦ୍ୱାରା ଇ–ମେଲ୍ ଯୋଗେ ହସ୍ତଗତ ହୋଇଥିବା ଲେଖା)**

# ଥୋମାସ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା

- ପ୍ରତ୍ୟେକ ଖେଳାଳିଙ୍କୁ ୧୦ ଲକ୍ଷ ପୁରସ୍କାର
- 'ଓଡ଼ିଶା ଓପନ' ଆରମ୍ଭ ହେବ

**ଭୁବନେଶ୍ୱର,୮।୬(ବ୍ୟୁରୋ)**

ଥୋମାସ କପ୍–୨୦୨୨ ବିଜେତା ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହ ପ୍ରତ୍ୟେକ ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ଏକ ମେମୋଣ୍ଟୋ ପ୍ରଦାନ କରିଛନ୍ତି। ଥୋମାସ କପ୍ ବିଜେତା ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୁଧବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦଙ୍କ ସମେତ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ୧୪ ଥର ଥୋମାସ କପ୍ ବିଜେତା ଇଣ୍ଡୋନେସିଆକୁ ପରାସ୍ତ କରି ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍ ଟାଇଟଲ ହାସଲ କରି ଇତିହାସ ରଚିଛି। କ୍ରିକେଟ, ହକି ପରେ ଏହା ତୃତୀୟ ଘଟଣା, ଯାହାକି ଦଳଗତ

### ଭାରତରେ ବ୍ୟାଡ୍‌ମିଣ୍ଟନର ଏକ ନୂଆ ଯୁଗ ଆରମ୍ଭ ହୋଇଛି: ମୁଖ୍ୟମନ୍ତ୍ରୀ




ପ୍ରତିଯୋଗିତାରେ ଭାରତ ବିଶ୍ୱ ବିଜେତା ହୋଇପାରିଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଶ୍ୱ ଚାମ୍ପିୟନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ସୃଷ୍ଟି କେନ୍ଦ୍ର ପାଲଟିଛି। ଭାରତରେ ବ୍ୟାଡ୍‌ମିଣ୍ଟନ ପାଇଁ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ସମଗ୍ର ଦେଶରେ ପିଲା ଓ ମାତାପିତାଙ୍କ ମଧ୍ୟରେ ଏହି ଖେଳକୁ ନେଇ ବହୁତ ଉତ୍ସାହ ଦେଖାଦେଇଛି। ଦେଶ ପାଇଁ ଥୋମାସ କପ୍ ବିଜୟ ଏକ ଐତିହାସକ ମୁହୂର୍ତ୍ତ। ବ୍ୟାଡ୍‌ମିଣ୍ଟନ ଭଳି କଷ୍ଟକର ଖେଳରେ ଆମ ପିଲାମାନେ ବିଶ୍ୱ ଚାମ୍ପିୟନ ହୋଇ ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛନ୍ତି। ଏକ ଦଶନ୍ଧି ପୂର୍ବରୁ ଏହି ଖେଳ ବିଷୟରେ କେହି ଚିନ୍ତା କରୁ ନ ଥିଲେ। ଏଥିପାଇଁ କେନ୍ଦ୍ର, ରାଜ୍ୟ ସରକାର, କୋଚ୍ ଗୋପୀଚାନ୍ଦ ଓ ବ୍ୟାଡ୍‌ମିଣ୍ଟନ ସଂଘକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଗତ ୧୦ ବର୍ଷ ଧରି ଭାରତ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରି ଆସୁଛି। ଓଡ଼ିଶା ଏହି ଖେଳ ପାଇଁ ବହୁ ପୁଞ୍ଜିନିବେଶ କରିଛି। ଆସନ୍ତା କିଛି ମାସ ମଧ୍ୟରେ ଗୋପୀଚାନ୍ଦଙ୍କ ସହଯୋଗରେ ଓଡ଼ିଶାରେ ବ୍ୟାଡ୍‌ମିଣ୍ଟନ ହାଇପରଫରମାନ୍ସ ସେଣ୍ଟର କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିସହିତ ରାଜ୍ୟରେ ୮୯ ବହୁମୁଖୀ ଇନ୍‌ଡୋର ହଲ୍ ନିର୍ମାଣ ଚାଲିଛି। ଏହା ରାଜ୍ୟରେ ବ୍ୟାଡ୍‌ମିଣ୍ଟନକୁ ପ୍ରୋତ୍ସାହିତ କରିବାରେ ସହାୟତା କରିବ। ଖୁବ୍‌ଶୀଘ୍ର ବାର୍ଷିକ କ୍ରୀଡ଼ା ଓଡ଼ିଶା ଓପନ ଆରମ୍ଭ ହେବ। ଏହା ବହୁ ଅନ୍ତର୍ଜାତୀୟ କ୍ରୀଡାବିତ୍‌ଙ୍କୁ ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଟିମ୍‌ର ଜାତୀୟ ମୁଖ୍ୟ କୋଚ ପୁଲେଲା ଗୋପୀଚାନ୍ଦ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟ ନିଜ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ଲାଗିଛନ୍ତି। ସମସ୍ତ ଖେଳକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶା ଏକମାତ୍ର ରାଜ୍ୟ। ଏହି ସମ୍ବର୍ଦ୍ଧନା ଉତ୍ସବ ଆମକୁ ପ୍ରେରଣା ଯୋଗାଇବ। ଏଥିପାଇଁ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ରୋହିତ ପୂଜାରୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ପ୍ରମୁଖ ଯୋଗ ଦେଇଥିଲେ।

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। **-ଶ୍ରୀମା**



# ଯୁଦ୍ଧ ଓ ସଂସ୍କୃତି



ଇଆନ ବୁରୁମା

ନିକଟରେ ଟାଇମ୍ସ ଲିଟେରାରି ସପ୍ଲିମେଣ୍ଟରେ ୟୁକ୍ରେନ୍ ଔପନାସିକ, ପ୍ରାବନ୍ଧିକ ତଥା କବି ଓକ୍ସାନା ଜାବୁଝକୋଙ୍କର ଏକ ରୋଚକ ପ୍ରବନ୍ଧ ପ୍ରକାଶ ପାଇଥିଲା। ଏଥିରେ ରୁଷିଆର ଅସଭ୍ୟ ଆଚରଣକୁ ସ୍ୱୀକାର କରୁ ନ ଥିବାରୁ ପାଶ୍ଚାତ୍ୟ ପାଠକମାନଙ୍କୁ ସେ ସମାଲୋଚନା କରିଥିଲେ। ଜାବୁଝକୋଙ୍କ ଯୁକ୍ତିରେ, ଅନେକେ ବିଶ୍ୱାସ କରନ୍ତି ଯେ, ଫାୟୋଡର ଦୋସ୍ତୋଭସ୍କିଙ୍କ ଭଳି ରୁଷୀୟ ଲେଖକମାନେ ମାନବବାଦୀ ୟୁରୋପୀୟ ମୂଲ୍ୟବୋଧକୁ ପ୍ରକାଶ କରିଥିଲେ। ତାଙ୍କ ମତରେ ସେମାନେ ବାସ୍ତବରେ ରୁଷିଆର ବର୍ବରତାକୁ ଗଭୀର ଭାବେ ଅନୁଧ୍ୟାନ କରିନାହାନ୍ତି। ଜାବୁଝକୋ ବିଶ୍ୱାସ କରନ୍ତି ଯେ, ରୁଷିଆର ସାହିତ୍ୟ ଏକ ପୁରାତନ ସଂସ୍କୃତିକୁ ପ୍ରତିପାଦିତ କରେ, ଯେଉଁଥିରେ ସାମାନ୍ୟ ଘୃଣା ପ୍ରକାଶ ପାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଏକ କ୍ରୂର ଏବଂ ଦୀର୍ଘକାଳ ଧରି ରହିଥିବା ଘୃଣା ଓ ଈର୍ଷାର ପରିପ୍ରକାଶ ବୋଲି ବୁଝାଯାଇପାରେ। ତେବେ ଅତୀତରୁ ଏହି ପ୍ରକାର ସାଂସ୍କୃତିକ ବିଶ୍ଳେଷଣ ଲାଗି ରହିଛି। ତୃତୀୟ ରିଚ୍ ବା ନାଜି ଜର୍ମାନୀର ତୃତୀୟ ସାମ୍ରାଜ୍ୟ ଲୁଥରଙ୍କଠାରୁ ଆରମ୍ଭ କରି ହିଟଲରଙ୍କ ପର୍ଯ୍ୟନ୍ତ ଏହାକୁ ଉପସ୍ଥାପନ କରାଯାଉଥିଲା। କିନ୍ତୁ ଏହାର ପ୍ରାମାଣିକ ସିଦ୍ଧାନ୍ତ ମିଳିଲା ପରେ ଜଣାପଡ଼ିଲା ଯେ, ହିଟଲରଙ୍କ ଜନ୍ମର ୩୫୦ ବର୍ଷ ପୂର୍ବରୁ ଲୁଥରଙ୍କ ୟୁହୁଦୀ ବିରୋଧୀ ମନୋଭାବ ନାଜିବାଦର ମଞ୍ଜି ବୁଣିଥିଲା।

୧୯୪୦ ଦଶନ୍ଧିରେ ଜାପାନ ଉପରେ ଅନେକ ଏଭଳି ସମାନ ପ୍ରକାର ବିଚାରଧାରା ଏପରିକି ଏହାଠାରୁ ଅଧିକ ଦୋଷ ଲଦି ଦେଇଥିଲେ। ଜାପାନରେ ହିଟଲରଙ୍କ ଭଳି ଜଣେ ଏକଚ୍ଛତ୍ରବାଦୀ କିମ୍ବା ନାଜି ଭଳି ପାର୍ଟି ନ ଥିବାରୁ, ସମାଲୋଚକମାନେ ଏହାର ବିଂଶ ଶତାବ୍ଦୀର ଦୃଢ ସୈନ୍ୟବାଦ ପାଇଁ ଦେଶର ସଂସ୍କୃତିକୁ ଦାୟୀ କରିଥିଲେ। ଜର୍ମାନମାନେ ସେମାନଙ୍କ ପ୍ରାଣଘାତୀ ସଂସ୍କୃତିରୁ କୌଣସି ପ୍ରକାରେ ମୋଜାରତ ଏବଂ ଗୋଥିଙ୍କ ୟୁରୋପୀୟ ପରମ୍ପରାକୁ ଫେରି ଆସିଥିବାବେଳେ, ଜାପାନ କଥିତ ରୂପେ ସେମିତି ରହିଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ସେନା ଅଧିକାରୀମାନେ ଜାପାନର ସାମରିକ ମାନସିକତା ଓ ସମାନ୍ତବାଦର ସୂଚକ ଯଥା ; କାବୁକି ନାଟକ, ଖଣ୍ଡାଯୁଦ୍ଧ ଡ୍ରାମା ଏବଂ ଏପରିକି ପବିତ୍ର ମାଉଣ୍ଟ ଫିଜିର ଛବି ଉପରେ କଟକଣା ଲଗାଇଲେ। ଏହା ଜାପାନୀମାନଙ୍କୁ ଉତ୍ତେଜିତ କଲା, କିନ୍ତୁ ଅଧିକାଂଶ ଲୋକ ଯୁଦ୍ଧ ପରେ ଅତ୍ୟନ୍ତ ଖରାପ ସ୍ଥିତିରେ ବଞ୍ଚୁଥିବାରୁ ଏହି କଟକଣା ଉପରେ ସ୍ୱର ଉଠି ନ ଥିଲା। ତେବେ ତାହା କୌଣସି ପ୍ରକାରେ ଏହାକୁ ଶୀଘ୍ର ଉଠାଇ ନିଆଗଲା। ଏବେ କିନ୍ତୁ ଉଭୟ ଜର୍ମାନୀ ଏବଂ ଜାପାନରେ ଦୃଢ଼ ବାମପନ୍ଥୀ ଗୋଷ୍ଠୀ ସାମରିକବାଦକୁ ଚାରିଆଡେ ଗର୍ବର ସହ କହିଚାଲିଛନ୍ତି।



ଅଧିକାଂଶ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏମିତି ବି ହେଉଛି। ସୈନ୍ୟବାଦ ନ ଥିଲେ ଜାପାନର ସାମରିକ ବିଚାରଧାରା କିମ୍ବା ସମକାଳୀନ ଜର୍ମାନୀର ଜାତିଗତ ବର୍ବରତା ଦେଖିବା କଷ୍ଟକର ହୋଇଥାଆନ୍ତା। ଅନ୍ୟପକ୍ଷେ, ଉଭୟ ଦେଶ ଏବେ ଅତ୍ୟନ୍ତ ଶାନ୍ତ। ଜର୍ମାନୀ ଏବେ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ତୁଳନାରେ ଅଧିକ ପ୍ରବାସୀ ଓ ଶରଣାର୍ଥୀଙ୍କୁ ସେମାନେ ସ୍ୱାଗତ କରୁଛନ୍ତି। ଏହାର ମାନେ ନୁହେଁ ଯେ ସାଂସ୍କୃତିକ ପୁନର୍ଶିକ୍ଷା ଏଠି କାମ କରିଛି। ବରଂ ଏଥିରୁ ବୁଝାପଡୁଛି ଯେ, ସାଂସ୍କୃତିକ ବିଶ୍ଳେଷଣକୁ ସବୁବେଳେ ଭୁଲ୍ ବାଟରେ ନିଆଯାଉଥିଲା।

ବିଶ୍ୱ ଇତିହାସ ଉପରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ବର୍ବର ଆଚରଣ ଓ ପ୍ରାଣଘାତୀ ଶାସନଗୁଡ଼ିକ ଯେକୌଣସିଠାରେ ବି ମୁଣ୍ଡ ଟେକିପାରେ। ସପ୍ତଦଶ ଶତାବ୍ଦୀରେ ୩୦ ବର୍ଷର ଯୁଦ୍ଧ ମଧ୍ୟରେ କେତେକ ଦେଶର ନେତା ସବୁଠୁ ଖରାପ ଏକଚ୍ଛତ୍ରବାଦ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଯେତେବେଳେ ସାଧାରଣ ଲୋକଙ୍କ ସମର୍ଥନ ପାଉଥିବା ରାଜନେତା ଓ ଏକଚ୍ଛତ୍ରବାଦୀମାନେ ସେମାନଙ୍କ ଉଗ୍ର ଭାବ ପ୍ରଦର୍ଶନ କରିଥାଆନ୍ତି ଏବଂ ସେମାନଙ୍କ ଅଜ୍ଞାନୀ ତଥା ଅହଂକାରୀ ପ୍ରବୃତ୍ତି ଆରମ୍ଭ କରିଦିଅନ୍ତି ସେତେବେଳେ ଅତି ସଭ୍ୟତାସମ୍ପନ୍ନ ଲୋକ ବି ବର୍ବର ହୋଇଯାଆନ୍ତି। ସୈନ୍ୟମାନେ ଅନ୍ୟ ଦେଶକୁ ଆକ୍ରମଣ କରିବା ସମୟରେ ବହୁ ସମୟରେ ବଳାତ୍କାର,ନିର୍ଯାତନା ଏବଂ ଗଣହତ୍ୟା ଭଳି କାର୍ଯ୍ୟ କରିଥାନ୍ତି। ଶତ୍ରୁକୁ ଭୟଭୀତ କରିବା ଏବଂ ଆତ୍ମସମର୍ପଣ କରିବା ଲଗି କମାଣ୍ଡିଂ ଅଧିକାରୀମାନେ ବହୁ ସମୟରେ ଏହି କାର୍ଯ୍ୟଗୁଡ଼ିକ ଉତ୍ସାହିତ କରିଥାନ୍ତି। ଅଧିକାରୀମାନେ ଅନେକ ସମୟରେ ଶୃଙ୍ଖଳା ଭଙ୍ଗ ଓ ନିଜ ଉପରୁ ନିୟନ୍ତ୍ରଣ ହରାଇବା ଦ୍ୱାରା ଏହା ଘଟିଥାଏ। ଜାପାନ ଓ ଜର୍ମାନୀବାସୀ ଏହା ଭଲ ଭାବେ ଜାଣିଛନ୍ତି। ସର୍ବିୟା, କୋରିଆ, ଆମେରିକା, ରୁଷିଆ ଓ ଆହୁରି ଅନେକ ଦେଶର ଲୋକ ଏ ସମ୍ପର୍କରେ ଅବଗତ।

ଅନ୍ୟମାନଙ୍କ ତୁଳନାରେ କେତେକ ଦେଶର ରାଜନୈତିକ ଦମନମୂଳକ ଶାସନର ଲମ୍ବା ଇତିହାସ ରହିଛି। ଏହି ପରିପ୍ରେକ୍ଷୀରେ ରୁଷିଆ ଭାଗ୍ୟଶାଳୀ ନୁହେଁ। ଜଣେ କହିପାରନ୍ତି ଯେ, ରାଜତନ୍ତ୍ରଙ୍କଠାରୁ ଭ୍ଲାଡିମିର ପୁଟିନ୍‌ଙ୍କ ପର୍ଯ୍ୟନ୍ତ ଦମନମୂଳକ ଶାସନରେ ରୁଷିଆନ ଅର୍ଥୋଡକ୍ସ ଚର୍ଚ୍ଚର ଶକ୍ତିଶାଳୀ ତତ୍ତ୍ୱଗୁଡ଼ିକର ଭାଗୀଦାରି ରହିଆସିଛି। ଏଣୁ ପୁଟିନ ଶାସନକୁ କୁଶାସନ ବୋଲି ଦାବି କରିବା ଏବଂ ରୁଷିଆ ସଂସ୍କୃତିର ପରିଣାମ ଯୋଗୁ ଏହା ଲୁଥର ଅବା ହିଟଲରଙ୍କ ଶାସନ ଫାଶରେ ପଡ଼ିଗଲା ବୋଲି ଦାବି କରିବା ସ୍ୱାଭାବିକ। ଯୁଦ୍ଧ ପରେ ଜର୍ମାନୀ ଏବଂ ଜାପାନ ଦେଖାଇ ଦେଇଛନ୍ତି କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ଏବଂ ଜାତୀୟ ଛବିକୁ ଖୁବ୍ ଶୀଘ୍ର ପରିବର୍ତ୍ତନ କରାଯାଇପାରିବ। ରୁଷୀୟ ସଂସ୍କୃତିର ଅତ୍ୟଧିକ ପ୍ରତିବଦ୍ଧତାକୁ ପୁଟିନ୍‌ଙ୍କ ଆକ୍ରମଣ ବର୍ବରତା ଏବଂ ୟୁକ୍ରେନରେ ଯୁଦ୍ଧର ଭୟଙ୍କର ସ୍ଥିତିର ମୂଳ କାରଣ ବୋଲି କହିବା ଯେତିକି କ୍ଷତିକାରକ ସେତିକି ପଥଭ୍ରଷ୍ଟତାକୁ ସୂଚାଉଛି। ରୁଷିଆର ସମସ୍ତ ସଂସ୍କୃତି ବୃହତ୍ ଏବଂ ଏହାକୁ ପରିବର୍ତ୍ତନ କରିବା କଷ୍ଟକର। ୟୁରୋପୀୟ ଜ୍ଞାନ ସେଣ୍ଟ ପିଟର୍ସବର୍ଗ ଏବଂ ଅନେକ ରୁଷୀୟ ଲେଖକ, କମ୍ପୋଜରମାନଙ୍କୁ ଠିକ୍ ରାସ୍ତାରେ ରଖିଛି ଏବଂ ଏହାର କଳାକାରମାନେ ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀରୁ ପ୍ରେରଣା ପାଇଛନ୍ତି। ହେଲେ ରୁଷୀୟ ସଂସ୍କୃତିର ଐତିହାସିକ ଦିଗ ପାଶ୍ଚାତ୍ୟ ସଂସ୍କୃତିର ସନ୍ଦେହାତ୍ମକ ଓ ଅଗ୍ରହଣୀୟତା ହୋଇ ରହିଛି। ଅହଂକାରୀ, ପତନଶୀଳ ଓ ଭ୍ରଷ୍ଟ ପାଶ୍ଚାତ୍ୟ ଆଧିପତ୍ୟ ବିସ୍ତାର କରିବାକୁ ଏବଂ ସେମାନଙ୍କ ଗର୍ବିତ ଭାବକୁ ଚପାଇଦେବା ଲାଗି ବାହାରିଛି ବୋଲି ପୁଟିନ୍ ତାଙ୍କ ଲୋକଙ୍କୁ ଅନୁଭବ କରାଇବାକୁ ଚାହିଁଛନ୍ତି। ପୁଟିନଙ୍କ ମନ୍ତବ୍ୟ ୧୯୪୧ରେ ଜର୍ମାନୀର ସୋଭିଏଟ ସଂଘ ଉପରେ ଆକ୍ରମଣର ଭୟଙ୍କର ସ୍ମୃତିକୁ ଉଜାଗର କରିଛି।

ୟୁକ୍ରେନ୍ ଯୁଦ୍ଧକୁ ଏବେ ବିବାଦ ଭାବେ ବିବେଚନା କରିବା ଯୋଗୁ କେବଳ ପୁଟିନଙ୍କ ଶାସନ ନୁହେଁ ବରଂ ରୁଷିଆର ସଂସ୍କୃତି ଏବଂ ସବୁ ରୁଷୀୟଙ୍କୁ ଶତ୍ରୁଭାବେ ଦେଖାଯାଉଛି। ଏଭଳି ବିଚାର ସବୁ ରୁଷୀୟମାନଙ୍କୁ ପୁଟିନ ତାଙ୍କ ସପକ୍ଷରେ ଆଣିବା ଲାଗି ଚାହିଁବା ସ୍ୱାଭାବିକ। ଏହା ସେହି ପ୍ରକାର ପ୍ରବୃତ୍ତି ବୃଦ୍ଧି କରିବ, ଯାହା ଯୁଦ୍ଧ ପରେ ମେଣ୍ଟଶକ୍ତି ଅତ୍ୟାବଶ୍ୟକ ତଥା ଅପରିବର୍ତ୍ତନୀୟ ଜାତୀୟ ଚରିତ୍ରର ପ୍ରତୀକ ଭାବେ ଜାପାନ ଓ ଜର୍ମାନୀକୁ ଭୁଲ ବୁଝିଥିଲେ। ଆମେ ଏଭଳି ଭୁଲ୍ କରିବା ଉଚିତ ନୁହେଁ। ଆମେ ରୁଷିଆ କିମ୍ବା ଏହା ସଂସ୍କୃତିକୁ ଦୋଷ ଦେବା ଅନୁଚିତ। ଏହା ବଦଳରେ ଆମେ ରୁଷିଆର କଳା, ନୃତ୍ୟ, ସାହିତ୍ୟକୁ ଉତ୍ସାହର ସହ ପାଳନ କରିବା ଉଚିତ । ସବୁ ରୁଷୀୟ ନୁହନ୍ତି , ପୁଟିନ ଏବଂ ତାଙ୍କ ନିକଟତର ଲୋକମାନେ ଯେଉଁମାନେ ରୁଷିଆକୁ ବିଷାକ୍ତ କରିଛନ୍ତି ସେମାନଙ୍କୁ ନିନ୍ଦା କରିବା ଦରକାର।

**ଲେଖକ, ଦି ଚର୍ଚ୍ଚିଲ କମ୍ପ୍ଲେକ୍ସ**

# ଏକ ଦେଶ: ଅନେକ ସମସ୍ୟା



ରବିନାରାୟଣ ସାମଲ

ମୁଣ୍ଡ ଖୋଲିଲେ ମୁଣ୍ଡ ଯିବ! ଏମିତି ଏକ ଭୟର ବାତାବରଣ ସାରା ଦେଶରେ। ବାରାଣସୀର ଜ୍ଞାନବାପୀ ମସ୍‌ଜିଦ୍ ପରିସରରୁ ଶିବଲିଙ୍ଗ ମିଳିବାକୁ ନେଇ ସନ୍ଦେହ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେଇଥିଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ରତନ ଲାଲ୍। ପୋଲିସ ତାଙ୍କୁ ଗିରଫ କଲା। ମାତ୍ର ପୋଲିସର କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରି କୋର୍ଟ ରତନ ଲାଲ୍‌ଙ୍କୁ ଜାମିନ ପ୍ରଦାନ କଲେ। ରାତି ପାହିଲେ ସଂଖ୍ୟାଲଘୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଲା ଭଳି ଶହ ଶହ ସଂଖ୍ୟାରେ ଘୃଣା ଓ ବିଦ୍ୱେଷ ଉଦ୍ରେକକାରୀ ପୋଷ୍ଟିଂ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। କାହିଁ ସେହି ପୋଷ୍ଟିଂକର୍ତ୍ତାଙ୍କ ବିରୋଧରେ ଗୋଟିଏ ହେଲେ କାର୍ଯ୍ୟାନୁଷ୍ଠାନ ତ ଦେଖିବାକୁ ମିଳୁନାହିଁ? ପ୍ରଫେସର ରତନ ଲାଲ୍ ସହଜ ଶିକାର ହୋଇଗଲେ କିପରି? ସରକାରଙ୍କ ନୀତି-ଅନୀତି ଉପରେ ଯଦି କେହି ପ୍ରଶ୍ନ ଉଠାଇଲା, ତାହା ହେଲେ ତାକୁ ନିସ୍ତାର ନାହିଁ। ଦେଶଦ୍ରୋହ ଆଇନ କିମ୍ବା ୟୁଏପିଏରେ ତାଙ୍କୁ ଜେଲ କୋଠରି ଦେଖିବାକୁ ପଡୁଛି। ବାଙ୍ଗାଲୋରର ୨୧ ବର୍ଷୀୟା ଯୁବତୀ ତଥା ଜଳବାୟୁ ସୁରକ୍ଷା କର୍ମୀ ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଟୁଲ୍‌କିଟ୍ ମାମଲାରେ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଥିଲେ। ଖଲିସ୍ତାନୀଙ୍କ ସହ ତାଙ୍କର ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କ ବିରୋଧରେ ଦେଶଦ୍ରୋହ ଆଇନ ଲାଗୁ ହୋଇଗଲା। ସାମ୍ବାଦିକ ପଦ୍ମଶ୍ରୀ ବିନୋଦ ଦୁଆ, ସିଦ୍ଦିକ୍ କପନ୍, ମନଦୀପ୍ ପୁନିଆ, ପାଉଜେଲ୍ ଚାଓବା ପ୍ରମୁଖ ଦେଶଦ୍ରୋହ ଆଇନର ଶିକାର ହୋଇଛନ୍ତି। ସାମାଜିକ କର୍ମୀ ବରାବରା ରାଓ, ସୁଧା ଭରଦ୍ୱାଜ, ଅରୁଣ ଫେଲେଇରା, ଭେରେନନ୍ ଗନ୍‌ସାଲଭେସ୍, ଗୌତମ ନଭଲେଖା ପ୍ରମୁଖ ବ୍ୟକ୍ତିଗଣ ୪ ବର୍ଷ ହେଲା ଜେଲ ହାଜତରେ ଶଢୁଛନ୍ତି। ସେମାନଙ୍କ ମଧ୍ୟରୁ ଷ୍ଟାନ୍ ସ୍ୱାମୀଙ୍କର ଇତିମଧ୍ୟରେ ଦେହାନ୍ତ ହୋଇଯାଇଛି। ସେମାନେ କୁଆଡ଼େ ସହରୀ ନକ୍ସଲ।

୧୨୪-କ (ଦେଶଦ୍ରୋହ ଆଇନ) ବଳରେ ଗତ ୫ ବର୍ଷରେ ୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ୧୫୩-କ (ଧାର୍ମିକ ବିଦ୍ୱେଷ ସୃଷ୍ଟି) ଆଇନରେ କେବଳ ୨୦୨୦ ରେ ୩ ହଜାର ୨୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ୟୁଏପିଏ (ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ) ବଳରେ ଗତ ୭ ବର୍ଷରେ ୧୦ ହଜାର ୫୫୨ ଜଣଙ୍କୁ ଗିରଫ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସମସ୍ତ ଗିରଫ ବ୍ୟକ୍ତି ସାମ୍ବାଦିକ, ସାମାଜିକ କର୍ମୀ, ବିରୋଧୀ ଦଳର ନେତା ଅଥବା ସଂଖ୍ୟାଲଘୁ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ। ଗତ ଏପ୍ରିଲ ୧୦ାଟ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଶୋଭାଯାତ୍ରାକୁ କେନ୍ଦ୍ର କରି ଦଙ୍ଗା ସୃଷ୍ଟି ହେଲା। ଦଙ୍ଗାଗ୍ରସ୍ତ ଅଞ୍ଚଳରେ ସରକାର ବୁଲ୍‌ଡୋଜର ଚଳାଇ ସଂଖ୍ୟାଲଘୁଙ୍କ ଘର ଭାଙ୍ଗିଦେଲେ। ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯିବାରୁ ସରକାର ସେଥିରୁ କ୍ଷାନ୍ତ ହେଲେ। ..

ୟୁନିଫର୍ମ ସହିତ ହିଜାବ ପରିଧାନ କରି ସ୍କୁଲ-କଲେଜକୁ ସଂଖ୍ୟାଲଘୁ ଛାତ୍ରୀମାନେ ଯିବା ନୂଆ କଥା ନୁହେଁ। କିନ୍ତୁ ହଠାତ୍ ଗତ ଜାନୁୟାରୀ ମାସରେ ହିଜାବକୁ କେନ୍ଦ୍ର କରି ବିବାଦ ଯେପରି ତୀବ୍ର ରୂପ ଧାରଣ କଲା, ତାହା ପୂରା ଅପ୍ରତ୍ୟାଶିତ ଥିଲା। ଗଲା କିଛି ବର୍ଷ ହେଲା ଭିଡ଼ ହିଂସାରେ କାହିଁରେ କେତେ ପ୍ରାଣ ହରାଇଲେଣି। ବାରାଣସୀର ଜ୍ଞାନବାପୀ ମସ୍‌ଜିଦ୍, ଦିଲ୍ଲୀର କୁତବମିନାର ଓ ଜାମା ମସ୍‌ଜିଦ୍, ଆଗ୍ରାର ତାଜମହଲ, ମଥୁରାର ସାହି ଇଦ୍‌ଘା ଆଦି ୬ଟି ଧର୍ମପୀଠ ବର୍ତ୍ତମାନ ବିବାଦରେ। ଭବିଷ୍ୟତରେ ଆହୁରି କେତେ ଯେ ପୀଠ ବିବାଦ ଭିତରକୁ ନ ଆସିବ, ତାହା ଏବେ କହି ହେବ ନାହିଁ। ମାତ୍ର ଉପାସନା ସ୍ଥଳ ଆଇନ-୧୯୯୧ କହେ, ୧୯୪୭ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଦେଶରେ ଥିବା ଧର୍ମପୀଠଗୁଡ଼ିକର ସ୍ଥିତାବସ୍ଥା ପୂର୍ବବତ୍ ବଜାୟ ରହିବ। କିନ୍ତୁ ଦିନକୁ ଦିନ ଧର୍ମପୀଠକୁ ନେଇ ମୁଣ୍ଡ ଟେକୁଥିବା ନୂଆ ନୂଆ ବିବାଦ ଏହି ଆଇନକୁ ଉଲ୍ଲଂଘନ କରିବାକୁ ଯାଉଛି। ଦେଶରେ ଅନେକ ସମସ୍ୟା। ୩୩ କୋଟି ଲୋକ ଅନାହାର-ଅର୍ଦ୍ଧାହାରରେ ଦିନ କାଟୁଛନ୍ତି। ବେରୋଜଗାରୀ ଉଗ୍ର ରୂପ ଧାରଣ କରିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ସଂଖ୍ୟାଧିକ ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ଦେଇଛି। ସୀମାପାର ସନ୍ତ୍ରାସବାଦ ସାଙ୍ଗକୁ ବାହ୍ୟ ଶତ୍ରୁଙ୍କ ଘନ ଘନ ସୀମା ଲଙ୍ଘନ ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଉଛି। ଏସବୁ ଦିଗ ପ୍ରତି ଧ୍ୟାନ ନ ଦେଇ ଜ୍ଞାନବାପୀ, କୁତବମିନାର, ତାଜମହଲ, ହିଜାବ ଉପରେ ଗୁରୁତ୍ୱ ଦେବା ଦେଶପ୍ରତି ଶୁଭଙ୍କର ହେବ ନାହିଁ।

**ମୋ:୭୯୭୫୦୪୬୪୮୬**

## ଏଇ ଭାରତରେ

ପରିବେଶକୁ ଭଲପାଉଥିବା ଲକ୍ଷ୍ମୀକୁଟ୍ଟି ଆମ୍ମା ଏକାଧାରରେ ଜଣେ ଶିକ୍ଷକ, କବି ଓ ଚିକିତ୍ସକ। କେରଳର ପୋନମୁଣ୍ଡି ନିକଟସ୍ଥ କଲ୍ଲାର ଜଙ୍ଗଲ ମଧ୍ୟରେ ରହନ୍ତି ଲକ୍ଷ୍ମୀକୁଟ୍ଟି। ସେ ବିଷଧର ସାପ ଦଂଶନରୁ ଲୋକମାନଙ୍କ ଜୀବନ ରକ୍ଷା କରୁଛନ୍ତି। ଏଯାବତ ସେ ୩୫୦ ଜଣଙ୍କ ଜୀବନ ରକ୍ଷା କରିସାରିଲେଣି। କେବଳ ଏତିକି ନୁହେଁ ଲକ୍ଷ୍ମୀକୁଟ୍ଟି ୧୫୦ ପ୍ରକାର ଔଷଧୀୟ ବୃକ୍ଷର ଯତ୍ନ ନେଉଛନ୍ତି। ୭୦ ବର୍ଷ ବୟସ ପାର କରିଯାଇଥିଲେ ମଧ୍ୟ ସେ ସକାଳ ୫ଟାରେ ଉଠି ଔଷଧୀୟ ବୃକ୍ଷ ଉପରେ ଗବେଷଣା ଜାରିରଖନ୍ତି। ଏହି ସବୁ କାର୍ଯ୍ୟ ଲାଗି ତାଙ୍କୁ ଲୋକେ 'ବନ ମୁଥାସି' ବା 'ଜଙ୍ଗଲର ଆଈମା' ବୋଲି ସମ୍ବୋଧନ କରନ୍ତି। ୫ ଦଶନ୍ଧି ହେଲା ସେ ସାପକାମୁଡ଼ା ଲାଗି ପାରମ୍ପରିକ ଔଷଧ ଦେବା ସହ ନୂତନ ପିଢିଙ୍କୁ ଚିକିତ୍ସାର ଧାରା ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏହି ଚିକିତ୍ସା ପଦ୍ଧତି ସେ ତାଙ୍କ ମା'ଙ୍କଠାରୁ ଶିକ୍ଷା କରିଥିଲେ। ସେ ଜଙ୍ଗଲରେ ସାପ ଓ ଅନ୍ୟ ବନ୍ୟଜନ୍ତୁଙ୍କ ସହ ରହୁଥିବାରୁ ତାଙ୍କୁ କେବେ ବି ସାପ କାମୁଡ଼ି ନାହାନ୍ତି ବୋଲି କହନ୍ତି ଲକ୍ଷ୍ମୀକୁଟ୍ଟି। ସେ ବହୁ ଉଚ୍ଚକୋଟୀର କବିତା ରଚନା କରିଛନ୍ତି ଓ କେରଳ ଫକ୍‌ଲୋରେ ଏକାଡେମିରେ ଲୋକ କଳା ଓ ସାହିତ୍ୟ ସମ୍ପର୍କରେ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୯୭

- କେନ୍ଦ୍ରୀୟ ଚୀନ୍‌ର ହୁନାନ୍ ପ୍ରଦେଶରେ ଦୀର୍ଘ ୧୦ ଘଣ୍ଟା ଧରି ନାହିଁ ନ ଥିବା ବର୍ଷା ହେବା ଫଳରେ ବନ୍ୟା ଆସି ୩୦ ଜଣଙ୍କ ମୃତ୍ୟୁ।
- ଏକାଧିକ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗରେ ସିଆର୍‌ବି ଅଧ୍ୟକ୍ଷ ସି.ଆର୍. ଭଁସାଲୀ ଗିରଫ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କର ଘନିଷ୍ଠ ସହଯୋଗୀ ରହିଆସିଥିବା ଏନ୍.କେ. ଶେଷାନଙ୍କ ୭୪ ବର୍ଷ ବୟସରେ ପରଲୋକ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | | 8 | | | |
| | 3 | | | | | 6 | 8 | |
| | 8 | | | | 7 | | 1 | 5 |
| | | | 6 | | 5 | | | |
| | 5 | | 4 | 8 | | 3 | | |
| | | 6 | | 9 | | | | |
| 9 | | | 2 | | | 4 | | |
| | | | | 1 | 9 | 2 | | |
| | | 1 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 3 | 7 | 4 | 6 | 5 | 9 | 1 |
| 6 | 7 | 5 | 9 | 3 | 1 | 4 | 2 | 8 |
| 1 | 9 | 4 | 8 | 5 | 2 | 6 | 3 | 7 |
| 8 | 4 | 7 | 5 | 6 | 9 | 3 | 1 | 2 |
| 9 | 6 | 2 | 4 | 1 | 3 | 8 | 7 | 5 |
| 3 | 5 | 1 | 2 | 8 | 7 | 9 | 6 | 4 |
| 7 | 2 | 8 | 6 | 9 | 5 | 1 | 4 | 3 |
| 4 | 1 | 6 | 3 | 7 | 8 | 2 | 5 | 9 |
| 5 | 3 | 9 | 1 | 2 | 4 | 7 | 8 | 6 |

ଗତକାଲିର ଉତ୍ତର

# ଚିନ୍ତାଜନକ ହାତୀ ମୃତ୍ୟୁ



ଅନିଲ ବିଶ୍ୱାଳ

ଏବେ ବିଭିନ୍ନ ଗଣମାଧ୍ୟମରେ କ୍ରମାଗତ ଯେଉଁଭଳି ଭାବରେ ଓଡ଼ିଶାରେ ହେଉଥବା ହାତୀ ମୃତ୍ୟୁର ଖବର ଦେଖିବା ପାଇଁ ମିଳୁଛି ତାହା ଅତ୍ୟନ୍ତ ଚିନ୍ତାଜନକ। ହାତୀ ଯଦିଓ ଏକ ବନ୍ୟପ୍ରାଣୀ ତଥାପି ଆଜି ନୁହେଁ, କାହିଁ କେଉଁ କାଳରୁ ମଣିଷ ସହ ତା'ର ଏକ ସୁସମ୍ପର୍କ ରହିଆସିଛି। ହେଲେ ଯେଉଁଭଳି ଭାବରେ ଓଡ଼ିଶାରେ ହାତୀମାନଙ୍କ ମୃତ୍ୟୁ ହେବାରେ ଲାଗିଛି ଆଗାମୀ ଦିନରେ ଓଡ଼ିଶା ଯେ ହାତୀ ଶୂନ୍ୟ ହୋଇଯିବ ଏପରି ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି। ଓଡ଼ିଶାର ହାତୀମାନେ ରହୁଥିବା ଏମିତି କେଉଁ ଜଙ୍ଗଲ ନାହିଁ ଯେଉଁଠି ଅସ୍ୱାଭାବିକ ହାତୀ ମୃତ୍ୟୁର ଖବର ଆସିନାହିଁ। କେବଳ ମେ'ମାସରେ ବୌଦ୍ଧ ଜିଲାର ବଘିଆପଡ଼ାରେ ମାତ୍ର ୩ଦିନ ଭିତରେ ଶିକାରୀମାନଙ୍କ ଦ୍ୱାରା ୨ଟି ହାତୀର ମୃତ୍ୟୁ ହୋଇଥିଲା। କେନ୍ଦୁଝର ଜିଲାରେ ଚମ୍ପୁଆ ରେଞ୍ଜରେ ମାଲବାହୀ ଟ୍ରେନ୍ ଧକ୍କାରେ ୨ ଛୁଆ ହାତୀ ସମେତ ୩ ହାତୀର ମୃତ୍ୟୁ ହୋଇଥିଲା। ସେହିପରି ଚନ୍ଦକାରେ ଅତି ଲୋକପ୍ରିୟ କୁମ୍‌କି ହାତୀ ନନ୍ଦର ମୃତ୍ୟୁ ହୋଇଥିଲା। ଅଭିଯୋଗ ହୋଇଥିଲା ବାରମ୍ବାର ନିଶ୍ଚେତକ ପ୍ରୟୋଗ ହେବା କାରଣରୁ ତା'ର ମୃତ୍ୟୁ ହୋଇଛି। ଏବେ ବଡ଼ମ୍ବାରୁ ଏକ ହାତୀର ମୃତଦେହ ଗଳିତ ଅବସ୍ଥାରେ ଜବତ ହୋଇଛି। ଏହାବାଦ୍ କଳାହାଣ୍ଡିର କର୍ଲାପାଟରେ ଫେବୃୟାରୀରେ ପାଖାପାଖିରେ ଲାଗ୍ ଲାଗ୍ ୬ଟି ହାତୀ ମୃତ୍ୟୁବରଣ କରିଥିଲେ। ସେହିପରି ନରସିଂହପୁର ବନାଞ୍ଚଳରେ ୫ଟି ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ହେଲେ ଏହାର ସମାଧାନ କ'ଣ ? କାହିଁକି ଓଡ଼ିଶାରେ ଏତେ ହାତୀଙ୍କର ମୃତ୍ୟୁ ହେଉଛି ତାହା ଏକ ବଡ଼ ପ୍ରଶ୍ନ।

ହାତୀ ମୃତ୍ୟୁ ସଂଖ୍ୟା ବଢ଼ିବା ପଛରେ ମୁଖ୍ୟତଃ ୩ଟି କାରଣ ରହୁଛି। ସେଗୁଡ଼ିକ ହେଲା ବିଦ୍ୟୁତ୍ ଆଘାତଜନିତ, ଶିକାରୀମାନଙ୍କ ଦ୍ୱାରା ହାତୀ ଶିକାର, ଆଉ ଗୋଟିଏ ହେଲା ଦୁର୍ଘଟଣା। ଓଡ଼ିଶାରେ ଗତ ୧୦ ବର୍ଷ ଭିତରେ ସରକାରୀ ସ୍ତରରେ ଯେଉଁ ୭୭୦ଟି ହାତୀର ମୃତ୍ୟୁକୁ ସ୍ୱୀକାର କରାଯାଇଛି ସେଥିରୁ ୨୩୮ଟି ହାତୀଙ୍କ ମୃତ୍ୟୁର କାରଣ ମନୁଷ୍ୟକୃତ ବୋଲି ଜଣାପଡ଼ିଥିବା ବେଳେ ଆଉ ୧୬୧ଟି ହାତୀଙ୍କ ମୃତ୍ୟୁର କାରଣ ଏବେବି ଅସ୍ପଷ୍ଟ ରହିଛି। ସେହି ସବୁରେ ହାତୀମାନଙ୍କ ଗଳିତ ମୃତଦେହ ନ ହେଲେ କେବଳ କଙ୍କାଳ ଜବତ କରାଯାଇଛି। ୨୦୧୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ଅନୁସାରେ ଯଦି କୌଣସି ଅଞ୍ଚଳରେ ହାତୀର ଅସ୍ୱାଭାବିକ ମୃତ୍ୟୁ ହୁଏ ତା'ହେଲେ ସେହି ଅଞ୍ଚଳର ଉପଖଣ୍ଡ ବନାଞ୍ଚଳ ଅଧିକାରୀ ସେଥିପାଇଁ ଦାୟୀ ରହିବେ। କିନ୍ତୁ ଆଜି ପର୍ଯ୍ୟନ୍ତ ଜଣେ ହେଲେ ଉପଖଣ୍ଡ ବନାଞ୍ଚଳ ଅଧିକାରଙ୍କୁ ନିଲମ୍ବନ କଥା ଛାଡ଼ନ୍ତୁ ବଦଳି ମଧ୍ୟ କରାଯାଇନାହିଁ। କିନ୍ତୁ ତଳତଳିଆ କର୍ମଚାରୀଙ୍କୁ ଦାୟୀ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଫଳରେ ସେମାନେ କୌଣସି ଜଙ୍ଗଲରେ ହାତୀ ମୃତ୍ୟୁ ହେଲେ ଜଣାଉନାହାନ୍ତି ବରଂ ସେହି ଘଟଣାକୁ ଚାପିଦେବା ପାଇଁ ଚେଷ୍ଟା କରୁଛନ୍ତି। ଏମିତି ଏଭଳି ଅନେକ ଘଟଣା ଏବେ ଦେଖିବାକୁ ମିଳୁଛି।

ଓଡ଼ିଶାରେ ହାତୀ ମୃତ୍ୟୁ ହାର ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଅଧିକ। ଯେତିକି ହାତୀ ଓଡ଼ିଶାରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କର ହାରାହାରି ହିସାବକୁ ଯଦି ଆମେ ଦେଖିବା



ତା'ହେଲେ ୧୯୯୦ରୁ ୨୦୦୦ଭିତରେ ବର୍ଷକୁ ହାରାହାରି ୩୩ଟି ହାତୀ ମୃତ୍ୟୁବରଣ କରୁଥିଲେ। ୨୦୦୦ରୁ ୨୦୧୦ ମଧ୍ୟରେ ହାରାହାରି ବର୍ଷକୁ ୪୬ଟି ହାତୀ ମୃତ୍ୟୁବରଣ କରିଥିଲେ। ୨୦୧୦ରୁ ଆଜି ପର୍ଯ୍ୟନ୍ତ ବର୍ଷକୁ ହାରାହାରି ୭୮ ହାତୀ ମୃତ୍ୟୁବରଣ କରିଛନ୍ତି। ଯେଉଁଭଳି ଭାବରେ ହାତୀ ମୃତ୍ୟୁର ଗ୍ରାଫ୍ ବଢ଼ିବାରେ ଲାଗିଛି ତାହା ଯଦି ଏପରି ବଢ଼ିଚାଲେ ତେବେ ଆଗାମୀ କେଇବର୍ଷ ପରେ ଓଡ଼ିଶାରେ ହାତୀ ଆଉ ଦେଖିବାକୁ ମିଳିବେ ନାହିଁ।

ହାତୀମାନଙ୍କର ଜଙ୍ଗଲରେ ଏକ ନିର୍ଦ୍ଦିଷ୍ଟ ଚଲାପଥ ରହିଛି। ସେମାନେ ସେହି ରାସ୍ତାରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାଆନ୍ତି ପୁଣି ଫେରିଆସନ୍ତି। ହେଲେ ବ୍ୟାପକ ଜଙ୍ଗଲ ନଷ୍ଟ, ହାତୀମାନଙ୍କ ପାଇଁ ଖାଦ୍ୟ ଅଭାବ, ଶିଳ୍ପ ଓ ଅନ୍ୟ କାରଣ ପାଇଁ ପ୍ରାକୃତିକ ଝରଣାରେ ପାଣିର ଅଭାବ ଆଦି କାରଣରୁ ହାତୀମାନେ ଏବେ ସେମାନଙ୍କର ପାରମ୍ପରିକ ବାସସ୍ଥାନ ଛାଡ଼ି ନୂଆ ଅଞ୍ଚଳକୁ ଯାଉଛନ୍ତି। ଫଳରେ ଶିକାରୀମାନଙ୍କୁ ସହଜ ହେଉଛି ହାତୀ ମାରିବା, ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସୁଛନ୍ତି, ନ ହେଲେ ରେଳରେ ଧକ୍କା ହେଉଛନ୍ତି। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱତନ୍ତ୍ର ହାତୀ କରିଡର ହୋଇପାରିଲା ନାହିଁ। ହାତୀ କରିଡର ହେଲେ ହାତୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଓ ସୁରକ୍ଷିତ ଜଙ୍ଗଲ ରାସ୍ତା ମିଳନ୍ତା। ସେମାନଙ୍କ ମିଳନ, ଖାଦ୍ୟପାନୀୟ ଠିକ୍ ଭାବରେ ହୋଇପାରନ୍ତା। ସଂଘରେ ରହିବା ଫଳରେ ଜନବସତି ଆଡ଼କୁ ଯାଆନ୍ତେ ନାହିଁ କି ହିଂସ୍ର ଆଚରଣ ଦେଖାନ୍ତେ ନାହିଁ।

ଓଡ଼ିଶାରେ ୨୬ଟି ଜିଲାରେ ହାତୀ ରୁହନ୍ତି। ୨୦୦୭ ମସିହାରେ ହାତୀ ସଂରକ୍ଷଣ ଅଞ୍ଚଳ ଭାବରେ ୫ଟି ଜୈବ ମଣ୍ଡଳକୁ ଚିହ୍ନଟ କରାଯାଇଥିଲା। ସେଗୁଡିକ ହେଲା ମହାନଦୀ ହାତୀ ସଂରକ୍ଷଣ, ମୟୂରଭଞ୍ଜ ହାତୀ ସଂରକ୍ଷଣ, ସମ୍ବଲପୁର ହାତୀ ସଂରକ୍ଷଣ, ଦକ୍ଷିଣ ଓଡ଼ିଶା ହାତୀ ସଂରକ୍ଷଣ, ବୈତରଣୀ ହାତୀ ସଂରକ୍ଷଣ। ହେଲେ ବଡ଼ ଦୁଃଖର କଥା ଖଣି ଓ ଶିଳ୍ପ କାରଖାନା ମାଲିକମାନଙ୍କର ଲବି ପାଇଁ ଦକ୍ଷିଣ ଓଡ଼ିଶା ହାତୀ ସଂରକ୍ଷଣ, ବୈତରଣୀ ହାତୀ ସଂରକ୍ଷଣକୁ ଏବେ ସୁଦ୍ଧା ହାତୀ ସଂରକ୍ଷିତ ସ୍ଥାନ ଭାବରେ ଘୋଷଣା ହୋଇପାରିଲା ନାହିଁ , ଯଦିଓ ସେହି ଅଞ୍ଚଳରେ ଅଧିକ ହାତୀ ପୂର୍ବରୁ ରହୁଥିଲେ। ସେହିପରି ୨୦୧୦ରେ ଓଡ଼ିଶା ସରକାର ୧୪ଟି ହାତୀ କରିଡର ଚିହ୍ନଟ କରିଥିଲେ। ସେଥିପାଇଁ ଜଙ୍ଗଲ ବିଭାଗ ୫୪ କୋଟି ଟଙ୍କାର ଏକ ବ୍ୟୟ ଅଟକଳ ମଧ୍ୟ କରିଥିଲା। ହେଲେ ସେହି ଯୋଜନା ଏବେ ଶୀତଳଭଣ୍ଡାରରେ। ଖଣି ଓ ଶିଳ୍ପ କାରଖାନାଗୁଡ଼ିକର ଲବି ଆଗରେ ହାତୀ କରିଡର ଯୋଜନା ହଜିଯାଇଛି। ଓଡ଼ିଶାରେ ଖଣି ନିଲାମ ହେଉ ବା ଶିଳ୍ପ କାରଖାନା ନିର୍ମାଣ ହେଉ ସେତେବେଳେ ହାତୀମାନଙ୍କ ସୁରକ୍ଷା ନେଇ କୌଣସି ଚିନ୍ତା ନ ଥାଏ। ବଡ଼ ବଡ଼ ମେଶିନ, ବଡ଼ ଟ୍ରକ୍‌ର ଶବ୍ଦ ହାତୀମାନଙ୍କ ପାଇଁ ଅସହ୍ୟ ହୋଇପଡ଼େ। କେନ୍ଦୁଝର ଜିଲାରେ ୨୦୦୨ରେ ୧୧୨ ହାତୀ ଥିଲେ। ୨୦୧୭ରେ ଏହା ୪୦କୁ ଖସିଗଲା। ତା'ଛଡ଼ା ଜଙ୍ଗଲ ବିଭାଗ ଓ ରେଳ ବିଭାଗ ଭିତରେ ତାଳମେଳ ଅଭାବ ହାତୀ ମୃତ୍ୟୁ ପାଇଁ ଆଉ ଏକ କାରଣ। ଗତ ୧୧ ବର୍ଷ ଭିତରେ ୩୧ ହାତୀ ମରିଛନ୍ତି ରେଳ ଧକ୍କାରେ ଓ ୧୩୫ ମରିଛନ୍ତି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା କାରଣରୁ। ସେହିପରି ଶିକାରୀ ମାରିଛନ୍ତି ପାଖାପାଖି ୮୭ ହାତୀଙ୍କୁ।

ତେଣୁ ମୁଖ୍ୟ ପ୍ରସଙ୍ଗ ହେଉଛି ହାତୀମାନେ କେମିତି ସେମାନଙ୍କର ଜଙ୍ଗଲରେ ରହିପାରିବେ ସେନେଇ ଆମକୁ ଯତ୍ନଶୀଳ ହେବାକୁ ପଡ଼ିବ। ସେଥିପାଇଁ ଆମକୁ ଜଙ୍ଗଲ ସୁରକ୍ଷା, ହାତୀମାନଙ୍କର ପ୍ରଦକ୍ଷିଣ ବାଟ, ସେମାନଙ୍କର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ପଡ଼ିବ। ହାତୀ ମୃତ୍ୟୁର ଆଉ ଏକ କାରଣ ପାଲଟିଥିବା ଶିକାରୀଙ୍କ ଦ୍ୱାରା ହତ୍ୟାକୁ ରୋକିବାକୁ ହେଲେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଜଙ୍ଗଲ ବିଭାଗକୁ ଆପଣାଇବାକୁ ପଡ଼ିବ।

**ହରିରାଜପୁର, ପୁରୀ**

## ପାଠକ ଶ୍ରେଷ୍ଠ ବିଚାରକ

### କଳାଧନରେ ସରକାର ଗଡ଼ାଯାଉଛି

ମହାଶୟ,

ଭାରତ ସ୍ୱାଧୀନତା ପାଇବାର ଦୀର୍ଘ ୭୪ ବର୍ଷ ବିତିଗଲାଣି ; ଅଥଚ ଦେଶର ବିକାଶ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର ଓ ବାଟମାରଣା। ବର୍ତ୍ତମାନ ଭାରତ ସରକାରଙ୍କ ବାର୍ଷିକ ବଜେଟ ପ୍ରାୟ ୩୫ ଲକ୍ଷ କୋଟି ଟଙ୍କା ହେଲାଣି ; ଅଥଚ ଦେଶରୁ ଦାରିଦ୍ର୍ୟ ଓ ବେକାରି ହଟୁନାହିଁ। ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ହୋଇପାରିଲା ନାହିଁ। ଲୋକେ ବିଶୁଦ୍ଧ ପାନୀୟଜଳ ପାଉନାହାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମୂହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସିଂହଭାଗ ବାଟମାରଣା ହୋଇଯାଉଛି। ଅନେକ ଅସାଧୁ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ଘରୁ ଶହ ଶହ କୋଟି ଟଙ୍କାର କଳାଧନ ଉଦ୍ଧାର ହେଉଛି । ବର୍ତ୍ତମାନ ଆମ ଦେଶରେ ୧୦୦୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାଧନ ରହିଛି। ଏସବୁ ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧି, ଅମଲା, ଖଣିମାଫିଆ, କଣ୍ଟ୍ରାକ୍ଟର ଓ କମ୍ପାନୀମାଲିକ ପ୍ରମୁଖଙ୍କ ପାଖରେ ସ୍ଥାବର ଅସ୍ଥାବର ସମ୍ପତ୍ତି ଆକାରରେ ଦେଶ ବିଦେଶରେ ଗଚ୍ଛିତ ହୋଇ ରହିଛି। ଯେହେତୁ ଏମାନେ ନିର୍ବାଚନ ସମୟରେ ଆଞ୍ଚଳିକ ଓ ଜାତୀୟ ଦଳର ବଡପଣ୍ଡାମାନଙ୍କୁ ବହୁ କୋଟି ଟଙ୍କାର ଚାନ୍ଦା ଦେଉଛନ୍ତି, ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏମାନଙ୍କ ଘରେ ଭିଜିଲାନ୍ସ ଅଥବା ସିବିଆଇ ଚଢାଉ ହେବାକୁ ଦେଉନାହାନ୍ତି। ଏହି କଳାଧନରେ ସରକାର ଗଢାହେଉଛି।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଚ୍ଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!

-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୟୁପି ବିଧାନ ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀ

**ଲକ୍ଷ୍ନୌ,୮।୬**

ୟୁପି ବିଧାନ ପରିଷଦ ନିର୍ବାଚନ ପାଇଁ ଭାଜପା ବୁଧବାର ୯ଜଣ ପ୍ରାର୍ଥୀ ଘୋଷଣା କରିଛି। ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସମେତ ସେହି ସମସ୍ତ ମନ୍ତ୍ରୀଙ୍କୁ ବିଧାନ ପରିଷଦକୁ ପଠାଇବାକୁ ଦଳ ନିଷ୍ପତ୍ତି ନେଇଛି, ଯେଉଁମାନେ ଏପର୍ଯ୍ୟନ୍ତ ଉଭୟ ଗୃହର ସଦସ୍ୟ ନାହାନ୍ତି।

ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦଙ୍କ ବ୍ୟତୀତ ଦଳ ଚୌଧୁରୀ ଭୁପେନ୍ଦ୍ର ସିଂ, ଦୟାଶଙ୍କର ମିଶ୍ର ଦିନାଲୁ, ଜେପିଏସ ରାଠୋର, ନରେନ୍ଦ୍ର କଶ୍ୟପ, ଜସୱନ୍ତ ସଇନି, ଦାନିଶ ଆଜାଦ ଅନସାରୀ, ବନୱାରିଲାଲ ଦୋହରେ ଏବଂ ମୁକେଶ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି। ରାଜ୍ୟରେ ୧୩ଟି ଏମଏଲସି ଆସନ ପାଇଁ ଜୁନ ୨୦ରେ ନିର୍ବାଚନ ଅନୁଷ୍ଠିତ ହେବ, ଏଥିପାଇଁ ନାମାଙ୍କନପତ୍ର ପ୍ରକ୍ରିୟା ଆରମ୍ଭ ହୋଇଛି।

# ୧୩ରେ ବାଚସ୍ପତି ନିର୍ବାଚନ

**ଭୁବନେଶ୍ୱର, ୮।୬(ବ୍ୟୁରୋ)**



ନବୀନ ସରକାରଙ୍କ ୫ମ ପାଳିର ୪ର୍ଥ ବର୍ଷ ଆରମ୍ଭରୁ ନୂତନ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି। ଏଥିରେ ପ୍ରାୟ ୧୦ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଥିବା ବେଳେ କେତେଜଣ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି। ମନ୍ତ୍ରିମଣ୍ଡଳ ଗଠନ ପରେ ଏବେ ନୂଆ ବାଚସ୍ପତି କିଏ ହେବେ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ବରିଷ୍ଠ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି ପଦ ଛାଡ଼ିବା ପରେ ଉକ୍ତ ପଦବୀ ବର୍ତ୍ତମାନ କାହାକୁ ମିଳିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏଥିଲାଗି ଆସନ୍ତା ୧୩ରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବାଚସ୍ପତି ନିର୍ବାଚନ ସକାଶେ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରାଯିବ। ଏହି ନିର୍ବାଚନ ଲାଗି ରାଜ୍ୟପାଳ ତାରିଖ ସ୍ଥିର କରିଥିବା ବେଳେ ବିଧାନସଭା ବାଚସ୍ପତି ସମସ୍ତ ପ୍ରକାର ବିଧିବ୍ୟବସ୍ଥାରେ କାର୍ଯ୍ୟ ତୁଲାଇବେ।

ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ହେବା ସହ ପଦ ଛାଡିବା ପରେ ତାଙ୍କ ସ୍ଥାନରେ ବିକ୍ରମ କେଶରୀ ଆରୁଖଙ୍କୁ ବାଚସ୍ପତି କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତେଣୁ ଆସନ୍ତା ଶୁକ୍ରବାର ଆରୁଖ ବାଚସ୍ପତି ଭାବେ ନାମାଙ୍କନପତ୍ର ଦାଖଲ କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ତେବେ ଆରୁଖ ନବୀନଙ୍କ ୫ମ ପାଳିର ପ୍ରଥମ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ପାଇଥିଲେ। ହେଲେ ଚଳିତ ମନ୍ତ୍ରିମଣ୍ଡଳ ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇଥିବା ବେଳେ ସେ ବାଚସ୍ପତି ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ଗତ ଶନିବାର ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ପରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ମୋଟ ୨୧ ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ଓ ୮ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱରେ ରହିଲେ। ଲୋକସେବା ଭବନ କନ୍‌ଭେନସନ ହଲ୍‌ରେ ରାଜ୍ୟପାଳ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ୩୬ ସାଙ୍ଗଠନିକ ଜିଲ୍ଲାରେ ୧୫ରେ ଭାଜପାର ସମାବେଶ

**ଭୁବନେଶ୍ୱର, ୮।୬(ବ୍ୟୁରୋ)**

ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଜିଲାରେ ଦୈନନ୍ଦିନ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଛି। ଏନେଇ ଲୋକଙ୍କ ପାଖରେ ଭାଜପାର ବରିଷ୍ଠ ନେତାମାନେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ବିଭିନ୍ନ ସଫଳତା ବିଷୟରେ ଲୋକଙ୍କ ଆଗରେ ବଖାଣିବା ସହ ଦଳୀୟ ନେତାମାନେ ଏକଥା ଭୋଟରଙ୍କ ପାଖରେ ପହଞ୍ଚାଇବାକୁ କହୁଛନ୍ତି। ତେବେ ଆସନ୍ତା ୧୫ରେ ଦଳର ୩୬ ସାଙ୍ଗଠନିକ ଜିଲାରେ ବଡ଼ ଧରଣର ସମାବେଶ ହେବ। ପ୍ରତି ସମାବେଶରେ ୩ରୁ ୫ ହଜାର ମଧ୍ୟରେ ଲୋକମାନେ ସାମିଲ ହେବେ ବୋଲି ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଗତ ୮ ବର୍ଷ ମଧ୍ୟରେ କ'ଣ ସବୁ କରିଛନ୍ତି ବରିଷ୍ଠ ନେତାମାନେ ତା'ର ହିସାବ ଦେବେ। ଏଥିରେ ରାଜ୍ୟର ସବୁ ଏମ୍‌ପି, ଏମ୍‌ପି ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସାମିଲ ହେବେ। ପରବର୍ତ୍ତୀ ସମୟରେ ରାଜ୍ୟର ୩ ରାଜସ୍ୱ ଡିଭିଜନ ଅଞ୍ଚଳରେ ଆସୁଥିବା ଜିଲାଗୁଡ଼ିକୁ ନେଇ ୩ଟି ବିଶାଳ ସମାବେଶ କରିବାର କାର୍ଯ୍ୟକ୍ରମ ଅଛି ବୋଲି ସେ କହିଛନ୍ତି। ପ୍ରଦୀପ ଆହୁରି କହିଛନ୍ତି, ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ପାଳନ ଚାଲିଛି। ଗତ ୧ ତାରିଖରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ମୋର୍ଚ୍ଚାର କାର୍ଯ୍ୟକ୍ରମ ଚାଲିବ। ଗତ ୫ ତାରିଖରେ ସବୁ ନିର୍ବାଚନମଣ୍ଡଳୀରେ କୃଷକ ସଭାର ଆୟୋଜନ କରାଯାଇଥିଲା। ୬ ତାରିଖରେ ମହିଳା ମୋର୍ଚ୍ଚାର ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୦ରେ ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟବ୍ୟାପୀ ମୋଟର ସାଇକେଲ ରାଲି କରାଯିବ। ସେହିପରି ଏସ୍‌ସି ମୋର୍ଚ୍ଚା, ଏସ୍‌ଟି ମୋର୍ଚ୍ଚା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ହେଲେ ଦଳର ଅନ୍ୟ ଜଣେ ବରିଷ୍ଠ ନେତା କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି।



କେରଳ ସୁନା ଚୋରା ଚାଲାଣରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ବୁଧବାର କୋଚିଠାରେ ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭରତ ଭାଜପାକର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ଗୋଟିଏ ପୋଷ୍ଟରରେ ନବୀନ-ନରସିଂହ

**ବଲାଙ୍ଗୀର ଅଫିସ୍,୮।୬**

ବଲାଙ୍ଗୀର ସହର ପାଟଣା ହୋଟେଲ ଛକ ଏବଂ ମ୍ୟୁନିସିପାଲିଟି ଷ୍ଟଲ୍ ଉପର ବିଜ୍ଞାପନ ବୋର୍ଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ନରସିଂହ ମିଶ୍ରଙ୍କ ଫଟୋ ଥିବା ଦୁଇଟି ବଡ଼ ପୋଷ୍ଟର ଲାଗିଛି। ଉକ୍ତ ପୋଷ୍ଟରରେ ବଲାଙ୍ଗୀରରେ ନିର୍ମାଣାଧୀନ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କୋଠାର ମଡେଲ ଚିତ୍ର ସହ ନବୀନ ଓ ନରସିଂହଙ୍କ ଫଟୋ ରହିଛି। ଉକ୍ତ ପୋଷ୍ଟରରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର ଲେଖାଯାଇଥିଲେ ମଧ୍ୟ କୌଣସି ଦଳ, ବ୍ୟକ୍ତି, ଅନୁଷ୍ଠାନର ନାଁ ନାହିଁ। ଏଭଳି ଏକ ପୋଷ୍ଟର ସହରରେ ଲଗାଯିବା ପରେ ଏହା ରାଜନୈତିକ ଦୃଷ୍ଟିରୁ ଚର୍ଚ୍ଚାର ଘେରକୁ ଆସିଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଦୁଇ ପ୍ରମୁଖ ଦଳର ତୁଙ୍ଗ ନେତାଙ୍କ ପୋଷ୍ଟର ଲଗାଇଲା ତାହା ସ୍ପଷ୍ଟ ହୋଇନାହିଁ।

ଏନେଇ ବିଧାୟକ ମିଶ୍ରଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ତାଙ୍କରି ଉଦ୍ୟମରେ ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି ଏକଥା ଲୋକେ ଜାଣିଛନ୍ତି। ଏହି କଲେଜ ପ୍ରତିଷ୍ଠା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗ କରି ନ ଥିଲେ ଏହା ସଫଳ ହୋଇ ନ ଥା'ନ୍ତା ଏହା ମଧ୍ୟ ସମସ୍ତେ ଜାଣିଛନ୍ତି। ଏଣୁ ଏହି ମର୍ମରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଫଟୋ ରହିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ତେବେ ଏହି ପୋଷ୍ଟର କିଏ ଲଗାଇଛି ଜାଣିନାହାନ୍ତି ବୋଲି ସେ କହିଛନ୍ତି। ଉକ୍ତ ପୋଷ୍ଟରକୁ ନେଇ ସହରରେ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି।




ବଲାଙ୍ଗୀର ସହରରେ ଲଗାଯାଇଥିବା ପୋଷ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର।

କିଛିଦିନ ତଳେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହୋଇଛି। ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ପୁଣି ଥରେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ବିଜେଡି ରାଜ୍ୟ ସଭାକୁ ପଠାଇଛି। ତେବେ ଏହି ରାଜନୈତିକ ଘଟଣାକ୍ରମରେ ବଲାଙ୍ଗୀରର ପୁରୁଖା ବିଜେଡି ନେତାଙ୍କ ସକ୍ରିୟତା ଲକ୍ଷ୍ୟ କରାଯାଉ ନାହିଁ। ଏତିକି ବେଳେ ବଲାଙ୍ଗୀରରେ ଗୋଟିଏ ପୋଷ୍ଟରରେ କିଏ କେଉଁ ଉଦ୍ଦେଶ୍ୟ ରଖି ନବୀନ ଓ ନରସିଂହଙ୍କ ଫଟୋ ଲଗାଇଲେ ତାହା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1. ମଡେଲ ନଂ. AL1214
ଗାଡ଼ି ନଂ.- OD02BJ2066
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1007961.73
2. ମଡେଲ ନଂ. AL 3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1253666.38
3. ମଡେଲ ନଂ. 3718IL
ଗାଡ଼ି ନଂ.- OD05AN2653
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1969000.00
4. ମଡେଲ ନଂ. ଟେରେକ୍ସ_ଭେକ୍ଟା_TLB_740
ଗାଡ଼ି ନଂ.- OD17P9836
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1350000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**

# ପୋପ୍‌ଙ୍କୁ ଭେଟିପାରନ୍ତି ନବୀନ

**ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସୁଯୋଗ ପାଇବେ**

**ଭୁବନେଶ୍ୱର, ୮।୬(ବ୍ୟୁରୋ):** ଦୀର୍ଘ ୧୨ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ଶେଷ ସପ୍ତାହରେ ସମ୍ଭବତଃ ୨୨ ତାରିଖରେ ଇଟାଲୀ ଏବଂ ସାଉଦି ଆରବ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ସେ ଭାଟିକାନ୍ ସିଟିରେ ଥିବା କ୍ୟାଥିଲିକ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍କୋଙ୍କୁ ଭେଟିବେ ବୋଲି ସୂଚନା ମିଳିଛି। ଏନେଇ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇଥିବା କୁହାଯାଉଛି। ଯଦି ପୋପ୍‌ଙ୍କୁ ସେ ଭେଟନ୍ତି, ତେବେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ଏହି ସୁଯୋଗ ପାଇବେ। ନବୀନଙ୍କ ବିଦେଶ ଗସ୍ତ ନେଇ ଏଯାଏ ସରକାରୀ ଭାବେ କୌଣସି ସୂଚନା ଦିଆଯାଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବୀନ ଏହି ଗସ୍ତ ସମୟରେ ବିଭିନ୍ନ ଉଦ୍ୟୋଗୀଙ୍କୁ ଭେଟିବେ। ଏଥିସହ ପ୍ରବାସୀ ଓଡ଼ିଆଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁନ୍ ୨୮ରେ ସେ ୟୁଏଇରେ ଶିଳ୍ପପତି ଏବଂ ଅନ୍ୟମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ପୋପ୍‌ଙ୍କ ସହ ନବୀନଙ୍କ ଏହି ପ୍ରସ୍ତାବିତ ଭେଟଘାଟ ଭାବମୂର୍ତ୍ତିକୁ କିଛି ମାତ୍ରାରେ ଉପରକୁ ନେବାର ପ୍ରୟାସ ବୋଲି କୁହାଯାଇପାରେ। ଏଭଳି ଉଚ୍ଚସ୍ତରୀୟ ବୈଠକରେ ସେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ନବୀନଙ୍କ ପୂର୍ବରୁ ଗତବର୍ଷ ଅକ୍ଟୋବର ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୋପ୍‌ଙ୍କୁ ଭେଟିବାର ସୂଚନା ରହିଥିଲା। ମମତା ଇଟାଲୀ ଯିବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ କେନ୍ଦ୍ର ସରକାର ଅନୁମତି ଦେଇ ନ ଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ପୋପ୍‌ଙ୍କୁ ସାକ୍ଷାତ୍ କରିଥିଲେ।

**CORRIGENDUM**

**To Short Tender Call Notice No.: IDCO/HO-MIS/A-10070/01/2022/V-1 13740 Dt. 31.05.2022**

The Short Tender Call Notice No. published in the "**Dharitri**" of IDCO on Dt.04.06.2022 may please be read as **13740 Dt.31.05.2022 instead of 3740 Dt.31.05.2022.**

**Advertisement Manager**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/30,ତା.06.06.2022ରିଖ

(1) ଟେଣ୍ଡର ସଂ.e-tender-CEN-KUR-200-2022,ତା.01.06.2022ରିଖ

**ବିବରଣୀ:** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ତାଳଚେର ଅଧୀନସ୍ଥ ଅନୁଗୁଳ ଠାରେ ଇଲେକ୍ଟ୍ରିକ୍ ଲୋକୋ ଶେଡ୍ (ELS) ସହିତ ତାଳଚେର ରୋଡ୍-ଅନୁଗୁଳ-କେରେଜଙ୍ଗା ସେକ୍ସନରେ 30.06.2023 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 60.79 ଲକ୍ଷ, EMD (ଟଙ୍କାରେ): 1,21,600/-।

(2) ଟେଣ୍ଡର ସଂ.e-tender-CEN-KUR-201-2022,ତା.01.06.2022ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର ୟାର୍ଡ଼ର ଦକ୍ଷିଣ ସୀମା ଠାରେ ପୋଲ ନଂ.580ର ମାଇକ୍ରୋ ଟନେଲିଙ୍ଗ୍ ସିଷ୍ଟମ୍ ଦ୍ୱାରା ପ୍ରସ୍ତାବିତ ପୁନଃନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 278.42 ଲକ୍ଷ, EMD (ଟଙ୍କାରେ): 2,89,200/-।

ଶେଷ ହେବା ଅବଧି: 12(ବାର) ମାସ (କ୍ରମ ସଂ.1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.06.2022 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍

PR-184/N/22-23

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ଏମ୍‌ଏଲ୍.୭/ ସିଏଟିଜି./ଡବ୍ଲ୍ୟୁଭିଏମ୍-ଆଓ୍ୱାର୍ଡ/ସିକେପି/୨୨, ତାରିଖ: ୦୨।୦୬।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡିଭିଜନାଲ ରେଲୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ପ୍ରଣାଳୀରେ ଜଉମୁଦିଆ ବିଡ୍ ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନରେ ରାଉରକେଲା ଷ୍ଟେସନରେ ୬ (ଛଅ) ଗୋଟି ଏବଂ ଚକ୍ରଧରପୁର ଷ୍ଟେସନଠାରେ ୦୨ (ଦୁଇ) ଗୋଟି ୱାଟର ଭେଣ୍ଡିଂ ମେସିନର ବ୍ୟବସ୍ଥା କରିବା। ସମ୍ପୂର୍ଣ୍ଣ ସୂଚନା ପାଇଁ ବିଡରମାନଙ୍କୁ ରେଳପଥ ସାଇଟ୍ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। ଟେଣ୍ଡରର ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ। ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଟେଣ୍ଡର କାଗଜପତ୍ର ଜାରି: ୦୨।୦୬।୨୦୨୨। ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୨୪।୦୬।୨୦୨୨, ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ୨୪।୦୬।୨୦୨୨, ୧୫.୩୦ ଘଟିକାରେ। (PR-195)

# ଲାଲୁଙ୍କୁ ୬ ହଜାର ଟଙ୍କା ଜରିମାନା



**ରାଞ୍ଚି, ୮।୬:** ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଆରଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କୁ ୬ ହଜାର ଟଙ୍କା ଜରିମାନା ହୋଇଛି। ଝାଡ଼ଖଣ୍ଡର ପାଲାମୁ ଜିଲା ଏମ୍‌ପି-ଏମ୍‌ଏଲଏ ସ୍ୱତନ୍ତ୍ର ଅଦାଲତର ବିଚାରପତି ସତୀଶ କୁମାର ମୁଣ୍ଡା ତାଙ୍କୁ ଏକ ୧୩ ବର୍ଷ ପୁରୁଣା ମାମଲାରେ ଏହି ଆଦେଶ ଦେଇଛନ୍ତି। ୨୦୦୯ ବିଧାନସଭା ନିର୍ବାଚନବେଳେ ଲାଲୁଙ୍କ ହେଲିକପ୍ଟର ମେଦିନିନଗର ହେଲିପ୍ୟାଡ୍‌ରେ ଅବତରଣ କରିବା ପରିବର୍ତ୍ତେ ଗଡ଼ୱାର ଏକ ଧାନକ୍ଷେତରେ ଓହ୍ଲାଇଥିଲା। ଏ ନେଇ ତାଙ୍କ ବିରୋଧରେ ମାମଲା ଚାଲିଥିଲା। ଲାଲୁ ବୁଧବାର କୋର୍ଟରେ ହାଜର ହୋଇ ଦୋଷ ସ୍ୱୀକାର କରିଥିଲେ। କୋର୍ଟ ପରିସରରେ ଆରଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ରହି ଲାଲୁଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ।

# ଭାଜପା ବିଧାୟକଙ୍କ ବିରୋଧରେ ଚାର୍ଜଶିଟ୍



ରାଜା ସିଂ

**ହାଇଦ୍ରାବାଦ, ୮।୬:** ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ତେଲଙ୍ଗାନାର ଭାଜପା ବିଧାୟକ ରାଜା ସିଂଙ୍କ ବିରୋଧରେ ହାଇଦ୍ରାବାଦ ପୋଲିସ ଚାର୍ଜଶିଟ୍ ଦାଖଲ କରିଛି। ଗୋସାମହଲ ନିର୍ବାଚନ ମଣ୍ଡଳୀର ଏମ୍‌ଏଲ୍‌ଏ ରାଜା ମୁସଲିମ୍ ସମୁଦାୟ ବିରୋଧରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ କାଞ୍ଚନବା ଥାନାରେ ହାଇଦ୍ରାବାଦ ବ୍ୟବସାୟୀ ମହମ୍ମଦ ଅଲ୍ଲୀ ଏତଲା ଦେଇଥିଲେ। ପ୍ରକାଶ ଯେ, ରାଜା ସିଂ ୨୦୧୭ରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ ଯିଏ ବନ୍ଦ କରିବାକୁ ଉଦ୍ୟମ କରିବେ ତା'ର ମୁଣ୍ଡକାଟ କରାଯିବ ବୋଲି ଧମକ ଦେଇଥିଲେ। ପୋଲିସ ଏ ନେଇ ଚାର୍ଜଶିଟ୍ ଦାଖଲ କରିଛି। ଭାଇରାଲ ଭିଡିଓ ନିର୍ଦ୍ଦିଷ୍ଟ ଭାବରେ କେଉଁ ତାରିଖର ତାହା ସ୍ପଷ୍ଟ କରିବା ପାଇଁ ତଦନ୍ତ ଚାଲିଛି।

**ସର୍ବସାଧାରଣ ଅଧିସୂଚନା**

**ରେଳ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ମଣ୍ଡଳଙ୍କ ଦ୍ୱାରା ତା୦୯।୦୬।୨୦୨୨ରିଖରେ ଚକ୍ରଧରପୁର ଡିଭିଜନର ପାନପୋଷ-କାଲୁଙ୍ଗା ସେକ୍ସନ ମଧ୍ୟରେ ନୂଆକରି ନିର୍ମିତ ୩ୟ ଲାଇନ୍‌ର ନିରୀକ୍ଷଣ**

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ, ରେଳ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ମଣ୍ଡଳ, କୋଲକାତା ତା୦୯।୦୬।୨୦୨୨ରିଖ ଦିନ ଚକ୍ରଧରପୁର ଡିଭିଜନର ପାନପୋଷ-କାଲୁଙ୍ଗା ସେକ୍ସନ ମଧ୍ୟରେ ନୂଆକରି ନିର୍ମିତ ୩ୟ ଲାଇନ୍‌ର ଉନ୍ମୋଚନ ପାଇଁ ଏକ ନିରୀକ୍ଷଣ ସଞ୍ଚାଳନ କରିବେ। ତା୦୯।୦୬।୨୦୨୨ରିଖ ଦିନ ଇନ୍ସପେକ୍ସନ୍ ସ୍ପେଶାଲ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଇତ୍ୟାଦି ଦ୍ୱାରା ଆବଶ୍ୟକୀୟ ନିରୀକ୍ଷଣ ତଥା ଇନ୍ସପେକ୍ସନ୍ ସ୍ପେଶାଲ ଦ୍ୱାରା ସ୍ପିଡ୍ ଟ୍ରାୟଲ୍ କରାଯିବ।

ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ଉକ୍ତ ଅଧିସୂଚନାକୁ ଧ୍ୟାନରେ ରଖିବା ଏବଂ ଲାଇନ୍‌କୁ ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷାମୂଳକ ସତର୍କତା ଅବଲମ୍ବନ କରିବା ଏବଂ ଅନଧିକାର ପ୍ରବେଶ ନ କରିବା ପାଇଁ ପରାମର୍ଶ ଦିଆଯାଉଛି।

(PR-196) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**नालको NALCO**
National Aluminium Company Limited
(A Government of India Enterprise)

Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**WALK-IN INTERVIEW FOR ENGAGEMENT OF PART -TIME MEDICAL RETAINER**

National Aluminium Company Limited(NALCO), a Navratna Central PSU is looking for engagement of one Part- Time Medicine Specialist on retainership basis for its Medical Centre in NALCO Township, Chandrasekharpur, Bhubaneswar. For further details, visit career section of our website www.nalcoindia.com

Advt. No.:10220501, Date: 02-06-2022

**General Manager (H&A)-R&P**

**DECLARATION**

I Punyatoya Pattanayak, aged about 35 years, W/o. Nalini Kanta Baral, at present Plot No. VIM-803, Sailashreevihar, P.S.: C.S.Pur, BBSR - 21 do have by declare that by virtue of the affidavit Sl. No. 160 Dt.06.06.2022 before the Notary Public, Bhubaneswar that I have withdrawn my partnership from the firm "OMM SHREE TRADERS" which Notary Regd. Sl. No. 35 Dt.31.01.2013 & if any dispute/litigation arise regarding the above said firm, I shall not held responsible for the same and further declare vide Notary affidavit Regd. Sl. No. 161 dated 06.06.2022 that other partners of the above said firm namely Nalini Kanta Baral, S/o. Ashok Kumar Baral & Alok Kumar Rout, S/o. Babaji Rout both have misused my personal Bank account signed cheques and firm Bank account cheques by giving 3rd party payment without my knowledge, if any claims come upon me regarding cheques I shall not held responsible for same.

**Sd./- Punyatoya Pattanayak**

**FAKIR MOHAN UNIVERSITY**
**Vyasa Vihar, Balasore - 756089**
**ADMISSION NOTICE - 2022-23**

**No. FMU/EDU/33/2022/FMU/1227 Dt.06.06.2022**

Applications are invited from eligible students for admission into **(i) 3 year Integrated B.Ed.-M.Ed. (SFC) Course, Dept. of Education, (ii) 5 year Integrated B.A.LL.B (SFC) Course, Dept. of Law** of Fakir Mohan University, Balasore for the academic session 2022-2023. Students desirous to take admission in the said programme may download the application form and information containing eligibility criteria, course fees etc available in the website **www.fmuniversity.nic.in**. The filled in forms along with required documents and Rs.600/- (Rupees six hundred only) towards the application fee in shape of Bank Draft in favour of **Fakir Mohan University, SFC Fund** payable at **Nuapadhi** for UCO Bank and at **"Balasore"** for other Banks should reach respective Departments through Speed Post/ Registered Post latest by **15.07.2022** for 5 year Integrated B.A.LL.B. & by **30.07.2022** for 3 year Integrated B.Ed. - M.Ed. positively. The authority is not responsible for postal delay.

**Sd./- Chairman, P.G. Council**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 193/2021**

**Union Bank of India, Nilakantha Nagar Branch,** Berhampur .....**Applicant**

Versus

**Mrs. Jalita Maharana & Others .....Defendant(s)**

**To,**

1) **Mrs. Jalita Maharana,** W/o- Biswa Ranjan Maharana, At: Ambapua Main Road, Near Kali Temple, Ranjan Garage, Berhampur, Dist.: Ganjam-760010.
2) **Biswaranjan Maharana,** S/o- Dandapani Maharana, At: Ambapua Main Road, Near Kali Temple, Ranjan Garage, Berhampur, Dist.: Ganjam-760010.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 193/2021** in the Court of the Debts of Recovery Tribunal, Cuttack for recovery of **Rs.20,35,877/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik)**
**REGISTRAR**

**FORM NO.:13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 666 / 2019**

**IDBI Bank LTD., Jayadev Vihar Branch ..Applicant**

**Versus**

**Sri Dipak Narayan Swami ...Defendant(s)**

**To,**

1) **Sri Dipak Narayan Swami,** S/o: Purna Narayan Swami, At: Flat No.: 402, Ashiana, Kalarahanga, Patia, Bhubaneswar, PIN-751024

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 666/2019** in the Court of the Debts of Recovery Tribunal, Cuttack for recovery of **Rs.12,47,931/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on **11/07/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **23rd day of May 2022.**

**Sd/- M. K. Patnaik, REGISTRAR**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 192/2021**

**Union Bank of India, Nilakantha Nagar Branch,** Berhampur .....**Applicant**

Versus

**M/s. Rudra Dandakali Enterprises & Others .....Defendant(s)**

**To,**

1) **M/s. Rudra Dandakali Enterprises,** through its Proprietor **K. Manoj Kumar Patro,** At: Kumbhar Street, Near Suno Bazar, Berhampur, Dist.: Ganjam-760002.
2) **K. Manoj Kumar Patro,** S/o- K. Raja Rao Patro, At: Kumbhar Street, Near Suno Bazar, Berhampur, Dist.: Ganjam-760001.
3) **Sangeeta Rani Patro,** W/o- K. Manoj Kumar Patro, At: Marthapeta Street, Bada Bazar, Berhampur, Dist.: Ganjam, PIN-760002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 192/2021** in the Court of the Debts of Recovery Tribunal, Cuttack for recovery of **Rs.27,94,105/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik)**
**REGISTRAR**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 179/2021**

**Union Bank of India, Purushottampur Branch,** Purushottampur .....**Applicant**

Versus

**M/s. Bhagyalaxmi Feeds & Farms and Others .....Defendant(s)**

**To,**

1) **M/s. Bhagyalaxmi Feeds & Farms,** through tis Proprietor **Smt. Bhagyalaxmi Biswal,** D/o- Mr. Surakhya Biswal, At: Hindula Bazar, P.O.: Raipur, Via: Purushottampur, Dist.: Ganjam, PIN-761018.
2) **Smt. Bhagyalaxmi Biswal,** D/o- Mr. Surakhya Biswal, At: Laiputt, P.O.: Raipur, Via.: Purushottampur, Dist.: Ganjam-761018.
3) **Gupteswar Patnaik,** S/o- Subodha Chandra Pattnaik, Permanent Resident of Ram Nagar, 1st Lane, Kamapalli, P.O.: Berhampur, P.S.: Baidyanathpur, Dist.: Ganjam-760002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 179/2021** in the Court of the Debts of Recovery Tribunal, Cuttack for recovery of **Rs.30,69,979/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik)**
**REGISTRAR**

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ, ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା।
- ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ଓ ନବୀନ କଳାକାର, ପୂର୍ବାହ୍ନ ୧୦ଟା।
- ଆମୋଫୋଇ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ, ବୁଦ୍ଧ ବିହାର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୧ଟା।
- ଆନ୍ତର୍ଜାତିକ ଅଭିଲେଖ ଦିବସ ଅବସରରେ ଆମେ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୪୫।
- ସଖୀମଣି ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ସୌରଭ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ମହାପ୍ରଭୁଙ୍କ ବନକ ଲାଗି

**ପୁରୀ ଅଫିସ,୮।୬:** ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଓ ପହୁଡ଼ ଆଳତି ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନ ନିମନ୍ତେ ସନ୍ଧ୍ୟା ୭ଟାରେ ଦଇତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ରାତି ପ୍ରାୟ ୧୦ଟା ପରେ ବାହାରିଥିଲେ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବନକଲାଗି ପରେ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

**ଜୟଦେବ ରାଷ୍ଟ୍ରୀୟ ସମାରୋହର ଦ୍ୱିତୀୟ ଦିବସ**

## ଶଶୀଲତା କ୍ରିଷ୍ଣନଙ୍କୁ ପଦ୍ମାବତୀ ରାଷ୍ଟ୍ରୀୟ ସମ୍ମାନ

**ଭୁବନେଶ୍ୱର,୮।୬(ବ୍ୟୁରୋ):** ଜୟଦେବ ରାଷ୍ଟ୍ରୀୟ ସମାରୋହର ଦ୍ୱିତାୟ ଦିବସରେ ବିଭିନ୍ନ ରାଷ୍ଟ୍ରୀୟ ନୃତ୍ୟର ସମାରୋହ ଦେଖିବାକୁ ମିଳିଥିଲା। ବୁଧବାର ଭଞ୍ଜ କଳାମଣ୍ଡପଠାରେ ନବୀନ କଳାକାର କାର୍ଯ୍ୟକ୍ରମରେ ଓଡିଶୀ, କୁଚିପୁଡ଼ି, ଭାରତ ନାଟ୍ୟମ ଆଦି ଏକକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ଜେନା ସଂଯୋଜନା କରିଥିଲେ। ଅତିଥି ଭାବେ ପୂର୍ବତନ ଆୟକର କମିଶନର ଶରତ ଦାସ, ଉପ ଆୟୁକ୍ତ ଦୁର୍ଗା ପ୍ରସାଦ ମହାପାତ୍ର, ବାଙ୍ଗାଲୋରର ଅନ୍ତର୍ଜାତୀୟ କଳା ସଂଗଠକ ସାଇ ଭେଙ୍କଟେଶ, ବିଶାଖାପାଟଣାର ବିକ୍ରମ ଗୌଡ଼, ମାନବାଧିକାର କମିଶନ କୋର ମେମ୍ବର ମନୋଜ ଜେନା, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ ଉପସ୍ଥିତ ରହି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶାଖାପାଟଣାର ପ୍ରସିଦ୍ଧ କୁଚିପୁଡ଼ି ନୃତ୍ୟଗୁରୁ ଶଶୀଲତା କ୍ରିଷ୍ଣନଙ୍କୁ ପଦ୍ମାବତୀ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡିଶୀ ନୃତ୍ୟଶିଳ୍ପୀ ତଥା ସିନେ କଳାକାର ପ୍ରତିଭା ପଣ୍ଡା,ନୃତ୍ୟ ଗୁରୁ ମନୋଜ ବେହେରା, ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କୋଲକାତାର ନନ୍ଦିନୀ ଚୌଧୁରୀଙ୍କ ଓଡିଶୀ, ସୋମା ମଣ୍ଡଳଙ୍କ ଭାରତ ନାଟ୍ୟମ, ଶ୍ରାବଣୀ ଦାସଙ୍କ ଗୌଡିଅ, ମୋମିତା ମଜୁମଦାର ଦତ୍ତଙ୍କ ଭାରତ ନାଟ୍ୟମ, ହାଇଦ୍ରାବାଦର ଡ. ଜ୍ୟୋତି ଶେଖରନଙ୍କ କୁଚିପୁଡ଼ି, ଭୁବନେଶ୍ୱରର ଶ୍ରଦ୍ଧା ସୁମନ ରଥଙ୍କ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

# ଥଇଥାନ ହେବେ ରାସ୍ତାକଡ଼ ଶିଶୁ


ବୈଠକରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର, ୮।୬(ବ୍ୟୁରୋ)

- ଗଠନ ହେବ ଟାସ୍କ ଫୋର୍ସ
- ପ୍ରତି ତିନିମାସରେ ଥରେ ହେବ ସମୀକ୍ଷା
- ଭୁବନେଶ୍ୱରର ସବୁ ହଟ୍‌ସ୍ପଟ୍‌କୁ ଚିହ୍ନଟ କରି ସର୍ଭେ କରାଯିବ

ରାସ୍ତା କଡ଼ରେ ରହୁଥିବା ଶିଶୁମାନଙ୍କୁ ଥଇଥାନ କରାଯିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଶିଶୁଙ୍କ କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଗୃହ ବିଭାଗ ସମେତ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ଓ ଚାଇଲ୍ଡଲାଇନ୍‌କୁ ନେଇ ଏକ ଟାସ୍କ ଫୋର୍ସ ଗଠନ ହେବ। ଏହି ଟାସ୍କ ଫୋର୍ସ ପ୍ରତି ତିନି ମାସରେ ଥରେ ରାସ୍ତା କଡ଼ ପିଲାଙ୍କ ହେଉଥିବା ଥଇଥାନ ଓ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବ। ଏହି ଶିଶୁମାନଙ୍କୁ ସ୍କୁଲରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ। ରହଣିସ୍ଥଳଠାରୁ ସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ସବୁଠି ସେମାନଙ୍କ ଅଧିକାରର ସୁରକ୍ଷା କରାଯିବ। ସେହିପରି ସେମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ସମସ୍ତ ସରକାରୀ ସ୍କିମ୍‌ରେ ସାମିଲ କରାଯିବ। ଭୁବନେଶ୍ୱରରେ ସବୁ ହଟ୍‌ସ୍ପଟ୍‌କୁ ଚିହ୍ନଟ କରାଯାଇ ରାସ୍ତା କଡ଼ରେ ରହୁଥିବା ପିଲାଙ୍କର ସର୍ଭେ କରାଯିବ ବୋଲି ବୁଧବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ(ଓଏସ୍‌ସିପିସିଆର୍) ପକ୍ଷରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଶିଶୁଙ୍କ ସୁରକ୍ଷା ନେଇ ବିଭିନ୍ନ ବିଭାଗ ଓ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ମତାମତ ରଖିଥିଲେ। ରାସ୍ତା କଡ଼ରେ ରହୁଥିବା ଶିଶୁଙ୍କ ଅଧିକାର ସୁରକ୍ଷା ପାଇଁ ଜାତୀୟ ଶିଶୁ ଅଧିକାର ଆୟୋଗ ଓ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶନାମା ଆଧାରରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆକ୍ସନ ଏଡ୍‌ର ଘାସିରାମ ପଣ୍ଡା, ଚାଇଲ୍ଡଲାଇନ୍‌ର ନିର୍ଦ୍ଦେଶକ ବେଣୁଧର ସେନାପତି, ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ସେଭ୍ ଦି ଚିଲ୍‌ଡ୍ରେନର ଡ. ଅଭିଜିତ ଭଦ୍ର, ଆସାୟେଁର ଅଧ୍ୟକ୍ଷ ରତ୍ନାକର ସାହୁ, ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ଶିବାନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୟୁନିସେଫ୍ ପ୍ରତିନିଧି ଧର୍ମାନନ୍ଦ ସୁନ୍ଦରାୟ ବୈଠକ ପରିଚାଳନା କରିଥିବାବେଳେ ଆୟୋଗ ସଦସ୍ୟା ବିଦ୍ୟା ଶାଶ୍ୱତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଅଧିକାର ସୁରକ୍ଷା ପାଇଁ ସମନ୍ୱିତ ପ୍ରୟାସ ଆବଶ୍ୟକ

ଶିଶୁମାନେ ହେଉଛନ୍ତ ସମାଜର ସବୁଠାରୁ ସମ୍ବେଦନଶୀଳ ବର୍ଗ। ସେମାନଙ୍କ ଅଧିକାର ସମୂହର ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଏକାନ୍ତ ଆବଶ୍ୟକ। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ବୁଧବାର ଆୟୋଜିତ କର୍ମଶାଳାରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଶ୍ରମ ବିଭାଗ ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ ଯୋଗଦେଇ କହିଲେ, ରାଜ୍ୟରେ ଶିଶୁ ଶ୍ରମ ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ଯେଉଁଠି ଶିଶୁମାନେ ଅବହେଳିତ ବା ଶୋଷିତ ହେବାର ନଜର ଆସୁଛି, ଶ୍ରମ ବିଭାଗ ସେମାନଙ୍କୁ ତୁରନ୍ତ ଉଦ୍ଧାର କରୁଛି। ପରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଦକ୍ଷତା ବିକାଶ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସେମାନଙ୍କୁ ଥଇଥାନ କରାଯାଉଛି। ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଲେ, ଅଧିକାରରୁ ବଞ୍ଚିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏଥିପାଇଁ ପଞ୍ଚାୟତ ପ୍ରତିନିଧିଙ୍କୁ ଅଧିକ ସଚେତନ କରିବା ଆବଶ୍ୟକ। ଏହାଦ୍ୱାରା ବିଶେଷ କରି ଗ୍ରାମାଞ୍ଚଳରେ ହେଉଥିବା ବାଲ୍ୟବିବାହ, ଶିଶୁ ନିର୍ଯାତନାକୁ ରୋକାଯାଇପାରିବ।

ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅତିରିକ୍ତ ନିର୍ଦ୍ଦେଶିକା ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଗୀତାରାଣୀ ପଟ୍ଟନାୟକ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ସବୁ ବିଭାଗ ସଂଯୋଜନ ମଡେଲ୍‌ରେ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତିର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଣ୍ଡା ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ ରୋକିବା ସହ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଥିବା ଆଇନ, ଆଶୀର୍ବାଦ ଯୋଜନା ଓ ଶିଶୁଙ୍କ ବିକାଶ ପାଇଁ ରାଜ୍ୟ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ପ୍ରେମୀଯୁଗଳଙ୍କ ସନ୍ଦେହଜନକ ମୃତ୍ୟୁ

ବାଲୁଗାଁ,୮।୬(ଡି.ଏନ୍.ଏ.)

ବାଲୁଗାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ବାଣପୁର ଅଞ୍ଚଳର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ବାଲୁଗାଁ ଥାନା ଅଧୀନ ବିଷ୍ଣୁଡ଼ିହ ଗ୍ରାମସ୍ଥିତ ଏକ ପାଣିଟାଙ୍କି ନିକଟରେ ଏହି ପ୍ରେମୀଯୁଗଳ ମୁର୍ମୁଷ ଅବସ୍ଥାରେ ପଡ଼ିରହିଥିଲେ। କେତେଜଣ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଉଭୟଙ୍କ ପରିବାର ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ସେମାନଙ୍କ ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଜଣଙ୍କୁ ଭୁବନେଶ୍ୱର ଏବଂ ଅନ୍ୟ ଜଣଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଅପରାଧ ପୂର୍ବରୁ ୨ ସୁପାରିକିଲରଙ୍କ ସହ ୩ ଗିରଫ

ଜଟଣୀ,୮।୬(ଡି.ଏନ୍.ଏ.)

**୨ ବନ୍ଧୁକ, ୧୩ ଗୁଳି, ବାଇକ୍, କାର୍ ଓ ମୋବାଇଲ୍ ଜବତ**






ଅପରାଧ ଘଟାଇବା ପୂର୍ବରୁ ବୁଧବାର ଜଟଣୀ ପୋଲିସ ୨ଜଣ ସୁପାରୀ କିଲରଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଧୀନ ଦକ୍ଷିଣବେଢ଼ା ଗ୍ରାମର ବିକ୍ରମ ଓରଫ ଧର୍ମେନ୍ଦ୍ର ରାଉତ(୨୭), ଭିତରଗଡ଼ ଗ୍ରାମର ଦୀପୁ ଓରଫ ଦୀପ୍ତିରଞ୍ଜନ ଜେନା(୨୪) ଏବଂ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ସନ୍ତୋଷ ମାର୍ଥା। ଏମାନଙ୍କ ନିକଟରୁ ଗୋଟିଏ ୯ଏମଏମ ଦେଶୀ ବନ୍ଧୁକ, ଗୋଟିଏ ୭.୬୫ଏମଏମ ଦେଶୀ ବନ୍ଧୁକ, ୧୩ଟି ଗୁଳି, ଗୋଟିଏ ବାଇକ୍ ଓ କାର୍, ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଦୁଇଟି ମାମଲା (ନଂ.୨୦୪/୨୨, ୨୦୫/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବଡ଼ଧରଣର ଅପରାଧ ଘଟାଇବା ପାଇଁ ଦୁଇଜଣ ଯୁବକ କେନ୍ଦ୍ରାପଡ଼ା ଜିଲାରୁ ଏକ କଳାରଙ୍ଗର ବାଇକ୍‌ରେ ଜଟଣୀ ଆସିଛନ୍ତି ବୋଲି ମଙ୍ଗଳବାର ପୋଲିସକୁ ସୂଚନା ମିଳିଥିଲା। ଏହି ଖବର ମିଳିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। ଚଢ଼ାଉ ବେଳେ ଆଇଆଇଟିସ୍ଥିତ ଜଟଣୀ-ଖୁଦୁପୁର ରାସ୍ତାରେ ପୋଲିସ ଦୁଇଜଣ ଯୁବକଙ୍କୁ ଧରିଥିଲା। ଏହାପରେ ପଚରାଉଚରା ବେଳେ ସେମାନେ କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ହୋଇଥିବା ବେଳେ ସୁନ୍ଦରପଦା ଅଞ୍ଚଳର ସନ୍ତୋଷ ମାର୍ଥା କୌଣସି ଅପରାଧ ପାଇଁ ସେମାନଙ୍କୁ ଡାକିଥିବା ପୋଲିସକୁ କହିଥିଲେ। ଏହା ପରେ ତଲାସି ବେଳେ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ୭ଟି ଗୁଳି ଜବତ କରିଥିଲା। ସେମାନଙ୍କ ସୂଚନା ଅନୁସାରେ ପୋଲିସ ଜଟଣୀ ବ୍ଲକ ବୁଢାପଡ଼ା ନିକଟ ହରିରାଜପୁର-ଭୁବନେଶ୍ୱର ରାସ୍ତାରୁ ସନ୍ତୋଷଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଏକ ୭.୬୫ଏମଏମ ବନ୍ଧୁକ, ୬ଟି ଗୁଳି ସହ ଏକ କାର୍ ଜବତ ହୋଇଥିଲା। ଏହା ପରେ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ବିକ୍ରମ ଏବଂ ଦୀପୁ ପେସାଦାର ଅପରାଧୀ ହୋଇଥିବା ବେଳେ ସେମାନଙ୍କ ନାମରେ କେନ୍ଦ୍ରାପଡ଼ାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

## ଦେଶୀ ବନ୍ଧୁକ, ଗୁଳି ଜବତ: ବିକ୍ରେତା ଗିରଫ



କଟକ ଅଫିସ, ୮।୬

ଦେଶୀ ବନ୍ଧୁକ ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ହାତରେ ବିକ୍ରେତା ଧରାପଡ଼ିଛନ୍ତି। ମଙ୍ଗଳବାର ବାଦାମବାଡ଼ି ଥାନା ପୋଲିସ ସମ୍ପୃକ୍ତ ବିକ୍ରେତା କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ବାଗଡ଼ାର ମନୋରଞ୍ଜନ ସ୍ୱାଇଁ (୩୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ସହ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି। ଏନେଇ ବାଦାମବାଡ଼ି ଥାନାରେ ଏକ ମାମଲା (ନଂ. ୧୫୯/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ମନୋରଞ୍ଜନ କାଠଯୋଡ଼ି ନଦୀକୂଳସ୍ଥିତ ଖେଳପଡ଼ିଆ ନିକଟରେ ବନ୍ଧୁକ ଓ ଗୁଳି ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ଏସ୍ଆଇ ଯୋଗେଶ କୁମାର ବେଜ୍ ସଦଳବଳେ ଚଢାଉ କରି ମନୋରଞ୍ଜନଙ୍କୁ ଧରିଥିଲେ। ଏହି କାରବାରରେ ତାଙ୍କ ସହ ଆଉ କିଏ ସମ୍ପୃକ୍ତ ସେ ନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦିଲୀପ କୁମାର ମହାନ୍ତି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶୁଭାଶିଷ


@ ଗୋବର୍ଦ୍ଧନ


@ ସତ୍ୟପ୍ରିୟା


@ ବଟକୃଷ୍ଣ


@ ଦିପୁ

## ଘରୋଇ କଲେଜରେ ୧୩ ଛାତ୍ର କରୋନା ଆକ୍ରାନ୍ତ

**ଆଜି ଅବଶିଷ୍ଟ ୧୪୨ଜଣଙ୍କ ପରୀକ୍ଷା ହେବ**

କଟକ ଅଫିସ,୮।୬

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ଏକାଧିକ ଛାତ୍ର କରୋନା ସଂକ୍ରମିତ ହୋଇଛନ୍ତି। ସିଏମ୍‌ସି ଅନ୍ତର୍ଗତ ୫୯ନମ୍ବର ୱାର୍ଡର ନୂଆପାଟଣାଠାରେ ୱାର୍ଲ୍ଡ ସ୍କିଲ ସେଣ୍ଟର ନାମକ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୧୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ମଙ୍ଗଳବାର ଉକ୍ତ ସେଣ୍ଟରର ହଷ୍ଟେଲରେ ଥିବା ଜଣେ ଛାତ୍ରଙ୍କର ଦେହ ଅସୁସ୍ଥ ହୋଇ ଜ୍ୱର ସହ ପ୍ରବଳ ଥଣ୍ଡା ହୋଇଥିଲା। ସମ୍ପୃକ୍ତ ଛାତ୍ରଙ୍କୁ ବମ୍ପକୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁଏଚସି)ରେ ଡାକ୍ତରଙ୍କ ପରାମର୍ଶକ୍ରମେ କରୋନା ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଆଇସୋଲେଶନରେ ରହିବାକୁ ଡାକ୍ତର କହିଥିଲେ। ତେବେ ବୁଧବାର ପୁଣି ୩ଜଣ ଛାତ୍ରଙ୍କୁ ଜ୍ୱର ଏବଂ ଥଣ୍ଡା ହେବାରୁ ସେମାନେ ବମ୍ପକୁଦ ୟୁଏଚସିକୁ ଆସିଥିଲେ। ସମସ୍ତଙ୍କର କରୋନା ପରୀକ୍ଷା କରାଯାଇ ରିପୋର୍ଟ ପଜିଟିଭ ଆସିଥିଲା। ଏହି ଘଟଣାକୁ ୟୁଏଚ୍‌ସି କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପରେ ଏକ ରାପିଡ୍ ରେସ୍ପନ୍ସ ଟିମ୍ ସମ୍ପୃକ୍ତ ହଷ୍ଟେଲରେ ପହଞ୍ଚିଥିଲେ। ସେଠାରେ ରହୁଥିବା ଛାତ୍ରଙ୍କର କରୋନା ପରୀକ୍ଷା କରାଯାଇଥିଲା । ମୋଟ ୨୦୦ ଛାତ୍ର ରହୁଥିବାବେଳେ ବୁଧବାର ୬୫ଜଣଙ୍କର କରୋନା ପରୀକ୍ଷା ହୋଇଥିଲା ସେମାନଙ୍କ ମଧ୍ୟରୁ ଆଉ ୮ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଗୁରୁବାର ଅବଶିଷ୍ଟ ୧୪୨ଜଣ ଛାତ୍ରଙ୍କର କରୋନା ପରୀକ୍ଷା ହେବ ବୋଲି ସୂଚନା ମିଳିଛି ।


ନ୍ୟାଶନାଲ କଲ୍‌ଚର ମିଶନ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ଓ ନବୀନ କଳାକାର କାର୍ଯ୍ୟକ୍ରମରେ ଶିଳ୍ପୀମାନେ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।


ଲାଭିଶ୍ ପକ୍ଷରୁ ଓଡ଼ିଶୀ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରଠାରେ ବୁଧବାର ଅନୁଷ୍ଠିତ ଗ୍ଲୋରି ଅଫ ଇଣ୍ଡିଆର ଗ୍ରାଣ୍ଡ ଫାଇନାଲ ଫ୍ୟାଶନ ଶୋ'ରେ ଭାଗ ନେଇଥିବା କଳାକାର ଏବଂ ଅତିଥିବୃନ୍ଦ।

## ସଂକ୍ଷେପରେ

### ୪ ଦାବି ନେଇ ରେଭେନ୍ସା କୁଳପତିଙ୍କୁ ଦାବିପତ୍ର ପ୍ରଦାନ

କଟକ ଅଫିସ,୮।୬- ରେଭେନ୍ସା ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପୁରାତନ ଛାତ୍ର ସଂସଦ(ଜେଏମ୍ସି ଆଲୁମିନି) ପକ୍ଷରୁ କୁଳପତିଙ୍କୁ ୪ ଦଫା ସମ୍ବନ୍ଧିତ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ୨୦୦୩ରୁ ପ୍ରତିବର୍ଷ ଅନେକ ଛାତ୍ରୀଛାତ୍ର ପେସାଦାର ଖବରଦାତା ଭାବେ ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ଦୀର୍ଘବର୍ଷ ଧରି ବାରମ୍ବାର ଦାବି ସତ୍ତ୍ୱେ ଉକ୍ତ ବିଭାଗରେ ଏମ୍ଫିଲ ଓ ପିଏଚ୍ଡି ଖୋଲିପାରି ନାହିଁ ବୋଲି ପୁରାତନ ଛାତ୍ରସଂସଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ଯଥାଶୀଘ୍ର ନୂତନ ଭାବେ ଗଢ଼ାଯାଉଥିବା ମହାନଦୀ କ୍ୟାମ୍ପସରେ ଏ ପାଠ୍ୟକ୍ରମ ଆରମ୍ଭ କରାଇବାକୁ କୁଳପତିଙ୍କୁ ନିବେଦନ କରାଯାଇଛି। ଏଥିସହ ସେଲ୍ଫ ଫାଇନାନ୍ସିଂ ବିଭାଗକୁ ସ୍ଥାୟୀ ମାନ୍ୟତା ଦେବା ଓ ସରକାରୀ ଚାପରେ ସ୍ନାତକବିଭାଗ ବନ୍ଦ ନ କରି ବରଂ ଏମ୍ଫିଲ ଓ ପିଏଚ୍.ଡି. ଖୋଲିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବାବେଳେ ଆଲୁମ୍ନି ସମ୍ପାଦକ ଜଗନ୍ନାଥ ମହାନ୍ତି , ଆଲୁମ୍ନି ଆସୋସିଏଶନର କୋଷାଧକ୍ଷ ସନ୍ତୋଷ ମହାରଣା, ଶୁଭମ ମହାପାତ୍ର, ଦୀପ୍ତିମୟୀ ସାହୁ, ପ୍ରକାଶ କୁମାର ପଣ୍ଡା, ଆଶିଷ ମିଶ୍ର, ନିତେଶ କୁମାର ସାହୁ, ରିତିକା କୁଜୁର ଏବଂ ଅର୍ପିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ୧୫୦ ଲିଟର ମଦ ଜବତ, ଜଣେ ଗିରଫ

ବାରଙ୍ଗ,୮।୬(ଡି.ଏନ୍.ଏ.): ଦେଶୀମଦ ବୋଝେଇ ଅଟୋକୁ ମେଣ୍ଢାଶାଳ ଫାଣ୍ଡି ପୋଲିସ ମଙ୍ଗଳବାର ରାତିରେ ଜବତ କରିଛି। ସେଥିରୁ ୧୫୦ ଲିଟର ଦେଶୀମଦ ସହ ଚାଳକ ରମେଶ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ପୋଲିସ ମଦ ବୋଝେଇ ଅଟୋ ବାବଦରେ ବିଶେଷ ସୂତ୍ରରୁ ଖବରପାଇ ଅଙ୍ଗାରପଡା ଗାଁ ମୁଣ୍ଡରେ ଜଗି ରହିଥିଲା। ସେହି ସମୟରେ ବାଙ୍କୀ ପଟରୁ ଅଙ୍ଗାରପଡା ଦେଇ ଯାଉଥିବା ମଦ ବୋଝେଇ ଅଟୋକୁ ପୋଲିସ ଯାଞ୍ଚ କରିବା ପରେ ମଦ ଜବତ କରିଛି।

# ସମଲିଙ୍ଗୀ ଆପ୍‌ରେ ଫସିଲେ ନର୍ସିଂ ଅଫିସର

- ଫୋନ୍ ଛଡ଼ାଇ ଲକ୍ଷେ ଟଙ୍କା ଲୁଟିନେଲେ
- ଜଣେ ଗିରଫ, ଦୁଇ ଫେରାର

ଭୁବନେଶ୍ୱର, ୮।୬(ବ୍ୟୁରୋ) : ସାଇବର ଅପରାଧୀମାନେ ଦିନକୁ ଦିନ ନୂଆ ନୂଆ ତରିକାରେ ଲୋକଙ୍କୁ ଠକୁଛନ୍ତି। କେତେବେଳେ ସୋସିଆଲ ମିଡିଆ ଆକାଉଣ୍ଟକୁ ହ୍ୟାକ୍ କରି ତ ପୁଣି ଆଉ କେତେବେଳେ ବିଭିନ୍ନ ପ୍ରକାର ମେସେଜ୍ ଓ ଫେକ୍ କଲ୍ କରି ଚତୁରତାର ସହ ତଥ୍ୟ ହାସଲ କରି ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଲୁଟି ନେଉଛନ୍ତି। ଏବେ ସମଲିଙ୍ଗୀ ଆପ୍ ମାଧ୍ୟମରେ ଲୋକଙ୍କୁ ଫସାଇ ଟଙ୍କା ଲୁଟିବା ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୋଲିସ। ଏହି ର୍ୟାକେଟରେ ଫସି ଜଣେ ନର୍ସିଂ ଅଫିସର ଲକ୍ଷେ ଟଙ୍କା ହରାଇଛନ୍ତି। ଅଭିଯୋଗ ପରେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଗିରଫ ଅଭିଯୁକ୍ତ ହେଲେ ଡୁମୁଡୁମା ଫେଜ୍-୨ରେ ରହୁଥିବା ସାନୁ ଓରଫ୍ ବାବୁ ଓରଫ୍ ଶୁଭମ୍ ସିଂ(୨୨)। ତାଙ୍କଠାରୁ ଏକ ସିମ୍ କାର୍ଡ ଜବତ କରାଯାଇଛି। ପରେ ପୋଲିସ ଶୁଭମ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇର ଶିକାର ନର୍ସିଂ ଅଫଇସର ଜଣକ ସ୍ଥାନୀୟ ଏକ ସରକାରୀ ମେଡିକାଲରେ କାର୍ଯ୍ୟ କରନ୍ତି। ସାଇବର ଅପରାଧୀ ପଠାଇଥିବା ସମଲିଙ୍ଗୀ ଆପ୍ 'ଗ୍ରିଣ୍ଡର-ଗେ ଚାଟ୍'ରେ ସେ ନିଜ ନାମ ରେଜିଷ୍ଟ୍ରେଶନ କରି ଚାଟ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଲୋଭ ଦେଖାଇ ତମାଣ୍ଡୋ ଅଞ୍ଚଳକୁ ଡକାଇଥିଲେ। ସେ ନିର୍ଦ୍ଧାରିତ ସ୍ଥାନରେ ଜଣକ ପହଞ୍ଚିବା କ୍ଷଣି ଅଭିଯୁକ୍ତମାନେ ତାଙ୍କଠାରୁ ମୋବାଇଲ୍ ଫୋନ୍ ଛଡାଇ ନେଇଥିଲେ। ପରେ ଉକ୍ତ ମୋବାଇଲରେ ଥିବା ଫୋନ୍ ପେ' ମାଧ୍ୟମରେ ୫ ଥରରେ ତାଙ୍କ ଆକାଉଣ୍ଟରୁ


ଅଭିଯୁକ୍ତ ଶୁଭମ୍ ସିଂ।

୧ ଲକ୍ଷ ଟଙ୍କା ନେଇଯାଇଥିଲେ। ଶେଷରେ ନର୍ସିଂ ଅଫିସର ଜଣକ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତମାନେ ପୂର୍ବରୁ ଏପରି ଅନେକଥର ଅପରାଧ ଘଟାଇ ସାରିଛନ୍ତି। ମୁଖ୍ୟ ଅଭିଯୁକ୍ତ ସାନୁ ୨ ଜଣ ସହଯୋଗୀ ଆଲୋକ ଏବଂ ଟୁଲୁଙ୍କ ସହିତ ମିଶି ଗ୍ରିଣ୍ଡର-ଗେ ଚାଟ୍' ଆପ୍ ମାଧ୍ୟମରେ ଲୋକଙ୍କୁ ଫସାଇ ଟଙ୍କା ଲୁଟିଥାନ୍ତି। ପ୍ରଥମେ ଅଭିଯୁକ୍ତ ଟୁଲୁ ଏହି ଆପ୍ ଜରିଆରେ ଲୋକଙ୍କ ମୋବାଇଲ୍ ଫୋନ୍‌କୁ ବାର୍ତ୍ତାଳାପ ପାଇଁ ଲିଙ୍କ୍ ପଠାଇଥାନ୍ତି। ବ୍ୟବହାରକାରୀ ରାଜି ହେବାପରେ ସେମାନଙ୍କୁ ପ୍ରଥମେ ରେଜିଷ୍ଟ୍ରେଶନ ପାଇଁ କୁହାଯାଇଥାଏ। ପରେ ସାକ୍ଷାତ କରିବା ପାଇଁ ଅନୁରୋଧ କରନ୍ତି। ଶେଷରେ ଅଭିଯୁକ୍ତମାନେ ଏକାନ୍ତ ସ୍ଥାନକୁ ଡାକି ବିଭିନ୍ନ ମାଧ୍ୟମରେ ଟଙ୍କା ଲୁଟି ନେଇଥାନ୍ତି। ସହଯୋଗୀ ଅଭିଯୁକ୍ତ ଆଲୋକ ଓ ଟୁଲୁକୁ ଗିରଫ ପାଇଁ ପ୍ରୟାସ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡିଛି।

# କୁଆଖାଇକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

**ପ୍ରେମିକ ଅଶ୍ଳୀଳ ଭିଡିଓ ରଖି ବ୍ଲାକ୍‌ମେଲ କରୁଥିଲେ**

- ପୂର୍ବରୁ ଫିନାଇଲ ପିଇବା ସହ ହାତ କାଟିଦେଇଥିଲେ
- ଘଟଣାକୁ ପୋଲିସ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ

ଭୁବନେଶ୍ୱର,୮।୬(ବ୍ୟୁରୋ): ପ୍ରେମିକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ରଖି ବ୍ଲାକମେଲ କରୁଥିବାରୁ ଶହୀଦନଗର ଥାନା ନିକୋପାର୍କ ନିକଟରେ ରହୁଥିବା ଜଣେ ଯୁବତୀ ବୁଧବାର ସକାଳେ କୁଆଖାଇ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦ୍ୱାରା ସେ ଉଦ୍ଧାର ହେବା ପରେ ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ରାଜା ନାମକ ଜଣେ ଯୁବକଙ୍କ ସହ ତାଙ୍କର ୩ ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ୧୦ ଦିନ ତଳେ ସମ୍ପୃକ୍ତ ଯୁବକ ବିବାହିତ ଏବଂ ତାଙ୍କର ୩ ବର୍ଷର ପୁଅ ଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ମୋବାଇଲରେ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରାଲ କରିଦେବାର ଧମକ ଦେଇ ରାଜା ଯୁବତୀଙ୍କୁ ବ୍ଲାକମେଲ କରିଥିଲେ। ଏନେଇ ଯୁବତୀ ଜଣକ ସୋମବାର ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲାକୁ ଗୁରୁତ୍ୱର ସହ ନ ନେଇ ତଦନ୍ତ କରୁ ନ ଥିବା ଯୁବତୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ତାଙ୍କ ଘରକୁ ରାଜା ଆସି ୩ ହଜାର ୫୦୦ ଟଙ୍କା ନେବା ସହ ଯୁବତୀଙ୍କ ମୋବାଇଲରୁ ଉଭୟଙ୍କ ଫଟୋ ଡିଲେଟ କରିଦେଇଥିଲେ। ହେଲେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରାଲ କରିଦେବାର ବାରମ୍ବାର ରାଜା ଧମକ ଦେଇଥିଲେ। ତେଣୁ ମଙ୍ଗଳବାର ଯୁବତୀ ନିଜ ହାତକୁ କାଟିବା ସହ ଫିନାଇଲ୍ ପଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ବୁଧବାର ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏନେଇ କୌଣସି ମାମଲା ହୋଇ ନ ଥିବା ଶହୀଦନଗର ଅତିରିକ୍ତ ଥାନାଧିକରୀ ବିଜୟ କୁମାର ବାରିକ କହିଛନ୍ତି।



# ବିଶୋଧନାଗାର ଦେଖିଲେ ଆମେରିକୀୟ ପ୍ରତିନିଧି ଦଳ

କଟକ ଅଫିସ,୮।୬: ଆମେରିକାର 'ଦ ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର ଇଣ୍ଟରନ୍ୟାଶନାଲ ଡେଭେଲପମେଣ୍ଟ (ୟୁଏସ୍ଏଆଇଡି)ର ଏକ ପ୍ରତିନିଧି ଦଳ ବୁଧବାର ସ୍ଥାନୀୟ ମତ୍ତଗଜୁରଠାରେ କଟକ ମହାନଗର ନିଗମ ପକ୍ଷରୁ ନିର୍ମିତ ମଳ ବିଶୋଧନାଗାର ପରିଦର୍ଶନ କରିଛନ୍ତି। ସେମାନେ ବିଶୋଧନାଗାର ଅଞ୍ଚଳ ବୁଲି ଦେଖିବା ସହ କିପରି ମଳରୁ ଖତ ପ୍ରସ୍ତୁତ କରାଯାଉଛି ତାହା ଅନୁଧ୍ୟାନ କରିଥିଲେ। କିନ୍ନରମାନେ ଏହି ବିଶୋଧନାଗାରକୁ ପରିଚାଳନା କରୁଥିବା ଦେଖି ସେମାନେ ଖୁସି ବ୍ୟକ୍ତ କରିଥିଲେ। ଏହାକୁ ପରିଚାଳନା କରୁଥିବା ବହୁଚରାମାତା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ତନୁଶ୍ରୀ ବେହେରା, ସମ୍ପାଦିକା ଶୀତଲ ବସ୍ତିଆ, ଏଫ୍ଏସ୍ଏସ୍ଏମର ଡ. ସୌଜନେନ୍ଦ୍ର ସ୍ୱାଇଁ, ୱାଟର ସାନିଟେଶନ ଆଣ୍ଡ ହାଇଜେନିକ ଇନଷ୍ଟିଚ୍ୟୁଟ (ଡବ୍ଲ୍ୟୁଏଏସଏଚ)ର ମୁଖ୍ୟ ଡ. ରାଜେଶ ପାଇ, ୟୁଏସ୍ଏଆଇଡିର ନିର୍ଦ୍ଦେଶକ ମାର୍କ ଟେଜେନଫ୍ଲେଲ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କ ଅର୍ବାନ ହାଟରେ କ୍ରାଫ୍ଟ ବଜାର

ଭୁବନେଶ୍ୱର,୮।୬(ବ୍ୟୁରୋ) ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ଆର୍ଥିକ ସହାୟତାରେ ଓଡିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସହଯୋଗରେ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା କୋଣାର୍କସ୍ଥିତ ଅର୍ବାନ ହାଟଠାରେ କ୍ରାଫ୍ଟ ବଜାର ଖୋଲିଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ବଜାର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ତଥା ବାହାର ରାଜ୍ୟର ୧୦୦ଜଣ କାରିଗର ନିଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରୁଛନ୍ତି। ଶିଙ୍ଘ, ବାଉଁଶ, ବେତ, ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, କଣ୍ଢେଇ, ଲୌହ ଶିଳ୍ପ, ଲାଖ, ଆଦିବାସୀ ଜୁଏଲାରୀ, ଇମିଟେଶନ ଜୁଏଲାରୀ, ସବାଇ ଘାସ, କାଇଁଚ, କତା, ସମ୍ବଲପୁରୀ ବସ୍ତ୍ର ଓ ରୂପା ତାରକଶୀ ଆଦି ସାମଗ୍ରୀ ଏହି କ୍ରାଫ୍ଟ ବଜାରରେ ଉପଲବ୍ଧ ହେଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଏହି ବଜାରକୁ ଉଦ୍‌ଘାଟନ କରିଥିଲେ। ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଏହି ବଜାରର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।


କୋଣାର୍କ ଅର୍ବାନ ହାଟରେ ଖୋଲାଯାଇଥିବା କ୍ରାଫ୍ଟ ବଜାରରେ ଏକ ଷ୍ଟଲ।

# କଟକ, ଭୁବନେଶ୍ୱର, ତାଳବଣିଆ ବସଷ୍ଟାଣ୍ଡରେ ସୂଚନା କେନ୍ଦ୍ର

- ରଥଯାତ୍ରାରେ ଶୃଙ୍ଖଳିତ ବସ୍ ଚଳାଚଳ ପାଇଁ ବୈଠକ
- ବସ୍ ଭଡ଼ା ବୃଦ୍ଧି ନ କରିବାକୁ ପରାମର୍ଶ

କଟକ ଅଫିସ,୮।୬ ପୁରୀ ରଥଯାତ୍ରାରେ ଶୃଙ୍ଖଳିତ ଭାବେ ବସ୍ ଚଳାଚଳ ନିମନ୍ତେ ପରିବହନ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରିବହନ କମିଶନର ଅରୁଣ ବୋଥ୍ରା ଯୋଗଦେଇ ରଥଯାତ୍ରା ସମୟରେ ଟ୍ରାଫିକ ପରିଚାଳନା, ସଡ଼କ ସୁରକ୍ଷା, ପାନୀୟ ଜଳ ଓ ବସ୍‌ଗୁଡିକରେ ଫାଷ୍ଟ ଏଡ୍ କିଟ୍ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଯାତ୍ରୀମାନଙ୍କ ସୁବିଧା ପାଇଁ କଟକ, ଭୁବନେଶ୍ୱର ଓ ତାଳବଣିଆ ବସଷ୍ଟାଣ୍ଡରେ ସୂଚନା କେନ୍ଦ୍ର ଖୋଲାଯିବ। ଯେଉଁ ବସ ନିୟମ ଉଲ୍ଲଂଘନ କରିବ ତାହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରଥଯାତ୍ରା ସମୟରେ ପୁରୀ ପାଇଁ ନିର୍ଦ୍ଧାରିତ ବସ ଭଡ଼ା ବୃଦ୍ଧି ନ କରିବା ପାଇଁ ଘରୋଇ ବସ୍ ମାଲିକ ସଂଘକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବସରେ ରେଟ ଚାର୍ଟ ରଖିବାକୁ ସେ କହିଥିଲେ। ବିଶେଷକରି ଦିବ୍ୟାଙ୍ଗଙ୍କୁ ଯେପରି ରଥଯାତ୍ରା ଯିବା ସମୟରେ କୌଣସି ଅସୁବିଧା ନ ହୁଏ ସେନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ କଟକ, ଭୁବନେଶ୍ୱର ଓ ପୁରୀର ପରିବହନ ଅଧିକାରୀ, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ କଟକ, ଭୁବନେଶ୍ୱର ଓ ପୁରୀ ବସ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜି ନୂଆଦିଲ୍ଲୀ ଯିବ ନାଇଜେରୀୟ ଅଭିଯୁକ୍ତଙ୍କ ମୃତଦେହ

କଟକ ଅଫିସ, ୮।୬ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନାଇଜେରୀୟ ଅଭିଯୁକ୍ତଙ୍କ ମୃତଦେହ ପଡ଼ିରହିବା ଘଟଣା ଗଣମାଧ୍ୟମରେ ପ୍ରସାରଣ ପରେ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଗୁରୁବାର ମୃତଦେହକୁ ଟ୍ରେନ୍ ଯୋଗେ ନୂଆଦିଲ୍ଲୀ ପଠାଯିବ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି।

ବୁଧବାର ଏ ନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଅଭିନାଶ ରାଉତ କହିଛନ୍ତି, ମୃତଦେହ ହସ୍ତାନ୍ତର ପାଇଁ ଗତ ୪ ତାରିଖରେ ପୁରୀ ଜେଲ୍ ଅଧୀକ୍ଷକଙ୍କୁ ଚିଠି ଲେଖିଛୁ। ଯେହେତୁ ମୃତକ ଜଣେ ବିଦେଶୀ ନାଗରିକ, ତେଣୁ ତାଙ୍କ ମୃତଦେହ ନେବା ପାଇଁ କିଛି ଔପଚାରିକତା ରହିଛି। ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଚାଲିଛି। ମୃତକଙ୍କ ସାନଭାଇ ଏବଂ ଜେଲ୍ କର୍ତ୍ତୃପକ୍ଷ ଆସିଛନ୍ତି। ଟ୍ରେନ ଟିକେଟ ନେଇ କିଛି ସମସ୍ୟା ରହିଥିଲା। ତେବେ ବୁଧବାର ଏହି ସମସ୍ୟା ସମାଧାନ ହୋଇଛି। ଗୁରୁବାର ପୁରୁଷୋତ୍ତମ ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ମୃତଦେହକୁ ନୂଆଦିଲ୍ଲୀ ନିଆଯିବ। ସେଠାରୁ ଭାରତରେ ଅବସ୍ଥାପିତ ନାଇଜେରିଆର ରାଷ୍ଟ୍ରଦୂତ କାର୍ଯ୍ୟାଳୟ ମାଧ୍ୟମରେ ସ୍ୱଦେଶ ପଠାଯିବାର ଯୋଜନା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ମୃତଦେହ ହସ୍ତାନ୍ତର ପାଇଁ କଟକ ଜିଲା ପ୍ରଶାସନ ଆର୍ଥିକ ସହାୟତା ଦେବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ସୂଚନାଯୋଗ୍ୟ, ମୃତକଙ୍କ ନାମ ଅଗଷ୍ଟିନ୍ ଓଡିକ୍‌ପୋ। ସାଇବର ଅପରାଧ ମାମଲାରେ ଅଗଷ୍ଟିନ୍ ଗିରଫ ହୋଇ ଫେବୃୟାରୀ ୨୦୧୯ରୁ ପୁରୀ ଜେଲ୍‌ରେ ଥିଲେ। ଗତ ୨୬ତାରିଖରେ ହଠାତ ଅଗଷ୍ଟିନ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବିକୁ ଅଣାଯାଇଥିଲା। ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ତାଙ୍କ ମୃତଦେହ ପଡ଼ିରହିଛି। ଗତ ୧୩ ଦିନ ହେଲା ତାଙ୍କ ମୃତଦେହ ପଡ଼ିରହିଥିବାବେଳେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଜାତୀୟ ମାନବ ଅଧିକାର କମିଶନରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

# ଆକ୍ରମଣ କରି ଲୁଟ୍, ୩ ଗିରଫ

ଭୁବନେଶ୍ୱର,୮।୬(ବ୍ୟୁରୋ) ଆକ୍ରମଣ କରି ମୋବାଇଲ ଫୋନ ଛଡାଇନେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଅଞ୍ଚଳର ପିଣ୍ଟୁ ଓରଫ ପ୍ରଦୀପ ସାହୁ (୪୦), ଭଗବାନ ବେହେରା (୧୯) ଓ ଦୁର୍ଗା ଚରଣ ମଲ୍ଲିକ ଓରଫ ମଙ୍ଗୁ (୨୨)। ସେମାନଙ୍କଠାରୁ ଗୋଟିଏ ମୋଟର ସାଇକେଲ ଓ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୩୫/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଡ୍ରେନ୍ ପାଇଁ କଟାହେଲା ଗଛ

ଭୁବନେଶ୍ୱର,୮।୬(ବ୍ୟୁରୋ) ବିକାଶ ନାଁରେ ପରିବେଶ ସୁରକ୍ଷା କଥା ଭୁଲି ଯାଉଛନ୍ତି ଅଧିକାରୀ। ବିଭିନ୍ନ ନିର୍ମାଣ ପାଇଁ ରାଜଧାନୀ ଭୁବନେଶ୍ୱରରେ କଟା ଚାଲିଛି ଗଛ। ନିକଟରେ ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ଲାଗି ଗଛକଟାକୁ ତୀବ୍ର ବିରୋଧ ଜାରି ରହିଛି। ଆନ୍ଦୋଳନ ପରେ ଏଠାରେ ଗଛକଟା ବନ୍ଦ ରହିଥିଲେ ମଧ୍ୟ ସହରର ଏକାଧିକ ସ୍ଥାନରେ ଗଛ କଟା ଚାଲିଥିବା ଦେଖିବାକୁ ମିଳୁଛି। ନୂଆପଲ୍ଲୀ-ଜୟଦେବ ବିହାର ସର୍ଭିସ୍ ରୋଡ୍ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଶତାଧିକ ଗଛ ବଳି ପଡ଼ିବାକୁ ଯାଉଛି। ଇସ୍କନ ମନ୍ଦିର ସମ୍ମୁଖ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ ପାଇଁ ଏନ୍ଏଚ୍ଏଆଇ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଡ୍ରେନ ନିର୍ମାଣ କରାଯିବ। ବର୍ଷା ପାଣିକୁ ବାଣୀବିହାର ନିକଟରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ଜୟଦେବ ବିହାର ଯାଏ ରାସ୍ତା ପାର୍ଶ୍ୱରେ ଥିବା କେତେକ ଗଛକୁ କଟାଯିବ। ଏବେ ଇସ୍କନ ମନ୍ଦିର ନିକଟରୁ ଗଛ କଟା ଆରମ୍ଭ ହୋଇଥିବାବେଳେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


ଇସ୍କନ୍ ମନ୍ଦିର ଅଞ୍ଚଳରେ ଡ୍ରେନ୍ ପାଇଁ ଖନନ କରାଯାଇଛି।

ଗଛକଟା ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ କୁମାର ଷଡ଼ଙ୍ଗୀ କହିଛନ୍ତି, ଇସ୍କନ ପାଖ ଅଞ୍ଚଳରେ ପାଣି ଜମିବା ଏକ ବଡ଼ ସମସ୍ୟା। ଆଗକୁ ବର୍ଷା ଦିନ ଆସୁଛି। ପାଣି ନିଷ୍କାସନ ପାଇଁ ସେଠାରେ ଡ୍ରେନ ନିର୍ମାଣର ଆବଶ୍ୟକତା ରହିଛି। ଏଥିଲାଗି ବେଶି ଗଛ କଟାଯାଇ ନାହିଁ। ଛୋଟ ଛୋଟ ଗଛ କଟିଛି। ବଡ଼ ଗଛଗୁଡ଼ିକୁ ବଞ୍ଚାଇବା ପାଇଁ ଏହି ବାଟରେ ଡ୍ରେନ୍ କରାଯାଉଛି। ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସେ କହିଛନ୍ତି।

# ଏକକ ବ୍ୟବହାର ଯୁକ୍ତ ପ୍ଲାଷ୍ଟିକ୍ ବାରଣ ପାଇଁ ସଚେତନତା

**ସ୍ୱଚ୍ଛତା ମାସ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୮।୬(ବ୍ୟୁରୋ) : ସ୍ୱଚ୍ଛତା ମାସ ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଯାନ୍ତ୍ରିକ ସଫେଇ କରୁଥିବା ପ୍ରୋପାୱାର ସୁଇପିଙ୍ଗ୍ କମ୍ପାନୀ ଏବଂ ଲାୟନ୍ସ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ବିଏମ୍ସି ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ସିଆର୍‌ପି ଛକ ଅଞ୍ଚଳରେ ମେୟର ସୁଲୋଚନା ଦାସ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କମ୍ପାନୀ ଦ୍ୱୟ ପକ୍ଷରୁ ଦେଶର ଅନ୍ୟ ସହରରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଭୁବନେଶ୍ୱରରେ ମଧ୍ୟ ମାସବ୍ୟାପୀ ଚାଲିବ। 'ଏକପାଦ ସ୍ୱଚ୍ଛତା ଆଡକୁ, ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା'ର ବାର୍ତ୍ତା ଦିଆଯାଇଛି। ଏହି ଅବସରରେ ଏକକ ବ୍ୟବହାର ଯୁକ୍ତ ପ୍ଲାଷ୍ଟିକକୁ ବାରଣ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା।

ବିଏମ୍ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ଅଭିଯାନରେ ସଂପୃକ୍ତ ସଂସ୍ଥାର କର୍ମଚାରୀ ବିଏମ୍ସିର ପରିମଳ ଟିମ୍‌ମାନେ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଏମ୍ସି ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ।

ଯାନ୍ତ୍ରିକ ସଫେଇ ହେଉଥିବା ପ୍ରାୟ ୩୭ କିମି ରାସ୍ତା ଓ ଏହାର ଆଖପାଖ ମାର୍କେଟ ଅଞ୍ଚଳକୁ ଯାଇ ସଚେତନତା କରିବେ। ଏଥିସହ ଉଲ୍ଲଂଘନକାରୀଙ୍କୁ ସଚେତନ କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ଚାଲୁ ରହିବ। ବିଭିନ୍ନ ଦିବସରେ କିଟ୍ ଛକରୁ ପଟିଆ, ଶିଖର ଚଣ୍ଡି, ଇନଫୋସିସ୍, ଓମ୍‌ଫେଡ୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, ଜୟଦେବ ବିହାର ଛକ, ସିଆର୍‌ପି ଛକରୁ ଷ୍ଟିୱାର୍ଟ ସ୍କୁଲ୍, ଡେଲ୍‌ଟା, ପାୱାର ହାଉସ୍, ରାଜ ଭବନରୁ ଗୋପବନ୍ଧୁ ଛକ, ଶିରିପୁର, ପାଇକ ନଗର, ଫାୟାର ଷ୍ଟେଶନ, ଗଙ୍ଗ ନଗର, ଆଇଆର୍‌ସି ଭିଲେଜ୍ ରିଂ ରୋଡ୍, ଖଣ୍ଡଗିରି ଅଞ୍ଚଳ, ରସୁଲଗଡ, ବାଣୀବିହାର ଆଦି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ।

ଏହି କାର୍ଯ୍ୟକ୍ରମ ଦକ୍ଷିଣ ପୂର୍ବ ଜୋନରୁ ଆରମ୍ଭ ହୋଇଥିବାରୁ ଜୋନାଲ୍ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କ ତତ୍ତ୍ୱାବଧାନରେ ଜୋନର ପରିମଳ ଟିମ୍ ଅଭିଯାନକୁ ଆଗେଇ ନେଇଥିଲେ। ଟିମ୍ ସଦସ୍ୟମାନେ ମେୟର, ଡେପୁଟି କମିଶନର, କର୍ପୋରେଟର ମାନସୀରାଣୀ ସୁନ୍ଦରାୟ ଓ ଶୁଭ୍ରାଂଶୁ ପଟ୍ଟନାୟକ, ସ୍ୱଚ୍ଛସାଥୀଙ୍କ ସହ ନିକଟ ବଜାରକୁ ଯାଇ ଦୋକାନୀମାନଙ୍କୁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରିବାକୁ ବୁଝାଇଥିଲେ। ମେୟର ସୁଲୋଚନା ଦାଶ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମିଳିତ ପଦକ୍ଷେପରେ ଆମେ ସ୍ୱଚ୍ଛତାର ଶୀର୍ଷରେ ପହଞ୍ଚି ପାରିବା ଏବଂ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶାକୁ ସାକାର କରିପାରିବା ବୋଲି ମେୟର କହିଥିଲେ।

## ଆୟକର ବିଭାଗ ପକ୍ଷରୁ ଯୋଗ ଶିବିର

**କଟକ ଅଫିସ,୮।୬:** କଟକସ୍ଥିତ ଆୟକର ବିଭାଗ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବର ଅଂଶବିଶେଷ ଆଇକନିକ ସପ୍ତାହ ପାଳନ କରାଯାଉଛି। ଏହି ସପ୍ତାହ ଗତ ୬ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ସସ୍ମିତା ମିଶ୍ର ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଆୟକର ନିରୀକ୍ଷକ ଶିବପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହିନ୍ଦୀ ଅନୁବାଦିକା ପ୍ରାତିମଞ୍ଜରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଚୋରା ମୋବାଇଲ ବିକ୍ରିବେଳେ ୨ ଗିରଫ

**ଭୁବନେଶ୍ୱର, ୮।୬(ବ୍ୟୁରୋ) :** ଚୋରା ମୋବାଇଲ ଫୋନ ବିକ୍ରି କରୁଥିବାବେଳେ ଏୟାରପୋର୍ଟ ଥାନା ପୋଲିସ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡର ମାନସ ଦାସ (୨୭) ଓ ଗଞ୍ଜାମର ରାଜେଶ ବେଜ (୨୨)। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଥିବାବେଳେ ପୋଲିସ ଏକ ମାମଲା (ନଂ.୧୮୪/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନସଙ୍କ ବିରୋଧରେ ପୂର୍ବରୁ ଏୟାରପୋର୍ଟ ଥାନାରେ ୫ଟି ଓ ରାଜେଶଙ୍କ ନାମରେ ୩ଟି ଚୋରି ଓ ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି। ଅଭିଯୁକ୍ତଦ୍ୱୟ ଅଭ୍ୟାସଗତ ଭାବରେ ଅପରାଧରେ ସଂପୃକ୍ତ ଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଥାନା ସୂତ୍ରରୁ ସୂଚନା ଦିଆଯାଇଛି।

### ଖୁଣ୍ଟୁଣୀରୁ ଅପହୃତ ନାବାଳିକା ଗଞ୍ଜାମରୁ ଉଦ୍ଧାର

**ଖୁଣ୍ଟୁଣୀ,୮।୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ଗଞ୍ଜାମ ଜିଲାରୁ ଏକ ହୋଟେଲ ଭିତରୁ ଉଦ୍ଧାର କରିଛି। ଏଥିସହ ଅପହରଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ପଥରକଟା ଅଞ୍ଚଳର ପ୍ରଦୀପ ବିଶାଳ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୧୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ପ୍ରଦୀପ ୪ ତାରିଖରେ ଖୁଣ୍ଟୁଣୀ କଲେଜ ରୋଡ୍‌କୁ ଆସିଥିବାବେଳେ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିଲେ। ନାବାଳିକାଙ୍କ ପରିବାର ଲୋକ ୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ତଦନ୍ତ ଚଳାଇ ବିଶେଷ ସୂତ୍ରରୁ ଖବରପାଇ ନାବାଳିକାଙ୍କୁ ପ୍ରଦୀପ ଗଞ୍ଜାମରେ ଥିବାର ଜାଣିବାକୁ ପାଇଥିଲେ। ଏସ୍‌ଆଇ ସୁନୀଲ ଆନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ରାତିରେ ଗୋଳନ୍ଥରା ଥାନା ଅଧୀନ ଏକ ହୋଟେଲ ରୁମରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରି ଆଣିଥିଲେ। ପରେ ଉଭୟଙ୍କୁ ଖୁଣ୍ଟୁଣୀ ଅଣାଯାଇ ଡାକ୍ତରୀ ମାଇନା ପାଇଁ କଟକ ବଡ ଡାକ୍ତଖାନାକୁ ପଠାଯାଇଥିଲା। ବୁଧବାର ନାବାଳିକାର ମାଜିଷ୍ଟ୍ରେଟଙ୍କ ପାଖରେ ବୟାନ ରେକର୍ଡ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସୁନୀଲ ଆନନ୍ଦ କହିଛନ୍ତି ।

### ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

**କଟକ ସଦର,୮।୬(ଡି.ଏନ୍.ଏ.):** କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଜିଏସ୍)ରେ ଚାଲିଥିବା ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା ବୁଧବାର ବିଡିଓ ରାଜୀବ ଲୋଚନ ପରିଡ଼ା କରିଛନ୍ତି। ପୋଖରୀ ଖୋଳା, ମାଟି ରାସ୍ତା କାମର ତଦାରଖ ପାଇଁ ବିଡିଓ କାର୍ଯ୍ୟସ୍ଥଳକୁ ଯାଇଥିଲେ। ପରମହଂସ, ନିମେଇସପୁର, କନ୍ଦରପୁର, ଆୟତପୁର, ଫକୀରପଡ଼ା, ବାରଦା, ଯାସପଡ଼ା, ଅରିଲୋ, ସୋମପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ସ୍ଥଳକୁ ଯାଇ ଶ୍ରମିକମାନଙ୍କର ହାଜିରା ଯାଞ୍ଚ କରିଥିଲେ। କାର୍ଯ୍ୟରେ ଅନିୟମିତତା ଅଭିଯୋଗ ପାଇବା ପରେ ବିଡିଓ ପରିଡ଼ା କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଛନ୍ତି। କାମ ନ କରି ଅନେକ ଲୋକଙ୍କ ଆକାଉଣ୍ଟକୁ ମଜୁରି ଅର୍ଥ ଯିବା, ଅଧିକ ମଜୁରି ପ୍ରଦାନ, ଗ୍ରାମ ସାଥୀମାନଙ୍କ ପରିବାର ଲୋକଙ୍କ ନାମରେ ମିଥ୍ୟା ମଜୁରି ପ୍ରଦାନ ଭଳି ବିରୋଧୀ ଦଳର ଗୁରୁତର ଅଭିଯୋଗ କରିଥିଲେ। ଏ ନେଇ ବିଡିଓ କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ପରଖି ଥିଲେ।

# ଋଣଗ୍ରହୀତାଙ୍କୁ ସହଜରେ ଋଣ ମିଳୁ

**କଟକ ଅଫିସ, ୮।୬**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ**
- ୫୬୫୯ ହିତାଧିକାରୀଙ୍କୁ ୧୨୩ କୋଟି ଟଙ୍କା ଋଣ ପ୍ରଦାନ
- ଋଣ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ୯୭୦୩ ବୀମାଭୁକ୍ତ

ପୁଞ୍ଜିନିବେଶ ଓ ତ୍ୱରିତ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବାର ସମୟ ଆସିଛି। ଏଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ଉପରେ ଜୋର ଦେବା ଆବଶ୍ୟକ। ଏଥିସହ ଋଣଗ୍ରହୀତାଙ୍କୁ ସହଜ ଓ ସରଳ ଉପାୟରେ ଋଣ ଉପଲବ୍ଧ କରାଇବା ମୂଳ ଲକ୍ଷ୍ୟ ହେଉ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ବୁଧବାର କଟକ ଜିଲା ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ କହିଥିଲେ, ବ୍ୟାଙ୍କ ଜରିଆରେ ଦିଆଯାଉଥିବା ଶିକ୍ଷାଋଣ ଦ୍ୱାରା ବିଶେଷ ଭାବେ ଗରିବ ଓ ମେଧାବୀ ପିଲା ଉପକୃତ ହେଉଛନ୍ତି। ସେହିପରି ନାବାର୍ଡର ସାଧାରଣ ପ୍ରବନ୍ଧକ ବି.ବି. ସାହୁ ଏବଂ ଶିଳ୍ପ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଟି. ବଦ୍ରିନାରାୟଣ ଯୋଗଦେଇ ସବୁବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ତଥା ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ସହାୟକ ହୋଇପାରିବେ ବୋଲି କହିଥିଲେ। ରାଜ୍ୟ ବ୍ୟାଙ୍କ ସମୂହର ପ୍ରମୁଖ ଅରୁପାନନ୍ଦ ଜେନା ଋଣ ପ୍ରଦାନ ନିମିତ୍ତ ବ୍ୟାଙ୍କଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସଂକ୍ରାନ୍ତରେ କହିଥିଲେ। କାର୍ଯ୍ୟକ୍ରମରେ ୫୬୫୯ ଜଣ ହିତାଧିକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କାର ଋଣ ଦିଆଯାଇଥିଲା। ଋଣ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ୯୭୦୩ ଜଣ ବୀମାଭୁକ୍ତ ହୋଇଥିଲେ। ଉଠାଦୋକାନୀ, ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଓ ଋଣ ଆବେଦନକାରୀଙ୍କ ସହ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ସତ୍ୟନାରାୟଣ ରାଉତ ଆଲୋଚନା କରିଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଜେଶ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ନିର୍ଦ୍ଦେଶକ ସୁକାନ୍ତ ଛାଟୋଇ, ରାଜୀବ କୁମାର ମିଶ୍ର ଏବଂ ଜିଲା ଅଗ୍ରଣୀ ବ୍ୟାଙ୍କର ଆଲୋକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ତୁଳସୀପୁର ତନଲାସାହି ଓ ଦଳିତ ବିକାଶ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ସିଡିଏ ଫେଜ୍-୨ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

# କର୍ପୋରେଟରଙ୍କ ଗାଡ଼ି ପାର୍କିଂକୁ ନେଇ ଗଣ୍ଡଗୋଳ



ଶହୀଦ ନଗର ଥାନା ଆଗରେ ବସ୍ତିବାସିନ୍ଦାଙ୍କ ଧରଣା।

## ଶହୀଦନଗର ଥାନା ଘେରିଲେ ବସ୍ତିବାସିନ୍ଦା

- ଘରେ ପଶି ପରିବାରର ୫ରୁ ଅଧିକ ସଦସ୍ୟଙ୍କୁ ମାଡ଼ ଅଭିଯୋଗ
- ଆଜି ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା

**ଭୁବନେଶ୍ୱର,୮।୬(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ନୟାପଲ୍ଲୀର ୨୮ ନଂ ୱାର୍ଡ କର୍ପୋରେଟର ଝରଣାରାଣୀ ପତିଙ୍କ କାର୍ ପାର୍କିଂକୁ ନେଇ ବୁଧବାର ରାତିରେ ଗଣ୍ଡଗୋଳ ହୋଇଛି। କର୍ପୋରେଟରଙ୍କ ପୁତୁରା ଶକ୍ତି ସାହେବ ପତି ୨୦ରୁ ଅଧିକ ଲୋକଙ୍କ ସହ ଶବର ସାହିର ଏକ ପରିବାରକୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଗୋଟିଏ ପରିବାରର ୪ରୁ ଅଧିକ ସଦସ୍ୟ ସାମାନ୍ୟ ଆହତ ହୋଇଛନ୍ତି। ତେବେ ଆକ୍ରମଣର ପ୍ରତିବାଦ କରି ବିଳମ୍ବିତ ରାତିରେ ଶବରସାହିର ୪୦ରୁ ଅଧିକ ଲୋକ ଶହୀଦନଗର ଥାନା ଆଗରେ ଧାରଣା ଦେଇଛନ୍ତି। କର୍ପୋରେଟରଙ୍କ ପୁତୁରାଙ୍କ ସହ ୫ରୁ ଅଧିକ ଲୋକଙ୍କ ନାମରେ ବସ୍ତିବାସିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପାଇଁ ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଅଭିଯୋଗକାରୀଙ୍କୁ କହିଛନ୍ତି। ଏହି ଘଟଣାରେ କର୍ପୋରେଟର ଏବଂ ତାଙ୍କ ପୁତୁରା ଶକ୍ତି ସାହେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟା ୭ଟା ୩୦ ବେଳେ ସୁଶୀଲ ଦେଉରୀ କେତେଜଣ ସାଙ୍ଗଙ୍କ ସହ ନନ୍ଦିନୀପଲ୍ଲୀ ମୁଣ୍ଡାସାହି ରାସ୍ତା ଦେଇ ଯାଉଥିଲେ। ଉକ୍ତ ରାସ୍ତାରେ କର୍ପୋରେଟରଙ୍କ କାର୍ ପାର୍କିଂ ହୋଇଥିଲା। ଉକ୍ତ କାର୍ କାହାର, ରାସ୍ତା ମଝିରେ କ'ଣ ପାଇଁ ଥୁଆ ହୋଇଛି ବୋଲି ପଚାରି ସୁଶୀଲ ଓ ଅନ୍ୟମାନେ ପାଟି କରିଥିଲେ। କାର୍ ଡ୍ରାଇଭର ସେଠାକୁ ଆସିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପରେ ସୁଶୀଲ ଓ ଅନ୍ୟମାନେ ନିଜ ଭୁଲ ସ୍ୱୀକାର କରି ସେଠାରୁ ଚାଲି ଯାଇଥିଲେ। ରାତି ପ୍ରାୟ ୧୦ରୁ ସାଢ଼େ ୧୦ ମଧ୍ୟରେ କର୍ପୋରେଟରଙ୍କ ପୁତୁରା ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଧରି ସୁଶୀଲଙ୍କ ଘରକୁ ଆସିଥିଲେ। ସେଠାରେ ସୁଶୀଲଙ୍କ ପରିବାର ସଦସ୍ୟଙ୍କୁ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ସୁଶୀଲଙ୍କ ମା' ମିନି ଦେଉରୀ, ବାପା ସୁବାସ, ଖୁଡ଼ୀ ରିଲି, ଭାଇ କାଳିଆ, ଚନ୍ଦନ ଓ ମିଥୁନ୍ ଆହତ ହୋଇଛନ୍ତି। ଏହି ଘଟଣାର ପ୍ରତିବାଦ କରି ବସ୍ତି ବାସିନ୍ଦା ଥାନାକୁ ଆସି ଧାରଣା ଦେଇଥିଲେ। ଥାନାରେ ନ୍ୟାୟ ନ ମିଳିଲେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି ବସ୍ତିବାସିନ୍ଦା କହିଛନ୍ତି।

## ସାଲେପୁରରୁ ବାରବାଟୀ ଷ୍ଟାଡିୟମ୍ ଚାଲିଲା ମୋ ବସ୍

**ସାଲେପୁର,୮।୬(ଡି.ଏନ୍.ଏ.)**

ସାଲେପୁର ଜଗନ୍ନାଥ ମନ୍ଦିର ନିକଟରୁ କଟକ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ମୋ ବସ୍‌ର ଚାଲିବା ବୁଧବାର ଆରମ୍ଭ ହୋଇଛି। ଅନୁଷ୍ଠିତ ଉତ୍ସବରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମୋ'ବସ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ବସ୍‌ଟି ନିୟମିତ ସାଲେପୁରରୁ ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ନେବା ଆଣିବା କରିବ। କାର୍ଯ୍ୟକ୍ରମରେ ୪୬ ନଂ. ଜିଲାପରିଷଦ ସଭ୍ୟା ନମିତା ସେଠୀ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଚନ୍ଦ୍ରାଦେଈପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ନବକିଶୋର କର, ବିରଞ୍ଚି ନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, ବାଲିସାହି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ବିଭୂତି ଭୂଷଣ ଦାଶ, ରଶ୍ମି ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଖୁଣ୍ଟୁଣୀ ପିଏଚ୍‌ସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ଆଲୋଚନା

**ଭୁବନେଶ୍ୱର,୮।୬(ବ୍ୟୁରୋ)**

କଟକ ଜିଲା ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ପ୍ରସ୍ତାବ ଉପରେ ବୁଧବାର ଲୋକସେବା ଭବନଠାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ କୁମାର ଶର୍ମା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପ୍ରସ୍ତାବର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଖୁଣ୍ଟୁଣୀଠାରୁ ୧୫ କି.ମି. ଦୂର ବରହମ୍‌ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆଠଗଡ଼ ସବ୍‌ଡିଭିନାଲ ହସ୍ପିଟାଲ୍‌ଠାରୁ ୨୦ କିଲୋମିଟର ଦୂରରେ ଏହି ପିଏଚ୍‌ସି ଅବସ୍ଥିତ। ଏହା ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି। ନିକଟବର୍ତ୍ତୀ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଯୋଗୁ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧାରେ ଓ ହାତପାଆନ୍ତାରେ ଯୋଗାଇଦେବା ନିମନ୍ତେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡ. ଅଜିତ କୁମାର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ଡ. ପରେଶ ଚନ୍ଦ୍ର ମିଶ୍ର, କଟକ ସିଡିଏମ୍‌ଓ ଡ. ଏସ୍. ବି. ଛୋଟରାୟ, ଆଠଗଡ଼ ସବ୍‌ଡିଭିଜନାଲ ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଡ. ବି.କେ. ମିଶ୍ର ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଜସ୍ମିନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମାହୁତି ନିଷ୍ପତ୍ତି ସ୍ଥଗିତ ରଖିଲେ ସାମାଜିକ କର୍ମୀ

**ଖୁଣ୍ଟୁଣୀ,୮।୬(ଡି.ଏନ୍.ଏ.)**

ଖୁଣ୍ଟୁଣୀ ସରକାରୀ ପ୍ରାଥମିକ ଚିକିତ୍ସାଳୟକୁ ଅପଗ୍ରେଡେସନ କରି ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅବହେଳାର ପ୍ରତିବାଦରେ ଆସନ୍ତା ୧୪ ତାରିଖ ପ୍ରଥମ ରଜରେ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ହେଉଥିବା ସାମାଜିକ କର୍ମୀ ଗୌରହରି ମହାନ୍ତି ଆତ୍ମାହୁତି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛନ୍ତି। ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସରକାରୀ ବାସଭବନ କାର୍ଯ୍ୟାଳୟରେ ଅଳକାରାଣୀ ଦେବତା, ଡେପୁଟି କଲେକ୍ଟର ରାଜଲକ୍ଷ୍ମୀ ଓଝା ଓ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ଉପସ୍ଥିତିରେ ଗୌରହରିଙ୍କୁ ବୁଝାଇବା ସହ ଅଦାଲତଙ୍କ ଆଦେଶକୁ ମାନିବାକୁ କହିଥିଲେ। ଏହାକୁ କିଭଳି ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ ସେଥିଲାଗି ଡେପୁଟି କଲେକ୍ଟର ଓଝାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରି ସ୍ୱାସ୍ଥ୍ୟ ସଚିବଙ୍କ ଠାରୁ ଡାକ୍ତରଖାନାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିବରଣୀ ଆଣିବାକୁ ପରାମର୍ଶ ଦେଇଥିଲେ। ଗୌରହରି ଜିଲାପାଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପରେ ସମ୍ମାନ ଜଣାଇ ତାଙ୍କ ଆତ୍ମାହୁତି କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖିଥିବା ଲିଖିତ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

## ଅମୃତ ସରୋବର ଯୋଜନାରେ ୫ ପୋଖରୀ ସାମିଲ

**କଟକ ସଦର,୮।୬(ଡି.ଏନ୍.ଏ.)**

କେନ୍ଦ୍ରୀୟ ଯୋଜନା ଅମୃତ ସରୋବର ଯୋଜନାରେ କଟକ ସଦର ବ୍ଲକର ୫ଟି ପଞ୍ଚାୟତକୁ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ପରମହଂସର ମହୁରା ପୋଖରୀ, ପ୍ରହରାଜପୁରର ବାଲିଗଡ଼ିଆ, ବେଣ୍ଟକାରର ବାଲି ପୋଖରୀ, ଦଧିବାମନପୁର ନୂଆ ପୋଖରୀ ଓ ବ୍ରହ୍ମପୁର ଜୁଆଡ଼ିଆ ପୋଖରୀ। ଏହି ପଞ୍ଚାୟତଗୁଡ଼ିକର ପୋଖରୀ ପିଛା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜଳ ସଙ୍କଟ ବେଳେ ସ୍ଥାନୀୟ ଲୋକମାନେ ଏହି ପୋଖରୀ ଦ୍ୱାରା ଉପକୃତ ହୋଇପାରିବେ। କଟକ ସଦର ବିଡିଓଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ପଞ୍ଚାୟତର ୫ ପୋଖରୀକୁ ପରିଦର୍ଶନ କରିଥିଲେ। ପ୍ରହରାଜପୁର ଓ ପରମହଂସ ପଞ୍ଚାୟତ ପୋଖରୀ ପାଇଁ ଜଳର ଉତ୍ସ କେନାଲ ହୋଇଥିବା ବେଳେ ୪୨ ମୌଜାର ବେଣ୍ଟକାର, ଦଧିବାମନପୁର, ବ୍ରହ୍ମପୁର ପଞ୍ଚାୟତ ପୋଖରୀ ସମ୍ପୂର୍ଣ୍ଣ ବର୍ଷା ଜଳ ଉପରେ ନିର୍ଭର କରିବ ବୋଲି ଟିମ୍ ଅଧିକାରୀ କହିଥିଲେ।

# ପୁନିତ ସାଗର ଅଭିଯାନ ଉଦ୍‌ଘାଟିତ




**କଟକ ଅଫିସ/ ବାଙ୍କୀ, ୮।୬(ସ୍ୱ.ପ୍ର.)**

**ସ୍ୱଚ୍ଛ ମହାସାଗର, ବେଳାଭୂମି ସଚେତନତା ବାର୍ତ୍ତା ଦେଲେ ଏନ୍‌ସିସି କ୍ୟାଡେଟ୍**

ବିଶ୍ୱ ମହାସାଗର ଦିବସରେ ବୁଧବାରଠାରୁ ଓଡ଼ିଶାସ୍ଥିତ ନ୍ୟାଶନାଲ କ୍ୟାଡେଟ୍ କର୍ପ୍ସ (ଏନ୍‌ସିସି) ନିର୍ଦ୍ଦେଶାଳୟ ପକ୍ଷରୁ ପୁନିତ ସାଗର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ସପ୍ତାହେ ବ୍ୟାପୀ ଚାଲିବା ସହ ୧୪ ତାରିଖରେ ଉଦ୍‌ଯାପନ ହେବ। ଏହି ଅବସରରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏନ୍‌ସିସି ଗ୍ରୁପ କଟକର ଯୁବ କ୍ୟାଡେଟ୍‌ମାନେ ସ୍ୱଚ୍ଛ ମହାସାଗର ଓ ବେଳାଭୂମି ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପ୍ରଥମ ଦିନ ଏନ୍‌ସିସି କଟକ-୧ (ଓ) ବାଟାଲିୟନ ପକ୍ଷରୁ ପାରାଦୀପରେ ପର୍ଯ୍ୟଟକ ଓ ଦୋକାନୀଙ୍କୁ ସମୁଦ୍ରତଟ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଇଛି। ସେହିପରି ଏନ୍‌ସିସି ଭୁବନେଶ୍ୱର-୧ (ଓ) ବାଳିକା ବାଟାଲିୟନ ବାଙ୍କୀସ୍ଥିତ ରିସାଇକ୍ଲିଂ ପ୍ଲାଣ୍ଟ ପରିଦର୍ଶନ କରିବା ସହିତ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତାରେ ଭାଗ ନେଇଥିଲା। ଏନ୍‌ସିସି ଭଦ୍ରକ-୨ (ଓ) ନାଭାଲ ୟୁନିଟ୍ ପକ୍ଷରୁ ବୈତରଣୀ ନଦୀକୂଳ ଓ ଭଦ୍ରକର ଖରସପୁର ସମୁଦ୍ର ତଟ ସଫା କରାଯାଇଥିଲା। ବିଭିନ୍ନ ସ୍ଥାନରେ ମୋଟ ୫୦୯ କ୍ୟାଡେଟ୍ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ସମୁଦ୍ରତଟକୁ ସ୍ୱଚ୍ଛ ରଖିବା ପାଇଁ ଏନସିସି ପକ୍ଷରୁ ସଚେତନତା ନିମନ୍ତେ ରାଷ୍ଟ୍ରବ୍ୟାପୀ ପୁନିତ ସାଗର ଅଭିଯାନ ଆରମ୍ଭ କରାଯାଇଛି। ପୂର୍ବରୁ ଅନୁଷ୍ଠିତ ଅଭିଯାନରେ ଜଳରାଶିରୁ ପ୍ଲାଷ୍ଟିକ ସଂଗ୍ରହ ଓ ରିସାଇକ୍ଲିଂ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

# ପ୍ରାଚୀନଦୀକୁ ଖୋଳି ରାସ୍ତା ନିର୍ମାଣ ଅଭିଯୋଗ

**କଣ୍ଟାପଡା,୮।୬(ଡି.ଏନ୍.ଏ.)**

**ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି**

କଟକ ଜିଲା ଜଳନିକାଶ(ଡ୍ରେନେଜ) ଡିଭିଜନ ଅଧୀନ ପ୍ରାଚୀନଦୀର କଣ୍ଟାପଡ଼ାସ୍ଥିତ ସଳେଇବେଦପୁର ନିକଟରେ ପ୍ରାଚୀନଦୀର ଜଳ ନିଷ୍କାସନ ପଥକୁ ଅବରୋଧ କରିବା ସହ ପ୍ରାଚୀ ନଦୀରୁ ବେଆଇନ ଭାବେ ବାଲିଖୋଳି ଅଡଶପୁର ଅଞ୍ଚଳର ଜଣେ ବ୍ୟକ୍ତି ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ତେଣୁ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ ସଂଗଠନ ପ୍ରାଚୀ ପ୍ରଜ୍ଞା ପକ୍ଷରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ଖବର ଅନୁଯାୟୀ, ସଳେଇ ବେଦପୁର ନିକଟରେ ପ୍ରାଚୀନଦୀର ଦକ୍ଷିଣ ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କର ଫାର୍ମହାଉସ ରହିଛି। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଫାର୍ମହାଉସକୁ ରାସ୍ତା ସଂଯୋଗ ପାଇଁ ପ୍ରାଚୀନଦୀ ଉପରେ ରାସ୍ତା ନିର୍ମାଣ କରୁଛନ୍ତି। ଏପରିକି ଉକ୍ତ ନଦୀବାଲିକୁ ହିଁ ନିଜ ରାସ୍ତା ନିର୍ମାଣ ପାଇଁ ବ୍ୟବହାର କରୁଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ବର୍ଷାଦିନର ଉଦବୃତ୍ତ ଜଳରେ ଉପରମୁଣ୍ଡରେ ଥିବା କେତେକ ପଞ୍ଚାୟତର ଚାଷ କ୍ଷତିଗ୍ରସ୍ତ ହେବ। ତେଣୁ ଏହି ବେଆଇନ ରାସ୍ତା ନିର୍ମାଣ ବନ୍ଦ କରିବା ଓ ପ୍ରାଚୀକୁ ଖୋଳୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାଚୀପ୍ରଜ୍ଞାର ପରିଚାଳନା ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ରଙ୍କ ନେତୃତ୍ୱରେ ଉପସଭାପତି କବିନାରାୟଣ ଜେନା, ସଦସ୍ୟ ବିଷ୍ଣୁ ନାୟକ, ରମେଶ ପ୍ରଧାନ ପ୍ରମୁଖ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୋଗ ମିଳିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାହୀଯନ୍ତ୍ରୀ ବିଭାଗୀୟକର୍ମଚାରୀଙ୍କୁନିର୍ଦ୍ଦେଶଦେଇଛନ୍ତି।



ପ୍ରାଚୀପ୍ରଜ୍ଞା ପରିଚାଳନା ଟ୍ରଷ୍ଟି ପକ୍ଷରୁ ନିର୍ବାହୀଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଦାବିପତ୍ର ଦିଆଯାଉଛି।

# ପରିମଳ, ବସ୍ତିବାସିନ୍ଦାଙ୍କ ସମସ୍ୟା ନେଇ ତାଲିମ

**କଟକ ଅଫିସ,୮।୬**



କର୍ମଶାଳାରେ ଉପସ୍ଥିତ ମେୟର ସୁବାସ ସିଂ, ସିଏମସି କମିଶନର ଓ ଅନ୍ୟମାନେ।

**କର୍ପୋରେଟରଙ୍କ ପ୍ରଶିକ୍ଷଣ କର୍ମଶାଳା**

କର୍ଣ୍ଣାଟକ ଓ ତାମିଲନାଡୁ ପରେ ଦେଶର ତୃତୀୟ ରାଜ୍ୟ ଭାବେ ଓଡ଼ିଶାରେ ଆରମ୍ଭ ହୋଇଛି କର୍ପୋରେଟରଙ୍କ ପାଇଁ ପ୍ରଶିକ୍ଷଣ କର୍ମଶାଳା। ଏଥିରେ କଟକ ମେୟର, ଡେପୁଟି ମେୟର, କମିଶନରଙ୍କ ସହିତ ନଗର ଉନ୍ନୟନ ବିଭାଗ ଓ ୫-ଟି ବିଭାଗର ଅଧିକାରୀ ଯୋଗଦେଇ କଟକ ମହାନଗର ନିଗମ(ସିଏମ୍‌ସି) କର୍ପୋରେଟରମାନଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ମେୟର ସୁବାସ ସିଂଙ୍କ ପ୍ରୟାସକ୍ରମେ ପ୍ରଥମଥର କଟକ ଚହଟାସ୍ଥିତ ଏକ ହୋଟେଲରେ ଏହି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସଂଗ୍ରାମଜିତ ନାୟକ ଯୋଗଦେଇ ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା, ସ୍ୱତନ୍ତ୍ର ସଚିବ ସଞ୍ଜୟ ପ୍ରାମାଣିକ, କଲ୍ୟାଣ ରଥ, ଅତିରିକ୍ତ ସଚିବ ସୁଶାନ୍ତ ମିଶ୍ର, ଯୁଗ୍ମ ସଚିବ ଅଶୋକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଜାଗା ମିଶନରେ ଲୋକମାନେ କିପରି ଉପକୃତ ହୋଇପାରିବେ ସେନେଇ କର୍ପୋରେଟରମାନଙ୍କୁ ଅବଗତ କରାଇଥିଲେ। କର୍ପୋରେଟରମାନେ କିପରି ନିଜ ୱାର୍ଡର ପରିମଳ, ବସ୍ତିବାସିନ୍ଦାଙ୍କ ସମସ୍ୟା, ଅଳିଆ ସଫା, ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସ୍ୱଚ୍ଛତାର ସହ ସାମିଲ କରିବେ ସେନେଇ ଆଲୋଚନା ହୋଇଥିଲା। ଏଥିସହିତ ସିଏମ୍‌ସି ଅଧିକାରୀ ଓ ଲୋକଙ୍କ ମଧ୍ୟରେ ଠିକ୍ ସମନ୍ୱୟ ରଖି କାମ କରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସ୍ୱଚ୍ଛ ଭାରତ ମିଶନ ଅନୁଯାୟୀ ସହରରେ ମୋଟ ୯ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ କରାଯାଇଥିବା ବେଳେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁଗୁଡିକ ସିଏମ୍‌ସିର ଏଲ୍‌ସିଭି ଏବଂ ବିଓଭି ଦ୍ୱାରା ଅଣାଯାଇ ଖତ ପ୍ରସ୍ତୁତ କରାଯାଉଛି ବୋଲି ଉପଆୟୁକ୍ତ ସଞ୍ଜୀବିତା ରାୟ ପ୍ରକାଶ କରିଥିଲେ। ସେହିପରି ରାଜ୍ୟ ବାହାରୁ ଆସିଥିବା ବିଶେଷଜ୍ଞମାନେ ମଧ୍ୟ କର୍ପୋରେଟରମାନଙ୍କୁ ବିଭିନ୍ନ ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ନେଇ ଏକ ପ୍ରମାଣ ପତ୍ର କର୍ପୋରେଟରମାନଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।

**ଭାରତକୁ ଚାଇନାର ପ୍ରଶଂସା**
ପଡୋଶୀ ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାର ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଲଗାତର ସହାୟତା ଜାରି ରଖିଛି। ଏ ନେଇ ନୂଆଦିଲ୍ଲୀକୁ ଚାଇନା ପ୍ରଶଂସା କରିଛି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାକୁ ଭାରତ ପେଟ୍ରୋଲ, କ୍ଷୀର, ଚାଉଳ, ଔଷଧ ସମେତ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଛି। ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ପାଇଁ ଦେଶବାସୀ ରାଜରାପ୍ତାକୁ ଓହ୍ଲାଇଥିବାବେଳେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଶାସନ ଗାଦିରୁ ହଟିବାକୁ ପଡ଼ିଥିଲା।

## ସଂକ୍ଷେପରେ

### ଜ୍ଞାନବାପି ସର୍ଭେ ରାୟ ଦେଇଥିବା ଜଜ୍‌ଙ୍କୁ ହତ୍ୟା ଧମକ


ରବି କୁମାର ଦିବାକର

**ନୂଆଦିଲ୍ଲୀ, ୮।୬:** ଉତ୍ତରପ୍ରଦେଶ ଜ୍ଞାନବାପି ମସ୍‌ଜିଦ୍‌ରେ ଭିଡିଓଗ୍ରାଫି ସର୍ଭେ ପାଇଁ ରାୟ ଦେଇଥିବା ବାରାଣସୀ କୋର୍ଟ ଜଜ୍ ରବି କୁମାର ଦିବାକରଙ୍କୁ ହତ୍ୟା ଧମକ ମିଳିଛି। ଏ ନେଇ ତାଙ୍କ ନିକଟକୁ ଆସିଥିବା ଏକ ଧମକପୂର୍ଣ୍ଣ ଚିଠି ବାବଦରେ ସେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ବାରାଣସୀ ପୋଲିସ କମିଶନରଙ୍କୁ ମଙ୍ଗଳବାର ଜଣାଇଛନ୍ତି। ଚିଠିଟି ଇସ୍‌ଲାମିକ ଆଗାଜ୍ ମୁଭମେଣ୍ଟ ତରଫରୁ କେହି କାଶିଫ୍ ଅହମ୍ମଦ ସିଦ୍ଦିକି ପଠାଇଥିବା ସେଥିରେ ଲେଖାଯାଇଛି। 'ଜ୍ଞାନବାପି ମସ୍‌ଜିଦ୍ କମ୍ପ୍ଲେକ୍ସରେ ସର୍ଭେ ଏକ ସାଧାରଣ ପ୍ରକ୍ରିୟା ବୋଲି ତୁମେ କହିଛ। ତୁମେ ଜଣେ ମୂର୍ତ୍ତି ପୂଜକ। ତେଣୁ ଏକ ମସ୍‌ଜିଦ୍‌କୁ ତୁମେ ମନ୍ଦିର ବୋଲି ଘୋଷଣା କରିଦେବ। ଜଣେ କାପୁରୁଷ, ମୂର୍ତ୍ତିପୂଜକ, ହିନ୍ଦୁ ଜଜ୍‌ଙ୍କଠାରୁ କୌଣସି ମୁସଲମାନ ଏକ ଉପଯୁକ୍ତ ନିଷ୍ପତ୍ତି ଆଶା କରନ୍ତି ନାହିଁ' ବୋଲି ଚିଠିରେ ଉଲ୍ଲେଖ ରହିଛି। ଜଜ୍ ରବି କୁମାର ଏବଂ ତାଙ୍କ ପରିବାରକୁ ପୂର୍ବରୁ ଯୋଗାଯାଇଥିବା ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇଥିବା ବାରାଣସୀ ପୋଲିସ କମିଶନର ଏ. ସତୀଶ ଗୁପ୍ତା କହିଛନ୍ତି।

### ମୂସେୱାଲା ହତ୍ୟାକାଣ୍ଡ: ଲରେନ୍ସ ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ, ୮।୬:** ପଞ୍ଜାବ ଗାୟକ ତଥା କଂଗ୍ରେସ ନେତା ସିଦ୍ଧୁ ମୂସେୱାଲାଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ବୋଲି ଦିଲ୍ଲୀ ପୋଲିସର ସ୍ପେଶାଲ କମିଶନର ଏଚ୍. ଏସ୍ ଧାଲିୱାଲ ବୁଧବାର କହିଛନ୍ତି। ଲରେନ୍ସ ଏବେ ଦିଲ୍ଲୀ ପୋଲିସ ହେପାଜତରେ ଅଛନ୍ତି। ମେନ୍ ଶୁଟରଙ୍କ ସହଯୋଗୀ ସିଦ୍ଧେଶ ହିରାମାନ୍ କାମ୍‌ଲେ ଓରଫ୍ ମହାକାଳଙ୍କୁ ମଧ୍ୟ ପୁଣେରୁ ମହାରାଷ୍ଟ୍ର ପୋଲିସ ଗିରଫ କରି ୧୪ ଦିନିଆ ରିମାଣ୍ଡରେ ରଖିଥିବା ଧାଲିୱାଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଉ ୫ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି। ଲରେନ୍ସଙ୍କ ସମ୍ପର୍କୀୟ ସଚିନ ବିଷ୍ଣୋଇ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜଣାଯାଇଛି। ଗତ ମେ ୨୯ରେ ପଞ୍ଜାବର ମନ୍‌ସା ଜିଲାରେ ମୂସେୱାଲାଙ୍କୁ ହତ୍ୟା କରାଯାଇଥିଲା।

### ନବଜାତକକୁ ବିକି ଶପିଂ କରୁଥିଲେ ମା'

**ଭୋପାଳ, ୮।୬:** ମଧ୍ୟପ୍ରଦେଶ ଭୋପାଳରେ ନବଜାତ ଶିଶୁକୁ ବିକ୍ରି କରିବା ଅଭିଯୋଗରେ ଭୋପାଳର ୨୩ ବର୍ଷୀୟା ସାଇନା ବି'ଙ୍କୁ ପୋଲିସ ଗିରଫ କରିଛି। ଜନ୍ମିତ ଶିଶୁକୁ ପାଳିବା ପାଇଁ ମହିଳାଙ୍କ ଲିଭ୍-ଇନ୍ ପାର୍ଟନର ମନା କରିବା ପରେ ମହିଳା ଜଣଙ୍କ ଶିଶୁଟିକୁ ୫.୫ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ପୋଲିସ କହିଛି। ପ୍ରେମିକ ଅନ୍ତେର ସିଂ ସମେତ ଶିଶୁ କିଣିଥିବା ଅନ୍ୟ ମହିଳାଙ୍କୁ ପୋଲିସ ଗିରଫ କରିନେଇଛି। ସାଇନା ପିଲାବିକ୍ରି ଟଙ୍କାରେ ଗାଡି, ଏଲ୍‌ଇଡି ଓ ଅନ୍ୟାନ୍ୟ ଘରୋଇସାମଗ୍ରୀ କିଣିଥିଲେ। କେତେଜଣ ସାମାଜିକ କର୍ମୀ ଏନେଇ ପୋଲିସକୁ ଜଣାଇଥିଲେ। ବର୍ଷେ ହେବ ସାଇନା ଅନ୍ତେର ସିଂଙ୍କ ସହିତ ଲିଭ୍ ଇନ୍‌ରେ ରହୁଥିବାବେଳେ ୧୫ଦିନ ପୂର୍ବରୁ ସେ ଏକ ସନ୍ତାନ ଜନ୍ମ କରିଥିଲେ। ସାଇନା ତାଙ୍କ ଘର ମାଲିକାଣୀ ନେହାଙ୍କ ବାନ୍ଧବୀ ପୂଜାଙ୍କ ସହାୟତାରେ ଶିଶୁଟିକୁ ଲିନା ନାମକ ଜଣେ ମହିଳାଙ୍କୁ ବିକ୍ରି କରିଥିଲେ।

# ବ୍ୟାପୁଛି 'ଇସ୍‌ଲାମୋଫୋବିଆ'

ନୂଆଦିଲ୍ଲୀ, ୮।୬

୨୦୨୦ ଏପ୍ରିଲରେ ଭାରତରେ କୋଭିଡ୍-୧୯ ମହାମାରୀ ସଂକ୍ରମଣ ବୃଦ୍ଧି ପାଇଁ ଏକ ମୁସଲମାନ ସମ୍ମିଳନୀକୁ ଦାୟୀ କରାଯାଇଥିଲା। ଏହା ପରେ ଦେଶବ୍ୟାପୀ ଇସ୍‌ଲାମୋଫୋବିଆ ବ୍ୟାପିଥିଲା। ଦେଶ ବିଦେଶରୁ ହଜାର ହଜାର ମୁସଲମାନ ଦିଲ୍ଲୀର ତବଲିଘି ଜମାତରେ ଏକତ୍ରିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଭାଜପା ସରକାର ଏହାକୁ 'ସୁପର ସ୍ପ୍ରେଡର ଇଭେଣ୍ଟ' ଆଖ୍ୟା ଦେଇଥିଲା। ସଂକ୍ରମଣ ବୃଦ୍ଧି ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଦୋଷ ଲଦି ପୋଷ୍ଟ କରାଯାଇଥିବା ଇସ୍‌ଲାମୋଫୋବିକ୍ ମେମେସ୍ ଏବଂ ହ୍ୟାଶ୍‌ଟ୍ୟାଗ୍ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ୍ କରିବାରେ ଲାଗିଥିଲା। ଏପରି କି କେତେକ ମୁଖ୍ୟସ୍ରୋତର ଗଣମାଧ୍ୟମ ମଧ୍ୟ 'ଦେଶକୁ କରୋନା ଜେହାଦରୁ ରକ୍ଷା କର' ଶୀର୍ଷକ ଶିରୋନାମା ଦେବାକୁ ପଛାଇ ନ ଥିଲେ। ଉକ୍ତ ଧର୍ମ ସମ୍ମିଳନୀରେ ଯୋଗଦେଇଥିବା ପ୍ରାୟ ୧,୦୦୦ ଲୋକଙ୍କ ବିରୋଧରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା। ଏହାର ୮ ମାସ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷମୁକ୍ତ ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କୁ ଆଇନର କାଠଗଡ଼ାକୁ ଟଣାଯାଇଥିବା ବିଷୟ ଅଦାଲତ ସ୍ପଷ୍ଟ କରିଥିଲେ। ବିଦ୍ୱାନ୍‌ମାନଙ୍କ ମଧ୍ୟରୁ ଅଧିକାଂଶ ଭାରତର ବାଣିଜ୍ୟିକ



ସୌଜନ୍ୟ: ବିବିସି

ସହଭାଗୀ ଇଣ୍ଡୋନେସିଆରୁ ଆସିଥିଲେ। ଏହି ପ୍ରସଙ୍ଗକୁ ନେଇ ଜାକର୍ତ୍ତା ଅନେକ କ୍ଷେତ୍ରୀୟ ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ହିନ୍ଦୁବହୁଳ ଭାରତରେ ମୁସଲମାନ ସମ୍ପ୍ରଦାୟକୁ କଳଙ୍କିତ କରିବା ପାଇଁ ଏଭଳି ଉଦ୍ୟମ ହୋଇଥିବା ଇଣ୍ଡୋନେସିଆ କହିଥିଲା। ନିକଟରେ ପ୍ରଫେଟ୍ ମହମ୍ମଦଙ୍କ ଉପରେ ଭାଜପାର ଦୁଇଜଣ ମୁଖପାତ୍ର ଆପତ୍ତିଜନକ ମନ୍ତବ୍ୟ ଦେଇ ଦଳରୁ ବିଦା ହୋଇଛନ୍ତି। ତେବେ ମୋଦି ସରକାରଙ୍କ ଅମଳରେ ତାଙ୍କ ଦଳ ଇସ୍‌ଲାମୋଫୋବିଆକୁ ନେଇ ବୈଶ୍ୱିକ ଚାପର ସମ୍ମୁଖୀନ ହେବାରେ ଏହା ପ୍ରଥମ ଘଟଣା ନୁହେଁ। ଦୁଇବର୍ଷ ପୂର୍ବେ ଆରବୀ ମହିଳାମାନଙ୍କ ଉପରେ ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟାଙ୍କ ୨୦୧୫ର ଏକ ଟୁଇଟ୍ ଭାଇରାଲ ହେବା ପରେ ଝଡ଼ ସୃଷ୍ଟି ହୋଇଥିଲା। ଦୁବାଇ ଓ କୁଏତ୍‌ର ପ୍ରମୁଖ ବ୍ୟବସାୟୀ, ଆଇନଜୀବୀ ଓ ମୁଖପାତ୍ରମାନେ ମନ୍ତବ୍ୟକୁ ନିନ୍ଦା କରିବା ପରେ ତେଜସ୍ୱୀ ସୂର୍ଯ୍ୟା ବାଧ୍ୟହୋଇ ନିଜ ପୋଷ୍ଟକୁ ଡିଲିଟ୍ କରିଥିଲେ। ୨୦୧୮ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଭାରତକୁ ବେଆଇନ ଭାବେ ଆସି ଏଠାରେ ବସବାସ କରୁଥିବା ବାଂଲାଦେଶୀ ନାଗରିକମାନେ ଅନୁପ୍ରବେଶକାରୀ। ସେମାନେ ଆମ ଦେଶକୁ ଉଇ ଭଳି ଚରିବାରେ ଲାଗିଛନ୍ତି। ମୁସଲମାନବହୁଳ ପଡ଼ୋଶୀ ବାଂଲାଦେଶରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାରତର ଦ୍ୱିତୀୟ ସର୍ବୋଚ୍ଚ ନେତାଙ୍କ ମନ୍ତବ୍ୟ ଅବାଞ୍ଛିତ ବୋଲି ସେଠାକାର ଜଣେ ବରିଷ୍ଠ ମନ୍ତ୍ରୀ କହିଥିଲେ। ଜଣେ ବାଂଲାଦେଶୀ ସ୍ତମ୍ଭକାର ଲେଖିଥିଲେ, ବାଂଲାଦେଶ ବିରୋଧକୁ ଅପମାନ କରିବା ପାଇଁ ଘୃଣା ମନ୍ତବ୍ୟ ଦେବା ନେଇ ଶାହାଙ୍କ ଲମ୍ବା ଇତିହାସ ରହିଛି। ଗତ ବର୍ଷକ ମଧ୍ୟରେ ଭାରତରେ ଗୈରିକ ଦଳର ଦକ୍ଷିଣପନ୍ଥୀ ନେତାମାନେ ପ୍ରାୟ ୨୧ କୋଟି ମୁସଲମାନଙ୍କ ବିରୋଧରେ ଦେଇଆସିଥିବା ଘୃଣା ମନ୍ତବ୍ୟ ସୁନାମି ସୃଷ୍ଟି କରିଛି। ଏପରି କି ସେମାନଙ୍କ ମଧ୍ୟରୁ ଅନେକେ ଖୋଲାଖୋଲି ସଂଖ୍ୟାଲଘୁଙ୍କ ଗଣହତ୍ୟା ପାଇଁ ଅସ୍ତ୍ର ଧାରଣ କରିବାକୁ ହିନ୍ଦୁମାନଙ୍କୁ ଉସୁକାଇବା ଭଳି ବୟାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ମହିଳା ମୁସଲମାନ ଖବରଦାତା ଓ ସାମାଜିକ କର୍ମୀମାନଙ୍କୁ ପ୍ରବଳ ଟ୍ରୋଲ କରାଯାଇଛି। ଅନ୍‌ଲାଇନ୍‌ରେ ଫେକ୍ ନିଲାମ ପାଇଁ ମୁସଲମାନ ମହିଳାଙ୍କ ଫଟୋ ପୋଷ୍ଟ କରାଯାଇଛି। ପକ୍ଷପାତୀ ନ୍ୟୁଜ୍ ନେଟ୍‌ୱର୍କଗୁଡ଼ିକ ବିତର୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବକ୍ତାମାନଙ୍କୁ ପ୍ରବର୍ତ୍ତାଇ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛନ୍ତି। ଦେଶରେ ଏଭଳି ସାମ୍ପ୍ରଦାୟିକ ଉତ୍ତେଜନା ବଢୁଥିବାବେଳେ ମୋଦି ସରକାର ନୀରବ ଦ୍ରଷ୍ଟା ସାଜିଛନ୍ତି। କିନ୍ତୁ ଚାପ ବଢ଼ିଲେ ଏଥିପାଇଁ 'ଫ୍ରିଞ୍ଜ୍ ଏଲିମେଣ୍ଟ୍‌ସ'ଙ୍କୁ ଦାୟୀ କରିଛନ୍ତି। ସରକାରଙ୍କ ଏପରି ଆଭିମୁଖ୍ୟ ସାଧାରଣ ହିନ୍ଦୁମାନଙ୍କୁ ଅନ୍‌ଲାଇନ୍‌ରେ ମୁସଲମାନ ବିରୋଧୀ ମନ୍ତବ୍ୟ ଦେବାକୁ ବଳ ଦେଇଛି। ଅତୀତରେ ଏହାର ପରିଣାମ ମଧ୍ୟ ଦେଖିବାକୁ ମିଳିଛି। ୨୦୧୮ରେ ଦୁବାଇର ଏକ ହୋଟେଲରେ କାର୍ଯ୍ୟରତ ଜଣେ ଭାରତୀୟ ବଂଶୋଦ୍ଭବ ସେଫ୍‌ଙ୍କୁ ଇସ୍‌ଲାମ୍ ବିରୋଧୀ ଟୁଇଟ୍ ପାଇଁ ଗୁଳି କରାଯାଇଥିଲା। ୨୦୨୦ରେ ଦୁବାଇରେ ରହୁଥିବା ଭାରତୀୟମାନେ ଯେତେବେଳେ ତବ୍‌ଲିଘି ଜମାତ୍ ବିରୋଧୀ ପୋଷ୍ଟ କରିବାରେ ଲାଗିଥିଲେ ଶାସକ ରାଜ ପରିବାର ସହ ଜଡ଼ିତ ଜଣେ ସ୍ଥାନୀୟ ମହିଳା ବ୍ୟବସାୟୀ ଟୁଇଟ୍ କରିଥିଲେ ଯେ, କୌଣସି ଜାତିଆଣ ଓ ବୈଷମ୍ୟପୂର୍ଣ୍ଣ ଟୁଇଟ୍ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ ସହ ୟୁଏଇରୁ ତାଙ୍କୁ ବିଦା କରାଯିବ। ଏଥର ମଧ୍ୟ ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ମହମ୍ମଦଙ୍କ ବିରୋଧୀ ଅପମାନଜନକ ଟୁଇଟ୍ ସବୁ ସୀମା ଲଂଘିଯାଇଥିବା ଭାରତର ଜଣେ ପୂର୍ବତନ କୂଟନୀତିଜ୍ଞ କହିଛନ୍ତି। ଏହି ପ୍ରସଙ୍ଗରେ ସାଉଦି ଆରବ, ଇରାନ ଓ କାତାର ସମେତ ୨୦ ଇସ୍‌ଲାମିକ୍ ରାଷ୍ଟ୍ର ଏହାକୁ ନିନ୍ଦା କରି ଭାରତ ଉପରେ ଚାପ ସୃଷ୍ଟି କରିଛନ୍ତି। ଏବେ ଭାଜପା ନେତାଙ୍କ ମନ୍ତବ୍ୟ ପ୍ରତିବାଦରେ ଉପରୋକ୍ତ ରାଷ୍ଟ୍ରଗୁଡ଼ିକରେ ଭାରତୀୟ ସାମଗ୍ରୀ ବର୍ଜନ ଟ୍ରେଣ୍ଡ୍ କରିବାରେ ଲାଗିଛି। ତେଣୁ ଭାରତରେ ଇସ୍‌ଲାମୋଫୋବିଆ ବଢ଼ିଲେ ମୋଦି ସରକାର ସାମୟିକ ଭାବେ ରାଜନୈତିକ ଫାଇଦା ପାଇପାରନ୍ତି। କିନ୍ତୁ ଏହାର ପରିଣାମ ୧୪୦ କୋଟି ଭାରତୀୟଙ୍କୁ ଭୋଗିବାକୁ ପଡ଼ିବ, ତାହା ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ।

> **ଇସ୍‌ଲାମୋଫୋବିଆ ହେଉଛି ଇସ୍‌ଲାମ୍‌କୁ ନେଇ ଭୟ। 'ଇସ୍‌ଲାମ୍' ଓ 'ଫୋବିଆ'ର ମିଶ୍ରଣରେ ସୃଷ୍ଟି ହୋଇଥିବା ଏହି ଧାରଣା ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଦେଶର ଆର୍ଥିକ, ସାମାଜିକ ଓ ସାର୍ବଜନୀନ ଜୀବନରୁ ବଞ୍ଚିତ କରି ସେମାନଙ୍କ ବିରୋଧରେ ବୈଷମ୍ୟପୂର୍ଣ୍ଣ ବ୍ୟବହାର ପାଇଁ ପ୍ରେରିତ କରିଥାଏ। ଟୁଇଟର, ଫେସ୍‌ବୁକ୍ ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅନେକ ସମୟରେ ଇସ୍‌ଲାମୋଫୋବିଆ ଟ୍ରେଣ୍ଡ୍ କରୁଥିବା ଦେଖିବାକୁ ମିଳିଥାଏ।**

ଫଳରେ ମୋଦି ସରକାର ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଛନ୍ତି। ଏହା ଭାରତର ବୈଶ୍ୱିକ ଛବିକୁ ମଳିନ କରିବ ବୋଲି ବିଦ୍ୱାନ୍ ପ୍ରତାପ ଭାନୁ ମେହଟ୍ଟା କହିଛନ୍ତି। ୬ ଉପସାଗରୀୟ ରାଷ୍ଟ୍ରରେ ୮.୫ ନିୟୁତ ଭାରତୀୟ ବସବାସ କରନ୍ତି। ଉପସାଗରୀୟ ସହଯୋଗ ପରିଷଦ (ଜିସିସି)ର ଏହି ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ଥିବା ପାକିସ୍ତାନୀଙ୍କ ତୁଳନାରେ ଭାରତୀୟଙ୍କ ସଂଖ୍ୟା ଦୁଇଗୁଣ। ୟୁଏଇ, ସାଉଦି ଆରବ, କାତାର, କୁଏତ୍, ଓମାନ ଏବଂ ବାହାରିନରେ ଥିବା ଭାରତୀୟମାନେ ସ୍ୱଦେଶକୁ ବାର୍ଷିକ ୩୫ ନିୟୁତ ଡଲାର ପଠାଇଥାଆନ୍ତି। ଏହି ଅର୍ଥରେ ପ୍ରାୟ ୪୦ ନିୟୁତ ପରିବାର ଚଳିଥାଆନ୍ତି।

## ସୀମାରେ ରହୁ ଅଲ୍-କାଏଦା

ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ବିବାଦୀୟ ମନ୍ତବ୍ୟ ପରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ଦିଲ୍ଲୀ, ମୁମ୍ବାଇ, ୟୁପି, ଗୁଜରାଟରେ ଆତ୍ମଘାତୀ ଆକ୍ରମଣ କରିବାକୁ ଧମକ ଦେଇଛି। ଏହା ଉପରେ ପ୍ରତିକ୍ରିୟା ରଖି ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ବୁଧବାର କହିଛନ୍ତି, ଅଲ୍-କାଏଦା ନିଜ ସୀମା ଭିତରେ ରହୁ। ଭାରତରେ ଆକ୍ରମଣ କଥା କହୁଥିବା ଲୋକ କିମ୍ବା ସଙ୍ଗଠନ ଜାଣି ରଖିବା ଉଚିତ୍ ଯେ ଏପରି କଲେ ସେମାନଙ୍କୁ ସମୂଳେ ନିପାତ କରିଦିଆଯିବ।


ନରୋତ୍ତମ ମିଶ୍ର

ଏଠାରେ କୌଣସି ଆତଙ୍କବାଦୀ କିମ୍ବା ଆତଙ୍କବାଦୀ ସଙ୍ଗଠନକୁ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଭାରତ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସେ କହିଛନ୍ତି।

## ବିଷ ବିସ୍ତାର ବନ୍ଦ କରାନ୍ତୁ ପ୍ରଧାନମନ୍ତ୍ରୀ: ନାସିରୁଦ୍ଦିନ୍

ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ ନେଇ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିବା ପ୍ରସଙ୍ଗରେ ବଲିଉଡ୍ ଅଭିନେତା ନାସିରୁଦ୍ଦିନ ଶାହା ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଆଗକୁ ଆସିବା ସହ ଦେଶରେ ବିଷ ବ୍ୟାପିବା ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି। ଲୋକଙ୍କ ମଧ୍ୟରେ ଭଲ ବୁଝାମଣା ରଖିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ବିବାଦୀୟ ମନ୍ତବ୍ୟ ଦେଇଥିବା ମହିଳା ଜଣକ କୌଣସି ମାମୁଲି କିମ୍ବା ସାଧାରଣ ବ୍ୟକ୍ତି ନୁହଁନ୍ତି। ସେ ଜଣେ ରାଷ୍ଟ୍ରୀୟ ପ୍ରବକ୍ତା। ଏପରି ଦାୟିତ୍ୱରେ ଥିବା କୌଣସି ମୁସଲମାନ ବ୍ୟକ୍ତି ହିନ୍ଦୁ ଦେବଦେବୀଙ୍କ ବିରୋଧରେ



ଅପମାନଜନକ ମନ୍ତବ୍ୟ ଦେଇଥିବା ସେ ଶୁଣିନାହାନ୍ତି। ନୂପୁର ଶର୍ମା ଯେଉଁଭଳି ଭୁଲ ମାଗିଛନ୍ତି ତାହା ସ୍ୱୀକାର କରିହେଉନାହିଁ। ଏ କ୍ଷେତ୍ରରେ ଦୋହରା ନୀତି ଆପଣାଯାଉଛି ବୋଲି ନାସିରୁଦ୍ଦିନ କହିଛନ୍ତି। ଏଥିସହ ନୂପୁରଙ୍କୁ ଦିଆଯାଉଥିବା ହତ୍ୟା ଧମକକୁ ସେ ନିନ୍ଦା କରିଛନ୍ତି।

## ଟ୍ରେନ୍ ଲାଇନ୍‌ଚ୍ୟୁତ: ୨୧ ମୃତ



ତେହରାନ୍, ୮।୬

ପୂର୍ବ ଇରାନ୍ ତବାସ୍ ସହର ନିକଟରେ ବୁଧବାର ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏଥିରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହୁରି ୪୭ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ରେ ୩୫୦ ଯାତ୍ରୀ ରହିଥିଲେ। ରାଜଧାନୀ ତେହରାନ୍‌ଠାରୁ ପ୍ରାୟ ୫୫୦ କିଲୋମିଟର ଦୂରରେ ଥିବା ତବାସ୍ ସହରରୁ ଏହା ୟାଜ୍‌ଦ ସହରକୁ ଯାଉଥିଲା। ହେଲେ କିଛି ବାଟ ଯିବା ପରେ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରାକ୍‌ରେ ଏକ ଏକ୍ସକାଭେଟର ସହ ପିଟି ହୋଇ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

## ଲଦାଖ ସୀମାରେ ଚାଇନାର ବଡ଼ ପ୍ରସ୍ତୁତି

**ନୂଆଦିଲ୍ଲୀ, ୮।୬:** ଭାରତ ସୀମା ନିକଟରେ ଚାଇନା ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ଜାରି ରଖିଛି। ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ଚାଇନା ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରିବା ନେଇ ଗତ ମାସରେ ଜଣାପଡ଼ିଥିଲା। ସେଠାରେ ସୈନ୍ୟଙ୍କ ଗମନାଗମନ ସହଜ କରାଇବା ପାଇଁ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ଅନ୍ୟ ଭିତ୍ତିଭୂମି ମଧ୍ୟ ନିର୍ମାଣ କରୁଛି। ଏହାସହ ଭାରତ ସୀମା ନିକଟରେ ବସ୍ତି ସ୍ଥାପନଠାରୁ ଆରମ୍ଭ କରି ରାସ୍ତା ମଧ୍ୟ ତିଆରି କରିଛି। ଏହା ବେଶ୍ ଚିନ୍ତାଜନକ। ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି(ସିସିପି)ର ଏଭଳି ଶତ୍ରୁତାପୂର୍ଣ୍ଣ ଆଚରଣ କ୍ଷେତ୍ରରେ ଅସ୍ଥିରତା ବଢ଼ାଉଥିବା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର



### ଆମେରିକାର ଉଦ୍‌ବେଗ

କମାଣ୍ଡର ଏ. ଫ୍ଲାଏନ୍ କହିଛନ୍ତି। ଭାରତ ସୀମା ନିକଟରେ ଥିବା ଚାଇନା ଆର୍ମିର ୱେଷ୍ଟର୍ଣ୍ଣ ଥିଏଟର କମାଣ୍ଡରେ ପିଏଲ୍ଏର କେତେକ ସୈନ୍ୟ ଭିତ୍ତିଭୂମି ବିପଜ୍ଜନକ। ବେଜିଂ ଏହାର ସମସ୍ତ ଡୋମେନ୍‌ରେ ସୈନ୍ୟ ମୁତୟନ ସହ ଏଭଳି ଭିତ୍ତିଭୂମି ନିର୍ମାଣ କରିବାର କ'ଣ ଆବଶ୍ୟକତା ରହିଛି ବୋଲି ଫ୍ଲାଏନ୍ ପ୍ରଶ୍ନ କରିଛନ୍ତି।

## ପବ୍‌ଜି ଖେଳିବାକୁ ମନା କରିବାରୁ ମା'ଙ୍କୁ ହତ୍ୟା

ଲକ୍ଷ୍ନୌ, ୮।୬

ଉତ୍ତରପ୍ରଦେଶ ଲକ୍ଷ୍ନୌରେ ପବ୍‌ଜି ଗେମ୍ ଖେଳିବା ପାଇଁ ବାରଣ କରିବାରୁ ଜଣେ ୧୬ ବର୍ଷୀୟ ବାଳକ ଶନିବାର ତାଙ୍କ ମା'ଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ହତ୍ୟାପରେ ଦୁଇଦିନଧରି ନାବାଳକ ଘର ବନ୍ଦ କରି ରହିଥିଲେ। ଅନ୍ୟପଟେ ଘରେ ଥିବା ତାଙ୍କ ସାନ ଭଉଣୀଙ୍କୁ ସେ ଧମକାଇ ଆଉ ଏକ କୋଠରୀରେ ବନ୍ଦ କରି ରଖିଥିଲେ। ମହିଳାଙ୍କୁ କେହିଜଣେ ଦୁର୍ବୃତ୍ତ ହତ୍ୟା କରିବା ସହ ତାଙ୍କ ଦୁଇ ପିଲାଙ୍କୁ ଅଟକ ରଖିଥିବା ମଙ୍ଗଳବାର ରାତିରେ ନାବାଳକଙ୍କ ବାପା ପୋଲିସକୁ ଫୋନ୍ କରି କହିଥିଲେ। ଏହାପୂର୍ବରୁ ନାବାଳକ ଜଣଙ୍କ ମା'ଙ୍କ ମୃତ୍ୟୁ କଥା ବାପାଙ୍କୁ ଫୋନ୍ କରି କହିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି

### ମୃତଦେହ ସହ ୨ ଦିନ କବାଟ କିଳି ରହିଥିଲେ ନାବାଳକ



ଛାନ୍‌ଭିନ୍ ଆରମ୍ଭ କରିଥିଲା। ତଦନ୍ତକୁ ବିଭ୍ରାନ୍ତିକର କରିବାକୁ ନାବାଳକ ଜଣଙ୍କ ଚେଷ୍ଟା କରୁଥିବା ଡେପୁଟି ପୋଲିସ କମିଶନର ଏସ୍.ଏମ୍. କାସିମ ଆବିଦି କହିଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ନାବାଳକ ଜଣଙ୍କ ପୋଲିସ ଆଗରେ ସବୁ ସତ କହିଥିଲେ।

ନାବାଳକଙ୍କ ବାପା ଜଣେ ସେନା କର୍ମଚାରୀ। ଘରେ ଥିବା ତାଙ୍କ ଲାଇସେନ୍ସ ଥିବା ବନ୍ଧୁକରେ ନାବାଳକ ଜଣଙ୍କ ମା'ଙ୍କୁ ଗୁଳି କରି ହତ୍ୟା କରିଥିବା ପୋଲିସ ଆଗରେ କହିଥିଲେ। ଘରେ ଥିବା ତାଙ୍କ ସାନ ଭଉଣୀ କାଳେ ଘଟଣା ସମ୍ପର୍କରେ ବାହାରେ କହିଦେବ ବୋଲି ଭାବି ସେ ତାଙ୍କୁ ଡରାଧମକା କରି ଏକ କୋଠରୀରେ ବନ୍ଦ କରି ରଖିଥିଲେ। ଦୁଇଦିନ ପର୍ଯ୍ୟନ୍ତ ନାବାଳକ ମା'ଙ୍କ ମୃତଦେହକୁ ଘର ଭିତରେ ରଖି ରହୁଥିବାବେଳେ ଘର ଦୁର୍ଗନ୍ଧ ହେବା ପରେ ସେ ରୁମ୍ ଫ୍ରେଶ୍‌ନର ପ୍ରୟୋଗ କରିଥିଲେ। ହତ୍ୟାରେ ବ୍ୟବହୃତ ପିସ୍ତଲ ଓ ଅନ୍ୟ ସାମଗ୍ରୀକୁ ଫରେନ୍ସିକ ଅଧିକାରୀ ଜବତ କରିନେଇଥିବାବେଳେ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଦିଆଯାଇଛି। ନାବାଳକଙ୍କୁ ଜୁଭେନାଇଲ୍ ବୋର୍ଡ ସମ୍ମୁଖରେ ହାଜର କରାଯିବ ବୋଲି ପୋଲିସ କହିଛି।

## ପିଲାଙ୍କ ଭବିଷ୍ୟତ ସହ ଖେଳୁଛି କେନ୍ଦ୍ର

ନୂଆଦିଲ୍ଲୀ, ୮।୬

ମେଡିକାଲ କଲେଜଗୁଡ଼ିକରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ୧୪୫୬ ସିଟ୍ ଫାଙ୍କା ପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସିଟ୍ ପୂରଣ ପାଇଁ ମେଡିକାଲ କାଉନ୍‌ସେଲିଂ କମିଟି (ଏମ୍‌ସିସି) ଏବଂ କେନ୍ଦ୍ର ସରକାର ମୋପ୍-ଅପ୍ ରାଉଣ୍ଡ କାଉନ୍‌ସେଲିଂ ନ କରି ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ଜଷ୍ଟିସ୍ ଏମ୍. ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି।

ଦେଶକୁ ଅଧିକ ସଂଖ୍ୟାରେ ଡାକ୍ତର ଏବଂ ସୁପର ସ୍ପେଶାଲିଟି ମେଡିକାଲ



ପ୍ରଫେସନାଲ ଆବଶ୍ୟକ ଥିବାବେଳେ କାହିଁକି ସିଟ୍ ଖାଲିପଡ଼ିଛି? ଏଥିଯୋଗୁ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ କେଉଁଭଳି ମାନସିକ ଦୁଶ୍ଚିନ୍ତାରେ ରହୁଥିବେ ସେ କଥା କ'ଣ ବିଚାର

### ମେଡିକାଲ କଲେଜରେ ସିଟ୍ ଫାଙ୍କା ନେଇ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

କରାଯାଇଛି କି ବୋଲି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏନ୍‌ଇଇଟି-ପିଜି ୨୦୨୧-୨୨ ପରୀକ୍ଷା ଦେଇଥିବା କେତେଜଣ ଡାକ୍ତରଙ୍କ ପକ୍ଷରୁ ହୋଇଥିବା ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ଏହା କେବଳ ଆଶାୟୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ନାହିଁ ବରଂ ଦୁର୍ନୀତିକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏ ନେଇ ଅଦାଲତ ବିଚାର କରିସାରିଛନ୍ତି। କେତେ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଶନ ମିଳିବ ସେଥିପାଇଁ ଏକ କଟ୍-ଅଫ୍ ତାରିଖ ଧାର୍ଯ୍ୟ କରାଯିବା ଜରୁରୀ। ଯଦି ଛାତ୍ରୀଛାତ୍ରମାନଙ୍କୁ ଆଡ୍‌ମିଶନ ନ ମିଳେ ଏବଂ ଖାଲିଥିବା ସିଟ୍ ପୂରଣ ନ ହୁଏ ତେବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତ ନିର୍ଦ୍ଦେଶ ଜାରି କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି କୌଣସି ଗୋଟିଏ କୋର୍ସରେ ସିଟ୍ ଫାଙ୍କା ରହିଲେ ଏହା କିପରି ପୂରଣ ହେବ ତାହା ଏମ୍‌ସିସିର ଦାୟିତ୍ୱ କୋର୍ଟ ଟିପ୍ପଣୀ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପାଇଁ କେନ୍ଦ୍ର ସରକାର ଏବଂ ଏମ୍‌ସିସି ସେମାନଙ୍କ ଅଧିକାରୀଙ୍କୁ ଗୁରୁବାର କୋର୍ଟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ସୁନା, ରୁପା ଦର ବୃଦ୍ଧି

**ମୁମ୍ବାଇ:** ଚଳିତ ବର୍ଷ ରଜ ଓ ଅନ୍ୟ ପର୍ବପାର୍ବାଣୀ ସାଙ୍ଗକୁ ବିବାହ ଋତୁ ପାଇଁ ସୁନା ଗହଣା ଏପରିକି ହୀରା ଓ ରୁପାର ଅଳଙ୍କାର କିଣିବା ପାଇଁ ଆଗ୍ରହୀ ରହିଛି। ଏଭଳି ପରିସ୍ଥିତିରେ ବୁଧବାର ସୁନା ଦର ଗ୍ରାମ୍ ପିଛା ୩୦ଟଙ୍କା ବୃଦ୍ଧି ଘଟିଛି। ଫଳରେ ପୂର୍ବ ଦିନ ଅର୍ଥାତ୍ ମଙ୍ଗଳବାର ସୁନା ଦର ୧୦ ଗ୍ରାମ୍ ପିଛା ୫୦,୭୩୩ ଟଙ୍କା ଥିବା ବେଳେ ବୁଧବାର ତାହା ବୃଦ୍ଧି ଘଟି ୫୦,୮୧୮ ଟଙ୍କାରେ ପହଞ୍ଚିଛି। ଏହାଛଡ଼ା ରୁପା ଦରରେ କିଲୋଗ୍ରାମ୍ ପିଛା ୧୩୩ ଟଙ୍କା ବୃଦ୍ଧି ଘଟିଛି। ଫଳରେ ପୂର୍ବରୁ ରୁପା ଦର କିଲୋଗ୍ରାମ୍ ପିଛା ୬୧,୫୫୫ ଟଙ୍କା ଥିବା ବେଳେ ସେଥିରେ ବୃଦ୍ଧି ଘଟି ୬୧,୬୧୭ ଟଙ୍କା ହୋଇଛି। ଗୋଟିଏ ଦିନ ପୂର୍ବରୁ ସୁନା ଏବଂ ରୁପା ଦରରେ ହ୍ରାସ ଘଟିଥିଲା।

## ସଂକ୍ଷେପରେ

### ରପ୍ତାନି, ଆମଦାନୀରେ ବୃଦ୍ଧି

**ନୂଆଦିଲ୍ଲୀ,୮।୬:** ଚଳିତ ମାସର ପ୍ରଥମ ସପ୍ତାହ ମଧ୍ୟରେ ଦେଶର ବ୍ୟବସାୟିକ ରପ୍ତାନିରେ ୨୪.୧୮% ବୃଦ୍ଧି ଘଟି ୯.୩୯ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷ କରି ଇଞ୍ଜିନିୟରିଂ, ଜେମ୍, ଜୁଏଲେରି ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଭଳି କ୍ଷେତ୍ରରେ ରପ୍ତାନି ବୃଦ୍ଧି ଯୋଗୁ ଏଭଳି ଉତ୍ତମ ଫଳାଫଳ ଦେଖିବାକୁ ମିଳିଥିବା କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଇଞ୍ଜିନିୟରିଂ, ଜେମ୍, ଜୁଏଲେରି ଏବଂ ପେଟ୍ରୋଲିୟମ୍ ଉତ୍ପାଦ କ୍ଷେତ୍ରର ରପ୍ତାନିରେ ଯଥାକ୍ରମେ ୮୪.୩%, ୨୫.୭%, ୨୦.୪% ଏବଂ ୭୩.୫% ବୃଦ୍ଧି ଘଟିଛି। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ ଦେଶର ଆମଦାନୀରେ ମଧ୍ୟ ୭୭% ବୃଦ୍ଧି ଘଟି ୧୬ ବିଲିୟନ ଡଲାରରେ ପହଞ୍ଚିଛି। ପେଟ୍ରୋଲିୟମ, କ୍ରୁଡ୍, କୋଇଲା, କୋକ୍ ଏବଂ ବ୍ରିକେଟ୍, ସୁନା, କେମିକାଲ୍ କ୍ଷେତ୍ରରେ ଆମଦାନୀ ବୃଦ୍ଧି କାରଣରୁ ଦେଶର ଆମଦାନୀରେ ଏହି ବୃଦ୍ଧି ଦେଖିବାକୁ ମିଳିଛି।

### ଭାରତୀୟ କମ୍ପାନୀ ସହ ଚୁକ୍ତି କରିବନି ରୁଷିଆ

**ନୂଆଦିଲ୍ଲୀ,୮।୬:** ରୁଷ୍‌ର ସର୍ବବୃହତ୍ତ ଅଏଲ୍ କମ୍ପାନୀ ରୋସ୍‌ନେଫ୍ଟ ଭାରତର ଦୁଇ ସରକାରୀ ତୈଳ କମ୍ପାନୀ ସହିତ ଅଶୋଧିତ ତୈଳ କାରବାର ସମ୍ବନ୍ଧୀୟ ଚୁକ୍ତି କରିବାରୁ ପଛକୁ ହଟିଯାଇଛି। ପୂର୍ବରୁ ରୋସ୍‌ନେଫ୍ଟ ଅନ୍ୟ କିଛି ଗ୍ରାହକଙ୍କ ସହିତ ତୈଳ ଯୋଗାଣ ପାଇଁ ଚୁକ୍ତି କରିସାରି ଥିବାରୁ ଭାରତୀୟ କମ୍ପାନୀ ସହିତ ଡିଲ୍ କରିବାକୁ ତା' ନିକଟରେ ଯଥେଷ୍ଟ ତୈଳ ଉପଲବ୍ଧ ନାହିଁ। ଖବର ଏଜେନ୍ସି ରୟଟର୍ସ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଫେବୃଆରୀ ୨୪ ପରଠାରୁ ରିହାତିରେ ରୁଷ୍‌ଠାରୁ ଅଶୋଧିତ ତୈଳ କ୍ରୟ କରିବା ପାଇଁ ପ୍ରୟାସ ଚଳାଇ ଆସୁଥିଲେ। ଏହି ଚୁକ୍ତି ବାତିଲ୍ ହେବା ପରେ ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ମହଙ୍ଗା ଦରରେ ତୈଳ କିଣିବା ନେଇ ଆଶଙ୍କା ଦେଖା ଦେଇଛି। ଏହାଛଡ଼ା ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରତିବନ୍ଧକ ସତ୍ତ୍ୱେ ରୁଷ୍ ସଫଳତାର ସହିତ ଅନ୍ୟ ଦେଶକୁ ତୈଳ ବିକ୍ରି କରୁଥିବା ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି।

# ଗହମ ରପ୍ତାନି କରିବ ଭାରତ

**ନୂଆଦିଲ୍ଲୀ,୮।୬**



କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଭାରତରୁ ୧୨ ଲକ୍ଷ ଟନ୍ ଗହମ ରପ୍ତାନି ପାଇଁ ମଞ୍ଜୁରୀ ପ୍ରଦାନ କରିପାରନ୍ତି। ଖବର ଏଜେନ୍ସି ରୟଟର୍ସର ସୂଚନା ଅନୁସାରେ, ଗତ ମାସରେ ଭାରତ ସରକାରଙ୍କ ପକ୍ଷରୁ ଗହମ ରପ୍ତାନୀ ନେଇ ଲଗାଯାଇଥିବା କଟକଣା ପରେ ଦେଶର ଭିନ୍ନ ଭିନ୍ନ ପୋର୍ଟଗୁଡ଼ିକରେ ଜମା ହୋଇ ରହିଥିବା ଗହମକୁ ନିଷ୍କାସିତ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ସରକାରୀ ମଞ୍ଜୁରୀ ମିଳିବା ପରେ ମଧ୍ୟ ଦେଶର ବିଭିନ୍ନ ପୋର୍ଟରେ ମହଜୁଦ୍ ଥିବା ୫ ଲକ୍ଷ ଟନ୍ ଗହମ ରପ୍ତାନି ହୋଇପାରିବନି। କିଛି ରପ୍ତାନିକାରୀ ପର୍ମିଟ୍ ଆଣିବାରେ ଅସଫଳ ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଦ୍ୱାରା ମେ' ୧୪ ରେ ଗହମ ରପ୍ତାନି ବନ୍ଦ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନିର୍ଦ୍ଦେଶ ସମୟରେ ସରକାରଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଥିଲା ଯେ, ପୂର୍ବରୁ ଅନୁମତି ଦିଆ ଯାଇଥିବା ରପ୍ତାନୀ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ବର୍ତ୍ତମାନ ସରକାର ମେ' ୧୪ ପୂର୍ବରୁ ଜାରି ହୋଇଥିବା ଲେଟର ଅଫ୍ କ୍ରେଡିଟ୍ ଆଧାରରେ ସରକାର ଗହମ ରପ୍ତାନୀ ପାଇଁ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଜାରି କରିବେ। ଗହମ ରପ୍ତାନି ଉପରେ କଟକଣା ଲଗାଯିବା ପରେ ଭାରତ ପକ୍ଷରୁ ୪୬୯୨୦୨ ଟନ୍ ଗହମ ଶିପ୍‌ମେଣ୍ଟ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ଅତିକମ୍‌ରେ ୧୭ ଲକ୍ଷ ଟନ୍ ଗହମ ଦେଶର ବିଭିନ୍ନ ପୋର୍ଟରେ ଜମା ହୋଇ ରହିଥିବା ରୟଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହଭଳି ଖୁବ୍‌ଶୀଘ୍ର ମୌସୁମୀ ବର୍ଷା ହେବାର ଥିବାରୁ ପୋର୍ଟରେ ଜମା ଗହମ ନଷ୍ଟ ହେବା ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି।

### ବୈଧ ଲେଟର ଅଫ୍ କ୍ରେଡିଟ୍ ଥିବା ଟ୍ରେଡରଙ୍କୁ ମିଳିବ ଅନୁମତି

ସରକାରୀ ସୂଚନା ଅନୁସାରେ, ଯେଉଁ ଟ୍ରେଡରମାନଙ୍କ ପାଖରେ ବୈଧ ଲେଟର ଅଫ୍ କ୍ରେଡିଟ୍ ଥିବ, ସେମାନଙ୍କୁ ରପ୍ତାନି ପାଇଁ ଅନୁମତି ମିଳିବ। ଏପରିକି ବିଭିନ୍ନ ପୋର୍ଟକୁ ଶିପ୍‌ମେଣ୍ଟ ଅନୁମତି ମିଳିବା ପରେ ବାଂଲାଦେଶ, ଶ୍ରୀଲଙ୍କା, ଇଣ୍ଡୋନେସିଆ, ଫିଲିପାଇନ୍ସ, ନେପାଳ ଭଳି ଦେଶକୁ ଗହମ ଅଭାବ ସମସ୍ୟାରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିବ। ଏହି ସମସ୍ତ ଦେଶ ଗହମ ଆମଦାନି ପାଇଁ ବିଶେଷ ଭାବରେ ଭାରତ ଉପରେ ନିର୍ଭରଶୀଳ। ତେବେ ସର୍ବାଧିକ ଗହମ ବାଂଲାଦେଶକୁ ରପ୍ତାନି ହେବ।

# ସୁଜୁକି 'ଭି-ଷ୍ଟ୍ରମ୍ ଏସ୍‌ଏକ୍ସ'ର ବଜାର ପ୍ରବେଶ



**ଭୁବନେଶ୍ୱର,୮।୬ :** ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ସୁଜୁକିର ବହୁ ପ୍ରତୀକ୍ଷିତ ତଥା ଦି ମାଷ୍ଟର ଅଫ୍ ଆଡେଭେଞ୍ଚର 'ଭି-ଷ୍ଟ୍ରମ୍ ଏସ୍‌ଏକ୍ସ' ବାଇକର ବଜାର ପ୍ରବେଶ ନିକଟରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନାରାୟଣୀ ସୁଜୁକି ପକ୍ଷରୁ ବୁଧବାର ସ୍ଥାନୀୟ କଟକରୋଡ୍ ଝାରପଡ଼ାସ୍ଥିତ ସୁଜୁକି ଶୋ'ରୁମ୍ ପରିସରରେ ଏହାର ବଜାର ପ୍ରବେଶ ଓ ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରାୟଣୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ ଏହାର ଅନାବରଣ କରିଥିବା ବେଳେ ନରୋତ୍ତମ ବୁଦ୍ଧରାଜ ଓ ଆର୍‌ଏମ୍, କେ.ଭେଙ୍କଟେଶ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଡଭେଞ୍ଚର ବାଇକ ସବୁବର୍ଗର ଗ୍ରାହକ ଓ ପ୍ରକୃତିପ୍ରେମୀଙ୍କୁ ବେଶ୍ ସୁହାଇବ। ଏଥିରେ ଅନେକ ଫିଚର ରହିଥିବା ବେଳେ ୩ଟି ଆକର୍ଷଣୀୟ ରଙ୍ଗରେ ଏହା ଉପଲବ୍ଧ ହେଉଛି।

# ପି ବଜାରର ୨ ଗାର୍ମେଣ୍ଟ ଶୋ'ରୁମ୍

**ଭୁବନେଶ୍ୱର,୮।୬**



ସହରବାସୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପି ବଜାର ପକ୍ଷରୁ ବୁଧବାର ୨ଟି ଗାର୍ମେଣ୍ଟ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଟଙ୍କପାଣି ରୋଡ୍ ରିଲାଏନ୍ସ ଫ୍ରେସ୍ ଓ ସମ୍ ହସ୍ପିଟାଲ ନିକଟସ୍ଥ କଳିଙ୍ଗନଗରଠାରେ ପି ବଜାରର ୨ଟି ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଭୂମିକା ଦାସ ମୁଖ୍ୟ ଭାବେ ଯୋଗଦେଇ ଏହାର ଉଭୟ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ରବିଶଙ୍କର ପାଣ୍ଡେ, ଶିବଶଙ୍କର ପାଣ୍ଡେ ଓ ହଂସରାଜ ପାଣ୍ଡେଙ୍କ ସମେତ ରିଟେଲ୍ ହେଡ୍ ସତ୍ୟଜିତ୍ ସାମଲ, ଷ୍ଟୋର୍ ମ୍ୟାନେଜର ଭବାନୀ ବେହେରା, ଆସିଷ୍ଟାଣ୍ଟ ଷ୍ଟୋର୍ ମ୍ୟାନେଜର ପ୍ରତାପ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ଉଭୟ ଶୋ'ରୁମ୍‌ରେ ଅତ୍ୟାଧୁନିକ ପୁରୁଷ ପୋଷାକ, ମହିଳା ପୋଷାକ ଓ ପିଲାଙ୍କ ପୋଷାକ ସହ ହୋମ୍ ଆସେସରିଜ୍ ମଧ୍ୟ ଉପଲବ୍ଧ ହେଉଛି। ସେହିଭଳି ଉଦ୍‌ଘାଟନୀ ଅବସରରେ ୯୯୯ଟଙ୍କା, ୧୯୯୯ଟଙ୍କା, ୨୯୯୯ଟଙ୍କା ଓ ୪୯୯୯ଟଙ୍କା କ୍ରୟ ଉପରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର ଓ ଉପହାର ମଧ୍ୟ ଶୋ'ରୁମ୍ ପକ୍ଷରୁ ପ୍ରଦାନ କରାଯାଉଛି। ସେହିପରି ପ୍ରତି କ୍ରୟ ଉପରେ ଆଉ ଏକ ସମାନ ସାମଗ୍ରୀ ମାଗଣା ସହ ୪୯୯ଟଙ୍କା କ୍ରୟ ଉପରେ ଗ୍ରାହକମାନଙ୍କୁ ଏକ ଲକି ଡ୍ର' କୁପନ ମଧ୍ୟ ଦିଆଯାଉଛି। ଏହି ଲକି ଡ୍ର' ଦ୍ୱାରା ଭାଗ୍ୟଶାଳୀ ଗ୍ରାହକମାନେ ଆସନ୍ତା ପାର୍ବଣରେ ବାଇକ୍, ଏଲ୍‌ଇଡି ଏବଂ ଫ୍ରିଜ୍ ଭଳି ଉପହାର ଜିତିପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

# ୟୁପିଆଇ ସହ ଲିଙ୍କ୍ ହୋଇପାରେ କ୍ରେଡିଟ୍ କାର୍ଡ

**ନୂଆଦିଲ୍ଲୀ,୮।୬ :** ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ)ର ବ୍ୟବହାରକୁ ଅଧିକ ବ୍ୟାପକ କରିବା ପାଇଁ ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କିଛି ପ୍ରସ୍ତାବ ପାରିତ ହୋଇଛି। ଏପରିକି ୟୁପିଆଇ ସହ କ୍ରେଡିଟ୍ କାର୍ଡ ଲିଙ୍କ୍ କରିବା ପାଇଁ ଅନୁମତି ଦେବା ଲାଗି ମଧ୍ୟ ଆର୍‌ବିଆଇ ସରକାରଙ୍କୁ ପ୍ରସ୍ତାବ ଦେଇଛି। ରିଜର୍ଭ ବ୍ୟାଙ୍କ୍ ପ୍ରାରମ୍ଭିକ ଭାବେ ରୁପେ' କ୍ରେଡିଟ୍ କାର୍ଡକୁ ଏହି ସୁବିଧାରେ ସଂଯୋଗ କରିବ। ଏହି ବ୍ୟବସ୍ଥା ଫଳରେ 'ୟୁପିଆଇ' ପ୍ଲାଟ୍‌ଫର୍ମ ଜରିଆରେ ଗ୍ରାହକମାନଙ୍କୁ ଅଧିକ ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଏଥିପାଇଁ ଆବଶ୍ୟକ ସିଷ୍ଟମ୍ ବିକଶିତ କରାଯିବା, ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)କୁ ଏ ସଂକ୍ରାନ୍ତରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି।

# କେମ୍‌ଟେକ୍ ୱାର୍ଲ୍ଡ ଏକ୍ସପୋରେ ଜେଏସ୍‌ଏଲ୍

**ନୂଆଦିଲ୍ଲୀ,୮।୬**

ଦେଶର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳ ଜିଓ ୱାର୍ଲ୍ଡ ସେଣ୍ଟର ପରିସରରେ ବୁଧବାରଠାରୁ ଆୟୋଜିତ କେମ୍‌ଟେକ୍ ୱାର୍ଲ୍ଡ ଏକ୍ସ ପୋ-୨୦୨୨ର ୩୦ତମ ସଂସ୍କରଣରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଅଂଶଗ୍ରହଣ କରିଛି। ବିଶ୍ୱର ପ୍ରମୁଖ ରାସାୟନିକ ଏବଂ ଫାର୍ମା ଶିଳ୍ପ ସହ ଜଡ଼ିତ ପ୍ରଫେସନାଲମାନଙ୍କର ସର୍ବବୃହତ୍ ମଣ୍ଡଳୀର ବ୍ରୋଞ୍ଜ ପ୍ରାୟୋଜକ ଭାବେ ଜେଏସ୍‌ଏଲ୍ ନିଜର ସର୍ବୋତ୍ତମ ଉତ୍ପାଦଗୁଡ଼ିକୁ ଏଠାରେ ପ୍ରଦର୍ଶନ କରୁଛି। ଏପରିକି କମ୍ପାନୀର ସମସ୍ତ ବର୍ଗର ଷ୍ଟେନ୍‌ଲେସ୍ ଷ୍ଟିଲ୍ ଗ୍ରେଡ୍ ଅନ୍ତର୍ଭୁକ୍ତ ରହିଛି। ଏଗୁଡ଼ିକ ସାଧାରଣତଃ ପରମାଣୁ ଶକ୍ତି ଉତ୍ପାଦନ, ତାପଜ ବିଦ୍ୟୁତ୍ ଉତ୍ପାଦନ, ଫ୍ଲୁ ଗ୍ୟାସ୍ ଡିସଲଫରିଜେସନ୍, ଇଥାନଲ୍, ଜୈବିକ ଇନ୍ଧନ, ମଣ୍ଡ ଏବଂ କାଗଜ, ସାର, ଜଳ ବିଶୋଧନ, ପେଟ୍ରୋକେମିକାଲ୍ସ ଏବଂ ତୈଳ ଏବଂ ଗ୍ୟାସ୍ ଶିଳ୍ପରେ ବ୍ୟବହୃତ ହୁଏ। ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ରକ୍ରିୟାକରଣ ଶିଳ୍ପ ବଜାର ପ୍ରତି ମାସରେ ପ୍ରାୟ ୫୦,୦୦୦ ଏମ୍‌ଟି ଯେଉଁଥିରେ ଜିନ୍ଦଲ ଷ୍ଟେନ୍‌ଲେସର ବଜାର ଅଂଶ ୬୫% ରହିଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ତରୁଣ ଖୁଲବେ କହିଛନ୍ତି, କେମ୍‌ଟେକ୍ ୱାର୍ଲ୍ଡ ଏକ୍ସପୋରେ ଅଂଶଗ୍ରହଣ କରି ଆମେ ଅତ୍ୟନ୍ତ ଆନନ୍ଦିତ। ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଏକ ସ୍ୱତନ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗ ହେଉଥିବା କ୍ଷେତ୍ର ଯାହାର ବର୍ତ୍ତମାନ ବହୁତ ଚାହିଦା ରହିଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଏହି କ୍ଷେତ୍ରକୁ ସ୍ୱତନ୍ତ୍ର ଷ୍ଟେନ୍‌ଲେସ୍ ଷ୍ଟିଲ୍ ଗ୍ରେଡ୍ ଯୋଗାଉଛି ।

# କଟକରେ କାରେଟ୍‌ଲେନ୍‌ର ଏକ୍ସକ୍ଲୁସିଭ ଷ୍ଟୋର

**କଟକ,୮।୬**



ତନିଷ୍କର ସହଯୋଗୀ ଅଳଙ୍କାର ବ୍ରାଣ୍ଡ କାରେଟ୍‌ଲେନ୍ ପକ୍ଷରୁ ବୁଧବାର ତା'ର ଆଉ ଏକ ଏକ୍ସକ୍ଲୁସିଭ ଶୋ'ରୁମ୍ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ଶୁଭାରମ୍ଭ କରାଯାଇଛି। ଏପରିକି ଓଡ଼ିଶାରେ କାରେଟ୍‌ଲେନ୍‌ର ଏହା ୫ମ ଷ୍ଟୋର ହୋଇଥିବା ବେଳେ ପୂର୍ବ ଭାରତ (ପୂର୍ବାଞ୍ଚଳ)ରେ ୩୧ଟି ଆଉଟଲେଟ ହୋଇଯାଇଛି। କାରେଟ୍‌ଲେନ୍ ଏହିସବୁ ଷ୍ଟୋର ଜରିଆରେ ପୂର୍ବାଞ୍ଚଳରେ ତା'ର ରିଟେଲ ଉପସ୍ଥିତି ବଢ଼ାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ଏଠାରେ ୧୦୦୦ରୁ ଊର୍ଦ୍ଧ୍ୱ ନିଆରା ଡିଜାଇନ ଉପଲବ୍ଧ ରହିଥିବା ବେଳେ ପ୍ରତି ଡିଜାଇନରେ ରହିଛି କିଛି ଅକୁହା କାହାଣୀ। ଏପରିକି ସେ ଚିରସବୁଜ ବଟରଫ୍ଲାଏ କଲେକ୍ସନ ହେଉ କିମ୍ବା ନୂତନ ଭାବେ ଉନ୍ମୋଚନ ହୋଇଥିବା ବୋର୍ଲା କଲେକ୍ସନ ଇତ୍ୟାଦି। ସେହିଭଳି ବ୍ରାଣ୍ଡର ଡିଜାଇନ ମୁଖ୍ୟ କିନ୍ନାରି ଶାହ ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ନୂଆ ତଥା ନିଆରା ଡିଜାଇନ ପ୍ରସ୍ତୁତ କରିଥାନ୍ତି ବୋଲି କାରେଟ୍‌ଲେନ୍ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ କାରେଟ୍‌ଲେନ୍‌ର ପ୍ରତିଷ୍ଠାତା ତଥା ସିଇଓ ମିଥୁନ ସାଚେତି କହିଛନ୍ତି, ଓଡ଼ିଶାରେ ଆମେ ୫ମ ଷ୍ଟୋରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଅଧିକରୁ ଅଧିକ ଡିଜାଇନର ମନଲୋଭା ଗହଣା ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଆମ ଉଦ୍ଦେଶ୍ୟ। ଗ୍ରାହକଙ୍କୁ ସହଜ ଓମ୍‌ନିଚ୍ୟାନେଲ ଅନୁଭୂତି ପ୍ରଦାନ କରିବାକୁ ଆମେ ଚାହୁଁ। ଗ୍ରାହକ ଅନ୍‌ଲାଇନ୍‌ରେ ଡିଜାଇନ୍ ବ୍ରାଉଜ୍ କରିପାରିବେ ଏବଂ କଟକରେ ଖୋଲାଯାଇଥିବା ଏହି ଷ୍ଟୋରରେ ମଧ୍ୟ ଉକ୍ତ ଗହଣାର ଅନୁଭବ ନେଇପାରିବେ, ତାହା ଆମେ ସୁନିଶ୍ଚିତ କରୁଛୁ। ସେହିଭଳି କାରେଟ୍‌ଲେନ୍‌ର ବରିଷ୍ଠ ଉପସଭାପତି (ରିଟେଲ) ଅତୁଲ ସିହ୍ନା କହିଛନ୍ତି, ଅଦ୍ୱିତୀୟ ଡିଜାଇନ ଏବଂ ବିଶ୍ୱସ୍ତରୀୟ ଶପିଂ ଅନୁଭୂତି ପାଇଁ କାରେଟ୍‌ଲେନ୍ ଜଣା। ଓଡ଼ିଶାରେ ଆମର ୫ମ ଷ୍ଟୋର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଠାରେ ଆମେ ଯେଉଁ ଭଲ ପାଇବା ପାଉଛୁ ସେଥିପାଇଁ କାରେଟ୍‌ଲେନ୍ ଓଡ଼ିଶାରେ ସର୍ବଶ୍ରେଷ୍ଠ ଗହଣା ଡେଷ୍ଟିନେଶନ ପାଲଟିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ନୂତନ ଷ୍ଟୋର ଉଦ୍‌ଘାଟନ ଅବସରରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଏବଂ ୩୫୦୦ରୁ ଊର୍ଦ୍ଧ୍ୱ ଡିଜାଇନ୍‌ର ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି।

# ଟିପିସିଓଡିଏଲ୍ ପକ୍ଷରୁ ଗ୍ରାହକ ସଚେତନତା

**ଭୁବନେଶ୍ୱର,୮।୬:** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗ୍ରାହକମାନଙ୍କୁ ଠକାମିରୁ ବର୍ତ୍ତିବା ପାଇଁ ସଚେତନ କରାଇଦିଆଯାଉଛି। ଏପରିକି କେତେଜଣ ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କମ୍ପାନୀର ପରାମର୍ଶବଳୀ ଜାରି କରାଯାଇଛି। ବିଶେଷକରି ଯେଉଁମାନେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ନ ହେବା ପାଇଁ କେୱାଇସି ଅପ୍‌ଡେଟ୍ କରିବା ବାର୍ତ୍ତା ପଠାଇ ଲୋକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ବ୍ୟକ୍ତିମାନେ ଟିପିସିଓଡିଏଲ୍‌ର କୌଣସି ସ୍ୱୀକୃତି ବିନା ଗ୍ରାହକଙ୍କ ସହ ଯୋଡ଼ି ହେଉଛନ୍ତି। ସେହିଭଳି ଏସ୍‌ଏମ୍‌ଏସ ଜରିଆରେ ଗ୍ରାହକମାନଙ୍କୁ ଧମକ ଦେବା ସହ କେୱାଇସି ଅପ୍‌ଡେଟ୍ ନ କଲେ ୯.୩୦ଘଟିକାରେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହୋଇଯିବ। ଏଥି ସହିତ ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରରେ ବିଦ୍ୟୁତ୍ ଅଫିସରଙ୍କୁ ଯୋଗାଯୋଗ କରିବାକୁ କୁହାଯାଉଛି, ଯାହା କି ଟିପିସିଓଡିଏଲ୍‌ର ଉତ୍ସର୍ଗୀକୃତ ଗ୍ରାହକ ସେବା ନମ୍ବରଠାରୁ ଭିନ୍ନ ବୋଲି ଜଣାପଡ଼ିଛି। ଏଭଳି କୌଣସି ମେସେଜ୍ କିମ୍ବା କଲ୍‌ଠାରୁ ଦୂରେଇ ରୁହନ୍ତୁ ଅଥବା ପ୍ରତିକ୍ରିୟା ପ୍ରକାଶ କରିବା ବେଳେ ସବୁ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଗ୍ରାହକମାନଙ୍କୁ ଆହ୍ୱାନ କରାଯାଇଛି। କୌଣସି ଏକ୍‌ଜିକ୍ୟୁଟିଭ୍‌କୁ ନିଜର ପାସ୍‌ୱାର୍ଡ, ଓଟିପି କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ସୂଚନା ଦେବା ଲାଗି କମ୍ପାନୀ କେବେ ଗ୍ରାହକଙ୍କୁ କୁହେ ନାହିଁ। କର୍ମଚାରୀମାନଙ୍କ ବିଶ୍ୱସନୀୟତା ଯାଞ୍ଚ କରିବା ଲାଗି ଟିପିସିଓଡିଏଲ୍ ମିତ୍ର ଆପ୍ ବ୍ୟବହାର କରିବାକୁ କମ୍ପାନୀ ଗ୍ରାହକମାନଙ୍କୁ ଉପଦେଶ ଦେଇଛି। ସବୁ ପ୍ରକାର ଅଭିଯୋଗ ପାଇଁ ଟିପିସିଓଡିଏଲ୍‌ର ଏକକ ସମାଧାନ ସ୍ଥଳ ଭାବେ ୨୪ଘଣ୍ଟିଆ ଦେୟମୁକ୍ତ ନମ୍ବର ୧୮୦୦-୩୪୫- ୭୧୨୨ ଓ ୧୯୧୨ ରହିଛି। କାରବାର କିମ୍ବା ବ୍ୟାଙ୍କିଙ୍ଗ୍ ବିବରଣୀ ମାଗୁଥିବା ଏଭଳି କୌଣସି ମେସେଜ୍ କିମ୍ବା କଲ୍ କରୁଥିବା ବ୍ୟକ୍ତିଙ୍କ ବିଷୟରେ ତୁରନ୍ତ ଅବଗତ କରିବାକୁ କମ୍ପାନୀ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍ କହିଛନ୍ତି, ଏଭଳି କିଛି ଜାଲିଆତି କାର୍ଯ୍ୟକଳାପ ଉପରେ ଆମ ଟିମ୍ ତୀକ୍ଷ୍ଣ ନଜର ରଖିଥିବା ବେଳେ ଗ୍ରାହକଙ୍କୁ ସତର୍କ କରିବାକୁ ଚାହୁଁଛୁ। ଟିପିସିଓଡିଏଲ୍ ମିତ୍ର ଆପ୍‌କୁ ବ୍ୟବହାର କରିବା ଓ ଯେ କୌଣସି ପ୍ରକାର ଅଭିଯୋଗ ଏବଂ ପ୍ରଶ୍ନ ପାଇଁ ଆମ ନିକଟରେ ପହଞ୍ଚିବା ନିମନ୍ତେ ସ୍ୱୀକୃତିପ୍ରାପ୍ତ ଚ୍ୟାନେଲ/ମାଧ୍ୟମକୁ ଅନୁସରଣ କରିବାକୁ ଗ୍ରାହକଙ୍କୁ ଅନୁରୋଧ କରୁଛୁ ବୋଲି ସେନ୍‌ବାଗମ୍ ମତବ୍ୟକ୍ତ କରିଛନ୍ତି।

# ସୋନି ଇଣ୍ଡିଆର ନୂତନ ଉତ୍ପାଦର ଶୁଭାରମ୍ଭ

**ନୂଆଦିଲ୍ଲୀ,୮।୬**



ସୋନି ଇଣ୍ଡିଆର ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ 'ଏଫ୍‌ଇ ପିଜେଡ୍ ୧୬-୩୫ଏମ୍‌ଏମ୍ ଏଫ୍୪ ଜି'ର ଶୁଭାରମ୍ଭ ସହ ସମୁଦାୟ ୬୬ ଇ-ମାଉଣ୍ଟେନ୍ ଲେନ୍ସ ସୁସଜ୍ଜିତ ରହିଛି, ଯେଉଁଥିରେ ବିକଶିତ ଚିତ୍ର କ୍ୱାଲିଟି, ଉଚ୍ଚକ୍ଷମତାସମ୍ପନ୍ନ ଅଟୋଫୋକସ୍ ଏବଂ ଉନ୍ନତ କାର୍ଯ୍ୟକ୍ଷମତା ଭଳି ଏକ ବ୍ୟାପକ ଶକ୍ତି ଜୁମ୍ ଦୁନିଆର ସର୍ବୋତ୍ତମ ବ୍ୟବହାରକାରୀଙ୍କ ଆବଶ୍ୟକତା ପୂରଣ କରିବା ନେଇ ପରିକଳ୍ପିତ କରାଯାଇଛି। ଏହା ବିଶ୍ୱର ସବୁଠାରୁ ହାଲୁକା ଫୁଲ୍ ଫ୍ରେମ୍ ୱାଇଡ୍ ଆଙ୍ଗଲ୍ ପାୱାର ଜୁମ୍ ଲେନ୍ସ। ଏହାର କମ୍ପାକ୍ଟ ଲେନ୍ସ ବିଶୋଧିତ ଛବି କ୍ୱାଲିଟି, ଭାବପ୍ରବଣ କ୍ଷମତା ଏବଂ ନିୟନ୍ତ୍ରଣ ପ୍ରଦାନ ସହ ଆଜିର ଚାହିଦା ଥିବା ବିଷୟବସ୍ତୁ ପାଇଁ ବ୍ୟବହାରକାରୀଙ୍କୁ ବେଶ୍ ଆକର୍ଷିତ କରିବ। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ବିଜ୍‌ନେସ୍ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଏଫ୍‌ଇ ପିଜେଡ୍ ୧୬-୩୫ଏମ୍‌ଏମ୍ ଏଫ୍୪ ଜି କୁ ନୂଆ ଯୁଗର ବିଷୟବସ୍ତୁ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ରୂପେ ଡିଜାଇନ୍ କରାଯାଇଛି ଏବଂ ବିଶ୍ୱ ପାଇଁ ସବୁଠାରୁ ହାଲୁକା ଫଟୋ ଏଫ୍୪ ଚଉଡା ଆଙ୍ଗଲ୍ ପାୱାର୍ ଜୁମ୍ ଭାବେ ସେମାନଙ୍କ ସୃଜନଶୀଳତା ପାଇଁ କୌଣସି ମଧ୍ୟ ପ୍ରତିବନ୍ଧକ ହଟାଇବାକୁ ଲକ୍ଷ୍ୟ ରଖିଛି।

# ଗାୟତ୍ରୀ ଦେବୀ ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୮।୬:**




ଗାୟତ୍ରୀ ଦେବୀ ଗ୍ରୁପ ପକ୍ଷରୁ ନିକଟରେ ଏକ ମେଗା ରକ୍ତଦାନ ଶିବିର ତ'ାର ପାହାଲସ୍ଥିତ ଏକ୍ସକ୍ଲୁସିଭ ଶୋ'ରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ କରାଯାଇଥିଲା। ଏପରିକି ଆଇଆରସିଏସ'ର ଆଞ୍ଚଳିକ ଶାଖା କମିଶନରେଟ ପୋଲିସ କଟକ-ଭୁବନେଶ୍ୱର,ଏଚଡିଏଫସି ବ୍ୟାଙ୍କ, ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରି ଏବଂ ଫିକି ଏଫଏଲଓ ଭୁବନେଶ୍ୱରର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗାୟତ୍ରୀ ଦେବୀ ଗ୍ରୁପର ନିର୍ଦ୍ଦେଶକ ନିରୁପମା ବିଶ୍ୱାଳ ଏବଂ ଏମଡି ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ସମେତ କମିଶନରେଟ ପୋଲିସ (କଟକ)ର ଏସିପି ଲଳିତେନ୍ଦୁ ମହାନ୍ତି, ଫିକି ଏଫଏଲଓ ଭୁବନେଶ୍ୱରର ଅଧ୍ୟକ୍ଷା ନମ୍ରିତା ଚହଲ ଓ ଏଚଡିଏଫସି ବ୍ୟାଙ୍କ ଏବଂ ରୋଟାରୀ କ୍ଲବ ଭୁବନେଶ୍ୱର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ୟୁନିଟ-୬, କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାର ସହାୟତାରେ ଏହି ଶିବିର ପରିଚାଳିତ ହୋଇଥିଲା। ଉକ୍ତ ଶିବିରରୁ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗାୟତ୍ରୀ ଦେବୀ ଗ୍ରୁପର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଉକ୍ତ ଶିବିରର ପରିଚାଳନା କରାଯାଇଥିଲା।

**OFFICE OF THE DISTRICT JUDGE KEONJHAR**

AT/P.O./DIST- KEONJHAR, ODISHA-758001

E-Mail ID: dj.keonjhar-od@gov.in Tel. No.- 06766-255451

RFP Identification No.- 01 (RFP) of 2022-23, Dated 06.06.2022

**REQUEST FOR PROPOSAL (RFP)**

No.W-23:- **The District Judge, Keonjhar** invites sealed proposal from all interested Bidders under single stage Two cover/Envelope System (Technical Bid/Financial Bid) for **'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR UP-KEEPING, CLEANING & MAINTENANCE AND ELECTRICAL SERVICES' at District Court Complex of Keonjhar and Taluk Court Complexes of Anandapur, Champua, Barbil, Ghasipura, Hatadihi & Telkoi.**

Duly completed proposal along with other prerequisite documents in support of eligibility criteria and the required information as per format must be submitted through **Registered Post/ Speed Post/ Courier** latest by **05.07.2022 5 P.M.**

For details, the RFP document can be downloaded from **https://districts.ecourts.gov.in/india/odisha/kendujhar/tender.**

**Sd./- District Judge, Keonjhar**

OIPR-18050/11/0004/2223

**ADVERTISEMENT**

**Scheduled Castes & Scheduled Tribes Research and Training Institute (SCSTRTI)**

CRPF Square, Nayapalli, Bhubaneswar-751003

**Engagement of Short Term Contractual State Coordinator, Data Analyst & Office Assistant**

**No.V-28:-** The Scheduled Castes and Scheduled Tribes Research and Training Institute (SCSTRTI) intends to engage 01 (One) State Coordinator, 01 (One) Data Analyst and 01 (One) Office Assistant to carry out the effective functioning of the **Chhatra Protsahan Yojna (CPY) Cell** for Higher Secondary Schools & EMRSs of ST & SC Development Department, Government of Odisha. The engagements are short term, i.e, for a duration of 11 months only. Detail ToR for the posts and the Application Form etc. can be seen in the Odisha Government portal **www.stscodisha.gov.in** and website of SCSTRTI **www.scstrti.in**.

Eligible Candidates must submit the duly filled in Application Form along with supporting documents to the Advisor-cum-Director & Special Secretary, SCSTRTI, CRPF Square, Bhubaneswar PIN-751003 latest by **dt.24.06.2022 5.30 PM** through **Registered Post / Speed Post only. Incomplete Applications, Applications without supporting documents, Applications submitted through modes other than Registered Post / Speed Post and Applications received after the prescribed date shall be rejected.**

**Sd./- Advisor-cum-Director & Spl. Secretary**

OIPR-26002/11/0008/2223

**ବିଦ୍ୟୁତ୍ ସଙ୍କଟ: ପାକ୍‌ରେ ସପ୍ତାହକୁ ୫ ଦିନ କାମ**

ଇନ୍ଧନ ସଙ୍କଟ ଯୋଗୁ ପାକିସ୍ତାନରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସରକାର ଶକ୍ତି ସଙ୍କଟ ଏଡ଼ାଇବା ପାଇଁ ବିଦ୍ୟୁତ୍ ସଞ୍ଚୟ ଲାଗି ଶନିବାର ଅଫିସ୍ ଛୁଟି ଘୋଷଣା କରିଛନ୍ତି। ଏଣିକି ସେଠାକାର କର୍ମଚାରୀମାନେ ସପ୍ତାହକୁ ୬ ଦିନ ବଦଳରେ ୫ ଦିନ କାମ କରିବେ। ଏଥିସହ ଅଫିସିଆଲ କାମ ପାଇଁ ନୂଆ ଗାଡ଼ି, ଏସି ଆଦି କ୍ରୟ ବନ୍ଦ ରହିବ। ଏହାଦ୍ୱାରା ସରକାରୀ ଅଫିସ୍‌ରେ ଖର୍ଚ୍ଚ ହେଉଥିବା ବିଦ୍ୟୁତ୍ ୪୦% ସଞ୍ଚୟ ହୋଇପାରିବ ବୋଲି ସୂଚନା ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି।



# ହସ୍ପିଟାଲରୁ ପୁଅ ମୃତଦେହ ଆଣିବାକୁ ଭିକ ମାଗୁଛନ୍ତି

**ପାଟନା,୮।୬:** ବିହାରର ସମସ୍ତିପୁରରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାରୁ ପୁଅର ମୃତଦେହ ଆଣିବା ପାଇଁ ସହରସାରା ବୁଲି ବୃଦ୍ଧ ମା' ବାପା ଟଙ୍କା ମାଗୁଛନ୍ତି। ସମସ୍ତିପୁର ସରକାରୀ ଡାକ୍ତରଖାନାରେ



ଯୁବକଙ୍କ ମୃତ୍ୟୁ ହୋଇଯିବା ପରେ ମା'ବାପା ପୁଅର ମୃତଦେହ ଆଣିବାକୁ ଯାଇଥିଲେ। କିନ୍ତୁ ଟଙ୍କା ନ ଦେଲେ ମୃତଦେହ ମିଳିବ ନାହିଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ। ବୃଦ୍ଧ ଦମ୍ପତି ଟଙ୍କା ଯୋଗାଡ଼ କରିବା ପାଇଁ ସହର ସାରା ବୁଲି ଟଙ୍କା ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବେ ପୁଅ ନିଖୋଜ ଥିବାବେଳେ ସମସ୍ତିପୁରର ସଦର ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ଏକ ଅଜଣା କଲ୍ ଯୋଗେ ସେମାନଙ୍କ ପାଖରେ ପହଞ୍ଚିଥିଲା। ପୁତ୍ର ବିୟୋଗରେ ଆତ୍ମହରା ହୋଇ ମା' ବାପା ମୃତଦେହ ଆଣିବାପାଇଁ ସେଠାରେ ପହଞ୍ଚିଥିଲେ। କିନ୍ତୁ ୫୦ ହଜାର ଟଙ୍କା ନ ଦେବା ପର୍ଯ୍ୟନ୍ତ ମୃତଦେହ ମିଳିବ ନାହିଁ ବୋଲି ଡାକ୍ତରଖାନା କର୍ମଚାରୀ ସେମାନଙ୍କୁ କହିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଟଙ୍କା ନେଣଦେଣ କାରବାର କଥା ଜାଣିବା ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସମସ୍ତିପୁର ହସ୍ପିଟାଲର ସିଭିଲ୍ ସର୍ଜନ ଡା. ଏସ୍.କେ. ଚୌଧୁରୀ।

## ଦିଲ୍ଲୀ-ଏନ୍‌ସିଆର୍‌ରେ ବନ୍ଦ ହେବ କୋଇଲା ବ୍ୟବହାର

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବା ପାଇଁ କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଏକ ନିର୍ଦ୍ଦେଶନାମା ଜାରି କରିଛି। ସହରରେ ଥିବା ସମସ୍ତ କୋଇଲା କମ୍ପାନୀ ସାଙ୍ଗକୁ କୋଇଲା ବ୍ୟବହାର ହେଉଥିବା ସମସ୍ତ ସଂସ୍ଥାକୁ ଆସନ୍ତା ବର୍ଷ ଜାନୁୟାରୀ ୧ରୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ତେବେ ଯେଉଁ କାରଖାନାଗୁଡ଼ିକରେ କମ୍ ସଲ୍‌ଫର ଥିବା କୋଇଲା ବ୍ୟବହାର କରାଯାଉଛି ସେଗୁଡ଼ିକ ଉପରେ କୌଣସି ପ୍ରକାର ପ୍ରତିବନ୍ଧକ ଲଗାଯିବ ନାହିଁ। ଏନ୍‌ସିଆର୍‌ରେ ପ୍ରତିବର୍ଷ ୧୭ ଲକ୍ଷ ଟନ୍ କୋଇଲା ବ୍ୟବହାର ହେଉଥିବାବେଳେ ୧୪ ଲକ୍ଷ ଟନ୍ କୋଇଲା କେବଳ ୬ଟି ପ୍ରମୁଖ କାରଖାନାରେ ବ୍ୟବହାର ହେଉଛି। ସହରରେ ବାୟୁ ପ୍ରଦୂଷଣର ସ୍ଥାୟୀ ପ୍ରତିକାର ନିମନ୍ତେ ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିବା ପ୍ୟାନେଲ୍ ପକ୍ଷରୁ କୁହାଯାଇଛି।

## ଆଫଗାନ୍ ମଡେଲ ଗିରଫ

**କାବୁଲ, ୮।୬:** ଆଫଗାନିସ୍ତାନର ଜଣାଶୁଣା ଫ୍ୟାଶନ ମଡେଲ ଅଜମଲ ହକ୍କିକି ଓ ତାଙ୍କ ୩ ସହଯୋଗୀଙ୍କୁ କୋରାନ୍ ପ୍ରତି ଅସମ୍ମାନ ଅଭିଯୋଗରେ ଗିରଫ କରାଯାଇଛି। ଆଫଗାନ୍ ତାଲିବାନ୍ ଶାସକ ପକ୍ଷରୁ



ଏ ନେଇ ଏକ ଭିଡିଓ ଜାରି କରି ଇସ୍‌ଲାମ ପ୍ରତି ଅସମ୍ମାନ କଲେ ଏଭଳି ଦଶା ଭୋଗିବ ବୋଲି ଚେତାବନୀ ଦିଆଯାଇଛି। ୟୁଟ୍ୟୁବରେ ଅଜମଲଙ୍କ ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଯାହା କି, ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଥିଲା। ଏଥିରେ ଅଜମଲ ଓ ତାଙ୍କ ସହଯୋଗୀମାନେ କୋରାନ୍ ଉଚ୍ଚାରଣ ବେଳେ ବ୍ୟଙ୍ଗ କରୁଥିବା ଦେଖିବାକୁ ମିଳିଥିଲା।

## ହୋମୱାର୍କ ନ କରିବାରୁ ଝିଅର ହାତଗୋଡ଼ ବାନ୍ଧି ଖରାରେ ଛାଡ଼ିଦେଲେ ମା'

**ନୂଆଦିଲ୍ଲୀ,୮।୬:** ସ୍କୁଲରେ ହୋମ୍‌ୱାର୍କ କରି ନ ଥିବା ଅଭିଯୋଗ ଆସିବା ପରେ ଜଣେ ମହିଳା ତାଙ୍କ ୫ବର୍ଷ ଝିଅର ଗୋଡ଼ ହାତ ବାନ୍ଧି ଟାଣ ଖରାରେ ଛାଡ଼ି ଦେଇଥିଲେ। ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଭିଡିଓଟିର ଯାଞ୍ଚ କରିଥିଲା। ଦିଲ୍ଲୀସ୍ଥିତ ଖଜୁରି ଖାସ୍ ଅଞ୍ଚଳର ଏହି ଘଟଣା। ହୋମ୍‌ୱାର୍କ କରି ନ ଥିବାରୁ ମା' ୫ରୁ ୭ ମିନିଟ ପର୍ଯ୍ୟନ୍ତ ଝିଅର ଗୋଡ଼ହାତ ବାନ୍ଧି ଛାତରେ ଛାଡ଼ିଦେଇଥିବା ପୋଲିସକୁ କହିଥିଲେ। ଜଣେ ମହିଳା ପଡ଼ୋଶୀ ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ଟାଣଖରାରେ ଗୋଡ଼ହାତ ବାନ୍ଧି ଛାଡ଼ିଦେଇଥିବା କାରଣରୁ ଛୋଟ ଝିଅଟି ଜୋର ଚିତ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଥିଲା।


## OFFICE OF THE NOTIFIED AREA COUNCIL, CHAMPUA

**LIMITED TENDER CALL NOTICE**

No.- 1479, Dt.07.06.2022

No.C-478:- Sealed tenders are invited for "Sale of E-Waste collected in Wealth Centre of Champua NAC" to the intending (buyers) authorized E-Waste collection agencies/dismantler Centres (dismantler / PROs / Firms / Suppliers / Dealers / NGOs) registered with CPCB/ OSPCB. The E-Waste collected from different wards of Champua NAC is stored / stocked in one No. of Material Recovery Facilities (MRF). The limited Tender Call Notice is also published in the website of Champua NAC **www.champuanac.com**. The bidders are quote the buying price (lot basic per MRF) of the E-Waste already collected and stacked in MRF. The bidder must submit the application along with the financial proposal on or before 22.06.2022 at 5.30 PM through by hand / postal /courier. Application received after due date and time shall be summarily rejected and Champua NAC is not responsible for any delay or postal/courier delivery. The received applications shall be opened on dt.24.06.2022 at 11.00 AM in the Office of the Executive Officer, Champua NAC on presence of the tenderers or their authorized representatives. No tender will be entertained after the stipulated date and time. The authority reserves the right to reject any or all tenders without assigning any reason thereof.

**Sd./- Executive Officer, Champua NAC**

OIPR-13157/11/0011/2223

## SUPERINTENDENT PRM MCH, BARIPADA, MAYURBHANJ

**TENDER CALL NOTICE**

**Notice No. 1673/PRM MCH/2022-23 Date: 07.06.2022**

No.E-207:- Sealed tenders are invited from interested agencies having adequate experience in taking up the **"Printing & Supply of different formats & register"**. Details regarding the items and terms & conditions may be downloaded from the website **www.mayurbhanj.nic.in**. The Tender should reach in the office of the undersigned as per the date mentioned in the Tender paper through Registered post/ Speed post/ Courier only. **The last date of the bid submission on dt.28.06.2022 till 5.30 PM and Tender will be opened on dt.29.06.2022 at 11 AM in the Committee Hall of PRM MCH, Baripada.** The undersigned will not be held responsible for any postal delay and reserves the right to reject any or all the quotations without mentioning reason thereof.

**Sd./- Superintendent, PRM MCH, Baripada, Mayurbhanj**

OIPR-10120/11/0005/2223

## ODISHA UNIVERSITY OF TECHNOLOGY AND RESEARCH

**(Formerly College of Engineering & Technology, Bhubaneswar)**

Techno Campus, Ghatikia, P.O. Mahalaxmi Vihar

BHUBANESWAR-751029 ODISHA, INDIA

Ref. No. 1320 / OUTR; Date: 07.06.2022

**Certificate Program on AI/ML by OUTR (formerly CET), Bhubaneswar**

No. KK-55:- OUTR (formerly CET), Bhubaneswar is offering AI/ML courses to students and working professionals. This Artificial Intelligence course (available both online/offline) will help in learning basics of Python, Predictive Analytics, ML, Deep Learning, Natural Language Processing(NLP) etc. This AI / ML certification course provides hands-on experience on 10+ projects, propel someone's career towards a better job with expertise in current landscape of Artificial Intelligence and Machine Learning. Interested candidates have to fill the application and can know all details including course fees.by visiting website **https://coeaibbsr.in**. Click on apply for AI Courses. Applicants will get shortlisted based on their eligibility. The course will start on 1st July, 2022. Duration of the Course is 3 months (6-10 hours/week) course.

**Sd./- OFFICER ON SPECIAL DUTY**

OIPR-16005/11/0012/2223


## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5283/PSC Dt.08.06.2022**

**(2PE-16-21/22) (DR-V)**

No. D-63: It is for information of all concerned that, document verification of 57 (fifty seven) candidates having PPSAN mentioned below for the post of **Assistant Professor (Stage-I), "Anthropology"** pursuant to advertisement No. 14 of 2021-22 shall be held on **20.06.2022, 21.06.2022 & 22.06.2022** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 20.06.2022 | 10.30 A.M. | 00089148, 00089655, 00077305, 00087883, 00077612, 00087014, 00095694, 00098093, 00094890, 00049403, 00084099 & 00093815 = **12 Candidates** |
| | 02.30 P.M. | 00095976, 00092739, 00089234, 00089848, 00092364, 00079892, 00073839 & 00113785 = **08 Candidates** |
| 21.06.2022 | 10.30 A.M. | 00055271, 00060185, 00080078, 00091629, 00119209, 00092471, 00090665, 00068724, 00091835, 00092110, 00119038 & 00017897 = **12 Candidates** |
| | 02.30 P.M. | 00093004, 00095475, 00096476, 00047282, 00118868, 00077555, 00058836 & 00018164 = **08 Candidates** |
| 22.06.2022 | 10.30 A.M. | 00095343, 00067061, 00087761, 00089440, 00065924, 00059449, 00060977, 00093216, 00096241, 00089453, 00082170 & 00089197 = **12 Candidates** |
| | 02.30 P.M. | 00092979, 00089187, 00094916, 00016998 & 00113350 = **05 Candidates** |

The candidates are required to submit the following documents at the time of verification.

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M.Phil certificate & marksheet.
8. NET/JRF/SET/SLET qualified certificate
9. Ph.D. Degree certificate.
10. Conversion certificate from the concerned Unviersity indicating the actual equivalent percentage of marks.
11. Odia Test pass certificate.
12. Caste certificate whereever applicable
13. Identity card issued by the Director of Sports, Odisha in case of Sports person.
14. Permanent Disability Certificate (indicating permanent disability of 40% or more)
15. One set Xerox copy of published research papers.
16. Teaching/Post Doctoral experience certificate.
17. Awards
18. No objection certificate from the competent authority in case of Govt. Servants.
19. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0079/2223** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5288/PSC Dt.08.06.2022**

**(2PE-15-21/22) (DR-V)**

No. D-64: It is for information of all concerned that, document verification of 39 (Thirty nine) candidates having PPSAN mentioned below for the post of **Assistant Professor (Stage-I), "Life Science"** pursuant to advertisement No. 14 of 2021-22 shall be held on **17.06.2022 & 18.06.2022** as per the following programme in the office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.06.2022 | 10.30 A.M. | 00091346, 00118666, 00076771, 00092498, 00096885, 00095354, 00113690, 00088622, 00061792, 00087598, 00088207 & 00093795 = **12 Candidates** |
| | 02.30 P.M. | 00094361, 00094805, 00077118, 00077561, 00078002, 00079620, 00094407 & 00114722 = **08 Candidates** |
| 18.06.2022 | 10.30 A.M. | 00095373, 00118306, 00086546, 00117867, 00115750, 00119418, 00079300, 00084878, 00052352, 00118308, 00119409 & 00114379 = **12 Candidates** |
| | 02.30 P.M. | 00113350, 00063633, 00051271, 00060552, 00118593, 00091474 & 00037744 = **07 Candidates** |

The candidates are required to submit the following documents at the time of verification.

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M.Phil certificate & marksheet.
8. NET/JRF/SET/SLET qualified certificate
9. Ph.D. Degree certificate.
10. Conversion certificate from the concerned Unviersity indicating the actual equivalent percentage of marks.
11. Odia Test pass certificate.
12. Caste certificate whereever applicable
13. Identity card issued by the Director of Sports, Odisha in case of Sports person.
14. Permanent Disability Certificate (indicating permanent disability of 40% or more)
15. One set Xerox copy of published research papers.
16. Teaching/Post Doctoral experience certificate.
17. Awards
18. No objection certificate from the competent authority in case of Govt. Servants.
19. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0081/2223** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5272/PSC Dt.08.06.2022**

**(2PE-11-22/23) (DR-I)**

No. D-62: It is for information of all concerned that, 382 (Three hundred and eighty two) candidates bearing following PPSAN/Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Assistant Professor, Teacher Education (Educational Studies),** pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 27.06.2022 | 10.30 A.M. | 00112337, 00077479, 00081809, 00085583, 00087096, 00089480, 00090091, 00091437, 00092811, 00097379, 00111361, 00086727, 00087422, 00096238, 00110390, 00111508, 00112181, 00095690, 00076713, 00077544 = **20 Candidates** |
| | 02.30 P.M. | 00079438, 00080693, 00086670, 00087147, 00087768, 00088770, 00089318, 00089962, 00092092, 00093045 = **10 Candidates** |
| 28.06.2022 | 10.30 A.M. | 00093473, 00093615, 00095699, 00109322, 00111494, 00112706, 00096964, 00112558, 00089279, 00096516, 00087543, 00081293, 00093361, 00097387, 00031599, 00090988, 00111703, 00112051, 00088728, 00092066 = **20 Candidates** |
| | 02.30 P.M. | 00020803, 00094434, 00100886, 00112055, 00112238, 00097216, 00112087, 00092050, 00077575, 00081442 = **10 Candidates** |
| 29.06.2022 | 10.30 A.M. | 00089194, 00091516, 00091850, 00092004, 00093887, 00094306, 00094605, 00095358, 00112072, 00112483, 00112772, 00112890, 00091005, 00112737, 00086100, 00094550, 00111648, 00077586, 00112226, 00069113 = **20 Candidates** |
| | 02.30 P.M. | 00092199, 00111880, 00092559, 00082193, 00079467, 00094518, 00112295, 00079699, 00085884, 00091356 = **10 Candidates** |
| 30.06.2022 | 10.30 A.M. | 00112254, 00112683, 00080916, 00094482, 00085125, 00086860, 00090690, 00109654, 00111266, 00112249, 00112287, 00112503, 00112542, 00112746, 00095847, 00111463, 00048546, 00063995, 00090044, 00094803 = **20 Candidates** |
| | 02.30 P.M. | 00095908, 00097145, 00097812, 00100472, 00112153, 00112516, 00070542, 00091987, 00095652, 00100522 = **10 Candidates** |
| 02.07.2022 | 10.30 A.M. | 00112587, 00112602, 00079806, 00094447, 00094483, 00097087, 00111043, 00065187, 00112354, 00096540, 00094404, 00094955, 00089332, 00079897, 00018025, 00044278, 00078991, 00085061, 00088165, 00089642 = **20 Candidates** |
| | 02.30 P.M. | 00096826, 00067186, 00082935, 00090095, 00092894, 00093585, 00094891, 00111059, 00111828, 00112216 = **10 Candidates** |
| 04.07.2022 | 10.30 A.M. | 00077559, 00089223, 00089333, 00089725, 00095098, 00095415, 00097304, 00111336, 00112182, 00112185, 00112727, 00093845, 00112486, 00094897, 00050492, 00098918, 00076766, 00112508, 00089641, 00018116 = **20 Candidates** |
| | 02.30 P.M. | 00080207, 00087355, 00087978, 00090059, 00094093, 00111664, 00112261, 00112425, 00112471, 00094179 = **10 Candidates** |
| 05.07.2022 | 10.30 A.M. | 00016759, 00111940, 00091136, 00095397, 00089677, 00094421, 00096232, 00051241, 00102370, 00018753, 00058143, 00070369, 00088042, 00090347, 00091353, 00093719, 00112136, 00112474, 00089016, 00091123 = **20 Candidates** |
| | 02.30 P.M. | 00092984, 00093237, 00095724, 00098159, 00112289, 00112394, 00086217, 00091624, 00023209, 00090844 = **10 Candidates** |
| 06.07.2022 | 10.30 A.M. | 00112747, 00111641, 00094527, 00028518, 00055016, 00080575, 00086428, 00092746, 00093252, 00101381, 00112100, 00097636, 00112648, 00091052, 00077295, 00112841, 00112039, 00111429, 00094958, 00085921 = **20 Candidates** |
| | 02.30 P.M. | 00111456, 00083142, 00111656, 101, 00112099, 00090617, 00095525, 00101140, 00111878, 00112663 = **10 Candidates** |
| 07.07.2022 | 10.30 A.M. | 00097471, 00109034, 00110160, 00095924, 00091621, 00092723, 00093540, 00093693, 00111162, 00112409, 00111620, 00112528, 00101531, 00089990, 00094095, 00089682, 00112581, 00087625, 00112470, 00049006 = **20 Candidates** |
| | 02.30 P.M. | 00051072, 00059142, 00086146, 00088940, 00089238, 00090373, 00092622, 00093310, 00095419, 00097874 = **10 Candidates** |
| 08.07.2022 | 10.30 A.M. | 00099584, 00111115, 00112373, 00112514, 00112630, 00112265, 00091486, 00092419, 00093528, 00096900, 00095169, 00112281, 00103071, 00097459, 00028594, 00082357, 00094850, 00111021, 00112605, 00052579 = **20 Candidates** |
| | 02.30 P.M. | 00112836, 00103439, 00042777, 00057903, 00088944, 00096061, 00111182, 00111659, 00091302, 00112607 = **10 Candidates** |
| 11.07.2022 | 10.30 A.M. | 00041478, 00087567, 00046260, 00093318, 00112544, 00111173, 00094203, 00027017, 00083835, 00089643, 00089698, 00090171, 00094073, 00110101, 00017788, 00065932, 00066553, 00073324, 00078517, 00085143 = **20 Candidates** |
| | 02.30 P.M. | 00085933, 00093608, 00094959, 00112623, 00112879, 00086432, 00097713, 00015387, 00040147, 00061041 = **10 Candidates** |
| 12.07.2022 | 10.30 A.M. | 00079218, 00088242, 00095988, 00097869, 00111801, 00112793, 00087170, 00092059, 00076522, 00048537, 00019685, 00053133, 00096004, 00097385, 00111574, 00112378, 00086139, 00112732, 00093182, 00110985 = **20 Candidates** |
| | 02.30 P.M. | 00112783, 103, 00112814, 00088518, 00089797, 00112804, 00098091, 00084438, 00097018, 00096145 = **10 Candidates** |
| 13.07.2022 | 10.30 A.M. | 00111386, 00048910, 00086308, 00059174, 00059442, 00078183, 00088774, 00040051, 00111786, 00058692, 00077962, 00112677, 107, 00019609, 00037528, 00040657, 00087060, 00097146, 00111684, 00112008, 00069925, 114 = **22 Candidates** |

The candidates are required to bring one set of self-attested photocopies of all documents along with all original documents for verification as mentioned below:

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree marksheet.
6. B.Ed. Degree marksheet.
7. Master's Degree marksheet.
8. M.Phil marksheet.
9. NET/JRF/SET/SLET qualified certificate
10. Ph.D. Degree certificate.
11. Conversion certificate from the concerned Unviersity indicating the actual equivalent percentage of marks.
12. Odia Test pass certificate.
13. Caste certificate whereever applicable
14. Identity card issued by the Director of Sports, Odisha in case of Sports person.
15. Permanent Disability Certificate (indicating permanent disability of 40% or more)
16. One set Xerox copy of published research papers.
17. Teaching/Post Doctoral experience certificate.
18. Awards
19. No objection certificate from the competent authority in case of Govt. Servants.
20. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0077/2223** **Sd./- Additional Secretary**

# ଟି୨୦ ସିରିଜ ଆଜିଠାରୁ

ନୂଆଦିଲ୍ଲୀ, ୮।୬ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ କ୍ରିକେଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଟି୨୦ ବିଶ୍ୱକପ ହେବାକୁ ଥିବାରୁ ଏକ କୋର୍ ଗ୍ରୁପ୍ ଗଠନ ଉଭୟ ଦଳର ଲକ୍ଷ୍ୟ ରହିବ। ଭାରତୀୟ ଦଳ କ୍ରମାଗତ ୧୨ ମ୍ୟାଚ ବିଜୟ ସହ ଏହି ମ୍ୟାଚ ଖେଳିବାକୁ ଯାଉଛି। ଅର୍ଥାତ୍ ଫିରୋଜ ଶାହା କୋଟ୍ଲା ଗ୍ରାଉଣ୍ଡରେ ମ୍ୟାଚ ଜିତିଲେ ଦଳ ୧୩ ମ୍ୟାଚ ଜିତିବା ସହ ରେକର୍ଡର ଅଧିକାରୀ ହେବ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଆଗାମୀ ୧୦ ଦିନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କାରଣ ଅକ୍ଟୋବରରେ ହେବାକୁଥିବା ବିଶ୍ୱକପ ପାଇଁ ଶକ୍ତିଶାଳୀ କୋର୍ ଗ୍ରୁପ୍ ଗଠନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ।



ନୂଆଦିଲ୍ଲୀରେ ଅଭ୍ୟାସ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଷଭ ପନ୍ତ।

## ପନ୍ତ ଅଧିନାୟକ

ପୂର୍ବରୁ ଅଧିନାୟକ ମନୋନୀତ ହୋଇଥିବା ଲୋକେଶ ରାହୁଲ ଆହତ ହୋଇଛନ୍ତି। ଫଳରେ ଉପ-ଅଧିନାୟକ ରିଷଭ ପନ୍ତଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଟପ୍ ଅର୍ଡରର ନିର୍ଭରଯୋଗ୍ୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆହତ ସମସ୍ୟା ଯୋଗୁ ପୂର୍ବରୁ ବାଦ୍ ପଡ଼ି ସାରିଛନ୍ତି। ଏବେ ରାହୁଲଙ୍କ ଅନୁପସ୍ଥିତିରେ ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଭେଙ୍କଟେଶ ଆୟାର, ଦୀପକ ହୁଡା ଓ ଶ୍ରେୟସ ଆୟାରଙ୍କ ଉପରେ ମୁଖ୍ୟତଃ ବ୍ୟାଟିଂ ଭାର ରହିବ। ତେବେ ପନ୍ତ ଓ ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ କାର୍ତ୍ତିକ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଫିନିଶର ଭୂମିକା ଭଲଭାବେ ତୁଲାଇଥିଲେ। ଫ୍ରାଞ୍ଚାଇଜ୍ ପାଇଁ ହେଉ କି ଦେଶପାଇଁ ପ୍ରତ୍ୟେକ ଖେଳାଳିଙ୍କୁ ଆବଶ୍ୟକତା ଅନୁସାରେ ଭିନ୍ନ ଭମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥାଏ ବୋଲି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ପ୍ରକାଶ କରିଛନ୍ତି। ଭୁବନେଶ୍ୱର କୁମାର ଓ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ପେସ୍ ଆକ୍ରମଣର ନେତୃତ୍ୱ ନେବେ। ତୃତୀୟ ପେସର ଦୌଡ଼ରେ ଆଭେଶ ଖାଁ ଆଗରେ ରହିବେ। ମାତ୍ର ସେ ଯଦି ବିଫଳ ହୁଅନ୍ତି ତେବେ ଅର୍ଶଦୀପ ସିଂ କିମ୍ବା ଉମ୍ରାନ ମଲିକ ପଦାର୍ପଣ ଅନ୍ତର୍ଜାତୀୟ ମ୍ୟାଚ ଖେଳିପାରନ୍ତି। କୁଲଦୀପ ଓହରି ଯାଇଥିବାରୁ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଉପରେ ଚାପ ରହିବ। ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ମଧ୍ୟ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ୨୦୧୦ ପରଠାରୁ ଭାରତରେ ସୀମିତ ଓଭର କ୍ରିକେଟ ସିରିଜ ହାରିନାହିଁ। ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଦଳ ଆଗାମୀ ସିରିଜରେ ଖେଳିବାକୁ ଯାଉଛି। ଗତ ଆଇପିଏଲ୍‌ରେ ଟପ୍ ଫର୍ମରେ ଥିବା ଡେଭିଡ ମିଲର, କ୍ୱିଣ୍ଟନ ଡି'କକ୍ ଓ ଏଡେନ ମାରକ୍ରାମଙ୍କ ଉପରେ ବିଶେଷ କରି ନଜର ରହିବ।

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ମ୍ୟାଚ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ରଣଜୀ କ୍ୱାର୍ଟରରେ ବିଶ୍ୱ ରେକର୍ଡ

**ବାଙ୍ଗାଲୋର,୮।୬:** ଚଳିତ ରଣଜୀ ଟ୍ରଫିରେ ଝାଡ଼ଖଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବେଙ୍ଗଲ ଦଳର ୯ ବ୍ୟାଟର ଅର୍ଦ୍ଧଶତକ ପୂରଣ କରି ପ୍ରଥମ ଶ୍ରେଣୀ କ୍ରିକେଟରେ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ବେଙ୍ଗଲ ନକ୍‌ଆଉଟ୍ ମ୍ୟାଚ୍‌ର ତୃତୀୟ ଦିନ ପ୍ରଥମ ଇନିଂସ ସ୍କୋର ୭୭୩/୭ରେ ଇନିଂସ ଘୋଷଣା କରିଥିଲା। ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା ପ୍ରତ୍ୟେକ ବ୍ୟାଟର ଅତିକମ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ୩ୟ ନଂ. ବ୍ୟାଟର ସୁଦୀପ ଘାରାମି ଓ ୪ର୍ଥ ନଂ. ଅନୁଷ୍ଟୁପ ମଜୁମଦାର ୩ ସଂଖ୍ୟା ବିଶିଷ୍ଟ ସ୍କୋରରେ ପହଞ୍ଚିଥିଲେ। କ୍ରିକେଟ ଇତିହାସରେ ପ୍ରଥମ ଥର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟର ଏକ ଇନିଂସରେ ୯ ଜଣ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏଥିପୂର୍ବରୁ ପ୍ରଥମ ଶ୍ରେଣୀ ଇନିଂସରେ ସର୍ବାଧିକ ୮ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହାକି ୧୯୮୩ରୁ ତିଷ୍ଠି ରହିଥିଲା। ପୋର୍ଟ୍ସମାଉଥ୍‌ଠାରେ ଅକ୍ସଫୋର୍ଡ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳର ୮ ସଦସ୍ୟ ଅର୍ଦ୍ଧଶତକ କରିଥିଲେ। ବେଙ୍ଗଲ ଓ ଝାଡ଼ଖଣ୍ଡ ମଧ୍ୟରେ ଚାଲିଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ପୂର୍ବରୁ ପ୍ରଥମ ଶ୍ରେଣୀ ଇନିଂସରେ ୭ ବ୍ୟାଟର ୫୦ରୁ ଊର୍ଦ୍ଧ୍ୱ ରନ୍ କରିବା ଘଟଣା ୨୭ ଥର ଘଟିଥିଲା। ସେଥିମଧ୍ୟରୁ ୩ ଥର ରଣଜୀ ଟ୍ରଫିରେ ଘଟିଥିଲା।

## ମିଥାଲିଙ୍କ ଅବସର



ନୂଆଦିଲ୍ଲୀ,୮।୬

ଭାରତୀୟ ମହିଳା କ୍ରିକେଟର ମିଥାଲି ରାଜ ବୁଧବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ୧୯୯୯ରୁ ଆରମ୍ଭ ହୋଇଥିବା ମିଥାଲିଙ୍କ ଯୁଗ ଶେଷ ହୋଇଛି। ସେ ଟୁଇଟର ଜରିଆରେ ଏହି ସୂଚନା ଦେଇଛନ୍ତି। ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ରନ୍ ସ୍କୋରର ଭାବେ ସେ ବିଦାୟ ନେଉଛନ୍ତି। ସେ ଭାରତ ପାଇଁ ୨୩୨ ମ୍ୟାଚ୍‌ରେ ୫୦.୬୮ ଆଭରେଜରେ ୭,୮୦୫ ରନ୍ କରିଥିଲେ। ଟି୨୦ ଫର୍ମାଟରୁ ସେ ପୂର୍ବରୁ ଦୂରେଇ ଯାଇଥିଲେ।

"ଦୀର୍ଘ ବର୍ଷ ଧରି ଆପଣମାନଙ୍କ ଭଲ ପାଇବା ଏବଂ ସମର୍ଥନ ପାଇଁ ଧନ୍ୟବାଦ। ଆପଣଙ୍କ ଆର୍ଶୀବାଦ ଏବଂ ସମର୍ଥନ ସହିତ ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛି" ବୋଲି ମିଥାଲି ଟୁଇଟ୍ କରିଛନ୍ତି। "ସମସ୍ତ ଅଭିଯାନ ଭଳି ଏହା ମଧ୍ୟ ଶେଷ ହୋଇଛି। ଆଜି ମୁଁ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ସନ୍ୟାସ ନେଉଛି। ପ୍ରତ୍ୟେକ ଥର ଫିଲ୍ଡରେ ଭାରତକୁ ଜିତାଇବାର ଉଦ୍ଦେଶ୍ୟ ସହ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛି। ଭାରତକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଁ ସର୍ବଦା କୃତଜ୍ଞ ରହିବି। ମୋ ମତରେ ଖେଳାଳି ଭାବେ କ୍ୟାରିୟର ଶେଷ କରିବା ପାଇଁ ଏହା ଶ୍ରେଷ୍ଠ ସମୟ। ଦଳ ଏବେ ପ୍ରତିଭାଶାଳୀ ଯୁବ ଖେଳାଳିଙ୍କ ହାତରେ ଅଛି। ଭାରତୀୟ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ। ପ୍ରଥମେ ଜଣେ ଖେଳାଳି ଏବଂ ପରେ ଭାରତୀୟ ମହିଳା ଦଳର ଅଧିନାୟକ ଭାବେ ପାଇଥିବା ସମର୍ଥନ ଲାଗି ବିସିସିଆଇ ଏବଂ ସମ୍ପାଦକ ଜୟ ଶାହାଙ୍କୁ ଧନ୍ୟବାଦ। ଏତେ ବର୍ଷ ଧରି ଦଳର ନେତୃତ୍ୱ ନେବା ଏକ ସମ୍ମାନର ବିଷୟ। ଏହି ଅଭିଯାନ ଶେଷ ହୋଇଛି। କିନ୍ତୁ ମୁଁ ଖେଳ ସହ ଜଡ଼ିତ ରହି ଭାରତ ଏବଂ ବିଶ୍ୱରେ ମହିଳା କ୍ରିକେଟର ଉନ୍ନତିରେ ଯୋଗଦାନ କରିବାକୁ ଚାହେଁ। ସମସ୍ତଙ୍କ ଭଲ ପାଇବା ଏବଂ ସମର୍ଥନ ଲାଗି ଧନ୍ୟବାଦ୍। ମିଥାଲି" ବୋଲି ତାଙ୍କ ପୋଷ୍ଟରେ ଉଲ୍ଲେଖ ରହିଛି। ୧୯୯୯ ଜୁନରେ ଆୟର୍ଲାଣ୍ଡ ବିପକ୍ଷ ଏକ ମ୍ୟାଚ୍‌ରେ ମିଥାଲି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଭାରତୀୟ ଦଳର ଅଧିନାୟକ ଭାବେ ଚଳିତ ବର୍ଷ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଆଇସିସି ମହିଳା ବିଶ୍ୱକପ୍‌ରେ ଖେଳିଥିଲେ।

## ପୁନିତଙ୍କୁ ରୌପ୍ୟ, ଜିଭାଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୮।୬ (କ୍ରୀଡ଼ା ପ୍ରତିନିଧି)

ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରୁ ବୁଧବାର ଓଡ଼ିଶାକୁ ତୃତୀୟ ପଦକ ମିଳିଛି। ପୁରୁଷ ଭାରୋତ୍ତୋଳନର ୯୬ କେଜି ବର୍ଗରେ ପୁନିତ ଚନ୍ଦ୍ର ସାହୁ ମୋଟ ୨୭୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୧୫କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୧୬୩ କେଜି ଭାରୋତ୍ତୋଳନ କରିଥିଲେ। ପୁନିତ କିଟ୍ ବିଶ୍ୱବିଦ୍ୟାଳୟରେ ବିଏସ୍‌ସି (କମ୍ପ୍ୟୁଟର ସାଇନ୍ସ) ପ୍ରଥମ ବର୍ଷର ଛାତ୍ର। ସେ ଉତ୍କଳ କରାଟେ ସ୍କୁଲରେ ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରେନିଂ ନେଉଛନ୍ତି। ଏହା ବ୍ୟତୀତ ସେ କରାଟେ ସ୍କୁଲର ସଦସ୍ୟ ମଧ୍ୟ। ଏହି ସଫଳତା ପାଇଁ ପୁନିତଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପୁରୁଷ ୧୧୦ ମିଟର ହର୍ଡଲ୍ସରେ ଓଡ଼ିଶାର ଏ. ଗ୍ରାସେଶନ ଜିଭା ୧୩.୬୮ ସେକେଣ୍ଡ୍ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପଦକ ସହ ପୁନିତ ଚନ୍ଦ୍ର ସାହୁ।

## ରାଜ୍ୟ ଜୁନିୟର ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୬
(କ୍ରୀଡ଼ା ପ୍ରତିନିଧି)

ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ରାଜ୍ୟ ୭ ଓ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ବୁଧବାର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ଆରମ୍ଭ ହୋଇଛି। ବଲାଙ୍ଗୀର, ବୌଦ୍ଧ, କଟକ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ ଓ ପୁରୀ ଆଦି ୧୦ ଜିଲାରୁ ୮୧ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ୧୭ ବର୍ଷରୁ କମ୍ ବର୍ଗରେ ମନୀଷ କୁମାର ବାଳକ ଓ ୟାଶିତା ରାଉତ ବାଳିକା ବର୍ଗରେ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ବାଳକ ବର୍ଗରେ ୭ ରାଉଣ୍ଡ ଓ ବାଳିକା ବର୍ଗରେ ୫ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ମୋଟ ୨ ରାଉଣ୍ଡ ଖେଳ ହୋଇଛି। ୧୭ ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ ୧୦ ଏବଂ ବାଳିକାରେ ୪ ଖେଳାଳି ମିଳିତଭାବେ ଅଗ୍ରଣୀଲାଭ କରିଛନ୍ତି। ୭ ବର୍ଷରୁ କମ୍ ବର୍ଗରେ ବାଳିକା ଓ ବାଳଗ ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଜାତୀୟ ୭ ବର୍ଷରୁ କମ୍ ଚେସ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏହା ଜୁଲାଇ ୧୫ରୁ ୨୦ ପର୍ଯ୍ୟନ୍ତ ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ହେବ। ୧୭ ବର୍ଷରୁ କମ୍ ବର୍ଗର ଜାତୀୟ ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଖେଳାଯିବ। ଏହା ଜୁଲାଇ ୧ରୁ ଆରମ୍ଭ ହୋଇ ୯ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଖେଳାଳିଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ସଦୃଶ ହେବ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରିନ୍ସିପାଲ ନିଳକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି, ଏଓସିଏ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଭବେଶ ମହାନ୍ତି ଓ ସୃଷ୍ଟି ଏକାଡେମୀ ଡାଇରେକ୍ଟର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ଗଙ୍ଗାଧର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ପ୍ରତିଯୋଗିତାର ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରୁଛନ୍ତି।

ଫୁର୍‌ସତ୍


ନୟନତାରା

## ଆଜି ପଡ଼ିବ ହାତଗଣ୍ଠି

**ହାଇଦ୍ରାବାଦ:** ସାଉଥ୍ ସୁପରଷ୍ଟାର ନୟନତାରା ଓ ଫିଲ୍ମ ନିର୍ଦ୍ଦେଶକ ବିଗ୍ନେଶ ବାହାହେବାକୁ ଯାଉଛନ୍ତି। ମହାବଲୀପୁରମ ରିସୋର୍ଟରେ ବାହାଘର ଅନୁଷ୍ଠିତ ହେବ । ତିରୁପତିରେ ବାହାଘର ପାଇଁ ସେମାନେ ଯୋଜନା କରିଥିଲେ ହେଁ ଲଜିଷ୍ଟିକ୍ ଇସ୍ୟୁ ପାଇଁ ସେମାନେ ମହାବଳୀପୁରମରେ ବାହାଘର କରିବାକୁ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ବିଗ୍ନେଶ ବାହାଘରର ସୂଚନା ଦେବା ପରେ ସମସ୍ତଙ୍କଠାରୁ ଆଶୀର୍ବାଦ ମାଗିଛନ୍ତି। ସେ କହିଛନ୍ତି, ପ୍ରଫେଶନାଲ କ୍ୟାରିୟର୍‌ରେ ଦର୍ଶକ ତଥା ସିନେପ୍ରେମୀଙ୍କ ଯେଉଁ ପ୍ରକାର ଭଲପାଇବା ମିଳିଛି ସେମିତି ଭଲପାଇବା ବ୍ୟକ୍ତିଗତ ଜୀବନରେ ମିଳିବ ବୋଲି ଆଶା ରହିଛି। ବିବାହ ପରେ ସମସ୍ତ ଫଟୋ ଗଣମାଧ୍ୟମରେ ଶେୟାର କରାଯିବା ସହ ଜୁନ୍ ୧୧ ଅପରାହ୍ନରେ ନବ ଦମ୍ପତି ମିଡିଆ ସାମ୍ନାକୁ ଆସିବା ସହ ସେମାନଙ୍କ ସହିତ ଲଞ୍ଚ କରିବାର ଯୋଜନା ଥିବା ବିଗ୍ନେଶ କହିଛନ୍ତି। ସାଉଥ୍ ସୁପରଷ୍ଟାର, ରଜନୀକାନ୍ତ, ଚିରଞ୍ଜୀବୀ, କମଲ ହାସନ, ସୂର୍ଯ୍ୟା, ଅଜିଥ୍, ବିଜୟ ସେତୁପତି, ସାମନ୍ତା ରୁଥ ପ୍ରଭୁ ପ୍ରମୁଖ କଳାକାର ଉଭୟ ବିବାହ ଓ ରିଶେପ୍‌ସନ୍ ପାର୍ଟିରେ ଯୋଗଦେବେ। ତେବେ ଫିଲ୍ମ ନିର୍ମାତା ଗୌତମ ମେନନ ବିବାହ ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବାକୁ ଥିବାବେଳେ ଏହି ଡକ୍ୟୁମେଣ୍ଟକୁ ଓଟିଟି ପ୍ଲାଟଫର୍ମରେ ବିକ୍ରି କରାଯିବାକୁ ଯୋଜନା ରହିଛି।

**ନେଟ୍‌ଫ୍ଲିକ୍ସରେ ହେବ ପ୍ରସାରଣ**

## ଶତାୟୁ ମହିଳାଙ୍କ ଆଞ୍ଜିଓପ୍ଲାଷ୍ଟି ସଫଳ

**ଅହମଦାବାଦ:** ଭାରତରେ ୪ରୁ ୫ କୋଟି ଲୋକ କେବଳ ଇସ୍କେମିକ୍ ହାର୍ଟ ଡିଜିଜ୍‌ରେ ଆକ୍ରାନ୍ତ। ଶିରା ଏବଂ ଧମନୀ ସାହାଯ୍ୟରେ ହୃତ୍‌ପିଣ୍ଡରୁ ରକ୍ତ ଶରୀରର ସମସ୍ତ ଅଙ୍ଗକୁ ସଞ୍ଚାଳିତ ହୋଇଥିବାବେଳେ ଇସ୍କେମିକ୍ ହାର୍ଟ ଡିଜିଜ୍‌ରେ ଶିରା ଓ ଧମନୀ ସଙ୍କୁଚିତ ହୋଇଯାଏ। ଏହାଫଳରେ ରକ୍ତ ପ୍ରବାହ ମାତ୍ରା କମିଥାଏ। ଏଭଳି ସ୍ଥିତିରେ ରୋଗୀଙ୍କୁ ସବୁବେଳେ ମୃତ୍ୟୁ ଭୟ ଲାଗି ରହିଥାଏ। ଚିକିତ୍ସା ବିଜ୍ଞାନରେ ଉନ୍ନତି ଫଳରେ ବର୍ତ୍ତମାନ ଏହି ରୋଗର ନିରାକରଣ ହୋଇପାରୁଛି। ଶତାଧିକ ଲୋକ ଆଞ୍ଜିଓପ୍ଲାଷ୍ଟି ଟ୍ରିଟ୍‌ମେଣ୍ଟ ଜରିଆରେ ଭଲ ହୋଇଥିବାବେଳେ ଅହମଦାବାଦ୍‌ର ଜଣେ ୧୦୭ ବର୍ଷୀୟା ଇସ୍କେମିକ୍ ହାର୍ଟ ଡିଜିଜ୍‌ରେ ଆକ୍ରାନ୍ତ ଥିବାବେଳେ ଆଞ୍ଜିଓପ୍ଲାଷ୍ଟି ଟ୍ରିଟମେଣ୍ଟ ଜରିଆରେ ନୂଆ ଜୀବନ ମିଳିପାରିଛି। ତେବେ ଅହମଦାବାଦ୍‌ର ଏହି ମହିଳା ଜଣଙ୍କ ହେଉଛନ୍ତି ବିଶ୍ୱର ସବୁଠାରୁ ବୟସ୍କା ମହିଳା, ଯାହାଙ୍କ ଆଞ୍ଜିଓପ୍ଲାଷ୍ଟି ଟ୍ରିଟମେଣ୍ଟ ସଫଳ ହୋଇଛି। ହୃଦ୍‌ଘାତ ହେବା ଫଳରେ ଯମୁନାବେନଙ୍କୁ ତାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ଅହମଦାବାଦ୍ ନେଇଆସିଥିଲେ। ମଧ୍ୟ ପ୍ରଦେଶର ମାଣ୍ଡସୌର ଜିଲାରେ ମହିଳାଙ୍କ ଘର ହୋଇଥିବାବେଳେ ଅହମଦାବାଦ୍‌ସ୍ଥିତ ସିଆଇଏମ୍ଏସ୍ ହସ୍ପିଟାଲରେ ପହଞ୍ଚିବାକୁ ତାଙ୍କୁ ୮ ଘଣ୍ଟା ସମୟ ଲାଗିଥିଲା। ତାଙ୍କ ହୃଦ୍‌ପିଣ୍ଡରେ ୯୯ ପ୍ରତିଶତ ବ୍ଲକେଜ୍ ହୋଇଯାଇଥିଲା। ବୟସାଧିକ କାରଣରୁ ଯଦିଓ ଟ୍ରିଟ୍‌ମେଣ୍ଟ କରିବା ବିପଜ୍ଜନକ ଥିଲା ତଥାପି ହସ୍ପିଟାଲ ଚେୟାରମ୍ୟାନ୍ ଡା. କେୟୁର ପାରିଖଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଅପରେଶନ୍ କରିଥିଲା। ତେବେ ରାଡିକାଲ ଇଣ୍ଟରଭେନ୍ସନାଲ ପ୍ରୋସିଜ୍ୟୁର ପାଇଁ ରୋଗୀ ଶାରୀରିକ ଭାବେ ସୁସ୍ଥ ଥିବା ଆବଶ୍ୟକ। ଯମୁନାବେନଙ୍କ ବୟସ ୧୦୦ ପାର୍ ହୋଇଯାଇଥିବାରୁ ଟ୍ରିଟ୍‌ମେଣ୍ଟ କରିବା ଜଟିଳ ଥିଲା। ଚିକିତ୍ସା ସଫଳ ହେବା ପରେ ଯମୁନାବେନଙ୍କ ପରିବାର ଡାକ୍ତରଙ୍କୁ କୃତଜ୍ଞତା ଜଣାଇଛନ୍ତି।



**ବିଶ୍ୱରେ ପ୍ରଥମ**

### ଆଞ୍ଜିଓପ୍ଲାଷ୍ଟି ଟ୍ରିଟ୍‌ମେଣ୍ଟ କ'ଣ

ହୃତ୍‌ପିଣ୍ଡରୁ ଶରୀରର ବିଭିନ୍ନ ଅଙ୍ଗକୁ ଧମନି ଜରିଆରେ ରକ୍ତ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଯାଉଥିବାବେଳେ ବୟସ ଉପରାନ୍ତେ ଧମନୀ ସବୁ ସଙ୍କୁଚିତ ହୋଇଯାଏ। ତେବେ ଏହି ଧମନୀକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ପାଇଁ ଏଥିରେ ସୃଷ୍ଟ ବ୍ଲକେଜ୍‌କୁ ବେଲୁନ୍ ଜରିଆରେ ସମ୍ପ୍ରସାରିତ କରାଯାଏ। ଟ୍ରିଟ୍‌ମେଣ୍ଟ ପରେ ସୁସ୍ଥ ଲୋକଙ୍କ ଭଳି ରୋଗୀଙ୍କ ଶରୀରରେ ରକ୍ତ ପ୍ରବାହିତ ହୋଇଥାଏ।

## ୧୦ ଟଙ୍କା ପାଇଁ ପ୍ରାଣ ନେଇଗଲେ ବନ୍ଧୁ

ନୂଆଦିଲ୍ଲୀ

ସିଗାରେଟ ପାଇଁ ୧୦ ଟଙ୍କା ନ ଦେବାରୁ ବିଜୟ ନାମକ ଜଣେ ଯୁବକଙ୍କୁ ତାଙ୍କ ସାଙ୍ଗମାନେ ହତ୍ୟା କରିଛନ୍ତି। ରାଜଧାନୀ ଦିଲ୍ଲୀର ଆନନ୍ଦ ପର୍ବତ ଅଞ୍ଚଳରେ ଘଟିଛି ଏ ପ୍ରକାର ଅଭାବନୀୟ ଘଟଣା। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୋନୁ ଯେତେବେଳେ ସିଗାରେଟ ପାଇଁ ବିଜୟଙ୍କୁ ୧୦ ଟଙ୍କା ମାଗିଥିଲେ ସେତେବେଳେ ବିଜୟ ଟଙ୍କା ଦେବା ପାଇଁ ମନା କରିଥିଲେ। ଏହାପରେ ସୋନୁ ଓ ତାଙ୍କ ସହ ଥିବା ଅନ୍ୟସାଙ୍ଗମାନେ ବିଜୟଙ୍କୁ ଛୁରିଭୁସି ମାରିଦେଇଥିଲେ। ଘଟଣାର ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ବିଜୟଙ୍କ ମୃତ ଦେହ ତାଙ୍କ ଘରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋନୁ ପୋଲିସକୁ ଚକ୍‌ମା ଦେବାକୁ ଚେଷ୍ଟା କରୁଥିଲେ ହେଁ ସିସିଟିଭି ଫୁଟେଜ୍‌କୁ ଆଧାରକରି ପୋଲିସ ସମ୍ପୃକ୍ତ ଯୁବକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଗିରଫ କରିଛି।

## ୩ ଦିନ ବ୍ୟବଧାନରେ ଜନ୍ମ ହେଲେ ଯମଜ

ୱାଶିଂଟନ

ଟେକ୍ସାସର କାରମେନ ମାରଟିନେଜ୍ଙ୍କ ତିନି ଦିନ ବ୍ୟବଧାନରେ ଯମଜ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଗାବ୍ରିଏଲା ମାର୍ଚ୍ଚ ୭ ତାରିଖରେ ଜନ୍ମ ହୋଇଥିବାବେଳେ ଇସାବେଲା ତିନିଦିନ ପରେ ଅର୍ଥାତ୍ ୧୦ତାରିଖରେ ଜନ୍ମ ନେଇଛନ୍ତି। ୨୪ ସପ୍ତାହ ୪ ଦିନ ପରେ ଗାବ୍ରିଏଲା ଜନ୍ମ ହୋଇଥିବାବେଳେ ଇସାବେଲ ୨୫ ସପ୍ତାହ ପରେ ଜନ୍ମ ନେଇଛନ୍ତି। ଏ ପ୍ରକାର ଯମଜ ଶିଶୁ ଜନ୍ମ ହେବା ଦୁନିଆରେ ବିରଳ ବୋଲି ଡାକ୍ତର କହିଛନ୍ତି। ତେବେ ଏ ପ୍ରକାର ସ୍ଥିତିକୁ ଡାକ୍ତରୀ ଭାଷାରେ ସୁପରଫେଟେଶନ୍ ବୋଲି କୁହାଯାଏ। କାରମେନ ପ୍ରସବ ସମୟକୁ ଆଉ କିଛିଦିନ ଗଡେଇବାକୁ ଚାହୁଁଥିଲେ, ଯାହାଫଳରେ ପିଲାମାନଙ୍କ ସମ୍ପୂର୍ଣ୍ଣ ବିକାଶ ହୋଇପାରିବ। କିନ୍ତୁ ଗର୍ଭାଶୟରେ ଥିବା ଦୁଇ ଯମଜଙ୍କ ପ୍ଲାସେଣ୍ଟା ଓ ଥଳୀ ଅଲଗା ଥିବା ହେତୁ ଡାକ୍ତର ତାଙ୍କୁ ପ୍ରସବ ପାଇଁ ପରାମର୍ଶ ଦେଇଥିଲେ।

ଗାବ୍ରିଏଲା ଜନ୍ମ ହେବା ପରେ ତାଙ୍କୁ ଏନ୍‌ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହାପରେ ଡାକ୍ତର ତାଙ୍କୁ ଦ୍ୱିତୀୟ ଶିଶୁର ପ୍ରସବକୁ କିଛି ଦିନ ଟାଳିବା ପାଇଁ ପରାମର୍ଶ ଦେଇଥିଲେ। ଜନ୍ମ ବେଳେ ଯମଜ ଶିଶୁଙ୍କର ଜୀବନ ବଞ୍ଚିବାର ସୁଯୋଗ ୩୦ ପ୍ରତିଶତ ଥିବାବେଳେ ବର୍ତ୍ତମାନ ଦୁଇ କନ୍ୟାଶିଶୁ ଏବେ ୩ ମାସର ହୋଇସାରିଲେଣି।



## ପ୍ରେମିକା ପାଇଁ ସଂଗ୍ରହାଳୟରେ ଭଙ୍ଗାରୁଜା

**ୱାଶିଂଟନ:** ପ୍ରେମ ପାଇଁ ଉଭୟ ପ୍ରେମିକା ଏବଂ ପ୍ରେମିକ ଅନେକ ସମୟରେ ଅଜବ ଘଟଣାମାନ ଘଟେଇଥାନ୍ତି। ସେହିପରି ଆମେରିକାର ଡାଲାସର ଜଣେ ଯୁବକ ଆର୍ଟ ମ୍ୟୁଜିୟମ୍‌ରେ ଭଙ୍ଗାରୁଜା କରିଛନ୍ତି। ସଂଗ୍ରାହାଳୟରେ ପାଖାପାଖି ୪୦ କୋଟି ଟଙ୍କାର ସମ୍ପତ୍ତିକୁ ସେ ନଷ୍ଟ କରିଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ଏହାପଛର କାରଣ ହେଉଛି ପ୍ରେମ। ପ୍ରେମିକାଙ୍କ ସହିତ କୌଣସି କାରଣରୁ ଝଗଡ଼ା ହେବା ଫଳରେ ଯୁବକ ଜଣଙ୍କ ରାଗିଯାଇ ମ୍ୟୁଜିୟମ୍‌ରେ ରାତିଅଧିଆ ପ୍ରବେଶ କରି ଭଙ୍ଗାରୁଜା କରିଛନ୍ତି। ସଂଗ୍ରହାଳୟରେ ଥିବା ସିସିଟିଭି ଫୁଟେଜ୍ ଆଧାରରେ ଯୁବକଙ୍କୁ ପ୍ରଥମେ ଚିହ୍ନଟ ଓ ପରେ ଗିରଫ କରାଯାଇଛି।



## ମହିଳା ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ

**ନର୍ସିଂହୋମ୍‌ରୁ ଶିଶୁ ଗାଏବ ଘଟଣା**

**ରାୟଗଡ଼ା ଅଫିସ,୮।୬:** ରାୟଗଡ଼ା ସ୍ଥିତ ଏକ ନର୍ସିଂହୋମ୍‌ରୁ ନବଜାତ ଶିଶୁପୁତ୍ର ନିଖୋଜ ଘଟଣାରେ ସ୍ୱାସ୍ଥ୍ୟକର୍ମୀ ପ୍ରଭାତୀ ଜେନାଙ୍କୁ ନିଲମ୍ବନ କରାଯାଇଛି। ବିଭାଗୀୟ ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସିଡିଏମ୍‌ଓ ଲାଲମୋହନ ରାଉତରାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣାର ପୋଲିସ ତଦନ୍ତ ଜାରି ରହିଛି। ଏ ବିଷୟରେ ରାୟଗଡ଼ା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଆଶା, ମ୍ୟାନେଜର, ଏଏନ୍‌ଏମ୍ ସମସ୍ତଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ। ସୂଚନାଯୋଗ୍ୟ, ରାୟଗଡ଼ା ବ୍ଲକ ଅନ୍ତର୍ଗତ କାରୁବାଇ ଗ୍ରାମର ରାଇସିଂ ମେଲେକାଙ୍କ ସ୍ତ୍ରୀ ପାର୍ବତୀ ମାର୍ଚ୍ଚ ୧୭ ରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏହାପରେ ପାର୍ବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅସୁସ୍ଥ ନବଜାତକକୁ ଆଶା ଏବଂ ଏଏନ୍‌ଏମ୍ କର୍ମୀ ପ୍ରଭାତୀ ଜେନା ନର୍ସିଂହୋମ୍‌କୁ ନେଇଥିଲେ। ସେଠାରେ ଶିଶୁପୁତ୍ର ଗାଏବ ହୋଇଯାଇଥିବା ବାପା ରାଇସିଂ ଅଭିଯୋଗ କରିଥିଲେ। ନର୍ସିଂହୋମ୍‌ର ଡାକ୍ତର ନବକିଶୋର କୁଣ୍ଡୁ ଶିଶୁଟିର ମୃତ୍ୟୁ ଘଟିଥିବା କହିଥିଲେ। ପରବର୍ତ୍ତୀ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତଦନ୍ତବେଳେ ନର୍ସିଂହୋମ୍ କର୍ତ୍ତୃପକ୍ଷ ଏବଂ ଏଏନ୍‌ଏମ୍‌ଙ୍କ କଥାରେ ତାଳମେଳ ନ ରହିବାରୁ ଜୁନ୍ ୧ ରେ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ।

# ୫ ଜିଲାର ୪୪୫ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ସ୍କୁଲ ରୂପାନ୍ତରଣର ଦ୍ୱିତୀୟ ପର୍ଯ୍ୟାୟ**

- ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ଆମ ସ୍କୁଲ ଏବେ ବହୁ ଆଗରେ: ଛାତ୍ରୀଛାତ୍ର

ଭୁବନେଶ୍ୱର,୮।୬(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ ଜିଲାର ୪୪୫ଟି ସ୍କୁଲକୁ ଲୋକାର୍ପିତ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ ଜିଲାର ୪୪୫ଟି ସ୍କୁଲକୁ ଲୋକାର୍ପିତ କରିଛନ୍ତି। ବାଲେଶ୍ୱର ଜିଲାର ୧୩୫ ହାଇସ୍କୁଲ, ପୁରୀର ୯୫, ନୟାଗଡ଼ର ୬୦, ଜଗତ୍‌ସିଂହପୁରର ୭୫ ଓ ଭଦ୍ରକର ୮୦ ହାଇସ୍କୁଲ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ ଯେ ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୨୯୦୮ଟି ହାଇସ୍କୁଲର ରୂପାନ୍ତର ହୋଇଛି।

ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ରୂପାନ୍ତର ସେମାନଙ୍କ ମାନସିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଆଣିଛି। ସେମାନେ ଆଗ ଅପେକ୍ଷା ଅଧିକ ଆତ୍ମବିଶ୍ୱାସର ସହ ନୂଆ ଆଶା ଓ ସଂକଳ୍ପ ନେଇ ଆଗକୁ ବଢୁଛନ୍ତି। ଏହା ଓଡ଼ିଶାର ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ। ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ। ତେଣୁ ପାଠ ହେଉ ବା ଖେଳ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ। ସ୍କୁଲ ରୂପାନ୍ତର ପିଲାମାନଙ୍କ ଏ ସ୍ୱପ୍ନରେ ଡେଣା ଯୋଡ଼ିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ତେଣୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡ଼ିଶା ଗଠନର ଭିତ୍ତି ସ୍ଥାପିତ ହେବ। ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କର ଏବଂ ନିଜ ପାଇଁ, ନିଜ ପରିବାର ପାଇଁ ଓ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିବସରେ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରି ପିଲାମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ପିଲାଙ୍କ ଖୁସି ଓ ମନୋଭାବରୁ ଏହା ସ୍ପଷ୍ଟ ଜଣାଯାଇଛି। ସମସ୍ତେ ସ୍କୁଲର ନୂଆ ପରିବେଶରେ ବେଶ୍ ଖୁସି ହେବା ସହିତ ସ୍କୁଲ ଏବେ ଘର ଅପେକ୍ଷା ସେମାନଙ୍କ ପାଇଁ ଅଧିକ ପସନ୍ଦର ସ୍ଥାନ ବୋଲି ପ୍ରକାଶ କରିଛନ୍ତି।

ଏହି ଅବସରରେ ଆଲୋଚନାରେ ଭାଗ ନେଇ ବାଲେଶ୍ୱରରୁ ପ୍ରଜ୍ଞାସ୍ମିତା, ପୁରୀରୁ ସ୍ୱୟଂସ୍ନିଗ୍ଧା, ନୟାଗଡ଼ରୁ ପ୍ରତ୍ୟାଶା, ଜଗତ୍‌ସିଂହପୁରରୁ ବିଦ୍ୟୁଜା ଓ ଭଦ୍ରକରୁ ସୋନାଲି ଆଦି ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର ବିଷୟରେ ସେମାନଙ୍କ ଅନୁଭବ ବର୍ଣ୍ଣନା କରିଥିଲେ। ବେସରକାରୀ ସ୍କୁଲଠାରୁ ଆମ ସ୍କୁଲ ଏବେ ବହୁ ଆଗରେ ବୋଲି ପିଲାମାନେ ମତ ଦେଇଥିଲେ। ଏ ରୂପାନ୍ତର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ ମ୍ୟାନେଜମେଣ୍ଟ କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅରୁଣ କୁମାର ସାହୁ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ ସେମାନଙ୍କ ଭାଷଣରେ ସ୍କୁଲ ରୂପାନ୍ତର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି ବୋଲି ମତ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।





**ଜନ୍ମଦିନର ଶୁଭେଚ୍ଛା**

ଶୁଭଶ୍ରୀ ଭୂୟାଁ (ଲକ୍ଷ୍ମୀ)
ଜନ୍ମ ତାରିଖ ୦୯.୦୬.୨୦୧୯
ଭଗବାନ ତୋତେ ଦୀର୍ଘାୟୁ, ନୀରୋଗ, ଯଶସ୍ୱୀ ତଥା ବିଦ୍ୱାନ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
।। ଶୁଭେଚ୍ଛା ସହ ।।
ବାପା-ସ୍ୱପ୍ନ ସାଗର ଭୂୟାଁ, ମା-ଦୀପାଞ୍ଜଳି ସାମଲ, ଅଜା-ବୈଦ୍ୟନାଥ ସାମଲ, ଆଈ-ଜୟନ୍ତୀ ସାମଲ
ସ୍ଥାନ- ଶଡ଼ା, ହାଟଡିହୀ, କେନ୍ଦୁଝର
D-694


## ପ୍ରଚଣ୍ଡ ଗ୍ରୀଷ୍ମ, ଗୁଳୁଗୁଳି

- ୪୫ ଡିଗ୍ରୀ ଟପିଲା ପାରଦ
- ୧୩ ଯାଏ ଅସମ୍ଭାଳ
- ୪୪ ଡିଗ୍ରୀ ଉପରେ ୬ ସହର

ଭୁବନେଶ୍ୱର,୮।୬(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ତାତି ଓ ଗୁଳୁଗୁଳିରୁ ନିସ୍ତାର ନାହିଁ। ବୁଧବାର ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଉପରକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୪.୬, ସୋନପୁର ୪୪.୬, ବଲାଙ୍ଗୀର ୪୪.୩, ସମ୍ବଲପୁର ୪୪.୧, ଝାରସୁଗୁଡ଼ା ୪୪.୨, ଅନୁଗୋଳ ୪୧.୧, ବାରିପଦା ୪୦.୨, ସୁନ୍ଦରଗଡ଼ ୪୧, ହୀରାକୁଦ ୪୩.୬, ଫୁଲବାଣୀ ୪୦.୨, ଯାଜପୁର ୪୧, ନୂଆପଡ଼ା ୪୦, ନବରଙ୍ଗପୁର ୪୦.୪, ବୌଦ୍ଧ ୪୩, ନୟାଗଡ଼ ୪୧ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ଼ ଓ ନୂଆପଡ଼ାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ। କେନ୍ଦ୍ରୀୟ ଭାରତର ଏହି ସ୍ଥାନରେ ଗୁରୁଚାପ ସୃଷ୍ଟି ହୋଇଛି। ଫଳରେ ଓଡ଼ିଶା ଭିତରକୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଯାହାର ପ୍ରଭାବରେ ରାଜ୍ୟର ବାୟୁମଣ୍ଡଳ ଉପରିଭାଗ ୨ କିଲୋମିଟର ବ୍ୟାପୀ ଶୁଷ୍କ ରହୁଛି। ଫଳରେ ଆର୍ଦ୍ରତା ବଢ଼ିଯାଉଛି। ପୁରୀରେ ୭୬%, ପାରାଦୀପରେ ୭୫% ଓ ଭୁବନେଶ୍ୱରରେ ୬୦% ଆର୍ଦ୍ରତା ରହୁଛି। ଚଳିତ ବର୍ଷ ଜୁନ ୧ରୁ ୭ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ୭୩% କମ୍ ପ୍ରାକ୍ ମୌସୁମୀ ବର୍ଷା ହୋଇଛି।

## କାର୍-ବାଇକ୍ ଧକ୍କା: ବାପ ପୁଅ ମୃତ

**କାର୍ ଡ୍ରାଇଭର ଗିରଫ**

ବେଗୁନିଆ/ବୋଲଗଡ଼,୮।୬(ଡି.ଏନ୍.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ଅଧୀନ ଚକାପଦା ଛକ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଲଗଡ଼ ରାମଚଣ୍ଡୀ ସାହିର ମଧୁସୂଦନ ଦାସ(୫୦) ଓ ତାଙ୍କ ପୁଅ କ୍ଷୀରୋଦ(୨୭)। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟା ୧୫ରେ ମଧୁସୂଦନ ଓ ତାଙ୍କ ପୁଅ ଏକ ବାଇକ୍(ଓଡି୦୨ଏ-୫୯୦୩)ରେ ବୋଲଗଡ଼ରୁ କୌଣସି କାର୍ଯ୍ୟରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଚକାପଦା ଛକ ନିକଟରେ ବିପରୀତ ପଟୁ ଆସୁଥିବା ଏକ କାର୍ (ଓଡି ୦୨ସି-୪୮୪୮) ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟ ବାପ'ପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ବାପ'ପୁଅଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବେଗୁନିଆ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ କାର୍ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଏକ ଟ୍ରାକ୍ଟର କମ୍ପାନୀର ସର୍ଭିସ ଇଞ୍ଜିନିୟର ଶୁକଦେବ ସାହୁ। ତାଙ୍କ ଘର କଟକ ଜିଲା କନ୍ଦରପୁର ଅଞ୍ଚଳର ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩୭/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି।





ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍।



ରଥଯାତ୍ରା ସମୟରେ ଗହଳି ନିୟନ୍ତ୍ରଣ ନିମନ୍ତେ ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ବଡ଼ଦାଣ୍ଡରେ ବୁଧବାର ମକ୍‌ଡ୍ରିଲ୍ କରାଯାଉଛି।

## ଗହଳି ନିୟନ୍ତ୍ରଣ କରିବ ରାପିଡ୍ ଆକ୍ସନ୍ ଫୋର୍ସ

**ରଥଯାତ୍ରା ପୂର୍ବରୁ ମକ୍‌ଡ୍ରିଲ୍**

**ପୁରୀ ଅଫିସ, ୮।୬:** ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ରକ୍ଷା ଓ ଗହଳି ନିୟନ୍ତ୍ରଣ କ୍ଷେତ୍ରରେ ରାପିଡ୍ ଆକ୍ସନ୍ ଫୋର୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇଛି। ରଥ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ପ୍ରସ୍ତୁତି ଉପରେ ଧ୍ୟାନ ଦିଆଯାଇଛି। ରଥଯାତ୍ରା ସମୟରେ ଯେଉଁଠାରେ ରଥ ରହିବ, ସେହି ସ୍ଥାନ ସମେତ ଶ୍ରୀମନ୍ଦିର ସମ୍ମୁଖ ଓ ଚାରିପାଖରେ ଏସ୍‌ପି କନୱର ବିଶାଳ ସିଂଙ୍କ ତତ୍ତ୍ୱାବଧାନରେ ମକ୍‌ଡ୍ରିଲ୍ କରାଯାଇଛି। ରଥଯାତ୍ରାରେ ରାପିଡ୍ ଆକ୍ସନ୍ ଫୋର୍ସର ପ୍ରାୟ ୨୪୦ ଯବାନ ନିୟୋଜିତ ହେବେ। ତେବେ କେଉଁ ସ୍ଥାନରେ କେତେ ସଂଖ୍ୟକ ଯବାନ ମୁତୟନ ହେବେ ସେ ସମ୍ପର୍କରେ ପୁରୀ ପୋଲିସ ସହ ଆଲୋଚନା କରାଯିବ। ୭ଦିନ ଯାଏ ରାପିଡ୍ ଆକ୍ସନ୍ ଫୋର୍ସ ପୁରୀରେ ରହି ପୋଲିସ ସହଯୋଗରେ ମୁଖ୍ୟତଃ ଗହଳି ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରିବ। ତେବେ ସମନ୍ୱୟ ରଖି କାର୍ଯ୍ୟ କରିବା ନେଇ ରାପିଡ୍ ଆକ୍ସନ ଫୋର୍ସ ନିକଟରେ ବଡ଼ ଚ୍ୟାଲେଞ୍ଜ ରହିବ ବୋଲି ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି। ରଥ ଗଡ଼ିବା ସମୟରେ କର୍ଡନ ଦଉଡ଼ିକୁ କିଭଳି ଭକ୍ତମାନେ ଛୁଇଁ ପାରିବେ ନାହିଁ ସେ ଦିଗରେ ଧ୍ୟାନ ଦିଆଯିବ। ରଥ ଗଡ଼ିବା ମାତ୍ରେ ଶ୍ରଦ୍ଧାଳୁମାନେ ରଥ ଆଡ଼କୁ ବହୁମାତ୍ରାରେ ମାଡ଼ି ଆସନ୍ତି। ସେହି ସମୟରେ ଗହଳି ନିୟନ୍ତ୍ରଣ କିଭଳି ଭାବେ କରାଯିବ, ତାହାର ମକ୍‌ଡ୍ରିଲ୍ କରାଯାଇଛି। ମକ୍‌ଡ୍ରିଲ୍‌ରେ ଶହେରୁ ଉର୍ଦ୍ଧ୍ୱ ରାପିଡ୍ ଆକ୍ସନ ଫୋର୍ସର ଯବାନ ସାମିଲ ହୋଇଥିଲେ। ସେହିଭଳି ରାପିଡ୍ ଆକ୍ସନ ଫୋର୍ସ ଲୋକଙ୍କୁ ଉତ୍ତମ ବ୍ୟବହାର କରିବେ। କାହାରି ପାଖରେ କୌଣସି ଅସ୍ତ୍ରଶସ୍ତ୍ର ରହିବ ନାହିଁ। ଖାଲି ହାତରେ କର୍ଡନ ଦୌଡ଼ି ଧରି ଠିଆ ହେବେ। ସେହିଭଳି ରଥଯାତ୍ରା ସମୟରେ ଯେଉଁ ସ୍ଥାନରେ ଅଧିକ ଗହଳି ହେବାର ସମ୍ଭାବନା ରହିଛି, ସେଠାରେ ରାପିଡ୍ ଆକ୍ସନ୍ ଫୋର୍ସକୁ ଦାୟିତ୍ୱରେ ରଖାଯିବ। ତେବେ ଫୋର୍ସ ମୁତୟନ ହେବା ସମୟରେ ଅନେକ ସ୍ଥାନୀୟ ସମସ୍ୟା ଦେଖାଯାଇଥାଏ। ଏ ସମ୍ପର୍କରେ ଫୋର୍ସକୁ ଏସ୍‌ପି ଅବଗତ କରାଇବେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608


## ଋଣ କରାଇଦେବା ଆଳରେ ୧୧ ଲକ୍ଷ ଲୁଟ୍

- ବିହାରରୁ ୨ ଅଭିଯୁକ୍ତଙ୍କୁ ଧରିଲା ସାଇବର ଥାନା ପୋଲିସ
- ୭ ମୋବାଇଲ, ଲାପଟପ୍, ପାସ୍‌ବୁକ୍, ଏଟିଏମ୍ କାର୍ଡ ଜବତ

କଟକ ଅଫିସ,୮।୬

ଋଣ କରାଇଦେବା ଆଳରେ ଠକେଇ କରୁଥିବା ୨ ସାଇବର ଠକଙ୍କୁ ବିହାରରୁ କଟକ ସାଇବର ଥାନା ପୋଲିସ ଗିରଫ କରିଛି। କଟକ ବକ୍ସିବଜାର ଅଞ୍ଚଳର ବିଜୟ କୁମାର ସିଂହଙ୍କ ଅଭିଯୋଗ ଆଧାରରେ ଏହି ୨ ଅଭିଯୁକ୍ତ ବିହାର ସମସ୍ତିପୁରର ମହମ୍ମଦ ସମସାଦ୍ ଉଦ୍ଦିନ ଏବଂ ମହମ୍ମଦ ଅଫତାବ ଉଦ୍ଦିନଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୭ଟି ମୋବାଇଲ ଫୋନ, ଗୋଟିଏ ଲାପଟପ୍, ୮ଟି ସିମ୍‌କାର୍ଡ, ୧୧ଟି ଏଟିଏମ୍ କାର୍ଡ, ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ୍ ଓ ଚେକ୍ ବୁକ୍, ପେନ୍ ଡ୍ରାଇଭ, ହାର୍ଡ ଡିସ୍କ ପ୍ରଭୃତି ଜବତ କରାଯାଇଛି। ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ୧୧ ଲକ୍ଷ ୧୮ ହଜାର ଟଙ୍କା ଠକେଇ ନେଇ କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସରେ ୫ଲକ୍ଷ ଟଙ୍କାର ଋଣ କରାଇଦେବାକୁ ବିଜୟଙ୍କୁ କହିଥିଲେ। ତେବେ ୫ ଲକ୍ଷ କହି ଆକାଉଣ୍ଟରୁ ୧୧ ଲକ୍ଷ ୧୮ ହଜାର ଟଙ୍କା ଲୁଟି ନେଇଥିଲେ। ଦିଲ୍ଲୀର ଏକ କଲ୍ ସେଣ୍ଟରରେ ଅଭିଯୁକ୍ତ ଦ୍ୱୟ କାମ କରୁଥିଲେ। ନିରୀହ ଲୋକଙ୍କୁ ତାଙ୍କ କଥାରେ ଫସାଇ ଟଙ୍କା ଲୁଟୁଥିଲେ। ଏ ସମ୍ପର୍କରେ ପୋଲିସ ସୂଚନା ପାଇ ଦୁହିଁଙ୍କୁ ଗିରଫ କରିଛି। ଉଭୟଙ୍କଠାରୁ ସାଇବର ଲୁଟ୍ ସହ ସମ୍ପୃକ୍ତ ଅନେକ ଲୋକଙ୍କ ସମ୍ପର୍କରେ ତଥ୍ୟ ମିଳିଛି। ଏ ନେଇ ପୋଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।



ଗିରଫ ୨ ଅଭିଯୁକ୍ତ ଓ ଜବତ ସାମଗ୍ରୀ।


## ମନେ ପଡ଼ନ୍ତି

**୧୭ତମ ଶ୍ରାଦ୍ଧବାର୍ଷିକୀ**



୰ଅନାଦି ଚରଣ ସିଂହ
(ବରିଷ୍ଠ ଦଲିଲ ଲେଖକ)
ପାଣ୍ଡକାହାଣିଆ, ଢେଙ୍କାନାଳ
ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୦୩୯୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସିଦ୍ଧେଶ୍ୱର ପ୍ରସାଦ ପଟ୍ଟନାୟକ
ସ୍ଥାନ- ନିଳମହଲ, ପୁରୁଣା ସଦର ଥାନା ଲେନ, ପୁରୀ, କାତ୍ୟାୟଣୀ ଲାଇବ୍ରେରୀ
ଆବିର୍ଭାବ : ୧୯/୦୨/୧୯୪୪ ~ ତିରୋଧାନ : ୧୯/୦୬/୨୦୨୧
ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦଶମୀ, ଏକ ବର୍ଷ ପରେ ଆଜିର ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ବାହୁଡ଼େଇ ନେଲେ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ପ୍ରଣାମ ଓ ଆଶିର୍ବାଦ କାମନା ସହ ଅମର ଆତ୍ମାର ମୋକ୍ଷ ପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆକୁଳ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ ପୁପୁ (ନାଳୀ), ପୁତ୍ର-ଲୁମା (ମଣି), ଲେମନ (ଗେଡ୍ର) ପୁତ୍ରବଧୂ- ବୁଲୁ ଓ ବନ୍ଦିତା, ନାତି- ମହାବୀର, ଲିୟୋନ ଏବଂ ପରିବାରବର୍ଗ ଓ ବନ୍ଧୁପରିଜନ।
D-73817

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ସୁପ୍ରକାଶ ପାଣିଗ୍ରାହୀ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ- ୨୯।୦୫।୧୯୩୩
ତିରୋଧାନ- ୩୦।୦୫।୨୦୨୨
ବାପା, ତୁମେ ଆମର ସଦ୍‌ମାର୍ଗ ଥିଲ। ତୁମେ ଚାଲିଗଲା ପରେ ପଥହୁଡ଼ା ପଥିକପରି, ଦିଗ ହଜା ପକ୍ଷୀଟିଏ ପରି, ଖୋଜି ବୁଲୁ ତୁମକୁ ଝୁରି। ତଥାପି ପାରୁନାହୁଁ ଏ ଚିରନ୍ତନ ସତ୍ୟକୁ ବିଶ୍ୱାସ କରି।
ତୁମର ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀମାନେ।
ଧ-୬୨୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଭୋଳାନାଥ ସାହୁ
ଆବିର୍ଭାବ : 06.10.1947
ତିରୋଧାନ : 19.06.2021
ଦୋଳେଷୁ ଦୋଳଗୋବିନ୍ଦ ଚାପେଷୁ ମଧୁସୂଦନମ୍ ।
ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ ।।
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ସଦାସର୍ବଦା ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ :
ରମଣ ରଞ୍ଜନ ସାହୁ, ସରଣ କୁମାର ସାହୁ ଓ ସାହୁ ପରିବାର ଏବଂ ବନ୍ଧୁବର୍ଗ।
D-688

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଜୁନ୍, ୨୦୨୨



# କେବଳ ଅପେକ୍ଷା

ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା' ରିଲିଜ ଡେଟ୍ ଦିନକୁ ଦିନ ଘୁଞ୍ଚି ଚାଲିଛି। ଶୁଣିବାକୁ ମିଳୁଥିଲା ଯେ ଚଳିତ ବର୍ଷ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ। କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇ ଚିତ୍ରଟି ଆସନ୍ତାବର୍ଷ ମଧ୍ୟଭାଗରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମଟି ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିବା ପଛରେ ଯେଉଁ କାରଣ ରହିଛି ତାହା କେତେକ ପ୍ରାୟ ଜାଣନ୍ତି। କାରଣ ଏଥିରୁ ପ୍ରିୟଙ୍କା ଚୋପ୍ରା ପୁଣି ଥରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଉକ୍ତ ସିନେମାରେ ତାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ବେଶ୍ କିଛି ବର୍ଷ ପୂର୍ବେ ପ୍ରିୟଙ୍କା ଚୋପ୍ରାଙ୍କୁ ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନାୟିକା ଭାବରେ ଗଣନା କରାଯାଉଥିଲା। ହେଲେ ସେ ହଲିଉଡ୍ ମୁହାଁ ହେବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। ଇତି ମଧ୍ୟରେ ସେ ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘର ସଂସାର କରିସାରିଛନ୍ତି। ''ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛି। ଏହି ଫିଲ୍ମଟି ଆସନ୍ତା ବର୍ଷ ଜୁନ୍‌ରେ ରିଲିଜ ହେବାର ଯୋଜନା ରହିଛି। ତେଣୁ ସେହି ସମୟ ପର୍ଯ୍ୟନ୍ତ କେବଳ ଅପେକ୍ଷା କରିବାକୁ ହିଁ ପଡ଼ିବ ବୋଲି କହନ୍ତି ପ୍ରିୟଙ୍କା।''


ପ୍ରିୟଙ୍କା

# ନାହିଁ ନାହିଁରେ ବାଣୀ

ବାଣୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି? ସେ କୁଆଡ଼େ ଜଣେ ବିଦେଶୀ ବିଜନେସମ୍ୟାନଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ବାଣୀଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ବାଣୀ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଦେଶୀ ବିଜନେସମ୍ୟାନଙ୍କ ସହ ମୋ ନାମକୁ ଯୋଡ଼ାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମା ପାଇଁ ସେ ଫାଇନାନ୍ସ କରୁଛନ୍ତି। ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ବାଣୀ

# 'ମାୟାବୀ'

ଅନୀସ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ମାୟାବୀ' ଚଳିତ ମାସ ୩୦ରେ ପରଦା ଉପରକୁ ଆସୁଛି। ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ଗତିଶୀଳ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ତପନ କୁମାର ଦାଶ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଅମ୍ଲାନ କୁମାର ଏବଂ ଭୂମିକା ଦାଶ। ଅନ୍ୟପକ୍ଷରେ ଚକ୍ରଧର ଜେନା, କୁନାଲ ପଟ୍ଟନାୟକ, ପ୍ରଶାନ୍ତ ପାତ୍ର, ଦିଲୀପ ଦାଶ, ଅରବିନ୍ଦ ଜେନା, ସ୍ନେହା, ରତନ ମେହେର, ଆଲିଭିୟାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା ଏହି ଫିଲ୍ମର ଏକ ବିଶେଷ ଭୂମିକାରେ ବିଶ୍ୱବିଖ୍ୟାତ ଯାଦୁକର ପି.ସି. ସରକାରଙ୍କ ନାତୁଣୀ ମୌବନୀ ସରକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲିଟୁ ମହାନ୍ତି। 'ମାୟାବୀ'ର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାସ ଦେଇଥିବାବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଜୟା ବିଶ୍ୱାସ। ''କାହାଣୀରେ ଯେଉଁ ଏକାଧିକ ନାଟକୀୟ ମୋଡ଼ ରହିଛି ଯାହା ଦର୍ଶକଙ୍କ ଆବେଗକୁ ଆରମ୍ଭରୁ ଶେଷଯାଏ ବାନ୍ଧି ରଖିବ। ରହସ୍ୟ, ରୋମାଞ୍ଚ ସାଙ୍ଗକୁ ପ୍ରେମ ଏହି କାହାଣୀର ମୁଖ୍ୟ ଆଧାର ରହିଛି ଯାହା ଯୁବବର୍ଗର ଦର୍ଶକଙ୍କୁ ଅଧିକ ପସନ୍ଦ ଆସିବ ବୋଲି କହନ୍ତି ନିର୍ଦ୍ଦେଶକ ସୁଧାଂଶୁ।''


ଭୂମିକା

# ଜ୍ୟାକ୍‌ଲିନ୍‌ଙ୍କ ଆକ୍ସନ ମୁଡ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ଜ୍ୟାକ୍‌ଲିନ୍ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି? ଏ ନେଇ ସେ କହନ୍ତି, 'କୋଭିଡ୍ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଥିଲି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଜ୍ୟାକ୍‌ଲିନ୍‌ଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।


ଜ୍ୟାକ୍‌ଲିନ୍


'ମୋ ପଣତ କାନିରେ ତୁ' ଫିଲ୍ମରେ ହରି-ଶ୍ରଦ୍ଧା

# ମୋ ପଣତକାନିରେ ତୁ

ଜଣେ ଦିବ୍ୟାଙ୍ଗ ପିଲାକୁ କେତେକ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ହେଲେ ମା' ହେଉ କି ପତ୍ନୀ ସେମାନଙ୍କ ହୃଦୟରେ ଏପରି ପିଲାଙ୍କ ପାଇଁ ଥାଏ ଏକ ସ୍ୱତନ୍ତ୍ର ସ୍ଥାନ। ଏଭଳି ଏକ ଭାବପ୍ରବଣ ବିଷୟବସ୍ତୁକୁ ନେଇ 'ଜି ସାର୍ଥକ ଫିଲ୍ମସ୍' ଏବଂ 'ଓମ୍ ସାଇ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମୋ ପଣତକାନିରେ ତୁ'। 'ଝୁମ୍‌କୁ ଝୁମାନା' ପରେ ଏଭଳି ଏକ କାହାଣୀ ରଚନା କରିବା ସହ ତାହାର ଚିତ୍ରନାଟ୍ୟ ଏବଂ ସଂଳାପ ଦାୟିତ୍ୱ ତୁଲାଇବା ସହ ଏହାର ମୁଖ୍ୟ (ଦିବ୍ୟାଙ୍ଗ ଯୁବକ) ଭୂମିକାରେ ଅଭିନୟ କରିଛନ୍ତି ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି। ପ୍ରଦ୍ୟୁମ୍ନ ଲେଙ୍କାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ପିନ୍ଟୁ ନାୟକ। ଏହି ଫିଲ୍ମ ସମ୍ପର୍କରେ ହରି କହନ୍ତି, ଏହାର କାହାଣୀରେ ଇମୋଶନ ଭରି ରହିଛି। ଜଣେ ଦିବ୍ୟାଙ୍ଗ ପିଲାକୁ ତା'ର ମା' ଏବଂ ପତ୍ନୀ କିପରି ସାହାରା ସାଜିଛନ୍ତି ତାହା ଫିଲ୍ମରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ମୋ ରୋଲ୍ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛି। ଏଥିରେ ହରିଙ୍କ ବ୍ୟତୀତ ମହାଶ୍ୱେତା ରାୟ, ଶ୍ରଦ୍ଧା ପ୍ରାଣିଗ୍ରାହୀ ଏବଂ ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଫିଲ୍ମଟି ଚଳିତ ମାସ ୧୨ରେ 'ଜି ସାର୍ଥକ' ଚ୍ୟାନେଲରେ ରିଲିଜ (ସନ୍ଧ୍ୟା ୫.୩୦) ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ପରଦାରେ

# ଦିଲ୍ ମୋର ମାନେନା

ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟାଇ ଚର୍ଚ୍ଚିତ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା' ଚଳିତ ରଜ ଅବସରରେ ଅର୍ଥାତ୍ ଚଳିତ ମାସ ୧୦ରେ ପରଦା ଉପରକୁ ଆସୁଛି। ମା' ତାରିଣୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍.ସି. ବ୍ୟାନରରେ ଛବିତା ମାର୍ଥାଙ୍କ ମିଳିତ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଚିତ୍ରର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଶିବାନୀ। ଅନ୍ୟପକ୍ଷରେ 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦର୍ଶକ ଦେଖିବାକୁ ପାଇବେ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ.କେ. ମୁରଲୀଧରନ୍। ଏ ନେଇ ଫିଲ୍ମର ଅନ୍ୟତମ ପ୍ରଯୋଜିକା ଛବିତା କହନ୍ତି, 'ଏହି ଚଳଚ୍ଚିତ୍ରର କାହାଣୀରେ କେବଳ ଲଭ୍ ଇମୋଶନ ନୁହେଁ ଫ୍ୟାମିଲି ଡ୍ରାମାର ଚାର୍ମ ରହିଛି। ମୋଟ ଉପରେ ସବୁ ବର୍ଗର ଦର୍ଶକଙ୍କୁ ଏହା ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।


'ଦିଲ୍ ମୋର ମାନେନା' ଫିଲ୍ମରେ ସ୍ୱରାଜ

# ନିଆରା ଗେଟ୍‌ଅପ୍‌ରେ ସିଦ୍ଧାନ୍ତ


'ପ୍ରେମମ୍' ଚଳଚ୍ଚିତ୍ରରେ ସିଦ୍ଧାନ୍ତ

ନିକଟରେ ପରଦା ଉପରକୁ ଆସିଥିବା 'ପ୍ରେମମ୍'ରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଏକ ଭିନ୍ନ ଗେଟ୍‌ଅପ୍ ତଥା ଭୂମିକାରେ ଦେଖିବାକୁ ମିଳିଛି। ଏଥିରେ ସେ ଜଣେ ସଫେଇ କର୍ମଚାରୀ 'ଆପ୍ପା ରାଓ' ରୋଲ୍‌ରେ ଆକ୍ଟିଂ କରିଛନ୍ତି। କେବଳ ସେତିକି ନୁହେଁ, ଏହି ରୋଲ୍‌ରେ ଚମତ୍କାର ଅଭିନୟ କରି ସେ ସାଉଁଟି ଚାଲିଛନ୍ତି ପ୍ରଶଂସା ପରେ ପ୍ରଶଂସା। ବିଶେଷ ଭାବରେ ଏହି ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଆଲୋଚନା ସମୟରେ ସିଦ୍ଧାନ୍ତଙ୍କ ନାମ ନିର୍ଦ୍ଦେଶକ ତାପସ ସରଘରିଆ ପ୍ରପୋଜ କରିଥିଲେ ଏବଂ ଶେଷରେ ସେଥିରେ ଫାଇନାଲ ମୋହର ବାଜିଥିଲା। ଶିଶିର କୁମାର ଷଡ଼ଙ୍ଗୀଙ୍କ ପ୍ରଯୋଜିତ ଏବଂ ଅନିମା ପ୍ରଡକ୍ସନର ସହ ପ୍ରଯୋଜନାରେ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ବାବୁସାନ୍ ଏବଂ ପ୍ରକୃତି ମିଶ୍ର।

## ଅପେରା ହାଲ୍‌ଚାଲ୍

# ରଙ୍ଗମହଲର ସଜବାଜ

ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଯାତ୍ରା ଅନୁଷ୍ଠାନ 'ରଙ୍ଗମହଲ' ଆଗାମୀ ଅପେରା ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପୂର୍ବପରି ଏଥର ମଧ୍ୟ ବେଶ୍ କେତୋଟି ଦମ୍‌ଦାର ନାଟକକୁ ନେଇ ମଇଦାନକୁ ଓହ୍ଲାଇବାକୁ ଯୋଜନା ରଖିଛି। ଏ ସମ୍ପର୍କରେ ଉକ୍ତ ଅପେରା ପାର୍ଟିର ସ୍ୱତ୍ତ୍ୱାଧିକାରୀ ସତ୍ୟ ଜେନା କହନ୍ତି, 'ମଞ୍ଚ ସାଜସଜ୍ଜା ବ୍ୟତୀତ ମୁଁ ସବୁବେଳେ ନାଟକକୁ ଗୁରୁତ୍ୱ ଦେଇଥାଏ। ଆସନ୍ତା ଯାତ୍ରା ସିଜନ ପାଇଁ ଚୟନ କରାଯାଇଥିବା ନାଟକଗୁଡ଼ିକରେ ଭିନ୍ନତା ରହିଛି ଏବଂ ଏଗୁଡ଼ିକ ଯାତ୍ରାପ୍ରେମୀଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି।' ଆସନ୍ତା ଯାତ୍ରା ସିଜନ ପାଇଁ ଏହି ଅପେରା ପାର୍ଟି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଚାଲିବା ଆଗରୁ ବାଟ ସରିଲା' (ରଚନା-ଅରୁଣ ବାରିକ, ନିର୍ଦ୍ଦେଶନା-ତାପସ ସ୍ୱାଇଁ), 'ପୁରୁଷର ଦେହ ନାରୀର ମନ' (ରଚନା-ନିର୍ଦ୍ଦେଶନା : ଦିନେଶ ଦାସ), 'କାନ୍ଦେନା ମୋ କାଳିଆ ସୁନା' (ରଚନା- ଡ. ଦୀପକ ଜେନା, ନିର୍ଦ୍ଦେଶନା-ବିନୋଦ ରାଉତ) ଏବଂ ମହେଶ ହାଜରାଙ୍କ ନିର୍ଦ୍ଦେଶନାରେ 'ଜାରଜ ଜହର ନୁହେଁ କାହାର'। ଏଥର ରଙ୍ଗମହଲରେ ବ୍ରଜବିହାରୀ ନାୟକ (କୁନା), ସପନି, ଯତୀନ,ମାନସୀ, ଟାହିଆ, ମୁନୁ ପଣ୍ଡା, ଶୁଭାଶିଷ (ବବୁଲ), ଦୀପ୍, ତମସା, ମାମା, ପିଙ୍କି, ବୁଦ୍ଧିଆ ନନା ଏବଂ ଗୁରୁ ପୃଷ୍ଟି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ତମସା




ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଗୁରୁବାର କାଉଣ୍ଟରରେ ଟିକେଟ ବିକ୍ରି ହେବାକୁ ଥିବାବେଳେ ବୁଧବାର ରାତିରୁ କ୍ରିକେଟପ୍ରେମୀଙ୍କ ଲମ୍ବା ଲାଇନ। (ଫଟୋ: ରାଜକିଶୋର ମହାନ୍ତି)



ବାରବାଟୀ ଷ୍ଟାଡିୟମ ପିଚ୍‌ରୁ ମେଶିନ ଯୋଗେ ଘାସ କଟାଯାଉଛି।

# ବାରବାଟୀରେ ପନ୍ତଙ୍କ ନେତୃତ୍ୱରେ ଖେଳିବ ଭାରତ

**ଭୁବନେଶ୍ୱର, ୮।୬ (କ୍ରୀଡ଼ା ପ୍ରତିନିଧି)**

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଯୁବ ଉଇକେଟ କିପର ରିଷଭ ପନ୍ତ ଭାରତୀୟ ଦଳର ନେତୃତ୍ୱ ନେବେ। ଆଗାମୀ ସିରିଜ ପାଇଁ ଲୋକେଶ ରାହୁଲ ଅଧିନାୟକ ମନୋନୀତ ହୋଇଥିଲେ। ମାତ୍ର ସେ ନୂଆଦିଲ୍ଲୀରେ ହେବାକୁଥିବା ପ୍ରଥମ ଟି୨୦ ପୂର୍ବରୁ ବୁଧବାର ଅଭ୍ୟାସ ବେଳେ ଆହତ ହୋଇଥିବାରୁ ସମ୍ପୂର୍ଣ୍ଣ ସିରିଜରୁ ଓହରି ଯାଇଛନ୍ତି। ଫଳରେ ଉପଅଧିନାୟକ ପନ୍ତଙ୍କୁ ଟିମ୍ ଇଣ୍ଡିଆର ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି। ନିଜ ନେତୃତ୍ୱରେ ନୂଆ ଦଳ ଗୁଜରାଟ ଟାଇଟନ୍ସକୁ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୨ରେ ଚାମ୍ପିୟନ କରାଇଥିବା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ ମନୋନୀତ ହୋଇଛନ୍ତି। ବିଶ୍ରାମ ଦିଆଯାଇଥିବାରୁ ବିରାଟ କୋହଲି ଓ ରୋହିତ ଶର୍ମା ଦଳରେ ସାମିଲ ନ ଥିଲେ। ଏବେ ରାହୁଲ ଓହରି ଯିବା ଖବର ଓଡ଼ିଶା କ୍ରିକେଟ ପ୍ରେମୀଙ୍କ ମନରେ ନୈରାଶ୍ୟ ଆଣିଛି। ନୂଆଦିଲ୍ଲୀର ଫିରୋଜ ଶାହା କୋଟ୍‌ଲା ଷ୍ଟାଡିୟମରେ ଗୁରୁବାର ପ୍ରଥମ ଦିନିକିଆ ଅନୁଷ୍ଠିତ ହେବ। ଆହତ ସମସ୍ୟା ଯୋଗୁ ତାରକା ସ୍ପିନର କୁଲଦୀପ ଯାଦବ ମଧ୍ୟ ଓହରି ଯାଇଛନ୍ତି। ରାହୁଲ ତଳିପେଟ ଓ ଜଙ୍ଘ ମଧ୍ୟସ୍ଥ ସ୍ଥାନରେ ଏବଂ କୁଲଦୀପ କୋଟ୍‌ଲା

- **ଲୋକେଶ ରାହୁଲ, କୁଲଦୀପ ଯାଦବ ଆହତ**
- **ହାର୍ଦ୍ଦିକ ଉପ ଅଧିନାୟକ**

ଗ୍ରାଉଣ୍ଡରେ ନେଟ୍ସ ସେସନରେ ଡାହାଣ ହାତରେ ଆଘାତ ପାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆହତ ଦୁଇ ଖେଳାଳିଙ୍କ ରିପ୍ଲେସମେଣ୍ଟ ଏବେ କରାଯିବ ନାହିଁ। ଉଭୟ ରାହୁଲ ଓ କୁଲଦୀପଙ୍କୁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିପୋର୍ଟ କରିବାକୁ କୁହାଯାଇଛି। ଟପ୍ ଅର୍ଡରରେ ଭାରତର ପ୍ରଥମ ପସନ୍ଦର ୩ ଖେଳାଳି ରୋହିତ, ରାହୁଲ ଓ କୋହଲିଙ୍କ ଅନୁପସ୍ଥିତିରେ ଋତୁରାଜ ଗାଏକ୍ୱାଡ, ଇଶାନ କିଶନ ଓ ଭେଙ୍କଟେଶ୍ ଆୟାରଙ୍କ ଉପରେ ଭାରତ ନିର୍ଭର କରିବ। ଦୀପକ ହୁଡା ଓ ଶ୍ରେୟାସ ଆୟାର ଟପ୍ ଅର୍ଡରରେ ଅନ୍ୟ ବିକଳ୍ପ ରହିବେ।

## କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

**ଉପଲବ୍ଧ ମୋଟ ଟିକେଟ ସଂଖ୍ୟା: ୧୨,୦୯୩**

**(ହାଇଭାଲ୍ୟୁ ଟିକେଟ-୧୩୬୨, ଗ୍ୟାଲେରି ଟିକେଟ-୧୦,୭୩୧)**

**ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ଆସନ୍ତା ୧୨ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ କାଉଣ୍ଟରରେ ଟିକେଟ ବିକ୍ରି ଗୁରୁବାରଠାରୁ ଆରମ୍ଭ ହେବ। ୧୦ ତାରିଖରେ ମଧ୍ୟ କାଉଣ୍ଟରରେ ଟିକେଟ ମିଳିବ। ଏହା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା (ଟିକେଟ ଉପଲବ୍ଧ ଅନୁସାରେ) ପର୍ଯ୍ୟନ୍ତ ଚାଲିବ। କ୍ରିକେଟ ପ୍ରେମୀମାନେ ଜଣକା ୨ଟି ଲେଖାଏ ଟିକେଟ କ୍ରୟ କରିପାରିବେ। ଟିକେଟ କିଣିବା ସମୟରେ ସେମାନଙ୍କୁ ସରକାରଙ୍କ ସ୍ୱିକୃତିପ୍ରାପ୍ତ ପ୍ରମାଣପତ୍ର (ଭୋଟର ଆଇଡି, ଆଧାର କାର୍ଡ ଇତ୍ୟାଦି) ଦେବାକୁ ପଡ଼ିବ। ମୋଟ ୯ଟି କାଉଣ୍ଟରରେ ଟିକେଟ ବିକ୍ରି ହେବ। ଏଥର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ୨ଟି କାଉଣ୍ଟରରେ ଟିକେଟ ଉପଲବ୍ଧ ହେବ। ଶାନ୍ତି ଶୃଙ୍ଖଳାର ସହ ଟିକେଟ କ୍ରୟ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନିବେଦନ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଟିକେଟ ବିକ୍ରି ପାଇଁ ବାରିକେଡ ବନ୍ଧା କାର୍ଯ୍ୟ ଶେଷ ହୋଇଛି। ସ୍ୱତନ୍ତ୍ରଭାବେ କଣ୍ଟେନରରେ ମଧ୍ୟ ଟିକେଟ ବିକ୍ରି ବ୍ୟବସ୍ଥା କରାଯାଇଛି। ଟିକେଟ କାଉଣ୍ଟର ଗୁରୁବାର ସକାଳ ୯ଟାରୁ ଖୋଲାଯିବାକୁ ଥିଲେ ହେଁ ବୁଧବାର ଅପରାହ୍ନରୁ ଆଶାୟୀଙ୍କ ଗହଳି ଆରମ୍ଭ ହୋଇଥିବା ପରିଲକ୍ଷିତ ହୋଇଛି। କଟକରେ ମ୍ୟାଚପାଇଁ ଟିକେଟ ନେବାଲାଗି ପୂର୍ବରୁ ମଧ୍ୟ ଆଗଦିନ ରାତିରୁ ଦର୍ଶକମାନେ ଅନିଦ୍ରା ହୋଇ ଧାଡ଼ିରେ ରହିବା ନଜିର ରହିଛି। ଓସିଏ ପକ୍ଷରୁ ଅନ୍‌ଲାଇନ୍‌ରେ ୫୦୦୦ ଟିକେଟ ବିକ୍ରି ହୋଇ ସାରିଛି। ଅନୁବନ୍ଧିତ ଅନୁଷ୍ଠାନ ମାନଙ୍କୁ ମଧ୍ୟ ଟିକେଟ ବିକ୍ରି କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନ୍‌ଲାଇନ୍‌ରେ ଟିକେଟ ଖୁବ୍ କମ୍ ସମୟ ମଧ୍ୟରେ ଶେଷ ହୋଇ ଯାଇଥିଲା। ଏବେ କାଉଣ୍ଟରେ ଟିକେଟ କେତେ ସମୟ ପର୍ଯ୍ୟନ୍ତ ବିକ୍ରି ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିବ।

## ବୁଧବାର ରାତିରୁ ଲମ୍ବା ଲାଇନ

**ଭୁବନେଶ୍ୱର, ୮।୬ (କ୍ରୀଡ଼ା ପ୍ରତିନିଧି):** ଆସନ୍ତା ୧୨ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଗୁରୁବାର ସକାଳ ୯ଟାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ। ମାତ୍ର ବୁଧବାର ରାତିରୁ କାଉଣ୍ଟର ନିକଟରେ କ୍ରିକେଟ ପ୍ରେମୀଙ୍କ ଲମ୍ବା ଲାଇନ୍ ଲାଗି ଯାଇଛି। ରାତିସାରା ଅନିଦ୍ରା ହେବାକୁଥିଲେ ହେଁ ସେଥିପାଇଁ ସେମାନଙ୍କ ମନରେ ଦୁଃଖ ନାହିଁ। କେବଳ ହାତରେ ଟିକେଟ ପାଇବାର ମୁହୂର୍ତ୍ତକୁ ଅପେକ୍ଷା। ମ୍ୟାଚ ଦେଖିବା ପାଇଁ ଓଡ଼ିଶା ଦର୍ଶକ କେତେ ପରିମାଣରେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ତାହା ଏଥିରୁ ପ୍ରମାଣିତ ହୋଇଛି। ଅନ୍‌ଲାଇନ୍‌ରେ ୫୦୦୦ ଟିକେଟ ମଧ୍ୟ ଚାହୁଁ ଚାହୁଁ ଶେଷ ହୋଇ ଯାଇଥିଲା।



ମ୍ୟାଚ ପାଇଁ ଉଦ୍ଦିଷ୍ଟ ସ୍କ୍ରିନ୍‌ରେ ଏଲ୍‌ଇଡି ଡିସ୍‌ପ୍ଲେ ସଂଯୋଗ କରାଯାଉଛି।




# ଖେଳାଳିଙ୍କୁ ଉତ୍ତମ ଆତିଥ୍ୟ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୬(ବ୍ୟୁରୋ)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ତାରିଖରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଉଛି। ମ୍ୟାଚ୍ ପାଇଁ ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ରବାର ଉଭୟ ଦଳର ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ଏଥିପାଇଁ ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନବନ୍ଦରଠୁ ଆରମ୍ଭ କରି ଜୟଦେବବିହାରସ୍ଥିତ ମେ' ଫେୟାର ହୋଟେଲ ପର୍ଯ୍ୟନ୍ତ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ କମିଶନରେଟ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ହୋଟେଲରେ ଖେଳାଳିଙ୍କୁ କିପରି ଉଚିତ୍ ଆତିଥ୍ୟ ପ୍ରଦାନ କରାଯିବ ସେନେଇ ସମସ୍ତ ପ୍ରସ୍ତୁତି ମଧ୍ୟ କରାଯାଉଛି। ଡିସିପି ପ୍ରତୀପ ସିଂ ଭୁବନେଶ୍ୱରର ସୁରକ୍ଷା ଦାୟିତ୍ୱରେ ରହିବା ସହ ୨୧ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଖେଳାଳିଙ୍କୁ ମେ' ଫେୟାର

**ବାରବାଟୀ ମ୍ୟାଚ ପାଇଁ ପ୍ରସ୍ତୁତି**

- **ହୋଟେଲରେ ସୁରକ୍ଷା ସ୍ଥିତି ଯାଞ୍ଚ କଲେ ଡିସିପି**
- **ପରଷାଯିବ ଓଡ଼ିଆ ସହ ବିଦେଶୀ ଖାଦ୍ୟ**
- **କୋଭିଡ୍ କଟକଣା ମାନିବେ ହୋଟେଲ କର୍ମଚାରୀ**

ହୋଟେଲରେ କିପରି ସୁରକ୍ଷାର ସହ ରଖାଯିବ ଏବଂ କେଉଁ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯିବ ସେନେଇ ଡିସିପି ସିଂ ବୁଧବାର ସମୀକ୍ଷା କରିଛନ୍ତି। ଅପରାହ୍ନରେ ଡିସିପି ମେ' ଫେୟାର ହୋଟେଲରେ ପହଞ୍ଚି ସୁରକ୍ଷା ସ୍ଥିତି ଯାଞ୍ଚ କରିବା ସହ କର୍ମକର୍ତ୍ତାଙ୍କ ସହିତ ସମସ୍ତ ରୁମ୍ ବୁଲି ଦେଖିଥିଲେ। କେଉଁ ସ୍ଥାନରୁ କର୍ଡନ କରାଯିବ, ହୋଟେଲ ପରିସରର କେଉଁ ସ୍ଥାନରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ ଏଭଳି ବିଭିନ୍ନ ଦିଗକୁ ନେଇ ଡିସିପି ଯାଞ୍ଚ କରି ଫେରିଛନ୍ତି। ତେବେ ମେ' ଫେୟାର ଆଖପାଖରେ କେତେ ପ୍ଲାଟୁନ ଫୋର୍ସ ରହିବେ ଏବଂ ହୋଟେଲର କେଉଁ ଅଞ୍ଚଳରୁ କର୍ଡନ କରାଯିବ ସେନେଇ ନିଷ୍ପତ୍ତି ନିଆଯାଇ ନାହିଁ। ଡିସିପି ସିଂ କହିଛନ୍ତି, ଖେଳାଳିଙ୍କ ସୁରକ୍ଷା ପାଇଁ ରାସ୍ତାର ଗୁରୁତ୍ୱପୂର୍ଣ୍ଣ ଛକରେ ବ୍ୟାରିକେଡ୍ କରାଯିବ। ଲୋକଙ୍କ ଗହଳି ରୋକିବାକୁ ସମସ୍ତ ଯୋଜନା କରାଯାଉଛି। ହୋଟେଲ ଏବଂ ଅନ୍ୟ ଅଞ୍ଚଳରେ କେଉଁଠି କେତେ ଫୋର୍ସ ରହିବେ ସୁରକ୍ଷା ସ୍ଥିତି ଯାଞ୍ଚ ପରେ ତାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ହୋଟେଲର ୧୦୦ ରୁମ୍‌ରୁ ୯୬ଟିରେ ଉଭୟ ଦଳର ଖେଳାଳି ଓ କର୍ମକର୍ତ୍ତା ରହିବେ। ଖେଳାଳିମାନେ ରହିବା ସମୟରେ ହୋଟେଲ ମଧ୍ୟରେ ଅନ୍ୟ କୌଣସି ଅତିଥି ରହିପାରିବେ ନାହିଁ। ଖେଳାଳିମାନେ ହୋଟେଲ ମଧ୍ୟକୁ ପ୍ରବେଶ କରିବା ସମୟରେ ସେମାନଙ୍କୁ ୪ଟି ପ୍ରକ୍ରିୟାରେ ସ୍ୱାଗତ କରାଯିବା ପାଇଁ ଯୋଜନା କରାଯାଇଛି। ଶଙ୍ଖ ଧ୍ୱନି, ଘୋଡ଼ାନାଚ କରାଯିବ ଏବଂ ଖେଳାଳିଙ୍କ ଉପରେ ପୁଷ୍ପବର୍ଷା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ମଧ୍ୟ ଦିଆଯିବ। ଅନ୍ୟପକ୍ଷରେ ହୋଟେଲରେ ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଖେଳାଳିମାନେ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଆ ଖାଦ୍ୟ ସହ ଭାରତୀୟ ଏବଂ ଅନ୍ୟାନ୍ୟ ବିଦେଶୀ ଖାଦ୍ୟ ସେମାନଙ୍କୁ ଦିଆଯିବ। ଏଥିସହ କୋଭିଡ୍ କଟକଣାକୁ ହୋଟେଲରେ ଗୁରୁତ୍ୱ ଦିଆଯାଇଛି। ଖେଳାଳିଙ୍କ ଦାୟିତ୍ୱ ବୁଝିବାକୁ ହୋଟେଲରେ ଥିବା କର୍ମଚାରୀମାନେ ସବୁ ସମୟରେ ମାସ୍କ ପରିଧାନ କରିବେ। ସମସ୍ତଙ୍କ ଟିକା ନେଇଥିବା ଓ କୋଭିଡ୍ ରିପୋର୍ଟ ମଧ୍ୟ ରଖାଯାଉଛି। ଖେଳାଳିମାନଙ୍କ ଆତିଥ୍ୟ ଓ ସୁରକ୍ଷାରେ କୌଣସି ତ୍ରୁଟି ନ କରିବାକୁ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବଟି ମାଗିବା ସହ ହତ୍ୟା ଧମକ: ଅଭିଯୁକ୍ତ ଗିରଫ

ପୁରୀ ଅଫିସ: ବଟି ମାଗିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମିଶ୍ରସାହି ଅଲେଇ ଲେନ୍‌ର ହରିଶଙ୍କର କାନୁନଗୋ (୩୯)। ପୋଲିସ ଏ ନେଇ ଏକ କେସ୍ (ନଂ. ୩୪/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ ମଙ୍ଗଳବାର ବାସେଳିସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ରଘୁନାଥ ରାଉତ ଦୋଳବେଦୀ କୋଣ ନିକଟରେ ଠିଆ ହୋଇଥିବା ବେଳେ ହରିଶଙ୍କର ତାଙ୍କୁ ବଟି ମାଗିବା ସହ ଗାଳିଗୁଲଜ କରି ଠେଲିଦେଇଥିଲେ। ବଟି ନ ଦେଲେ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ। ଏ ନେଇ ରଘୁନାଥ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୬।୨୦୨୨

| | |
|---|---|
| ୬,୨୧,୨୬୨ ଟଙ୍କା | |
| ସୁନା | ୧୧.୦୪୦ ଗ୍ରାମ |
| ରୁପା | ୩୫.୩୧୦ ଗ୍ରାମ |

# ୯୫ ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

ପୁରୀ ଅଫିସ,୮।୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ବୁଧବାର ପୁରୀ ଜିଲାର ୯୫ଟି ରୂପାନ୍ତରିତ ବିଦ୍ୟାଳୟକୁ ଲୋକାର୍ପିତ କରିଛନ୍ତି। ଏନେଇ ପୁରୀ ଜିଲା ସ୍କୁଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୂପାନ୍ତରିତ ବିଦ୍ୟାଳୟ ମଧ୍ୟରେ ଅସ୍ତରଙ୍ଗ ବ୍ଲକର ୪, ବ୍ରହ୍ମଗିରିର ୭, ଡେଲାଙ୍ଗର ୭, ଗୋପର ୧୧, କାକଟପୁରର ୮, ନିମାପଡ଼ାର ୧୧, କଣାସର ୮, କୃଷ୍ଣପ୍ରସାଦର ୬, ପିପିଲିର ୧୧, ପୁରୀ ସଦରର ୧୩ ଏବଂ ସତ୍ୟବାଦୀର ୯ଟି ବିଦ୍ୟାଳୟ ରହିଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ମାନସିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଆଣିଛି। ଛାତ୍ରୀଛାତ୍ର ଆଗ ଅପେକ୍ଷା ଅଧିକ ଆତ୍ମବିଶ୍ୱାସ ଓ ସଂକଳ୍ପ ନେଇ ଆଗକୁ ବଢ଼ୁଛନ୍ତି। ଏହା ଓଡ଼ିଶାର ଭବିଷ୍ୟତ ପାଇଁ ଶୁଭ ସଙ୍କେତ। ସ୍କୁଲ୍ ସମୟ ଜୀବନର ଶ୍ରେଷ୍ଠ ସମୟ। ତେଣୁ ପାଠ ହେଉ ଅବା ଖେଳ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ୫ଟି ମହତ୍ତ୍ୱ ବିଷୟରେ ବୁଝାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସପରେନ୍ସି ପ୍ରୟୋଗରେ ରୂପାନ୍ତର ଆସେ। ଟେକ୍ନୋଲୋଜି ଦ୍ୱାରା ସ୍ମାର୍ଟକ୍ଲାସ୍, ଲାଇବ୍ରେରୀ, ଆଧୁନିକ ପରୀକ୍ଷାଗାର ସହ ଉତ୍ତମ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାର ସୁବିଧା କରାଯାଇଛି। ଶିକ୍ଷକ, ପୁରାତନ ଛାତ୍ର, ପରିଚାଳନା କମିଟି ଓ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଏକାଠି ହୋଇ ବିଦ୍ୟାଳୟ ରୂପାନ୍ତରଣର ଅଂଶୀଦାର ପାଲଟିଛନ୍ତି। ସେହିପରି ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ପୁରୀ ଜିଲା ସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଛନ୍ତି, ସରକାରୀ ସ୍କୁଲ୍ ପ୍ରତି ଛାତ୍ରୀଛାତ୍ରମାନେ ଆକୃଷ୍ଟ ହେବାରେ ଲାଗିଛନ୍ତି। ସରକାରୀ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ପରିବେଶ ଓ ଭଲ ମାନର ଶିକ୍ଷା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଫଳସ୍ୱରୂପ ପିଲାଙ୍କ ଆତ୍ମବିଶ୍ୱାସ ଓ ଦକ୍ଷତା ବୃଦ୍ଧି ଘଟୁଛି। ଜିଲାସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ସ୍ୱୟଂସ୍ମିତା ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ



କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ।

### କଳାପଟା ନୁହେଁ, ଏଣିକି ସ୍ମାର୍ଟ କ୍ଲାସ୍‌ରୁମ୍

ଆଗକୁ ବଢ଼ିବାକୁ ଇଚ୍ଛା ଥିବାବେଳେ କମ୍ପ୍ୟୁଟର ଶିକ୍ଷା ପାଇଁ ବିଦ୍ୟାଳୟରେ ସବୁ ସୁବିଧା ମିଳୁଛି। ଫଳରେ ଭବିଷ୍ୟତ ସ୍ୱପ୍ନ ପୂରଣ ହେବା ଭଳି ମନେ ହେଉଛି। ସେହିଭଳି ଆଗରୁ କଳାପଟା ଓ ଚକ୍ ଖଡ଼ି ବ୍ୟବହାର ହେଉଥିଲା, ମାତ୍ର ଏବେ ସ୍ମାର୍ଟ ବୋର୍ଡ ଓ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ପାଠ ପଢ଼ୁଛୁ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଥଖଳାରୁ
# ଅନୁକୂଳ ପୂଜା ପରେ ଦଣ୍ଡାରେ କଣ୍ଟା ବାଡ଼ିଆ



ପୁରୀ ଅଫିସ, ୮।୬

ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ତିନିରଥର ଅଖ ଉପରେ ଦଣ୍ଡା ଫ୍ରେମ୍ ପଡ଼ି ପାଞ୍ଚ ଦଣ୍ଡା ଆଗ ଏବଂ ପଛ ମୁହାଁଟ ସଂଯୋଗ ହୋଇଛି। ଏଥିସହ ଆଗ ମୁହାଁଟରେ ୫ଟି ସାଲଗୁଜ, ପଛ ମୁହାଁଟରେ ୩ଟି ଜଳଯନ୍ତ୍ର ଏବଂ ୨ଟି ସାଲଗୁଜ ଉଠି ଗୁଜ ଉପରେ ନିରାଡ଼ି ପଡ଼ିଛି। ଦଣ୍ଡାରେ କଣ୍ଟା ବାଡ଼ିଆ ପୂର୍ବରୁ ତାଳଧ୍ୱଜ ରଥର ମୁଖ୍ୟ କମାର ସେବକ ଜଗନ୍ନାଥ ମହାରଣା, ଦେବଦଳନ ରଥର ମୁଖ୍ୟ କମାର ସେବକ କେଦାର ମହାରଣା ଏବଂ ନନ୍ଦିଘୋଷ ରଥର ମୁଖ୍ୟ କମାର ସେବକ ଦାଶରଥୀ ମହାରଣା ଦଣ୍ଡାରେ ମାଳ ମାହାର୍ଦ୍ଦ ରଖି ନଡ଼ିଆ ପିଟି ଅନୁକୂଳ ପୂଜା କରିଥିଲେ। ପରେ ତିନିରଥ ଦଣ୍ଡାରେ କଣ୍ଟା ବାଡ଼ିଆ ସମ୍ପନ୍ନ କରାଯାଇଛି। ତାଳଧ୍ୱଜ ରଥ ଦଣ୍ଡାଫ୍ରେମରେ ୭୭ ଦଣ୍ଡାକଣ୍ଟା ଲାଗେ। ମୋଟ ୧୨ଟି ବାହାର ତୁମ୍ବ ଦଣ୍ଡାକୋଣରେ ୩୮ଟି ଘଡ଼ିମୁହଁ ଦଣ୍ଡାକଣ୍ଟା ବାଡ଼ିଆ ଓ ଭିତର ଅଖ ଦଣ୍ଡା ଗୁଡ଼ିକରେ ୩୯ଟି ପୋଖରିଆ ଦଣ୍ଡାକଣ୍ଟା ବାଡ଼ିଆ ହୋଇଛି। ଦେବଦଳନ ରଥରେ ଭିତର ଅଖଦଣ୍ଡାରେ ୩୦ଟି ପୋଖରିଆ ଦଣ୍ଡା କଣ୍ଟା ଏବଂ ରଥ ଚାରି କୋଣରେ ୨୮ଟି ଘଡ଼ିମୁହଁ ଦଣ୍ଡା କଣ୍ଟା ଏହିପରି ମୋଟ ୫୮ କଣ୍ଟା ଲଗାଯାଇଛି। ନନ୍ଦିଘୋଷ ରଥର ଦଣ୍ଡା ଫ୍ରେମରେ ମୋଟ ୮୮ ଦଣ୍ଡାକଣ୍ଟା ଲାଗିଥାଏ। ଭିତର ଅଖ ଦଣ୍ଡାରେ ୪୮ଟି ପୋଖରିଆ ଅଖ ଦଣ୍ଡାକଣ୍ଟା ଓ ରଥ ଚାରିପଟେ ମୋଟ ୧୨ଟି ଦଣ୍ଡା କୋଣରେ ୪୦ ଘଡ଼ିମୁହଁ ଦଣ୍ଡା କଣ୍ଟା ବସିଛି। ତିନି ରଥର ଦଣ୍ଡା ଫ୍ରେମରେ କଣ୍ଟା ବସିବା ପରେ ଦୁଇଟି ଲେଖାଏ ଗରଗରା ଉଠିଛି। ଗରଗରାରେ କ୍ଲାମ୍ପ ଖୋଦେଇ ପରେ କଣ୍ଟା ବାଡ଼ିଆ ହେବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଲେଖାଏ ଗୟଳରୁ ୧୧ଟି ଲେଖାଏ ଏବଂ ଦେବଦଳନ ରଥର ମୋଟ ୭ଟିରୁ ୬ଟି ଗୟଳର ଚଉପଟ ସରିଛି। ତିନିରଥର ସିଂହାସନରେ କୁମ୍ଭ, ଡାଳି, ଲତା ଏବଂ ପଦ୍ମ ପାଖୁଡ଼ା ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନାଟ ଗୋଡ଼ ଗୁଡ଼ିକରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରହିଛି।

## ସଂକ୍ଷେପରେ

### କୋଣାର୍କ ଅର୍ବାନ ହାଟରେ କ୍ରାଫ୍ଟ ବଜାର

ଭୁବନେଶ୍ୱର,୮।୬(ବ୍ୟୁରୋ) - ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ଆର୍ଥିକ ସହାୟତାରେ ଓଡିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସହଯୋଗରେ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା କୋଣାର୍କସ୍ଥିତ ଅର୍ବାନ ହାଟଠାରେ କ୍ରାଫ୍ଟ ବଜାର ଖୋଲିଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ବଜାର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ତଥା ବାହାର ରାଜ୍ୟର ୧୦୦ଜଣ କାରିଗର ନିଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରୁଛନ୍ତି। ଶିଙ୍ଘ, ବାଉଁଶ, ବେତ, ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, କଣ୍ଢେଇ, ଲୌହ ଶିଳ୍ପ, ଲାଖ, ଆଦିବାସୀ ଜୁଏଲାରୀ, ଇମିଟେଶନ ଜୁଏଲାରୀ, ସବାଇ ଘାସ, କାଇଁଚ, କତା, ସମ୍ବଲପୁରୀ ବସ୍ତ୍ର ଓ ରୂପା ତାରକଶୀ ଆଦି ସାମଗ୍ରୀ ଏହି କ୍ରାଫ୍ଟ ବଜାରରେ ଉପଲବ୍ଧ ହେଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଏହି ବଜାରକୁ ଉଦ୍‌ଘାଟନ କରିଥିଲେ। ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଏହି ବଜାରର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

### ସାମାଜିକ ସୁରକ୍ଷା ଯୋଜନାରେ ଦୁର୍ନୀତି ଅଭିଯୋଗ

ପିପିଲି,୮।୬(ସ୍ୱ.ପ୍ର): ପିପିଲି ବ୍ଲକରେ ଆବାସ ଯୋଜନା ସମେତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବି କରିଛି। ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ମଙ୍ଗଳବାର ବିଡିଓ ରଶ୍ମିତା ନାଥଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ପିପିଲି ବ୍ଲକରେ ଆବାସ ଯୋଜନାରେ ହିତାଧିକାରୀ ଚୟନ, ମନୋନୟନ କାର୍ଯ୍ୟ ଆଦିରେ ଅନିୟମିତତା ହୋଇଛି। ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏମିତି ବି ଜଣେ ଦୁଇଟି ଘର ନେଇଛନ୍ତି। କେତେଜଣ ହିତାଧିକାରୀ ଆଦୌ ଘର କରି ନ ଥିଲେ ମଧ୍ୟ ପୂରା ଟଙ୍କା ଉଠାଇଛନ୍ତି। ମିଶ୍ର କହିଛନ୍ତି, ଏପରି ଅଭିଯୋଗ ପରେ ହାଟସାହି ଗ୍ରାମରେ ଆବାସ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀଙ୍କ ସମ୍ପର୍କରେ ବ୍ଲକ ଉନ୍ନୟନ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ଅନୁସାରେ କିଛି ତଥ୍ୟ ମଗାଯାଇଥିଲା। ଏଥିରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ତଥ୍ୟରୁ ଜଣାପଡିଥିଲା। ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବ ବୋଲି ବିଡିଓ କହିଛନ୍ତି।


ଶିଶୁ ଶ୍ରମିକ ଉଚ୍ଛେଦ ନେଇ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ,୮।୬:

ଶିକ୍ଷା ଓ ସୁରକ୍ଷା ଶିଶୁର ଅଧିକାର। ତେବେ କେତେକ କ୍ଷେତ୍ରରେ ଶିଶୁ ଏଥିରୁ ବଞ୍ଚିତ ହୋଇ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶିଶୁଙ୍କୁ ସମାଜ ମୁଖ୍ୟସ୍ରୋତରେ ସାମିଲ କରି ଶିକ୍ଷା ବ୍ୟବସ୍ଥା କରିବା ଲକ୍ଷ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏ ନେଇ ସଚେତନତା ଶୋଭାଯାତ୍ରାକୁ ବୁଧବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦଘାଟନ କରିଥିଲେ। ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ଶୋଭାଯାତ୍ରାରେ ଡିଭିଜିନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ଶ୍ରମ ଅଧିକାରୀ ଦିଲୀପ କୁମାର ପାଣି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ହାପିନେସ ଫାଉଣ୍ଡେଶନର ଟିମ୍ ଲିଡର ପ୍ରଦୀପ କୁମାର ଦାସ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ଆୟୁଷ ଆଥଲେଟିକ କ୍ଲବ, ସ୍ପନ୍ଦନ ଅନୁଷ୍ଠାନ, ନେହେରୁ ଯୁବକେନ୍ଦ୍ର ଏବଂ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଏବଂ ଶ୍ରମ ବିଭାଗ କର୍ମଚାରୀ ସାମିଲ ଥିଲେ।

# ୩.୫ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,୮।୬(ଡି.ଏନ.ଏ.)

କୋଣାର୍କ ଅବକାରୀ ବିଭାଗ ଅଧିକାରୀ ଦାୟିତ୍ୱରେ ଥିବା ସ୍ମିତା ପଣ୍ଡା ଟିମ୍ ସହ ଗୋପ ବ୍ଲକ ଅଞ୍ଚଳରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ନାୟକ ସାହି ଗ୍ରାମର ବିବେକାନନ୍ଦ ନାୟକ (୪୦)। ତାଙ୍କଠାରୁ ଗୋଟିଏ ବାଇକ୍ (ଓଆର୍- ୦୨-ଏଜେ-୬୦୯୪) ସହ ୩୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନମ୍ବର ୧୮/୨୨) ରୁଜୁ କରି ତଦନ୍ତ ଚାଲିଛି। ପ୍ରକାଶ ଯେ, ନିଶା କାରବାରକୁ ନେଇ ଏବେ ପୁରୀ ଅବକାରୀ ବିଭାଗ ଓ ପୁରୀ ପୋଲିସ ଅଡୁଆରେ ପଡ଼ିଥିବା ବେଳେ ଏହି ଦୁଇ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଜୋରଦାର ନିଶା କାରବାର ହେଉଛି। ବିଶେଷ କରି ଗୋପ ବଜାର ଛକ ନିକଟରେ ଥିବା ପୋଲିସ ବିଟ ହାଉସ ପଛପଟେ ବ୍ରାଉନ ସୁଗାର ସହିତ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ନୟାହାଟ ଫାଣ୍ଡି କଡ଼ରେ ମଧ୍ୟ ନିଶା କାରବାର ହେଉଥିବା ଅଭିଯୋଗ ରହିଛି। ବାରମ୍ବାର ଅବକାରୀ ବିଭାଗକୁ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଭଳି ସମୟରେ କୋଣାର୍କ ଅବକାରୀ ବିଭାଗ ବୁଧବାର ଗଣେଶ୍ୱରପୁର ପେଟ୍ରୋଲପମ୍ପ ନିକଟରେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛନ୍ତି। ନିଶା କାରବାର ଯୋଗୁ ଯୁବ ଗୋଷ୍ଠୀ ଏହାର ଶିକାର ହେଉଥିବା ଗୋପ ଅଞ୍ଚଳର ପ୍ରସ୍ତକାର ପୁନେଶ ସେନାପତି, ଶିକ୍ଷାବିତ ସତ୍ୟପୀର ନାୟକ, ସୁଶାନ୍ତ ନାଏକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ କିଛିଦିନ ମଧ୍ୟରେ କେତେଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ଅବକାରୀ କର୍ମଚାରୀଙ୍କ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଓ ଜବତ ବାଇକ୍।

## ବଟି ମାଗି ଯୁବକ ଗିରଫ

ଡେଲାଙ୍ଗ,୮।୬(ଡି.ଏନ.ଏ.)

ବଟି ମାଗିବା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ନହଳା ଗ୍ରାମର ଭରତ ବେହେରା (୧୯)। ଏ ନେଇ ପୋଲିସ ଏକ ମାମଲା (ନଂ. ୧୫୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ମଉନିମଠ ବଜାରରେ ଜଣେ ଯୁବକ ରାସ୍ତାରେ ବଟି ଆଦାୟ କରୁଥିବା ଖବର ପାଇ ପହଞ୍ଚିଥିଲା । ପୋଲିସ ଗାଡ଼ି ଦେଖି ଭରତ ଚାଲିଯିବାକୁ ବସିଥିଲେ। ପୋଲିସ ଗୋଡ଼ାଇ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ଏକ ଛୁରି ଓ ଟଙ୍କା ଜବତ କରାଯାଇଛି।

# ୧୪ ଅଭ୍ୟାସଗତ ଅପରାଧୀଙ୍କୁ ନୋଟିସ

- ଅପରାଧ ମୁକ୍ତ ପୁରୀ ଅଭିଯାନ
- ୭ ଜଣଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି

ପୁରୀ ଅଫିସ, ୮।୬

ପୁରୀ ସହରକୁ ଅପରାଧମୁକ୍ତ କରିବା ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ବୁଧବାର ୧୪ଜଣ ଅଭ୍ୟାସଗତ ଅପରାଧୀଙ୍କୁ ସିଆର୍‌ପିସି ଧାରା ୧୧୦ରେ ନୋଟିସ ଜାରି କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ତାଳବଣିଆ ଥାନା ଅଧୀନ ବିନୋବା ନଗରର ରତ୍ନାକର ସେଠୀ, କୁମୁଟି ପାଟଣା ଜଗନ୍ନାଥ କଲୋନୀର ଚନ୍ଦନ ପଣ୍ଡା, ବାସେଳୀସାହି ଥାନା ଅନ୍ତର୍ଗତ ମିଶ୍ର ନୋଳିଆ ସାହିର ତ୍ରିପତି ନାୟକ, ପାର୍ବତୀପୁରର ମୋହନ ଚନ୍ଦ୍ର ପଲାଇ, ମଙ୍ଗଳଘାଟର କାଳିଆ ପ୍ରଧାନ, ପାଇକ ସାହିର ଅର୍ଜ୍ଜୁନ ଷଣ୍ଢ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ୱାଟର ୱାର୍କସ ରୋଡ ଗୋରାକବର ଲେନ୍‌ର ଚୁନା ମଣ୍ଡଳ, ରାମଚଣ୍ଡୀ ଛକ ସାଲବେଗ ସାହିର ଗୁଡୁ ଜାଲି, ବଳିଆପଣ୍ଡା ଥାନାର ଗୌଡ଼ବାଡ ସାହିର ସତ୍ୟବ୍ରତ ପଣ୍ଡା, ମଙ୍ଗଳାସାହିର ଦୋଳଗୋବିନ୍ଦ ସାହୁ, କଳିଙ୍ଗ ବିହାରର ଆର୍ତ୍ତତ୍ରାଣ ସାହୁ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ତଳମାଳିସାହିର ରଖହରି ସ୍ୱାଇଁ, ନରେନ୍ଦ୍ରକୋଣ ହରିଜନ ବସ୍ତିର ବିଜୁ ନାୟକ ଏବଂ ଉପରମାଳିସାହିର ନୃସିଂହନାଥ ମହାନ୍ତି। ଏମାନଙ୍କ ବ୍ୟତୀତ ୭ଜଣଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି।

## ଆଶାକର୍ମୀଙ୍କୁ ଟଣାଓଟରା ଅଭିଯୋଗ, ଜଣେ ଗିରଫ

କଣାସ,୮।୬(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଞ୍ଚାୟତର କଉଡିଖଣି ଗ୍ରାମର ଖଣ୍ଡାୟତ ସାହିରେ ଜଣେ ଆଶାକର୍ମୀଙ୍କୁ ଜଣେ ବ୍ୟକ୍ତି ଆକ୍ରୋଶମୂଳକ ଭାବେ ଗାଳିଗୁଲଜ, ଟଣାଓଟରା କରିଥିବା ଗଡିଶାଗୋଦା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସୁକାନ୍ତ ସାହୁ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧୮୦/୨୨) ରୁଜୁ କରି ବୁଧବାର ସୁକାନ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସମ୍ପୃକ୍ତା ଆଶାକର୍ମୀଙ୍କୁ ମଙ୍ଗଳବାର ସୁକାନ୍ତ କୌଣସି କାରଣରୁ ଗାଳିଗୁଲଜ ଓ ଟଣାଓଟରା କରିଥିଲେ। ଏନେଇ ଆଶାକର୍ମୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

# ନୀଳାଚଳ ସାରସ୍ୱତ ସଂଘର ସୁବର୍ଣ୍ଣ ଜୟନ୍ତୀ

ନିମାପଡ଼ା,୮।୬(ଡି.ଏନ୍.ଏ.):

ନୀଳାଚଳ ସାରସ୍ୱତ ସଂଘ, ନିମାପଡ଼ା ଶାଖା ସଂଘର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ସାରସ୍ୱତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସଂଘର ରାଜ୍ୟ ସଭାପତି ଗଗନେନ୍ଦ୍ର ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ବିଶିଷ୍ଟ ଶିକ୍ଷାବିତ୍ ବୀରେନ୍ଦ୍ର ପଣ୍ଡା, ନିମାପଡ଼ା ଶାଖା ସଂଘର ସଭାପତି ଗୋପୀନାଥ ସାହୁ, ସମ୍ପାଦକ ଶରତଚନ୍ଦ୍ର ସାହୁ, ବରିଷ୍ଠ ଭକ୍ତ ସୁଧାକର ମନ୍ତ୍ରୀ, ଜୀବନାନନ୍ଦ ମହାପାତ୍ର, ଦୁର୍ଯ୍ୟୋଧନ ଖୁଣ୍ଟିଆ, ବିଷ୍ଣୁଚରଣ ନାୟକ, ପୂଜକ ଗଙ୍ଗାଧର ପତି ପ୍ରମୁଖ ଯୋଗଦେଇ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ମହିମା, ନୀତି, ଆଦର୍ଶ, ସଂଘର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଶୁଭ ଅଧିବାସ, ଷୋଡ଼ଶ ଉପଚାର ପୂଜା, ଆଳତି, ସ୍ତୋତ୍ର ବନ୍ଦନା, ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏଥିସହ ପ୍ରାର୍ଥନା ସଭା, ଶାସ୍ତ୍ରପାଠ, ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଘଣ୍ଟ, ବାଦ୍ୟ, ପ୍ରାର୍ଥନା, ଜୟଗୁରୁ ଧ୍ୱନି ଦ୍ୱାରା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ସମାରୋହରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# ହାତୀବେଶ ନିର୍ମାଣରେ ନିମଗ୍ନ କାରିଗର

ପୁରୀ ଅଫିସ, ୮।୬

ମହାପ୍ରଭୁଙ୍କର ବିଭିନ୍ନ ବେଶ ମଧ୍ୟରୁ ହାତୀବେଶ ବା ଗଜାନନ ବେଶ ଅନ୍ୟତମ। ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହୋଇଥାଏ। ଆସନ୍ତା ୧୪ ତାରିଖରେ ହାତୀବେଶ ଅନୁଷ୍ଠିତ ହେବାକୁ ଯାଉଛି। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ହାତୀବେଶରେ ସୁସଜ୍ଜିତ ହୋଇଥାନ୍ତି। ବାଲିସାହିସ୍ଥିତ ଗୋପାଳ ତୀର୍ଥ ମଠ ଏବଂ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖସ୍ଥ ଶ୍ରୀରାଘବ ଦାଶ ମଠ ପକ୍ଷରୁ ହାତୀବେଶ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଦୀର୍ଘ ଦୁଇବର୍ଷ ପରେ ଭକ୍ତଙ୍କ ଗହଣରେ ପବିତ୍ର ସ୍ନାନଯାତ୍ରା ହେବାକୁ ଯାଉଛି। ଶ୍ରଦ୍ଧାଳୁମାନେ ଦୁଇବର୍ଷ ପରେ ସ୍ୱଚକ୍ଷୁରେ ଦୁର୍ଲଭ ହାତୀବେଶ ବା ଗଜାନନ ବେଶ ଦର୍ଶନର ସୁଯୋଗ ପାଇବେ। ବଡ଼ଠାକୁର ବଳଭଦ୍ର ଧଳା ରଙ୍ଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ କଳା ରଙ୍ଗର ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଏହି ବେଶ ଲାଗି ଜୋରଦାର ପ୍ରସ୍ତୁତି ଚାଲିଛି। ପରମ୍ପରା ଅନୁଯାୟୀ, ଗତ ପବିତ୍ର ଅକ୍ଷୟ ତୃତୀୟାଠାରୁ ହାତୀବେଶ କାର୍ଯ୍ୟ ଅନୁକୂଳ ହୋଇଛି। ପ୍ରଶାସନଠାରୁ ଆରମ୍ଭ କରି ବେଶ ନିର୍ମାଣକାରୀ ସେବକମାନେ କାମରେ ଲାଗିଛନ୍ତି। ବେଶ ନିର୍ମାଣ ପାଇଁ ମୁଖ୍ୟତଃ ସୋଲ, କପଡ଼ା, କଦଳୀ ପାଟୁକା, ବିଭିନ୍ନ ପ୍ରକାରର ଜରି, ଜମ୍ବୁରା, ବିଭିନ୍ନ ପ୍ରକାର ଲେସ୍, ବାଉଁଶ କାଠି ଏବଂ କଇଁଥ ଅଠା ଆବଶ୍ୟକ ହୋଇଥାଏ। ସ୍ନାନଯାତ୍ରାକୁ ଆଉ ଏକ ସପ୍ତାହରୁ କମ୍ ସମୟ ଥିବା ବେଳେ ବେଶ ଜୋରସୋରରେ ଆଗେଇ ଚାଲିଛି। ବେଶ ନିର୍ମାଣକାରୀ ସେବକ ବସନ୍ତ କୁମାର ରଣା କହିଛନ୍ତି, କାରିଗରମାନେ ହବିଷାନ୍ନ ଖାଇ ଶୁଦ୍ଧପୂତ ଭାବେ ଠାକୁରଙ୍କ ବେଶ ନିର୍ମାଣ କରୁଛନ୍ତି। କାମ ସୁରୁଖୁରୁରେ ଚାଲିଛି। ଦରଜି ସେବକ ଓ ସେବକ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି। ନିର୍ଦ୍ଧାରିତ ସମୟରେ ବେଶ କାର୍ଯ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମା ଦିନ ଜଳବିଜେ ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳି ପ୍ରଥମେ ଗୋପାଳ ତୀର୍ଥ ମଠ ପରିସରକୁ ଯାଇଥାଏ। ସେଠାରୁ ବଡ଼ଠାକୁର ଶ୍ରୀବଳଭଦ୍ର ଏବଂ ଶ୍ରୀସୁଦର୍ଶନଙ୍କ ନିମନ୍ତେ ବେଶ ଆସିଥାଏ। ପରେ ରାଘବ ଦାଶ ମଠରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ସୁଭଦ୍ରାଙ୍କ ନିମନ୍ତେ ବେଶ ଅଣାଯାଇଥାଏ। ଜଳଲାଗି ନୀତି ପରେ ଠାକୁର ହାତୀବେଶରେ ସଜ୍ଜିତ ହୋଇ ଦର୍ଶନ ଦେଇଥାନ୍ତି।



**ରାଜ୍ୟସ୍ତରୀୟ ଓରିଏଣ୍ଟେସନ ପ୍ରଶିକ୍ଷଣ ଶିବିର**

ପିପିଲି,(ଡି.ଏନ୍.ଏ.): ପୁରୀ ଜିଲା ଟର୍ଗିଲ୍ ମୁଡୋ ସଂଘ ପକ୍ଷରୁ ପିପିଲି ବ୍ଲକ ତେରିଶପୁର ପଞ୍ଚାୟତ ଅନ୍ତର୍ଗତ ପୋତଙ୍ଗ କଲ୍ୟାଣ ମଣ୍ଡପଠାରେ ବୁଧବାର ରାଜ୍ୟସ୍ତରୀୟ ଓରିଏଣ୍ଟେସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ୧୫ ଜିଲାରୁ ୨୫ଜଣ ଯୁବତୀ ଯୁବକଙ୍କୁ ଓରିଏଣ୍ଟେସନର ନୂଆ ନିୟମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସଂଘ ସଭାପତି ରବି ନାରାୟଣ ରାଉତ, ସାଧାରଣ ସମ୍ପାଦକ ଲଲାଟ ପରିଡ଼ା, ଜିଲା ସଂଘ ସମ୍ପାଦକ ନିରଞ୍ଜନ ସାହୁ, ସହ ସମ୍ପାଦକ ଜନ୍ମେଜୟ ରଥ ଯୋଗଦେଇଥିଲେ। କୋଚ ଇନ୍ଦ୍ରଜିତ ପରିଡା, ବୈଷୟିକ ବିଭାଗ କୋଚ ଆଶିଷ ପ୍ରଧାନ, ପ୍ରତାପ ମାଝୀ ପ୍ରମୁଖ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ନୂତନ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଦୋକାନୀ ମୃତ, ଜଣେ ଗୁରୁତର

ବାଣପୁର,୮।୬(ଡି.ଏନ୍.ଏ.): ନାଚୁଣୀ ବଜାରର ନିକଟରେ ଥିବା ନିକଟରେ ଥିବା ମଣିପୁରମ ଗୋଲ୍ଡ ଲୋନ ସେଣ୍ଟରରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ଦୋକାନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦେବରାଜ ସେଠୀ। ଗୁରୁତର ମଣିପୁରମ ଗୋଲ୍ଡ ଲୋନ ସେଣ୍ଟରର ମ୍ୟାନେଜର ରାକେଶ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ମଣୀପୁରମ ଗୋଲ୍ଡଲୋନ ସେଣ୍ଟରରେ କୋଣସି କାରଣରୁ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ସେଠାରେ ଲାଗିଥିବା ଲୁହା ଗ୍ରୀଲରେ ବିଦ୍ୟୁତ ସଂଯୋଗ ହୋଇଯାଇଥିଲା। ଫଳରେ ଲଣ୍ଡ୍ରି ଦୋକାନୀ ଦେବରାଜ ଓ ରାକେଶ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ତଳେ ପଡିଯାଇଥିଲେ। ଏହା ପରେ ଲୋକେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେବରାଜଙ୍କୁ ମୃତ ଘୋଷଣା କରିଥିଲେ। ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ: ଟ୍ରଫି ଫାଇଟର ବିଜୟୀ

ବୋଲଗଡ଼,୮।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍କୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍କୁରିଆ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପଞ୍ଚମ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରାନୀ ବ୍ଲାଷ୍ଟର ଓ ଟ୍ରଫି ଫାଇଟର ଟିମ୍ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାନୀ ବ୍ଲାଷ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ବିନିମୟରେ ୬୧ରନ ସଂଗ୍ରହ କରିଥିଲା। ଜବାବରେ ଟ୍ରଫି ଫାଇଟର ୬.୫ ଓଭରରେ ୨ ଉଇକେଟ ବିନିମୟରେ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ପ୍ରଭଞ୍ଜନ ପରିଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବବୁ ଓ ସୋନୁ ମ୍ୟାଚ୍ ପରିଚାଳନା କରିଥିଲେ। ଖଙ୍କୁରିଆ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ

ଯାଁଳା,୮।୬(ଡି.ଏନ୍.ଏ.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱର ଆୟକର ବିଭାଗ ପକ୍ଷରୁ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ସରକାରୀ କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାପୀଠ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟକର ବିଭାଗ ଓଡ଼ିଶାର ମୁଖ୍ୟ ଓ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ୱାଇ. ରାଜେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଶ୍ରୀ ରାଜେନ୍ଦ୍ର ଦେଶ ଗଠନରେ ଆୟକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଆୟୁକ୍ତ ଧୀରେନ୍ଦ୍ର କୁମାର ମିଶ୍ର, ଆୟୁକ୍ତ ସରୋଜ କୁମାର ମହାପାତ୍ର, ଆୟୁକ୍ତ ଫାଗୁ ଓରାମ, ଦୀପି ଅଗ୍ରୱାଲ ଯୋଗଦେଇ ମାନବ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଟମାଝି, ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ବିଦ୍ୟାଳୟ ପୂର୍ବତନ ଛାତ୍ରସଂଘ ସଭାପତି କୀରିଟ ସାମନ୍ତରାୟ, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ଶ୍ରୀସୋମ୍ ପ୍ରମୁଖ ସହଯୋଗ କରିଥିଲେ।

# ମାନ୍ୟତା ମିଳିଛି, ଭିତ୍ତିଭୂମି ବିକାଶ ହେଉନି

ଖୋର୍ଦ୍ଧା ଅଫିସ,୮।୬


ସୀତାକୁଣ୍ଡରେ ଦଳ ଭର୍ତ୍ତି।


ମନ୍ଦିରକୁ ଯାଇଥିବା ଖାଲଖମା ରାସ୍ତା।

ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥ ଜାଗୁଲିପାଟଣାରେ ରହିଛି ଶ୍ରୀଅନନ୍ତ ପୁରୁଷୋତ୍ତମ(ହାତଗୋଡ଼ ଥାଇ ପୂର୍ଣ୍ଣ ବିଗ୍ରହ)ଦେବଙ୍କ ମନ୍ଦିର। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏହି ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ସରକାର ବହୁ ପ୍ରାଚୀନ ମଠ, ମନ୍ଦିର ଏବଂ ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ଓ ପୁନରୁଦ୍ଧାର ଲାଗି ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ବିକାଶ ପ୍ରତି ଗୁରୁତ୍ୱ ଦେଉଛନ୍ତି। ତେବେ ଏହି ମନ୍ଦିର ପ୍ରତି ସରକାର ଅଣଦେଖା କରୁଥିବା ସାଧାରଣରେ ମତପ୍ରକାଶ ପାଇଛି।

ଜାଗୁଲିପାଟଣା ଛକରୁ ମନ୍ଦିରକୁ ଯିବା ପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ମାଟିରାସ୍ତା ରହିଥିବା ବେଳେ ଅନ୍ୟପଟେ ରାଜପଥଠାରୁ ମନ୍ଦିରକୁ ଯିବା ଲାଗି ରାସ୍ତା ନିର୍ମାଣ କରାଯାଇଛି। ପ୍ରବେଶ ପଥରେ ହନୁମାନ ଏବଂ ଗଣେଶଙ୍କ ପ୍ରତିମୂର୍ତ୍ତି ଭଗ୍ନ ଅବସ୍ଥାରେ ରହିଥିବା ବେଳେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମନ୍ଦିର ସମ୍ମୁଖ ଭାଗକୁ ଛାଡିଦେଲେ ଚାରିପାଖ ଅନାବନା ଗଛଲତା ଉଠି ବଣ ପାଲଟି ଗଲାଣି। ମହାପ୍ରଭୁଙ୍କ ଦୈନିକ ରୀତିନୀତି ଲାଗି ତୁଳସୀ ଉଦ୍ୟାନ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ମଧ୍ୟ ସମାନ ଅବସ୍ଥା। ମନ୍ଦିରଠାରୁ କିଛି ଦୂରରେ ରହିଛି ଆରୁଣ୍ୟ କୁଣ୍ଡ। ଏହାକୁ ସୀତାକୁଣ୍ଡ କୁହାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମାରେ ଏହି କୁଣ୍ଡରୁ ସଂଗୃହୀତ ଜଳକୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଲାଗି କରାଯାଇଥାଏ। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି କୁଣ୍ଡରେ ଅନାବନା ଗଛର ଶୁଖିଲା ପତ୍ର ପଡ଼ିବା ସହ ଦଳ ମାଡିଗଲାଣି। ଆଉ ୫ଦିନ

**ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିର**
- ରାସ୍ତା ବିପର୍ଯ୍ୟସ୍ତ, ଚାରିପଟ ବଣ ପାଲଟି ଗଲାଣି
- ଭକ୍ତଙ୍କୁ ମିଳୁନି ମୌଳିକ ସୁବିଧା, ଗଡୁଛି ପୁରୁଣା ରଥ

ପରେ ଦେବସ୍ନାନ ପୂର୍ଣ୍ଣିମା। ଏପର୍ଯ୍ୟନ୍ତ କୁଣ୍ଡ ସଫା କରାଯାଇ ନ ଥିବା ଦେଖିବାକୁ ମିଳିଛି। ଏହି ମନ୍ଦିର ପରିଚାଳନା ଲାଗି ଟ୍ରଷ୍ଟ ବୋର୍ଡ ରହିଛି। ଖୋର୍ଦ୍ଧା ଉପଜିଲାପାଳ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ରହିଥିବା ବେଳେ ଅନ୍ୟମାନେ ସଦସ୍ୟ ରହିଛନ୍ତି। ଠାକୁରଙ୍କ ୨୨ ଏକରର ବିସ୍ତୀର୍ଣ୍ଣ କାଜୁ ଜଙ୍ଗଲ ରହିଛି। ପ୍ରତିବର୍ଷ ଏହି କାଜୁ ଜଙ୍ଗଲକୁ ଲକ୍ଷାଧିକ ଟଙ୍କାରେ ନିଲାମ ଦିଆଯାଇଥାଏ। ଏଥିସହିତ ମନ୍ଦିର ପରିସରରେ ବର୍ଷସାରା ମାଙ୍ଗଳିକ କାର୍ଯ୍ୟ କରିଥାନ୍ତି। ଏଥିଲାଗି ଭକ୍ତଙ୍କଠାରୁ ମନ୍ଦିର ପରିଚାଳନା କମିଟି ଦ୍ୱାରା ଧାର୍ଯ୍ୟ ଦର ଅନୁଯାୟୀ ରସିଦ ଦିଆଯାଇଥାଏ। ଏ ବାବଦକୁ ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ ହେଉଛି। ଏହା ସତ୍ତ୍ୱେ ମନ୍ଦିରର ଆଖିଦୃଶିଆ ବିକାଶ ହେଉ ନ ଥିବା ସହ ଭକ୍ତଙ୍କ ପାଇଁ ସେଭଳି କୌଣସି ସୁବିଧା ନ ଥିବା ବୁଧବାର ଭୁବନେଶ୍ୱରରୁ ଦର୍ଶନ କରିବାକୁ ଆସିଥିବା କେତେଜଣ ଭକ୍ତ ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରତିବର୍ଷ ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ତେବେ ଦୀର୍ଘବର୍ଷ ତଳେ ନିର୍ମାଣ ହୋଇଥିବା ରଥ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କ୍ଷୟ ହେବାକୁ ଲାଗିଲାଣି। ନୂତନ ରଥ ନିର୍ମାଣ ଲାଗି କମିଟି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମନ୍ଦିରର ପୁନରୁଦ୍ଧାର, ଭକ୍ତଙ୍କ ସୁବିଧା ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, କୋଭିଡ୍ କଟକଣା ଯୋଗୁ ମନ୍ଦିର ପରିଚାଳନା କମିଟି ସମୟସୀମା ଅବଧି ବୃଦ୍ଧି କରାଯାଇଥିଲା। ଏବେ ପୁଣି ନୂତନ କମିଟି ରହିଛି। ତେବେ କମିଟିରେ ଉପଜିଲାପାଳଙ୍କୁ ବାଦ୍ ଦେଲେ ଅନ୍ୟ କେଉଁମାନେ ରହିଛନ୍ତି, ସେ ସମ୍ପର୍କରେ ସାଧାରଣରେ ପ୍ରକାଶ କରାଯାଉନାହିଁ। ମନ୍ଦିର ସୁପରିଚାଳନା ନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି, ତାହାର ସାର୍ବଜନୀନ କରାଯିବା ଲାଗି ସାଧାରଣରେ ଦାବି ହେଉଛି।

## ଚିଲିକାରୁ ଘେରି ଉଚ୍ଛେଦ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

କୃଷ୍ଣପ୍ରସାଦ,୮।୬(ଡି.ଏନ୍.ଏ.)

ଚିଲିକାରୁ ଘେରି ଉଚ୍ଛେଦ ପ୍ରକ୍ରିୟା ପ୍ରଶାସନ ପକ୍ଷରୁ ବନ୍ଦ ନ ହେଲେ ଆଗାମୀ ଦିନରେ ଚିଲିକା ପେସାଦାର ମତ୍ସ୍ୟଜୀବୀ ମହାସଂଘ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛି। ଏ ନେଇ ମହାସଂଘ ସଭାପତି କେଳୁ ଚରଣ ଜେନାଙ୍କ ସଭାପତିତ୍ୱରେ ଚାରିଛକସ୍ଥିତ ଉଦୟନାଥ ପାଠାଗାରଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପସଭାପତି ଦାମୋଦର ଜେନା, ସମ୍ପାଦକ କବିରାଜ ମାଝୀ, ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ସମ୍ପାଦକ ବଟକୃଷ୍ଣ ତରେଇ, ସୁରେନ୍ଦ୍ର ନାଥ ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଦୀନବନ୍ଧୁ ଜେନା, ସତ୍ୟପ୍ରିୟ ଜେନା, ମନୋଜ ସାହୁ, ଶରତ ଚନ୍ଦ୍ର ଜେନା, ଗୋଲଖ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସରକାର ବିଚାର କରି ଘେରି ଉଚ୍ଛେଦରୁ ନ ଓହରିଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ମହାସଂଘ ପକ୍ଷରୁ କୃଷ୍ଣପ୍ରସାଦ ତହସିଲଦାର, ଆଇଆଇସି, ବିଡିଓ ଏବଂ ବ୍ରହ୍ମଗିରି ତହସିଲଦାର ଓ ଆଇଆଇସିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବା ମହାସଂଘ ସମ୍ପାଦକ କବିରାଜ ମାଝୀ କହିଛନ୍ତି।

# ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ


ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବେଗୁନିଆ,୮।୬(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଯାତ୍ରା ପଡ଼ିଆରେ ଚାଲିଥିବା ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ-୨୦୨୨' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀ ଓ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଅତିଥି ଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ଗୁମାନ୍‌ସିଂହ, ଆୟୋଜକ ମହୋତ୍ସବର ସଭାପତି ସରୋଜ କୁମାର ବେହେରା, ସମ୍ପାଦକ ରଞ୍ଜିତ୍ ତ୍ରିପାଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ପ୍ରସ୍ତୁତିରେ ବଲାଙ୍ଗୀରର

**ଢୋଲମହୁରୀ ନୃତ୍ୟରେ ଦର୍ଶକ ବିଭୋର**

ଢୋଲମହୁରି ତାଣ୍ଡବ ନୃତ୍ୟଶୈଳୀରେ ଗଜାନନ ସ୍ତୁତି ନୃତ୍ୟାଭିନୟରୁ କଳାକାରମାନେ ନୃତ୍ୟ ଆରମ୍ଭ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତି ଖୋର୍ଦ୍ଧାର ମନିପାଲ ଡ୍ୟାନ୍ସ ଗ୍ରୁପ୍‌ର ଗୁରୁବନ୍ଦନା ନୃତ୍ୟାଭିନୟରୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କଳାହାଣ୍ଡିର ଘୁମୁରା ନାଚ ଦର୍ଶକଙ୍କ ମନ ଛୁଇଁଥିଲା। ପରେ ନଟରାଜ ଡ୍ୟାନ୍ସ ଗ୍ରୁପ୍ ଓ ଗଞ୍ଜାମର ଯୋଡ଼ି ଶଙ୍ଖବାଦ୍ୟର ଧ୍ୱନି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବନ୍ଦେ ଉତ୍କଳ ଜନନୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତର ତାଳେ ତାଳେ କଳାକାରମାନେ ଅଭିନୟ କରିଥିଲେ। ସେହିପରି କୃତିତ୍ୱ ଅର୍ଜନ କରିଥିବା ୭ଜଣ ପ୍ରତିଭାଧାରୀଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷୟିତ୍ରୀ ନର୍ମଦା ପଣ୍ଡା, ବଂଶୀଧର ପାଣିଗ୍ରାହୀ ଓ ଚିନ୍ମୟ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ବେହେରା, କାଠମୁଖା ଶିଳ୍ପୀ ସତ୍ୟବ୍ରତ ସେଠୀ, ମଞ୍ଚ ଉପସ୍ଥାପକ ରତିକାନ୍ତ କହଲସିଂହ, ସାପଧରାଳି ଗଦାଧର ଚମ୍ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ସୂଚନାଥାଉ କି, ଗ୍ରାମର ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ବିଧିମୁତାବକ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞସ୍ଥଳରେ ଅତିଥି ଠାକୁର ଭାବେ ପୂଜା ପାଉଥିବା ୫ ଚଳନ୍ତି ପ୍ରତିମା ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ୫-ଟିରେ ସାମିଲ ହେଲା ୧୪ ବିଦ୍ୟାଳୟ

କୃଷ୍ଣପ୍ରସାଦ/କଣାସ,୮।୬(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୩ଟି ରୂପାନ୍ତରଣ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬ଟି ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକୁ ବୁଧବାର ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ନାରାୟଣ ବିଦ୍ୟାପୀଠ, ଚିଲିକା ନୂଆପଡ଼ା ଉଚ୍ଚ ବିଦ୍ୟାଳୟକୁ ୫-ଟି ରୂପାନ୍ତରିତ ସ୍କୁଲ ଭାବେ ଉଦ୍‌ଘାଟିତ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୁ ଚରଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁ, ବ୍ଲକ ମୁଖ୍ୟ କିରାଣି କୁବେର ଜେନା, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ପୁରାତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ଜେନା, ପରିଚାଳନା କମିଟି ସଦସ୍ୟ ରତ୍ନାକର ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠକୁ ମଧ୍ୟ ୫-ଟି ରୂପାନ୍ତରିତ ସ୍କୁଲ ଭାବେ ଉଦ୍‌ଘାଟିତ କରାଯାଇଥିଲା। ଶିକ୍ଷକ ନିକୁଞ୍ଜ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ସିଂହ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, ବସନ୍ତ ମଞ୍ଜରୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗାଚରଣ ସ୍ୱାଇଁ, ପୁରାତନ ଛାତ୍ରସଂସଦ ସଭାପତି ପ୍ରମୋଦ କୁମାର ପରିଡ଼ାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସେହିପରି କଣାସ ବ୍ଲକର ୮ଟି ୫-ଟି ବିଦ୍ୟାଳୟ ଉଦ୍‌ଘାଟତ ହୋଇଛି। ବିଦ୍ୟାଳୟଗୁଡିକ ହେଲା କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ତିପୁରୀ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗଡବଡପୁଟ ଉଚ୍ଚ ବିଦ୍ୟାଳୟ, କରମଳାର ଅଭିରାମ ବିଦ୍ୟାପୀଠ, ଗଡିଶାଗୋଦାର ଗୋପୀନାଥ ବିଦ୍ୟାଳୟ, ଓହ୍ଲାଣର ଗ୍ରାମେଶ୍ୱର ବିଦ୍ୟାପୀଠ, ଝାରଡର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ। ଏହି ଉତ୍ସବରେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ ଉପସ୍ଥିତ ଥିଲେ।

## ରଜ ପାଇଁ ସଜେଇ ହେଉଛି ମା' ଉଗ୍ରତାରା ପୀଠ

ନିରାକାରପୁର,୮।୬(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ମୂଳୀଝର ହାତୀଆ ପାହାଡ଼ ପାଦ ଦେଶରେ ଅବସ୍ଥିତ ଓଡ଼ିଶା ପ୍ରସିଦ୍ଧ ମା' ଉଗ୍ରତାରାଙ୍କ ପୀଠରେ ଚଳିତବର୍ଷ ରଜ ମହୋତ୍ସବ ପର୍ବ ପାଳନ କରାଯିବ। ଏଥିପାଇଁ ମନ୍ଦିର ସମେତ ଏହାର ଚତୁଃପାର୍ଶ୍ୱ ସଫା କରାଯିବା ସହିତ ରଙ୍ଗ ଦିଆଯାଉଥିବା ଦେଖିବାକୁ ମିଳିଛି। ଏଠାରେ ସାତ ଦିନ ଧରି ରଜ ମହୋତ୍ସବ ପାଳିତ ହେଉଥିବାବେଳେ ଦୀର୍ଘ ମାସେ ଧରି ଏଠାରେ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇଥାଏ। କୃଷି ଭିତ୍ତିକ ସାମଗ୍ରୀ, ବିଭିନ୍ନ କାଠ ଓ ପଥର ସାମଗ୍ରୀ, ଏପରିକି ବିଭିନ୍ନ ଘର କରଣା ସାମଗ୍ରୀ ବିକ୍ରି ହୋଇଥାଏ। ବହୁ ଦୂରାନ୍ତରୁ ଏଠାକୁ ବେପାରୀମାନେ ଆସିଥାନ୍ତି। ସେହିପରି ଯାତ୍ରା ମହୋତ୍ସବ ଦେଖିବାକୁ ଜିଲା ସମେତ ଜିଲା ବାହାରୁ ଲୋକଙ୍କ ସମାଗମ ହୋଇଥାଏ। କୋଭିଡ୍ କଟକଣା ଯୋଗୁ ୨ବର୍ଷ ହେବ ରଜ ମହୋତ୍ସବ ବନ୍ଦ ରହିଥିଲା। ଚଳିତ ବର୍ଷ କଟକଣା କୋହଳ ହେବା ପରେ ଏହି ମହୋତ୍ସବରେ ବହୁ ଲୋକଙ୍କ ସମାଗମ ହେବ ବୋଲି ପୂଜକ ମନୋରଞ୍ଜନ ସାମନ୍ତରାୟ କହିଛନ୍ତି।

## ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧନା

ବାଲୁଗାଁ/ବାଣପୁର/ନିରାକାରପୁର, ୮।୬(ଡି.ଏନ୍.ଏ.)



ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କୁ ବୁଧବାର ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ବାଲୁଗାଁ, ବାଣପୁର ଏବଂ ନାଚୁଣୀରେ ଦଳୀୟ ସମର୍ଥକ, ବିଭିନ୍ନ ଅନୁଷ୍ଠାନ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲୁଗାଁରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ଦଳୀୟ କର୍ମକର୍ତ୍ତା ଏବଂ ଚିଲିକା ପ୍ରେସ୍ କ୍ଲବର ସଦସ୍ୟମାନେ ମାମୁଁଭଣଜା ପାହାଡ଼ଠାରେ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧନା ଦେବା ସହ ଶୋଭାଯାତ୍ରାରେ ବାଲୁଗାଁ ପରିକ୍ରମା କରାଇଥିଲେ। ଏହାପରେ ବାଣପୁର ଗସ୍ତ କରି ମା' ଭଗବତୀଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ବାଣପୁରରେ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ନିରାକାରପୁର ଏବଂ ଟାଙ୍ଗୀ ମିଡିଆ ସେବାସଂଘ ପକ୍ଷରୁ ମା' ଉଗ୍ରତାରା ଛକ ଠାରେ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ନିରାକାରପୁର ଖବରଦାତା ସଂଘର ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଟାଙ୍ଗୀ ମିଡିଆ ସେବାସଂଘ ସଭାପତି ରବୀନ୍ଦ୍ର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀଙ୍କ ନେତୃତ୍ୱରେ କାହ୍ନୁଚରଣ ବେହେରା, ରମେଶ ଚନ୍ଦ୍ର ବେହେରା, ଭାଗୀରଥି ଛୋଟରାୟ, ଦେବୀପ୍ରସାଦ ଦାସ, ଆଲୋକ ମହାରଣା, ମହେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସାମାଜିକ କର୍ମୀ ସଚିନ ବଳିୟାରସିଂହ, ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ, ନୂଆଗଡ଼ ସରପଞ୍ଚ ରଘୁନାଥ ମାଝି, ସମିତି ସଭ୍ୟା ଗୀତାଞ୍ଜଳି ପାଢଶାଣୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ।

# ହିନ୍ଦୀ ଭାଷା ପ୍ରୟୋଗକୁ ଗୁରୁତ୍ୱ

ଜଟଣୀ,୮।୬(ଡି.ଏନ୍.ଏ.)

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ୧୪୦ତମ ମଣ୍ଡଳ କାର୍ଯ୍ୟାଳୟ ଭାଷା ପ୍ରୟୋଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ କନ୍ଫରେନ୍ସ ହଲ୍‌ରେ ଆୟୋଜିତ ବୈଠକରେ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ରାଜଭାଷା ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପର ମୂଲ୍ୟାଙ୍କନ କରାଯାଇଥିଲା। ଗୃହ ମନ୍ତ୍ରଣାଳୟର ବାର୍ଷିକ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ହିନ୍ଦୀ ଭାଷାର ପ୍ରୟୋଗ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟଗୁଡ଼ିକର ପାଳନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ରାୟ ମଣ୍ଡଳର ସମସ୍ତ ବିଭାଗ ହିନ୍ଦୀ ଭାଷାରେ କାମ କରିବା ସହିତ ମନ୍ତ୍ରଣାଳୟ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟା କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆୟୋଜିତ ହିନ୍ଦୀ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧାରୋଡ୍ ମଣ୍ଡଳର ବିଭିନ୍ନ ବିଭାଗ ଦ୍ୱାରା ହିନ୍ଦୀରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକୁ ଦର୍ଶାଇ ଏକ ରାଜଭାଷା ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ବୈଠକରେ ଅଶୋକ କୁମାର, ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), କଲ୍ୟାଣ ପଟ୍ଟନାୟକ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା), ସମସ୍ତ ଶାଖା ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉଷାରାଣୀ, ରାଜଭାଷା ଅଧିକାରୀ ସଂଯୋଜନା କରିଥିଲେ।

# ହାଇଦ୍ରାବାଦରୁ ଆସିଲା ଯୁବକଙ୍କ ମୃତଦେହ

ଖୋର୍ଦ୍ଧା ଅଫିସ,୮।୬

ହାଇଦ୍ରାବାଦରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବିଲଖଉରୁଣୀ ଗ୍ରାମର ଅକ୍ଷୟ ବେହେରା(୪୨)ଙ୍କ ମୃତଦେହ ବୁଧବାର ତାଙ୍କ ଗ୍ରାମରେ ପହଞ୍ଚିଛି। ଓଡ଼ିଶା ମୋ ପରିବାର ଓ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ମୃତଦେହ ଗ୍ରାମକୁ ଅଣାଯାଇଛି।

ସୂଚନା ମୁତାବକ, ଅକ୍ଷୟ ହାଇଦ୍ରାବାଦର ଏକ ହୋଟେଲରେ ଗତ ଦୁଇ ମାସ ହେବ ଚାକିରି କରୁଥିଲେ। ଗତ ୫ ତାରିଖରେ ହାଇଦ୍ରାବାଦ ଯୁବିଲି ହିଲ୍ସ ଥାନାର ଜଣେ ଅଧିକାରୀ ସଡ଼କ ଦୁର୍ଘଟଣାରେ ଅକ୍ଷୟଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ମୃତଦେହ ଗ୍ରାମକୁ ଆଣିବା ପାଇଁ ପରିବାର ଲୋକେ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ବେଗୁନିଆ ବିଧାୟକ ରାଜେନ୍ଦ୍ର

**ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା**



କୁମାର ସାହୁଙ୍କୁ ଅନୁରୋଧ କରିଥିଲେ। ବିଧାୟକ ସାହୁ ଏନେଇ ଓଡ଼ିଶା ମୋ ପରିବାର ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ମୋ ପରିବାର ପକ୍ଷରୁ ମୃତଶରୀର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏଥିସହିତ ବିଧାୟକ ଜିଲାପାଳଙ୍କୁ ରେଡ୍‌କ୍ରସ ପକ୍ଷରୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ଶୁଭକାନ୍ତ ମହାପାତ୍ର ଏହି ପ୍ରକ୍ରିୟାର ସଂଯୋଜନା କରିଥିଲେ। ବୁଧବାର ଅକ୍ଷୟଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗାଁକୁ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର ବେଳେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରଦୀପ ବେହେରା, ଆସଫ ଅଲି, ସତ୍ୟ ପ୍ରକାଶ ସାହ, ମୃତକଙ୍କ ସାନଭାଇ ରାମଚନ୍ଦ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼କୁମାରି ସରପଞ୍ଚ ଓ ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ବିଧାୟକ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ମୋ ପରିବାରର ମୁଖ୍ୟ ଅରୁପ କୁମାର ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ମୋ ପରିବାର ପକ୍ଷରୁ ମୃତକଙ୍କ ସହଧର୍ମିଣୀଙ୍କୁ ୩୦ହଜାର ଟଙ୍କା ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରଦାନ କରିଛନ୍ତି।

# ବାଘମାରୀ-ବେଗୁନିଆ ରାସ୍ତାରେ ହାତୀ, ଲୋକେ ଭୟଭୀତ

ଖୋର୍ଦ୍ଧା ଅଫିସ/ବେଗୁନିଆ, ୮।୬(ଡି.ଏନ୍.ଏ.)



ଜଙ୍ଗଲ କ୍ଷୟ, ଖାଦ୍ୟାଭାବ ଯୋଗୁ ହାତୀମାନେ ଗାଁମୁହାଁ ହେଉଛନ୍ତି। ଚନ୍ଦକା ଜଙ୍ଗଲରୁ ଏକ ଦନ୍ତା ଖାଦ୍ୟ ଲାଳସାରେ ବାଘମାରୀ-ବେଗୁନିଆ ରାସ୍ତାକୁ ଚାଲିଆସିଥିଲା। ଚାଷଜମି ଦେଇ ଦନ୍ତା ସହର ମୁହାଁ ହେବା ବେଳେ ଲୋକଙ୍କ ପାଟି ଶୁଣି କିଛି ସମୟ ରାସ୍ତାକଡ଼ ଜଙ୍ଗଲରେ ଅଟକି ରହିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବନ ବିଭାଗର ଏକ ଟିମ୍ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲା। ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ସମୟ ପରେ ହାତୀ କୁମ୍ଭିଲୋ ରାସ୍ତା ଦେଇ ଚନ୍ଦକା ଜଙ୍ଗଲକୁ ଚାଲିଯାଇଥିବା ବନ ଅଧିକାର ଜୟକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି। ବନ ବିଭାଗର ଏକ ଟିମ୍ ହାତୀ ପଛେ ପଛେ ଦୀର୍ଘ ବାଟ ଚାଲି ଚାଲି ତାକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଚନ୍ଦକା ଜଙ୍ଗଲରେ ଏକ ହାତୀ ଏକାକୀ ଘୂରିବୁଲୁଛି। ଅନେକ ସମୟରେ ଖାଦ୍ୟ ଲାଳସାରେ ଗାଁ ଏବଂ ସହରମୁହାଁ ହେଉଛି। ଜଙ୍ଗଲ ନିକଟ ଗାଁ ଦେଇ ବାଘମାରୀ ଆଡ଼େ ଆଉ କେତେବେଳେ କୁମାରବସ୍ତ ଦେଇ ଖୋର୍ଦ୍ଧା ଆଡକୁ ମୁହାଁଉଛି। ଚନ୍ଦକା ଏବଂ ବରୁଣେଇ ଜଙ୍ଗଲରେ ଏପଟସେପଟ ହେଉଥିବା ଜଣାପଡିଛି।

**ନାକେଦମ ବନ ବିଭାଗ, ଚାଲି ଚାଲି ଘଉଡ଼ାଇଲେ**

ପୂର୍ବରୁ ଚନ୍ଦକାରୁ ଆସିଥିବା ଏକ ହାତୀପଲ ଏବେ ଖୋର୍ଦ୍ଧା ବନଖଣ୍ଡରେ ରହିଛନ୍ତି। ସଞ୍ଜ ନଇଲେ ଗାଁମୁହାଁ ହେଉଛନ୍ତି। ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ହାତୀ ମଣିଷ ଲଢ଼େଇରେ କେତେବେଳେ ହାତୀ ତ ଆଉ କେତେବେଳେ ମଣିଷର ଜୀବନ ଯାଉଛି। ଗତ କିଛିମାସ ତଳେ ଭୂଷଣ୍ଡପୁର ରେଳଲାଇନ ପାର ହେବା ବେଳେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଦୁଇଟି ଦନ୍ତାର ମୃତ୍ୟୁ ଘଟିଥିଲା। ହାତୀ ନିୟନ୍ତ୍ରଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ସାଧାରଣରେ ଦାବି ହୋଇଛି। ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଜୁନ୍, ୨୦୨୨

## ଆୟକର ବିଭାଗ ପକ୍ଷରୁ ଯୋଗ ଶିବିର

**କଟକ ଅଫିସ:** କଟକସ୍ଥିତ ଆୟକର ବିଭାଗ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବର ଅଂଶବିଶେଷ ଆଇକନିକ ସପ୍ତାହ ପାଳନ କରାଯାଉଛି। ଏହି ସପ୍ତାହ ଗତ ୬ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ସସ୍ମିତା ମିଶ୍ର ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଆୟକର ନିରୀକ୍ଷକ ଶିବପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହିନ୍ଦୀ ଅନୁବାଦିକା ପ୍ରାତିମଞ୍ଜରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ଦେଶୀ ବନ୍ଧୁକ, ଗୁଳି ଜବତ

**କଟକ ଅଫିସ, ୮।୬:** ଦେଶୀ ବନ୍ଧୁକ ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ହାତରେ ବିକ୍ରେତା ଧରାପଡ଼ିଛନ୍ତି। ମଙ୍ଗଳବାର ବାଦାମବାଡ଼ି ଥାନା ପୋଲିସ ସମ୍ପୃକ୍ତ ବିକ୍ରେତା କେନ୍ଦ୍ରାପଡ଼ା ଜିଲା ସଦର ଥାନା ବାଗଡ଼ାର ମନୋରଞ୍ଜନ ସ୍ୱାଇଁ (୩୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ସହ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଛି। ଏନେଇ ବାଦାମବାଡ଼ି ଥାନାରେ ଏକ ମାମଲା (ନଂ. ୧୫୯/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ମନୋରଞ୍ଜନ କାଠଯୋଡ଼ି ନଦୀକୂଳସ୍ଥିତ ଖେଳପଡ଼ିଆ ନିକଟରେ ଦେଶୀ ବନ୍ଧୁକ ଓ ଗୁଳି ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏ ନେଇ ସବ୍‌ଇନ୍ସପେକ୍ଟର ଯୋଗେଶ କୁମାର ବେଜ୍‌ଙ୍କ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ଏସ୍‌ଆଇ ବେଜ୍ ଚଢ଼ାଉ କରି ମନୋରଞ୍ଜନଙ୍କୁ ଧରିଥିଲେ। ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି କାରବାରରେ ତାଙ୍କ ସହ ଆଉ କିଏ ସମ୍ପୃକ୍ତ ସେ ନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦିଲୀପ କୁମାର ମହାନ୍ତି କହିଛନ୍ତି।

### ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

**କଟକ ସଦର,୮।୬(ଡି.ଏନ୍.ଏ.):** କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଜିଏସ୍)ରେ ଚାଲିଥିବା ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା ବୁଧବାର ବିଡିଓ ରାଜୀବ ଲୋଚନ ପରିଡ଼ା କରିଛନ୍ତି। ପୋଖରୀ ଖୋଳା, ମାଟି ରାସ୍ତା କାମର ତଦାରଖ ପାଇଁ ବିଡିଓ କାର୍ଯ୍ୟସ୍ଥଳକୁ ଯାଇଥିଲେ। ପରମହଂସ, ନିମେଇସପୁର, କନ୍ଦରପୁର, ଆୟତପୁର, ଫକୀରପଡ଼ା, ବାରଦା, ଯାସପଡ଼ା, ଅରିଲୋ, ସୋମପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ସ୍ଥଳକୁ ଯାଇ ଶ୍ରମିକମାନଙ୍କର ହାଜିରା ଯାଞ୍ଚ କରିଥିଲେ। ଶ୍ରମଭିତ୍ତିକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ପାଇବା ପରେ ବିଡିଓ ପରିଡ଼ା କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଛନ୍ତି। କାମ ନ କରି ଅନେକ ଲୋକଙ୍କ ଆକାଉଣ୍ଟକୁ ମଜୁରି ଅର୍ଥ ଯିବା, ଅଧିକ ମଜୁରି ପ୍ରଦାନ, ଗ୍ରାମ ସାଥୀମାନଙ୍କ ପରିବାର ଲୋକଙ୍କ ନାମରେ ମିଥ୍ୟା ମଜୁରି ପ୍ରଦାନ ଭଳି ବିରୋଧୀ ଦଳର ଗୁରୁତର ଅଭିଯୋଗ କରିଥିଲେ। ଏ ନେଇ ବିଡିଓ କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ପରଖିବା ସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ଫେରିଥିଲେ। ବିଡିଓଙ୍କ ସହ ଅତିରିକ୍ତ ପ୍ରୋଗ୍ରାମ ଅଫିସର ଶୁଭଲକ୍ଷ୍ମୀ ଦାସ ମଧ ସମୀକ୍ଷାରେ ସାମିଲ ହୋଇଥିଲେ।

### ଖୁଣ୍ଟୁଣୀରୁ ଅପହୃତ ନାବାଳିକା ଗଞ୍ଜାମରୁ ଉଦ୍ଧାର

**ଖୁଣ୍ଟୁଣୀ,୮।୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ଗଞ୍ଜାମ ଜିଲାରୁ ଉଦ୍ଧାର କରିଛି। ଏଥିସହ ଅପହରଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ପଥରକଟା ଅଞ୍ଚଳର ପ୍ରଦୀପ ବିଶାଳ। ଏ ନେଇ ପୋଲିସ ମାମଲା (ନଂ. ୧୧୬/୨୨) ରୁଜୁ କରିଛି। ପ୍ରଦୀପ ୪ ତାରିଖରେ ଖୁଣ୍ଟୁଣୀ କଲେଜ ରୋଡ୍‌କୁ ଆସିଥିବାବେଳେ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିଲେ। ନାବାଳିକାଙ୍କ ପରିବାର ଲୋକ ୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଖୁଣ୍ଟୁଣୀ ଏସ୍‌ଆଇ ସୁନୀଲ ଆନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ରାତିରେ ଗୋଳନ୍ଥରା ଥାନା ଅଧୀନ ଏକ ହୋଟେଲ ରୁମରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରି ଆଣିଥିଲେ। ଉଭୟଙ୍କୁ ଖୁଣ୍ଟୁଣୀ ଅଣାଯାଇ ଡାକ୍ତରୀ ମାଇନା ପାଇଁ କଟକ ବଡ ଡାକ୍ତଖାନାକୁ ପଠାଯାଇଥିଲା।

# ଋଣଗ୍ରହୀତାଙ୍କୁ ସହଜରେ ଋଣ ମିଳୁ

**କଟକ ଅଫିସ, ୮।୬**

**ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ**
- ୫୬୫୯ ହିତାଧିକାରୀଙ୍କୁ ୧୨୩ କୋଟି ଟଙ୍କା ଋଣ ପ୍ରଦାନ
- ଋଣ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ୯୭୦୩ ବୀମାଭୁକ୍ତ

ପୁଞ୍ଜିନିବେଶ ଓ ତ୍ୱରିତ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବାର ସମୟ ଆସିଛି। ଏଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ଉପରେ ଜୋର ଦେବା ଆବଶ୍ୟକ। ଏଥିସହ ଋଣଗ୍ରହୀତାଙ୍କୁ ସହଜ ଓ ସରଳ ଉପାୟରେ ଋଣ ଉପଲବ୍ଧ କରାଇବା ମୂଳ ଲକ୍ଷ୍ୟ ହେଉ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ବୁଧବାର କଟକ ଜିଲା ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ କହିଥିଲେ, ବ୍ୟାଙ୍କ ଜରିଆରେ ଦିଆଯାଉଥିବା ଶିକ୍ଷାଋଣ ଦ୍ୱାରା ବିଶେଷ ଭାବେ ଗରିବ ଓ ମେଧାବୀ ପିଲା ଉପକୃତ ହେଉଛନ୍ତି। ସେହିପରି ନାବାର୍ଡର ସାଧାରଣ ପ୍ରବନ୍ଧକ ବି.ବି. ସାହୁ ଏବଂ ଶିଳ୍ପ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଟି. ବଦ୍ରିନାରାୟଣ ଯୋଗଦେଇ ସବୁବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ତଥା ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ସହାୟକ ହୋଇପାରିବେ ବୋଲି କହିଥିଲେ। ରାଜ୍ୟ ବ୍ୟାଙ୍କ ସମୂହର ପ୍ରମୁଖ ଅରୁପାନନ୍ଦ ଜେନା ଋଣ ପ୍ରଦାନ ନିମିତ୍ତ ବ୍ୟାଙ୍କଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସଂକ୍ରାନ୍ତରେ କହିଥିଲେ। କାର୍ଯ୍ୟକ୍ରମରେ ୫୬୫୯ ଜଣ ହିତାଧିକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କାର ଋଣ ଦିଆଯାଇଥିଲା। ଋଣ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ୯୭୦୩ ଜଣ ବୀମାଭୁକ୍ତ ହୋଇଥିଲେ। ଉଠାଦୋକାନୀ, ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଓ ଋଣ ଆବେଦନକାରୀଙ୍କ ସହ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ସତ୍ୟନାରାୟଣ ରାଉତ ଆଲୋଚନା କରିଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଜେଶ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ନିର୍ଦ୍ଦେଶକ ସୁକାନ୍ତ ଛାଟୋଇ, ରାଜୀବ କୁମାର ମିଶ୍ର ଏବଂ ଜିଲା ଅଗ୍ରଣୀ ବ୍ୟାଙ୍କର ଆଲୋକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀ।

## କୃଷକଙ୍କ ଉନ୍ନତି ପାଇଁ ସିଡିଏଙ୍କୁ ସ୍ମାରକପତ୍ର

**ବାଙ୍କୀ,୮।୬(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ତଥା ଚାଷୀମାନଙ୍କ ପକ୍ଷରୁ କୃଷି ଓ କୃଷକମାନଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଚିଲିକା ଉନ୍ନୟନ ପରିଷଦ କର୍ତ୍ତୃପକ୍ଷ(ସିଡିଏ)ଙ୍କୁ ଏକ ସ୍ମାରକପତ୍ର ବୁଧବାର ପ୍ରଦାନ କରାଯାଇଛି। ୨୦୨୧ରେ ଅଂଶୁପା ଜଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଚାଷଜମି ଜଳମଗ୍ନ ହୋଇଥିଲା। ଅଂଶୁପାକୁ ସଂଯୋଗ କରୁଥିବା କାବଲା ବନ୍ଧ ଭାଙ୍ଗିଯିବା ଦ୍ୱାରା ପ୍ରାୟ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହେଉଥିବାରୁ ଉକ୍ତ ଜମିରେ ଚାଷ କାର୍ଯ୍ୟ ବନ୍ଦ ହୋଇଯାଇଛି। ଗୋଡଘାଇ ବନ୍ଧ ପଥର ପ୍ୟାକିଂ କରାଯାଇ ବନ୍ଦ କରାଯିବା ଫଳରେ ଚାଷୀମାନଙ୍କର ଜମିକୁ ପାଣି ଯାଇପାରୁନାହିଁ। ବନ୍ଧର ମଧ୍ୟ ଭାଗରେ ସୁଇସ୍ ଗେଟ୍ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଉକ୍ତ ଗେଟ ସର୍ବଦା ତାଲା ପକାଇ ଦିଆଯାଇଛି। ଫଳରେ ଉକ୍ତ ଗେଟ୍ ଦେଇ ବନ୍ୟାଜଳ ଅଂଶୁପାରୁ ନିଷ୍କାସନ ହୋଇପାରୁନାହିଁ। ମହାନ୍ତି ଘାଇ ବନ୍ଧ ମରାମତି କରାଯାଇ ନ ଥିବାରୁ ଶହଶହ ଏକର ଜମି ବନ୍ୟା ସମୟରେ ଜଳମଗ୍ନ ହେଉଛି। ମହାନ୍ତି ଘାଇ ବନ୍ଧର ମରାମତି, ପଥରପ୍ୟାକିଂ ନିମନ୍ତେ ପଦକ୍ଷେପ ନିଆଯାଉ ଓ ଚାଷୀ କମିଟି ସହ ପରାମର୍ଶ କରି ଉକ୍ତ ବନ୍ଧରେ ୨ଟି ସୁଇସ୍ ଗେଟ ବ୍ୟବସ୍ଥା କରାଗଲେ ଚାଷୀଙ୍କୁ ଆବଶ୍ୟକ ପାଣି ମିଳିବ। ଆଗାମୀ ବନ୍ୟା ପୂର୍ବରୁ ଏ ସମ୍ପର୍କରେ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ଉପସଭାପତି ଗନ୍ଧର୍ବ ଦଳେଇ, ସମ୍ପାଦକ ଭୁବନାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ନାୟକ, ସହସମ୍ପାଦକ ଅରୁଣ ନାୟକଙ୍କ ସମେତ ଶତାଧିକ ଚାଷୀ ଏ ସମ୍ପର୍କରେ ଚିଲିକା ଉନ୍ନୟନ ପରିସରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ବାଙ୍କୀ ବିଧାୟକ, କଟକ ଜିଲାପାଳ, ବାଙ୍କୀ ଉପଜିଲାପାଳ, ନିର୍ବାହୀଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ ଆଠଗଡ଼ଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଇଛି।


କଟକ ତୁଳସୀପୁର ତନଳାସାହି ଓ ଦଳିତ ବିକାଶ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ସିଡିଏ ଫେଜ୍-୨ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

## ସାଲେପୁରରୁ ବାରବାଟୀ ଷ୍ଟାଡିୟମ୍ ଚାଲିଲା ମୋ ବସ୍

**ସାଲେପୁର,୮।୬(ଡି.ଏନ୍.ଏ.)**

ସାଲେପୁର ଜଗନ୍ନାଥ ମନ୍ଦିର ନିକଟରୁ କଟକ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ମୋ ବସ୍‌ର ଚାଲିବା ବୁଧବାର ଆରମ୍ଭ ହୋଇଛି। ଅନୁଷ୍ଠିତ ଉତ୍ସବରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମୋ'ବସ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ବସ୍‌ଟି ନିୟମିତ ସାଲେପୁରରୁ ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ନେବା ଆଣିବା କରିବ। କାର୍ଯ୍ୟକ୍ରମରେ ୪୬ ନଂ. ଜିଲାପରିଷଦ ସଭ୍ୟା ନମିତା ସେଠୀ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ନବକିଶୋର କର, ବିରଞ୍ଚି ନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, ବାଲିସାହି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ବିଭୂତି ଭୂଷଣ ଦାଶ, ରଶ୍ମି ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୨ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ

**ସାଲେପୁର,୮।୬(ଡି.ଏନ.ଏ.)**

ଲୋନ୍ କରାଇ ଦେବା ନାମରେ ୨ ଜଣ ମହିଳାଙ୍କଠାରୁ ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଜଣେ ଯୁବକ ଠକି ନେଇ ଆଉ ଧରାଛୁଆଁ ଦେଉନାହାନ୍ତି। ଏ ନେଇ ସମ୍ପୃକ୍ତ ମହିଳା ଦ୍ୱୟ ସାଲେପୁର ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସାଲେପୁର ଥାନା ଅନ୍ତର୍ଗତ ଚମାରିଗୋଳ ଗାଁର ମନୋରମା ସାହୁଙ୍କ ଅଭିଯୋଗ ମୁତାବକ ନେମାଳ ଥାନା ଅନ୍ତର୍ଗତ ଓରିକଣ୍ଡା ରାହାସସାହିର ଜଣେ ଯୁବକ ୧୨ ଲକ୍ଷ ଟଙ୍କା ଲୋନ୍ କରାଇ ଦେବାକୁ ତାଙ୍କୁ କହିଥିଲେ। ତାଙ୍କ ନାମରେ ଚେକ୍ ଦେଖାଇ ଏକ ଆକାଉଣ୍ଟ ଖୋଲି ପ୍ରାୟ ୯୦ହଜାର ଟଙ୍କା ନେଇଥିଲେ। କିଛିଦିନ ବିତିଗଲା ପରେ ଲୋନ୍ ନ ମିଳିବାରୁ ମନୋରମା ବାରମ୍ବାର ଯୁବକ ଜଣଙ୍କୁ ଫୋନ୍ କଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ମନୋରମା ବାଧ୍ୟ ହୋଇ ଯୁବକଙ୍କ ଘରକୁ ଯାଇଥିଲେ। ହେଲେ ସେ ଓ ତାଙ୍କ ପରିବାର ଲୋକ ତାଙ୍କୁ ଦେଖି ଲୁଚିଥିଲେ। ଏ ନେଇ ମନୋରମା ଶେଷରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପିକୋଳ ଗାଁର ପ୍ରଭାତୀ ସାହୁଙ୍କଠାରୁ ପ୍ରାୟ ବର୍ଷେ ତଳେ ଯୁବକ ଜଣ ୫ଲକ୍ଷ ଟଙ୍କାର ଲୋନ୍ କରାଇ ଦେବାକୁ କହି ୨୨ ହଜାର ଟଙ୍କା ଠକି ନେଇଥିଲେ। ସେ ମଧ୍ୟ ସାଲେପୁର ଥାନାରେ ଯୁବକ ଜଣକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଥିବା ଜଣାଯାଇଛି।

## ଖୁଣ୍ଟୁଣୀ ପିଏଚ୍‌ସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ଆଲୋଚନା

**ଭୁବନେଶ୍ୱର,୮।୬(ବ୍ୟୁରୋ)**

କଟକ ଜିଲା ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ପ୍ରସ୍ତାବ ଉପରେ ବୁଧବାର ଲୋକସେବା ଭବନଠାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ କୁମାର ଶର୍ମା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପ୍ରସ୍ତାବର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଖୁଣ୍ଟୁଣୀଠାରୁ ୧୫ କି.ମି. ଦୂର ବରହମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆଠଗଡ଼ ସବ୍‌ଡିଭିନାଲ ହସ୍ପିଟାଲ୍‌ଠାରୁ ୨୦ କିଲୋମିଟର ଦୂରରେ ଏହି ପିଏଚ୍‌ସି ଅବସ୍ଥିତ। ଏହା ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି। ନିକଟବର୍ତ୍ତୀ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଯୋଗୁ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧାରେ ଓ ହାତପାଆନ୍ତାରେ ଯୋଗାଇଦେବା ନିମନ୍ତେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡ. ଅଜିତ କୁମାର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ଡ. ପରେଶ ଚନ୍ଦ୍ର ମିଶ୍ର, କଟକ ସିଡିଏମ୍‌ଓ ଡ. ଏସ୍. ବି. ଛୋଟରାୟ, ଆଠଗଡ଼ ସବ୍‌ଡିଭିଜନାଲ ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଡ. ବି.କେ. ମିଶ୍ର ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଜସ୍ମିନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମାହୁତି ନିଷ୍ପତ୍ତି ସ୍ଥଗିତ ରଖିଲେ ସାମାଜିକ କର୍ମୀ

**ଖୁଣ୍ଟୁଣୀ,୮।୬(ଡି.ଏନ୍.ଏ.)**

ଖୁଣ୍ଟୁଣୀ ସରକାରୀ ପ୍ରାଥମିକ ଚିକିତ୍ସାଳୟକୁ ଅପଗ୍ରେଡେସନ କରି ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅବହେଳାର ପ୍ରତିବାଦରେ ଆସନ୍ତା ୧୪ ତାରିଖ ପ୍ରଥମ ରଜରେ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ହେଉଥିବା ସାମାଜିକ କର୍ମୀ ଗୌରହରି ମହାନ୍ତି ଆତ୍ମାହୁତି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛନ୍ତି। ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚଇନିଙ୍କ ସରକାରୀ ବାସଭବନ କାର୍ଯ୍ୟାଳୟରେ ଅଳକାରାଣୀ ଦେବତା, ଡେପୁଟି କଲେକ୍ଟର ରାଜଲକ୍ଷ୍ମୀ ଓଝା ଓ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ଉପସ୍ଥିତିରେ ଗୌରହରିଙ୍କୁ ବୁଝାଇବା ସହ ଅଦାଲତଙ୍କ ଆଦେଶକୁ ମାନିବାକୁ କହିଥିଲେ। ଏହାକୁ କିଭଳି ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ ସେଥିଲାଗି ଡେପୁଟି କଲେକ୍ଟର ଓଝାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରି ସାସ୍ଥ୍ୟ ସଚିବଙ୍କ ଠାରୁ ଡାକ୍ତରଖାନାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିବରଣୀ ଆଣିବାକୁ ପରାମର୍ଶ ଦେଇଥିଲେ। ଗୌରହରି ଜିଲାପାଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପରେ ସମ୍ମାନ ଜଣାଇ ତାଙ୍କ ଆତ୍ମାହୁତି କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖିଥିବା ଲିଖିତ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

## ଅମୃତ ସରୋବର ଯୋଜନାରେ ୫ ପୋଖରୀ ସାମିଲ

**କଟକ ସଦର,୮।୬(ଡି.ଏନ୍.ଏ.)**

କେନ୍ଦ୍ରୀୟ ଯୋଜନା ଅମୃତ ସରୋବର ଯୋଜନାରେ କଟକ ସଦର ବ୍ଲକର ୫ଟି ପଞ୍ଚାୟତକୁ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ପରମହଂସର ମହୁରା ପୋଖରୀ, ପ୍ରହରାଜପୁରର ବାଲିଗଡ଼ିଆ, ବେଣ୍ଟକାରର ବାଲି ପୋଖରୀ, ଦଧିବାମନପୁର ନୂଆ ପୋଖରୀ ଓ ବ୍ରହ୍ମପୁର ଭୁଆଡ଼ିଆ ପୋଖରୀ। ଏହି ପଞ୍ଚାୟତଗୁଡ଼ିକର ପୋଖରୀ ପିଛା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜଳ ସଙ୍କଟ ବେଳେ ସ୍ଥାନୀୟ ଲୋକମାନେ ଏହି ପୋଖରୀ ଦ୍ୱାରା ଉପକୃତ ହୋଇପାରିବେ। କଟକ ସଦର ବିଡିଓଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ପଞ୍ଚାୟତର ୫ ପୋଖରୀକୁ ପରିଦର୍ଶନ କରିଥିଲେ। ପ୍ରହରାଜପୁର ଓ ପରମହଂସ ପଞ୍ଚାୟତ ପୋଖରୀ ପାଇଁ ଜଳର ଉତ୍ସ କେନାଲ ହୋଇଥିବା ବେଳେ ୪୨ ମୌଜାର ବେଣ୍ଟକାର, ଦଧିବାମନପୁର, ବ୍ରହ୍ମପୁର ପଞ୍ଚାୟତ ପୋଖରୀ ସମ୍ପୂର୍ଣ୍ଣ ବର୍ଷା ଜଳ ଉପରେ ନିର୍ଭର କରିବ ବୋଲି ଟିମ୍ ଅଧିକାରୀ କହିଥିଲେ।

## ପୁନିତ ସାଗର ଅଭିଯାନ ଉଦ୍‌ଘାଟିତ




**କଟକ ଅଫିସ/ ବାଙ୍କୀ, ୮।୬(ସ୍ୱ.ପ୍ର.)**

**ସ୍ୱଚ୍ଛ ମହାସାଗର, ବେଳାଭୂମି ସଚେତନତା ବାର୍ତ୍ତା ଦେଲେ ଏନ୍‌ସିସି କ୍ୟାଡେଟ୍**

ବିଶ୍ୱ ମହାସାଗର ଦିବସରେ ବୁଧବାରଠାରୁ ଓଡ଼ିଶାସ୍ଥିତ ନ୍ୟାଶନାଲ କ୍ୟାଡେଟ୍ କର୍ପ୍ସ (ଏନ୍‌ସିସି) ନିର୍ଦ୍ଦେଶାଳୟ ପକ୍ଷରୁ ପୁନିତ ସାଗର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ସପ୍ତାହେ ବ୍ୟାପୀ ଚାଲିବା ସହ ୧୪ ତାରିଖରେ ଉଦ୍‌ଯାପନ ହେବ। ଏହି ଅବସରରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏନ୍‌ସିସି ଗ୍ରୁପ କଟକର ଯୁବ କ୍ୟାଡେଟ୍‌ମାନେ ସ୍ୱଚ୍ଛ ମହାସାଗର ଓ ବେଳାଭୂମି ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପ୍ରଥମ ଦିନ ଏନ୍‌ସିସି କଟକ-୧ (ଓ) ବାଟାଲିୟନ ପକ୍ଷରୁ ପାରାଦୀପରେ ପର୍ଯ୍ୟଟକ ଓ ଦୋକାନୀଙ୍କୁ ସମୁଦ୍ରତଟ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଇଛି। ସେହିପରି ଏନ୍‌ସିସି ଭୁବନେଶ୍ୱର-୧ (ଓ) ବାଳିକା ବାଟାଲିୟନ ବାଙ୍କୀସ୍ଥିତ ରିସାଇକ୍ଲିଂ ପ୍ଲାଣ୍ଟ ପରିଦର୍ଶନ କରିବା ସହିତ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତାରେ ଭାଗ ନେଇଥିଲା। ଏନ୍‌ସିସି ଭଦ୍ରକ-୨ (ଓ) ନାଭାଲ ୟୁନିଟ୍ ପକ୍ଷରୁ ବୈତରଣୀ ନଦୀକୂଳ ଓ ଭଦ୍ରକର ଖରସପୁର ସମୁଦ୍ର ତଟ ସଫା କରାଯାଇଥିଲା। ବିଭିନ୍ନ ସ୍ଥାନରେ ମୋଟ ୫୦୯ କ୍ୟାଡେଟ୍ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ସମୁଦ୍ରତଟକୁ ସ୍ୱଚ୍ଛ ରଖିବା ପାଇଁ ଏନସିସି ପକ୍ଷରୁ ସଚେତନତା ନିମନ୍ତେ ରାଷ୍ଟ୍ରବ୍ୟାପୀ ପୁନିତ ସାଗର ଅଭିଯାନ ଆରମ୍ଭ କରାଯାଇଛି। ପୂର୍ବରୁ ଅନୁଷ୍ଠିତ ଅଭିଯାନରେ ଜଳରାଶିରୁ ପ୍ଲାଷ୍ଟିକ ସଂଗ୍ରହ ଓ ରିସାଇକ୍ଲିଂ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

## ପ୍ରାଚୀନଦୀକୁ ଖୋଳି ରାସ୍ତା ନିର୍ମାଣ ଅଭିଯୋଗ

**କଣ୍ଟାପଡା,୮।୬(ଡି.ଏନ୍.ଏ.)**

**ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି**

କଟକ ଜିଲା ଜଳନିକାଶ(ଡ୍ରେନେଜ) ଡିଭିଜନ ଅଧୀନ ପ୍ରାଚୀନଦୀର କଣ୍ଟାପଡ଼ାସ୍ଥିତ ସଳେଇବେଦପୁର ନିକଟରେ ପ୍ରାଚୀନଦୀର ଜଳ ନିଷ୍କାସନ ପଥକୁ ଅବରୋଧ କରିବା ସହ ପ୍ରାଚୀ ନଦୀରୁ ବେଆଇନ ଭାବେ ବାଲିଖୋଳି ଅଡଶପୁର ଅଞ୍ଚଳର ଜଣେ ବ୍ୟକ୍ତି ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ତେଣୁ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ ସଂଗଠନ ପ୍ରାଚୀ ପ୍ରଜ୍ଞା ପକ୍ଷରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ଖବର ଅନୁଯାୟୀ, ସଳେଇ ବେଦପୁର ନିକଟରେ ପ୍ରାଚୀନଦୀର ଦକ୍ଷିଣ ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କର ଫାର୍ମହାଉସ ରହିଛି। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଫାର୍ମହାଉସକୁ ରାସ୍ତା ସଂଯୋଗ ପାଇଁ ପ୍ରାଚୀନଦୀ ଉପରେ ରାସ୍ତା ନିର୍ମାଣ କରୁଛନ୍ତି। ଏପରିକି ଉକ୍ତ ନଦୀବାଲିକୁ ହିଁ ନିଜ ରାସ୍ତା ନିର୍ମାଣ ପାଇଁ ବ୍ୟବହାର କରୁଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ବର୍ଷାଦିନର ଉଦବୃତ୍ତ ଜଳରେ ଉପରମୁଣ୍ଡରେ ଥିବା କେତେକ ପଞ୍ଚାୟତର ଚାଷ କ୍ଷତିଗ୍ରସ୍ତ ହେବ। ତେଣୁ ଏହି ବେଆଇନ ରାସ୍ତା ନିର୍ମାଣ ବନ୍ଦ କରିବା ଓ ପ୍ରାଚୀକୁ ଖୋଳୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାଚୀପ୍ରଜ୍ଞାର ପରିଚାଳନା ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ରଙ୍କ ନେତୃତ୍ୱରେ ଉପସଭାପତି କବିନାରାୟଣ ଜେନା, ସଦସ୍ୟ ବିଷ୍ଣୁ ନାୟକ, ରମେଶ ପ୍ରଧାନ ପ୍ରମୁଖ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୋଗ ମିଳିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାହୀଯନ୍ତ୍ରୀ ବିଭାଗୀୟକର୍ମଚାରୀଙ୍କୁନିର୍ଦ୍ଦେଶଦେଇଛନ୍ତି।


ପ୍ରାଚୀପ୍ରଜ୍ଞା ପରିଚାଳନା ଟ୍ରଷ୍ଟି ପକ୍ଷରୁ ନିର୍ବାହୀଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଦାବିପତ୍ର ଦିଆଯାଉଛି।

## ପରିମଳ, ବସ୍ତିବାସିନ୍ଦାଙ୍କ ସମସ୍ୟା ନେଇ ତାଲିମ

**କଟକ ଅଫିସ,୮।୬**

**କର୍ପୋରେଟରଙ୍କ ପ୍ରଶିକ୍ଷଣ କର୍ମଶାଳା**

କର୍ନାଟକ ଓ ତାମିଲନାଡୁ ପରେ ଦେଶର ତୃତୀୟ ରାଜ୍ୟ ଭାବେ ଓଡ଼ିଶାରେ ଆରମ୍ଭ ହୋଇଛି କର୍ପୋରେଟରଙ୍କ ପାଇଁ ପ୍ରଶିକ୍ଷଣ କର୍ମଶାଳା। ଏଥିରେ କଟକ ମେୟର, ଡେପୁଟି ମେୟର, କମିଶନରଙ୍କ ସହିତ ନଗର ଉନ୍ନୟନ ବିଭାଗ ଓ ୫-ଟି ବିଭାଗର ଅଧିକାରୀ ଯୋଗଦେଇ କଟକ ମହାନଗର ନିଗମ(ସିଏମ୍‌ସି) କର୍ପୋରେଟରମାନଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ମେୟର ସୁବାସ ସିଂଙ୍କ ପ୍ରୟାସକ୍ରମେ ପ୍ରଥମଥର କଟକ ଚହଟାସ୍ଥିତ ଏକ ହୋଟେଲରେ ଏହି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସଂଗ୍ରାମଜିତ ନାୟକ ଯୋଗଦେଇ ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା, ସ୍ୱତନ୍ତ୍ର ସଚିବ ସଞ୍ଜୟ ପ୍ରାମାନିକ, କଲ୍ୟାଣ ରଥ, ଅତିରିକ୍ତ ସଚିବ ସୁଶାନ୍ତ ମିଶ୍ର, ଯୁଗ୍ମ ସଚିବ ଅଶୋକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଜାଗା ମିଶନରେ ଲୋକମାନେ କିପରି ଉପକୃତ ହୋଇପାରିବେ ସେନେଇ କର୍ପୋରେଟରମାନଙ୍କୁ ଅବଗତ କରାଇଥିଲେ। କର୍ପୋରେଟରମାନେ କିପରି ନିଜ ୱାର୍ଡର ପରିମଳ, ବସ୍ତିବାସିନ୍ଦାଙ୍କ ସମସ୍ୟା, ଅଳିଆ ସଫା, ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସ୍ୱଚ୍ଛତାର ସହ ସାମିଲ କରିବେ ସେନେଇ ଆଲୋଚନା ହୋଇଥିଲା। ଏଥିସହିତ ସିଏମ୍‌ସି ଅଧିକାରୀ ଓ ଲୋକଙ୍କ ମଧ୍ୟରେ ଠିକ୍ ସମନ୍ୱୟ ରଖି କାମ କରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସ୍ୱଚ୍ଛ ଭାରତ ମିଶନ ଅନୁଯାୟୀ ସହରରେ ମୋଟ ୯ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ କରାଯାଇଥିବା ବେଳେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁଗୁଡ଼ିକ ସିଏମ୍‌ସିର ଏଲ୍‌ସିଭି ଏବଂ ବିଓଭି ଦ୍ୱାରା ଅଣାଯାଇ ଖତ ପ୍ରସ୍ତୁତ କରାଯାଉଛି ବୋଲି ଉପଆୟୁକ୍ତ ସଞ୍ଜୀବିତା ରାୟ ପ୍ରକାଶ କରିଥିଲେ। ସେହିପରି ରାଜ୍ୟ ବାହାରୁ ଆସିଥିବା ବିଶେଷଜ୍ଞମାନେ ମଧ୍ୟ କର୍ପୋରେଟରମାନଙ୍କୁ ବିଭିନ୍ନ ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ନେଇ ଏକ ପ୍ରମାଣ ପତ୍ର କର୍ପୋରେଟରମାନଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଉପସ୍ଥିତ ମେୟର ସୁବାସ ସିଂ, ସିଏମସି କମିଶନର ଓ ଅନ୍ୟମାନେ।